R.N.I. REGN. No. 65000/96 POSTAL REGN. No. OR/BN-32/12-14

ଅଷ୍ଟବିଂଶ ବର୍ଷ
ସଂଖ୍ୟା : ୧୯୩
ତିଥି : ଦଶମୀ
୧୮ ଏପ୍ରିଲ ୨୦୨୪, ଗୁରୁବାର
ସମ୍ବଲପୁର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

ସମୟ SAMAYA

ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Bhubaneswar | Balasore | Angul | Berhampur | Sambalpur | Jeypore

Vol. - XXVI, No. 193
18 April 2024, Thursday
Sambalpur
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

ଚାରି ଜିଲ୍ଲାକୁ ଭୀଷଣ ତାତି

ଭୁବନେଶ୍ୱର, ୧୭।୪ ସବୁ) : ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ଜାରି ରହିଛି । ସକାଳ ହେଉକି ରାତି ସବୁ ସମୟରେ ଗୁଳୁଗୁଳି ଅସ୍ତବ୍ୟସ୍ତ କରୁଛି । ସକାଳ ୮ଟାରୁ ପାରଦ ୩୩ ଡିଗ୍ରୀ ପାର ହେଉଛି । ଦିନତମାମ ଝାଞ୍ଜି ମାଡ଼ରେ କଲବଲ ହେଉଛନ୍ତି ଲୋକେ । ବୁଧବାର ୩୦ଟି ସହରର ତାପମାତ୍ରା ୪୦ ଡିଗ୍ରୀ ଉପରେ ରହିଛି । ତାଳଚେରରେ ସର୍ବାଧିକ ତାପମାତ୍ରା ୪୩.୨ ଡିଗ୍ରୀ ରେକର୍ଡ ହୋଇଛି । ଆସନ୍ତା ଦୁଇଦିନ ପାଇଁ ଚାରି ଜିଲ୍ଲାରେ ଭୀଷଣ ତାତି ଅନୁଭୂତ ହେବ । ତେବେ ୨୧ ତାରିଖ ପୂର୍ବରୁ ତାତିରୁ ମିଳିବନି ନିସ୍ତାର । ଏଭଳି ଆଲର୍ଟ କରିଛି ପାଣିପାଗ ବିଭାଗ ।

ସେହିପରି ନୂଆପଡ଼ାରେ ତାପମାତ୍ରା ୪୩ ଡିଗ୍ରୀ ରେକର୍ଡ ହୋଇଥିବା ବେଳେ ପାରଳାଖେମୁଣ୍ଡି ଓ ବୌଦ୍ଧରେ ୪୨.୮ଡିଗ୍ରୀ, ଅନୁଗୁଳ ଓ ନୟାଗଡ଼ରେ ୪୨.୬ ଡିଗ୍ରୀ, ଟିଟିଲାଗଡ଼ରେ ୪୨.୫ ଡିଗ୍ରୀ ପାରା ଛୁଇଁଛି । ଟ୍ୱିନସିଟିରେ ମଧ୍ୟ ପାରଦ ୪୧ ଡିଗ୍ରୀ ପାର କରିଛି । ଭୁବନେଶ୍ୱରରେ ସର୍ବୋଚ୍ଚ ତାପମାତ୍ରା ୪୧.୬ ଡିଗ୍ରୀ ଓ କଟକରେ ୪୧.୫ ଡିଗ୍ରୀ ତାପମାତ୍ରା ରେକର୍ଡ ହୋଇଛି । ଆଗାମୀ ୪ ଦିନ ପର୍ଯ୍ୟନ୍ତ ଗ୍ରୀଷ୍ମ ଲହରି ଜାରି ରହିବ । ୪ଟି ସହରରେ ତାପମାତ୍ରା ୪୫ ଡିଗ୍ରୀ ପହଞ୍ଚିପାରେ ।

ଆସନ୍ତାକାଲି (ଏପ୍ରିଲ ୧୮) ଓ ୧୯ ତାରିଖରେ (୯ ପୃଷ୍ଠାରେ)

୪୦ ଡିଗ୍ରୀ ଉପରେ ୩୦ ସହର
ତାଳଚେରରେ ସର୍ବାଧିକ ୪୩.୨°
୨୧ ଯାଏ ତାତିରୁ ନିସ୍ତାର ନାହିଁ
୪ ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ

ଆଜିଠୁ ୩ ଦିନ ସବୁ ସ୍କୁଲ ବନ୍ଦ

ଭୁବନେଶ୍ୱର, ୧୭।୪ (ସବୁ) : ଉପକୂଳରୁ ଆରମ୍ଭ କରି ପଶ୍ଚିମ ଓ ଆଭ୍ୟନ୍ତରୀଣ ଓଡ଼ିଶାରେ ଲୋକେ ଗ୍ରୀଷ୍ମ ପ୍ରବାହରେ ଛଟପଟ ହେଉଛନ୍ତି । ସକାଳ ୮ଟା ପରେ ଘରୁ ବାହାରିବା ମୁସ୍କିଲ ହୋଇପଡୁଛି । ସପ୍ତାହେ ହେବ ଏଭଳି ଅବସ୍ଥା ଜାରି ରହିବ । ଏହାକୁ ଦୃଷ୍ଟିରେ ରଖି ସରକାର ବଡ଼ ନିଷ୍ପତ୍ତି ନେଇଛନ୍ତି । ଆସନ୍ତା ୩ ଦିନ ଯାଏ ସମସ୍ତ ସରକାରୀ ଓ ବେସରକାରୀ ସ୍କୁଲ ଛୁଟି ଘୋଷଣା କରିଛନ୍ତି ରାଜ୍ୟ ସରକାର । ପ୍ରବଳ ଗ୍ରୀଷ୍ମ ପ୍ରବାହ ଓ ତାପମାତ୍ରା ବୃଦ୍ଧି ଯୋଗୁ

ସ୍କୁଲ ଆସିବେ ଶିକ୍ଷକ, ଶିକ୍ଷୟିତ୍ରୀ

ଆସନ୍ତାକାଲି(ଗୁରୁବାର)ଠୁ ୨୦ ତାରିଖ ଯାଏଁ ସ୍କୁଲ ଛୁଟି ଘୋଷଣା କରିଛନ୍ତି ରାଜ୍ୟ ସରକାର । ତିନି ଦିନ ବିଦ୍ୟାଳୟର ଶିକ୍ଷା (୯ ପୃଷ୍ଠାରେ)

ବିଜେଡିର ପଞ୍ଚମ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା

କଣ୍ଟାବାଞ୍ଜୀରୁ ଲଢ଼ିବେ ନବୀନ

ଭୁବନେଶ୍ୱର, ୧୭।୪ (ସବୁ) : ବିଜେଡି ଆଜି ତାର ପଞ୍ଚମ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା ଘୋଷଣା କରିଛି । ଏଥିରେ ଆଉ ୯ ଜଣ ବିଧାୟକ ପ୍ରାର୍ଥୀଙ୍କନାମ ରହିଛି । ବଲାଙ୍ଗିର ଜିଲ୍ଲା କଣ୍ଟାବାଞ୍ଜି ବିଧାନସଭା ଆସନରୁ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ପ୍ରାର୍ଥୀ ହୋଇଛନ୍ତି । ନବୀନ ହିଞ୍ଜିଳି ସହ କଣ୍ଟାବାଞ୍ଜିରେ ଲଢ଼ିବା ନେଇ ଘୋଷଣା ହେବା ପରେ ରାଜ୍ୟ ରାଜନୀତିରେ ଉଷ୍ମତା ପରିଲକ୍ଷିତ ହୋଇଛି ।

ପଞ୍ଚମ ପର୍ଯ୍ୟାୟ ବିଧାନସଭା ତାଲିକାରେ ନବୀନ ପଟ୍ଟନାୟକଙ୍କ ସମେତ ପ୍ରଥମ ପର୍ଯ୍ୟାୟ ମତଦାନ ନିମନ୍ତେ ବାକି ଥିବା ଜୟପୁର, ଚିତ୍ରକୋଣ୍ଡା ଆସନ ପାଇଁ ବି ପ୍ରାର୍ଥୀ ଘୋଷଣା ହୋଇଛି । ବରିଷ୍ଠ ନେତା ପ୍ରସନ୍ନ ଆଚାର୍ଯ୍ୟ ସମ୍ବଲପୁରରୁ ଲଢିବାକୁ ଅନିଚ୍ଛା ପ୍ରକାଶ କରିବା ପରେ ତାଙ୍କୁ ରେଢାଖୋଲ ଓ ସେଠାରେ ୧୨୬ଟି ବିଧାନସଭା ଆସନରେ ପ୍ରାର୍ଥୀ ଘୋଷଣା କରିଛି । ଘୋଷଣା ଅନୁସାରେ ଜୟପୁରରୁ ରବି ନନ୍ଦଙ୍କ ପତ୍ନୀ ଇନ୍ଦିରା ନନ୍ଦ, ଚିତ୍ରକୋଣ୍ଡାରୁ ଲକ୍ଷ୍ମୀପ୍ରିୟା ନାୟକ, ସାନଖେମୁଣ୍ଡିରୁ

ପ୍ରସନ୍ନ, ରୋହିତଙ୍କ ଆସନ ବଦଳିଲା
କଟିଲା ୩ ବିଧାୟକଙ୍କ ଟିକେଟ୍

ପ୍ରାର୍ଥୀ ଥିବା ରୋହିତ ପୂଜାରୀଙ୍କୁ ସମ୍ବଲପୁର ଆସନରୁ ପ୍ରାର୍ଥୀ କରିଛି ଦଳ । ଏହା ସହିତ ବିଜେଡି ମୋଟ ରାଣୀ ନନ୍ଦିନୀ ଦେବୀଙ୍କ ଝିଅ ସୁଲକ୍ଷଣା ଗୀତାଞ୍ଜଳୀ ଦେବୀ, ପଦ୍ମପୁରରୁ (୯ ପୃଷ୍ଠାରେ)

ହମାସ ଟାର୍ଗେଟ ଉପରେ ଏୟାର ଷ୍ଟ୍ରାଇକ୍

ଜେରୁଜେଲମ୍, ୧୭।୪ : କେନ୍ଦ୍ରୀୟ ଗାଜାରେ ଇସ୍ରାଏଲ ସେନା ରକେଟ୍ ଲଞ୍ଚର ଏବଂ ହମାସ ଆତଙ୍କବାଦୀ ଭିତ୍ତିଭୂମି ନଷ୍ଟ କରିବା ସହ ଆତଙ୍କବାଦୀଙ୍କୁ ନିପାତ କରିଛିଛ । ଇସ୍ରାଏଲ ସୈନ୍ୟଙ୍କ ନିକଟରେ ଏକ ସଶସ୍ତ୍ର ଡ୍ରୋନ୍ ଚଳାଉଥିବା ହମାସ ସ୍କାଡ୍ ଉପରେ ଗୋଟିଏ ଆକ୍ରମଣ ହୋଇଥିଲା । ଅତିରିକ୍ତ ଆକ୍ରମଣରେ ହମାସ ରକେଟ ଲଞ୍ଚର ଉପରେ ଇସ୍ରାଏଲ ରକେଟ ମାଡ଼ କରିଥିଲା ।ଅଣ୍ଡରଗ୍ରାଉଣ୍ଡ ଲଞ୍ଚିଂ ପୋଷ୍ଟ, ବୁବି ଫସି ରହିଥିବା କୋଠା, ସଶସ୍ତ୍ର ଆତଙ୍କବାଦୀମାନେ କାର୍ଯ୍ୟ କରୁଥିବା ସାମରିକ ଢାଞ୍ଚା, ପର୍ଯ୍ୟବେକ୍ଷଣ ପୋଷ୍ଟ ଏବଂ ଭୂତଳ ସ୍ଥାନ ସମେତ ୪୦ରୁ ଅଧିକ ଟାର୍ଗେଟ ଉପରେ ଆକ୍ରମଣ କରାଯାଇଥିଲା । ଅକ୍ଟୋବର ୭ ରେ ଗାଜା ସୀମା ନିକଟରେ ଇସ୍ରାଏଲ ସମ୍ପ୍ରଦାୟ ଉପରେ ହମାସର ଆକ୍ରମଣରେ ଅତି କମରେ ୧୨୦୦ ଲୋକ ପ୍ରାଣ ହରାଇଥିବା ବେଳେ ୨୪୦ ଜଣ ଇସ୍ରାଏଲ ଏବଂ ବିଦେଶୀଙ୍କୁ ବନ୍ଧକ କରାଯାଇଥିଲା । । ଅବଶିଷ୍ଟ ୧୩୪ ଜଣ ବନ୍ଧକଙ୍କ ମଧ୍ୟରୁ ଇସ୍ରାଏଲ ନିକଟରେ ସେମାନଙ୍କ ମଧ୍ୟରୁ ୩୧ ଜଣଙ୍କୁ ମୃତ ଘୋଷଣା କରିଛି ।

ଏନ୍‌କାଉଣ୍ଟର ପରେ ଓଡିଶା-ଛତିଶଗଡ଼ ସୀମା ସିଲ୍

ଭୁବନେଶ୍ୱର, ୧୭।୪ (ସବୁ) : ଗତକାଲି ଛତିଗଡ଼ରେ ହୋଇଥିବା ମାଓ ଅପରେସନ ପରେ ଏବେ ରାଜ୍ୟସାରା ବିଭିନ୍ନ ସ୍ଥାନରେ ସର୍ଚ୍ଚ ଅପରେସନ ଚାଲିଛି । ସୁରକ୍ଷାକୁ ଦୃଷ୍ଟିରେ ରଖି ଓଡିଶା ଛତିଶଗଡ଼ ସୀମାକୁ ସିଲ କରାଯାଇଛି । ସୀମାକୁ ସଂଯୋଗ କରୁଥିବା ରାସ୍ତାଗୁଡିକୁ ମଧ୍ୟ ସିଲ କରାଯାଇଛି । ମାଓବାଦୀଙ୍କ ସମ୍ଭାବ୍ୟ କ୍ୟାମ୍ପ ଉପରେ ନଜର ରଖାଯାଇଛି । ଏହାକୁ ଲକ୍ଷ୍ୟ ରଖି ଓଡ଼ିଶା ସହ ଛତିଶଗଡ ପୋଲିସ ମଧ୍ୟରେ ଗୁଇନ୍ଦା ତଥ୍ୟ ଆଦାନ ପ୍ରଦାନ ଚାଲିଛି । ଓଡ଼ିଶା ସହ ଛତିଶଗଡ ସୀମାକୁ କଡାକଡି ଭାବେ ସିଲ କରାଯାଇଛି । ନବରଙ୍ଗପୁର, କୋରାପୁଟ, ମାଲକାନଗିରି, ନୂଆପଡା ସୀମା ସିଲ ରହିଛି । ଛତିଶଗଡରୁ ମାଓବାଦୀ ଓଡ଼ିଶା ଆସିବାର ଆଶଙ୍କା ରହିଛି । ଓଡ଼ିଶା ପୋଲିସ, ସିଆରପିଏଫ, ବିଏସଏଫ, ଏସଓଜି, ଡିଭିଏଫ୍ ଯବାନଙ୍କୁ ଯେକେଣସି ସ୍ଥିତିର ମୁକାବିଲା ପାଇଁ ପ୍ରସ୍ତୁତ ରଖାଯାଇଛି । ସୀମାରେ ଚାଲିଛି କଡ଼ା ପେଟ୍ରୋଲିଂ । ନାଇଟ ଭିଜନ ବାଇନାକୁଲର, ଡ୍ରୋନ୍ ଦ୍ୱାରା ନଜର ରଖାଯାଇଛି । ଆଗକୁ ନିର୍ବାଚନ ଥିବା ବେଳେ ଏହାଉପରେ କଡା ନଜର ରହିଛି । ଏଡିଜି ଅପରେସନ ଦେବୀଦତ୍ତ ସିଂ ସୂଚନା ପ୍ରଦାନ କରିଛନ୍ତି ।

ଆଗାମୀ ଦିନରେ ଏଭଳି ମାଓ ଦମନ ଜାରି ରହିବ ବୋଲି ବସ୍ତର ଆଇଜି ସୁନ୍ଦରରାଜ ପି ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି । ଆଇଜି କହିଛନ୍ତି, ଏହା ଛତିଶଗଡର ସବୁଠାରୁ ବଡ଼ ଏନକାଉଣ୍ଟର ହୋଇଥିବା ବେଳେ (୯ ପୃଷ୍ଠାରେ)

ଏଏସ୍‌ଆଇଙ୍କୁ ହତ୍ୟା କରି ଅଭିଯୁକ୍ତର ଆତ୍ମହତ୍ୟା

ନୂଆଦିଲ୍ଲୀ,୧୭।୪: ଦିଲ୍ଲୀର ମୀତ୍ ନଗର ସ୍ଥିତ ଓଭରବ୍ରିଜରେ ହଂଟ୍ ହୋଇଥିଲା ଗୁଳିମାଡ । ବ୍ୟସ୍ତ ବହୁଳ ରାସ୍ତା ଉପରେ ଦିଲ୍ଲୀ ପୁଲିସରେ କାର୍ଯ୍ୟରତ ଥିବା ଏଏସ୍‌ଆଇ ଦିନେଶ ଶର୍ମା ବାଇକରେ ଯାଉଥିବା ବେଳେ ତାଙ୍କ ଉପରକୁ ଗୁଳିମାଡ ହୋଇଥିଲା । ଫଳରେ ଘଟଣାସ୍ଥଳରେ ହିଁ ସେ ଢଳି ପଡିଥିଲେ । ପରେ ତାଙ୍କୁ ହସ୍ପିଟାଲକୁ ନିଆଯାଇଥିବା ବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି । ସେହିପରି ଅଭିଯୁକ୍ତ ଜଣକ ସ୍ଥଟିରେ ଆସୁଥିବା ୩୦ ବର୍ଷୀୟ ଅମିତ କୁମାର ନାମକ ଜଣେ ଯୁବକଙ୍କ ଉପରକୁ ମଧ୍ୟ ଗୁଳିମାଡ କରିଥିଲେ । ଏଥିରେ ସେ ଗୁରୁତର ଥିବା ସୂଚନା ମିଳିଛି । ପୁଲିସ କହିବା ମୁତାବକ, ଦୁଇ ଜଣଙ୍କ ଉପରକୁ ଗୁଳିମାଡ କରିଥିବା ଅଭିଯୁକ୍ତ ଜଣକ ହେଉଛନ୍ତି ୪୪ ବର୍ଷୀୟ ମୁକେଶ କୁମାର । ଗୁଳିମାଡ ପରେ ମୁକେଶ ଏକ ଅଟୋ ରିକ୍ସା ଅଟକାଇ ସେଥିରେ ଜୋର ଜବରଦସ୍ତ ବସି ଯାଇଥିଲେ । ତେବେ ଅଟୋ ଡ୍ରାଇଭର ମୁକେଶଙ୍କୁ ଏଥିପାଇଁ ବାରଣ କରିବା ପରେ ସେ ତାଙ୍କ ଉପରକୁ ମଧ୍ୟ ଗୁଳିମାଡ କରିଥିଲେ । କିନ୍ତୁ ଡ୍ରାଇଭର ଜଣକ ଏଥିରୁ ଅଳ୍ପକେ ବର୍ତ୍ତି ଯାଇଥିଲେ ।ପରେ ମୁକେଶ ନିଜକୁ ନିଜେ ଗୁଳିମାଡ କରି ଆତ୍ମହତ୍ୟା କରିଥିବା କୁହାଯାଉଛି । ଅଟୋ ଭିତରୁ ପୁଲିସ ୭.୬୫ ଏମଏମର ଏକ ବନ୍ଧୁକ ଜବତ କରିଛି ।

ପ୍ରଥମ ପର୍ଯ୍ୟାୟ ଭୋଟ ପାଇଁ ପ୍ରଚାର ଶେଷ

ନୂଆଦିଲ୍ଲୀ, ୧୭।୪ : ଲୋକସଭା ନିର୍ବାଚନ ୨୦୨୪ର ପ୍ରଥମ ପର୍ଯ୍ୟାୟ ଭୋଟ ଗ୍ରହଣ ଆସନ୍ତା ୧୯ ତାରିଖରେ ହେବ । ଏଥିପାଇଁ ପ୍ରଚାର ବୁଧବାର ସନ୍ଧ୍ୟା ୬ଟାରେ ଶେଷ ହୋଇଯାଇଛି । ପ୍ରଥମ ପର୍ଯ୍ୟାୟରେ ଏପ୍ରିଲ ୧୯, ୨୦୨୪ରେ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳକୁ ମିଶାଇ ୨୧ଟି ନିର୍ବାଚନ ମଣ୍ଡଳୀରେ ମୋଟ ୧୦୨ଟି ଆସନରେ ମତଦାନ ହେବ ।

ଏହି ସମୟ ମଧ୍ୟରେ ଅରୁଣାଚଳ ପ୍ରଦେଶରେ ୨, ଆସାମରେ ୫, ବିହାରରେ ୪, ଛତିଶଗଡ଼ରେ ୧, ମଧ୍ୟପ୍ରଦେଶରେ ୬, ମହାରାଷ୍ଟ୍ରରେ ୫, ମଣିପୁରରେ ୨, ମେଘାଳୟରେ ୨, ମିଜୋରାମରେ ୧, ନାଗାଲାଣ୍ଡରେ ୧, ରାଜସ୍ଥାନରେ ୧୨, ସିକିମରେ ୧, ତାମିଲନାଡୁରେ ୩୯, ତ୍ରିପୁରାରେ ୧, ଉତ୍ତରପ୍ରଦେଶରେ ୮, ଉତ୍ତରାଖଣ୍ଡରେ ୫, ପଶ୍ଚିମବଙ୍ଗରେ ୩, ଆଣ୍ଡାମାନ ଓ ନିକୋବର ଦ୍ୱୀପପୁଞ୍ଜରେ ଗୋଟିଏ ରହିଛ ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଆସାମର ନଲବାରୀରେ ପହଞ୍ଚି ଏକ ରାଲିରେ ଉଦବୋଧନ ଦେଇଥିଲେ । କଂଗ୍ରେସ ସାଂସଦ ରାହୁଲ ଗାନ୍ଧି ଏବଂ ଏସପି ମୁଖ୍ୟ ଅଖିଳେଶ

ଏପ୍ରିଲ ୧୯ରେ ୨୧ ନିର୍ବାଚନମଣ୍ଡଳୀର ୧୦୨ ଆସନରେ ମତଦାନ

ଜମ୍ମୁ-କଶ୍ମୀରର ଗୋଟିଏ, ଲାକ୍ଷାଦ୍ୱୀପର ଗୋଟିଏ ଓ ପୁଡୁଚେରୀର ଗୋଟିଏ ଆସନରେ ମତଦାନ ହେବ । ଆଜି ସମସ୍ତ ପ୍ରମୁଖ ରାଜନୈତିକ ଦଳ ରାଲି-ରୋଡ୍ ସୋ ଓ ଜନସଭା ମାଧ୍ୟମରେ ପଡ଼ିଆରେ ପୂରା ଶକ୍ତି ପ୍ରଦର୍ଶନ କରିଥିଲେ । ଯାଦବ ମିଳିତ ଭାବେ ଦିଲ୍ଲୀ ନିକଟସ୍ଥ ଉତ୍ତରପ୍ରଦେଶର ଗାଜିଆବାଦରେ ଏକ ସାମ୍ବାଦିକ ସମ୍ମିଳନୀ କରିଥିଲେ ଏବଂ ଏହି ସମୟରେ ସେମାନେ ବିଜେପି ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଟାର୍ଗେଟ କରିଥିଲେ ।

ଶ୍ରୀରାମ ନବମୀରେ ଭୁବନେଶ୍ୱର ରାମ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ

ଘୋଷଯାତ୍ରା ଲାଗି ରଥକାଠ ଚିରଟ ଅନୁକୂଳ

କଟକ, ୧୭।୪ (ସବୁ) : ରଥ ନିର୍ମାଣ ପାଇଁ ଆସିଲା ଆଜ୍ଞାମାଳ । ବିଧି ଅନୁଯାୟୀ ଅକ୍ଷୟ ତୃତୀୟାରୁ ଆରମ୍ଭ ହେବ ଏହି ରଥ ନିର୍ମାଣ । ତେବେ ପବିତ୍ର ରାମ ନବମୀରେ ରଥ କାଠ ଚିରଟ ଅନୁକୂଳ କରାଯାଇଅଛି । ଖପୁରିଆସ୍ଥିତ ସରକାରୀ କଠକଟା କରତ କଳ ରେ ରଥକାଠ ଚିରା ହୋଇଥିଲା । ଅପରାହ୍ନ ପ୍ରାୟ ୩ଟା ସମୟରେ ପୁରୀ ଶ୍ରୀମନ୍ଦିର କାର୍ଯ୍ୟାଳୟରୁ ନୀତି ପ୍ରଶାସକ ଜିତେନ୍ଦ୍ର ଦାସ, ରଥ ଅମିନ ଲକ୍ଷ୍ମଣ ମହାପାତ୍ର, ଭୋଇ ସର୍ଦ୍ଦାର ରବୀନ୍ଦ୍ରନାଥ ଭୋଇ, ବରିଷ୍ଠ ତତ୍ତ୍ୱାବଧାରକ ସୁଦର୍ଶନ ମେକାପ, ଭାରପ୍ରାପ୍ତ ଅଧିକାରୀ (୯ ପୃଷ୍ଠାରେ)

ଭାରତର ଜନସଂଖ୍ୟା ୧୪୪ କୋଟି : ଜାତିସଂଘ

ନୂଆଦିଲ୍ଲୀ, ୧୭।୪ : ଭାରତର ଜନସଂଖ୍ୟା ୧୪୪ କୋଟିରେ ପହଞ୍ଚିଛି ଏବଂ ୨୪ ପ୍ରତିଶତ ୦-୧୪ ବର୍ଷ ବୟସ ବର୍ଗର ବୋଲି ଆକଳନ କରାଯାଇଛି । ମିଳିତ ଜାତିସଂଘ ଜନସଂଖ୍ୟା ପାଣ୍ଠି (ୟୁଏନ୍‌ଏଫ୍‌ପିଏ)ର ଷ୍ଟେଟ୍ ଅଫ୍ ୱାର୍ଲ୍ଡ ପପୁଲେସନ୍-୨୦୨୪ ରିପୋର୍ଟ 'ପରସ୍ପର ସହ ଜଡ଼ିତ ଜୀବନ, ଆଶାର ସୂତ୍ର: ଯୌନ ଓ ପ୍ରଜନନ ସ୍ୱାସ୍ଥ୍ୟ ଓ ଅଧିକାରରେ ଅସମାନତା ଦୂର' ରିପୋର୍ଟରୁ ଜଣାପଡ଼ିଛି ଯେ ୭୭ ବର୍ଷ ମଧ୍ୟରେ ଭାରତର ଜନସଂଖ୍ୟା ଦୁଇଗୁଣ ହେବ ବୋଲି ଆକଳନ କରାଯାଇଛି ।

ମିଳିତ ଜାତିସଂଘର ଏକ ରିପୋର୍ଟ ଅନୁଯାୟୀ ୧୪୪.୧୭ କୋଟି ଜନସଂଖ୍ୟା ସହ ଭାରତ ବିଶ୍ୱସ୍ତରରେ ଶୀର୍ଷରେ ଥିବା ବେଳେ ଚୀନ୍ ୧୪୨.୫ କୋଟି ଜନସଂଖ୍ୟା ସହ ଦ୍ୱିତୀୟ ସ୍ଥାନରେ ରହିଛି ।ଗତ ୨୦୧୧ ଜନଗଣନାରେ ଭାରତର ଜନସଂଖ୍ୟା ୧୨୧ କୋଟି ରେକର୍ଡ କରାଯାଇଥିଲା । ରିପୋର୍ଟରେ ଆହୁରି ମଧ୍ୟ କୁହାଯାଇଛି ଯେ ଭାରତର ଆନୁମାନିକ ୨୪ ପ୍ରତିଶତ ଲୋକ ୦-୧୪ ବର୍ଷ ବୟସର ହୋଇଥିବା ବେଳେ ୧୭ ପ୍ରତିଶତ ୧୦-୧୯ ବର୍ଷ ବୟସ ମଧ୍ୟରେ ଅଛନ୍ତି ।୧୦ରୁ ୨୪ ବର୍ଷ ବୟସର ଏହି ବର୍ଗରେ ୨୬ ପ୍ରତିଶତ ଥିବା ବେଳେ ୧୫ରୁ ୬୪ ବର୍ଷ ବୟସ ବର୍ଗର ସଂଖ୍ୟା ୬୮ ପ୍ରତିଶତ ବୋଲି ଆକଳନ କରାଯାଇଛ । ଏହାବ୍ୟତୀତ ଭାରତର ଜନସଂଖ୍ୟାର ୭ ପ୍ରତିଶତ ଲୋକ ୬୫ ବର୍ଷରୁ ଅଧିକ ବୟସ୍କ ହୋଇଥିବା ବେଳେ ପୁରୁଷଙ୍କ ଆୟୁଷ ୭୧ ବର୍ଷ ଏବଂ ମହିଳାଙ୍କ ଆୟୁଷ ୭୪ ବର୍ଷ ।ରିପୋର୍ଟରେ ଦର୍ଶାଯାଇଛି ଯେ ଯୌନ ଏବଂ ପ୍ରଜନନସ୍ୱାସ୍ଥ୍ୟ କ୍ଷେତ୍ରରେ ୩୦ ବର୍ଷର ଅଗ୍ରଗତି ଅଧିକାଂଶ ସମୟରେ ବିଶ୍ୱର ସବୁଠାରୁ ଅବହେଳିତ ସମ୍ପ୍ରଦାୟକୁ ଅଣଦେଖା କରିଛି । ରିପୋର୍ଟ ଅନୁଯାୟୀ, ୨୦୦୭-୨୩ ମଧ୍ୟରେ ଭାରତରେ ବାଲ୍ୟ ବିବାହ ହାର ୨୩ ଥିଲା । ଭାରତରେ ମାତୃ ମୃତ୍ୟୁ ଯଥେଷ୍ଟ ହ୍ରାସ ପାଇଛି, ଯାହା ସମଗ୍ର ବିଶ୍ୱରେ ହୋଇଥିବା ମୋଟ ମୃତ୍ୟୁର ୮ ପ୍ରତିଶତ ଅଟେ । ସୁଲଭ, ଗୁଣାତ୍ମକ ମାତୃ ସ୍ୱାସ୍ଥ୍ୟ ସେବାର ଉନ୍ନତ ଉପଲବ୍ଧତା ଏବଂ ସ୍ୱାସ୍ଥ୍ୟ ଫଳାଫଳ ଉପରେ ଲିଙ୍ଗଗତ ଭେଦଭାବର ପ୍ରଭାବକୁ ଦୂର କରିବାଁ ପ୍ରୟାସ ଯୋଗୁଁ ଭାରତର ସଫଳତାକୁ ଦାୟୀ କରାଯାଇଛି ବୋଲି ରିପୋର୍ଟରେ କୁହାଯାଇଛି ।

ରାମଲଲାଙ୍କ ମଥାରେ ଝଲସିଲା ସୂର୍ଯ୍ୟ ତିଳକ

ନୂଆଦିଲ୍ଲୀ, ୧୭।୪ : ରାମନବମୀ ଅବସରରେ ଅଯୋଧ୍ୟାରେ ପ୍ରଭୁ ରାମଙ୍କ ବିଗ୍ରହର ସୂର୍ଯ୍ୟ ତିଳକ ହୋଇଛି । ଏହି ସମୟରେ ମନ୍ଦିର ଭିତରେ ଦେଖିବାକୁ ମିଳିଛି ଅଦ୍‌ଭୁତ ଦୃଶ୍ୟ । ବିଶ୍ୱାସ ଏବଂ ବିଜ୍ଞାନର ମିଳନରେ ରାମଲଲାଙ୍କ ସୂର୍ଯ୍ୟାଭିଷେକ କରାଯାଇଛି । ଏହି ସମୟରେ ୪ ମିନିଟି ଯାଏ ସୂର୍ଯ୍ୟ କିରଣରେ ଝଲସିଲା ଶ୍ରୀବିଗ୍ରହର ମସ୍ତକରେ ଶୋଭିତ ହୀରା ଓ ମାଣିକ୍ୟ ଖଚିତ ସ୍ୱର୍ଣ୍ଣ ତିଳକ ।

୫୦୦ ବର୍ଷ ଇତିହାସରେ ପ୍ରଥମ ଥର ପାଇଁ ଶ୍ରୀ ରାମଙ୍କ ସୂର୍ଯ୍ୟାଭିଷେକ ହୋଇଛି । ଏହି ଅଲୌକିକ ଦୃଶ୍ୟ ଦେଖିବା ପାଇଁ

ମନ୍ଦିରରେ ଭକ୍ତଙ୍କ ଭିଡ ଜମିଥିଲା । ଭଗବାନ ଶ୍ରୀ ରାମଙ୍କ ସୂର୍ଯ୍ୟ ତିଳକ ହେବା ପରେ ସମଗ୍ର ମନ୍ଦିର ପରିସର ରାମ ଧ୍ୱନୀରେ ଉତ୍ସବ ମୁଖର ହୋଇ ଉଠିଥିଲା । ସୂର୍ଯ୍ୟ ତିଳକର ଏହି ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେଉଛି । ରାମ ନବମୀ ଦିନ ରାମଲଲାଙ୍କ ବିଶେଷ ପୂଜା କରାଯାଇଥିଲା । ଠିକ ଦ୍ୱିପ୍ରହରରେ ରାମଲାଲାଙ୍କ ସୂର୍ଯ୍ୟ ତିଳକ ଅନୁଷ୍ଠିତ ହୋଇଥିଲା । ସୂର୍ଯ୍ୟ ତିଳକ ପରେ ଭଗବାନ ଶ୍ରୀ ରାମଙ୍କର (୯ ପୃଷ୍ଠାରେ)

ସୋସିଆଲ କୋଟ୍ସ

ମା' ଚରିତ୍ରରେ କାମ କରିବା ଖୁବ ଭଲ ଅନୁଭବ ହୋଇଥାଏ । ତେବେ ଏପର୍ଯ୍ୟନ୍ତ ରିଅଲ ଲାଇଫ୍‌ରେ ମାଆ ହେବାର ସୁଯୋଗ ମିଳିନାହିଁ । ତେବେ ଏହି ଅନ୍‌ସ୍କ୍ରିନ୍ ରୋଲଟି ମୋତେ ଖୁବ ଭଲ ଲାଗିଛି ।

ତନିଷା ମୁଖାର୍ଜୀ, ଅଭିନେତ୍ରୀ

ଷ୍ଟୋରୀ ଲେଖା ଚାଲିଛି । ମୁନ୍ନା ଭାଇ ଏମ୍‌ବିବିଏସ୍-୩ ଫିଲ୍ମ ଯେମିତି ହେଲେ ବି ହେବ । ଫିଲ୍ମ ଜରିଆରେ ସମାଜକୁ ଖୁବ ଭଲ ବାର୍ତ୍ତା ମଧ୍ୟ ଦିଆଯିବ ।

ବିଧୁ ବିନୋଦ ଚୋପ୍ରା, ଫିଲ୍ମମେକର

ଫିଲ୍ମ ପାଇଁ ପ୍ଲାଷ୍ଟିକ ସର୍ଜରୀକୁ ମୁଁ ବିରୋଧ କରିଥାଏ । ମୋତେ ଯଦି କିଏ କେବେ ବି ଏଭଳି ପରାମର୍ଶ ଦିଅନ୍ତି, ତେବେ ତାଙ୍କୁ ମୁହଁ ଉପରେ ଉତ୍ତର ଦେଇ ମନା କରିଥାଏ । ବାଧ୍ୟ କଲେ ଫିଲ୍ମହିଁ ଛାଡିଦେଇଥାଏ ।

ପ୍ରିୟାମଣି, ଅଭିନେତ୍ରୀ

ହାଃ ହାଃ

ଗୋଟିଏ ଭିକାରୀ ୧୦୦ ଟଙ୍କା ଭିକରେ ପାଇବା ପରେ ଏକ ହୋଟେଲ୍‌କୁ ଯାଇ ମନ ଇଚ୍ଛା ଖାଇଲେ । ଖାଇବା ବିଲ୍ ୧୫୦୦ ଟଙ୍କା ହେଲା ।

ହୋଟେଲ୍ ମ୍ୟାନେଜର – ଆପଣ ବିଲ୍ ଦିଅନ୍ତୁ ।

ଭିକାରୀ – ବିଲ୍ ଦେବା ପାଇଁ ପଇସା ନାହିଁ ମୋ ପାଖେ ।

ହୋଟେଲ୍ ମ୍ୟାନେଜର ପୋଲିସ ଡାକିବା ସହିତ ଭିକାରୀକୁ ଯିମା ଦେଲେ । ହେଲେ ପରେ ଭିକାରୀ ଜଣଙ୍କ ସେହି ୧୦୦ ଟଙ୍କା ପୋଲିସକୁ ଦେଇ ପୋଲିସ କବଳରୁ ମୁକୁଳି ଯାଇଥିଲେ ।

ପେଟକୁ ରଖନ୍ତୁ ସୁସ୍ଥ

ଖରାଦିନେ ପେଟ ଗରମ ହେବା ଏକ ପ୍ରକାର ସାଧାରଣ ସମସ୍ୟା । ଅତ୍ୟଧୀକ ତାପମାତ୍ରା କାରଣରୁ ଏହି ସମସ୍ୟା ସମସ୍ତଙ୍କ ନିକଟରେ ଦେଖିବାକୁ ମିଳିଥାଏ । ତେଣୁ ଏହି ଦିନେ ଖାଦ୍ୟ ଖାଇବା ଆଗରୁ ସତର୍କତା ଅବଲମ୍ବନ କରିବାର ଆବ

ଖରାଦିନେ କାକୁଡି ଖାଇଲେ ପେଟ ଥଣ୍ଡା ରହିବା ସହିତ, ବିଭିନ୍ନ ପେଟ ସମସ୍ୟା ଦୂର ହୋଇଥାଏ । ଏହା ତତ୍‌କ୍ଷାଣ ଆମ ଶରୀରକୁ ହାଇଡ୍ରେଟ୍ କରିଥାଏ । ସେହିଭଳି କାକୁଡି ଖାଇବା ଦ୍ୱାରା ଶରୀରର ତାପମାତ୍ରା କମିଥାଏ । ଏହାକୁ ଆପଣ ଖାଲି କାଟି କିମ୍ବା ସାଲାଡ କରି ଖାଇପାରିବେ । ଏହା ଖରାଦିନେ ବେଶ୍ ଭଲ ହୋଇଥାଏ ।

ତରଭୁଜ– ଖରାଦିନିଆ ଫଳରେ ତରଭୁଜ ସବୁଠାରୁ ଉଆଗରେ ରହିଥାଏ । ଏହା ସ୍ୱାଦରେ ଯେପରି ଖୁବ ଭଲ ସେହିଭଳି ସ୍ୱାସ୍ଥ୍ୟକର ମଧ୍ୟ । ଏଥିରେ ପାଣିର ମାତ୍ରା ଖୁବ ଅଧିକ ଥାଏ, ତେଣୁ ଖରା ଗରମ କାରଣରୁ ହେଉଥିବା ପେଟ ଗରମ ପାଇଁ ଏହା ସବୁଠାରୁ ଉପାଦେୟ ହୋଇଥାଏ । ଏଥିରେ ଭିଟାମିନ୍ ବି, ମ୍ୟାଗ୍ନେସିୟମ,ଫାଇବର ଆଦିର ମାତ୍ରା ଅଧିକ ଥାଏ ଯାହା ଆମ ଶରୀର ପାଇଁ ଖୁବ ଭଲ ହୋଇଥାଏ । ଏହାକୁ ଖରାଦିନେ ପ୍ରତିଦିନ ଖାଇପାରିବେ ।

ପନି ପରିବା– ଖରାଦିନେ ଯେତେ ପାରିବେ ମସଲା ଜାତୀୟ ଖାଦ୍ୟ ଠାରୁ ଦୂରରେ ରୁହନ୍ତୁ । ଏହି ଦିନେ ଖାଦ୍ୟରେ ଅଧିକ ମାତ୍ରାରେ ପନିପରିବା ସାମିଲ କରନ୍ତୁ । ଏହି ଦିନେ ପତ୍ରଜାତୀୟ ପନି ପରିବା ବେଶି ଖାଆନ୍ତୁ, ଏହା ପେଟ ସମସ୍ୟା ପାଇଁ ଖୁବ ଭଲ ହୋଇଥାଏ । ଏହିଦିନେ ମସଲା ଜାତୀୟ ଖାଦ୍ୟ ହଜମ ହୋଇନଥାଏ, ତେଣୁ ପେଟରେ ଯନ୍ତ୍ରଣା, ବଦହଜମି ଆଦି ଦେଖିବାକୁ ମିଳିଥାଏ ।

ବିଚ୍ ଏୟାରପୋର୍ଟ

ଏଭଳି ଏକ ବିମାନ ବନ୍ଦର ରହିଛି, ଯାହା କିଛି ସମୟ ପାଇଁ ଦୃଶ୍ୟ ହେଉଥିବାବେଳେ କିଛି ସମୟ ପାଇଁ ଅଦୃଶ୍ୟ ହୋଇଯାଇଥାଏ । ଶୁଣିଲେ ବିଶ୍ୱାସ ନ ହେଉଥିଲେ ମଧ୍ୟ କଥାଟି ସତ । ୟୁକେର ବାରା ଏୟାର ପୋର୍ଟ ଏହିଭଳି କିଛି ଫିଚର ପାଇଁ ପରିଚିତ । ଏହି ବିଚ୍‌ଟି ଏକ ସମୁଦ୍ର କୂଳ ବାଲିରେ ଅବସ୍ଥିତ, ଯାହା ବେଳେବେଳେ ଅଦୃଶ୍ୟ ହୋଇଯାଇଥାଏ । ଏହି ବିମାନ ବନ୍ଦରର ରନ୍‌ୱେ ସମ୍ପୂର୍ଣ୍ଣ ବାଲିରେ ନିର୍ମାଣ କରାଯାଇଛି । ତେବେ ଯେତେବେଳେ ସମୁଦ୍ରରେ ଲହଡି ଉଚ୍ଚ ଥାଏ ସେତେବେଳେ ଏହି ରନ୍‌ୱେଟି ଅଦୃଶ୍ୟ ହୋଇଯାଇଥାଏ । ଏହି ସମୟରେ ରନ୍‌ୱେର ସମସ୍ତ ବାଲି ପାଣିରେ ମିଶିଯାଇଥାଏ । ତେବେ ଏହି ସମସ୍ୟା ମଧ୍ୟରେ ବି ଏହି ରନ୍‌ୱେରେ ସବୁଦିନ ଫ୍ଲାଇଟ୍ ଓହ୍ଲାଇଥାଏ ଏବଂ ଲୋକମାନେ ଯାତ୍ରା କରିଥାଆନ୍ତି । କିଛି ଲୋକ ଏହି ବିମାନ ବନ୍ଦରକୁ ଦେଖିବାକୁ ମଧ୍ୟ ଆସିଥାଆନ୍ତି । ଏହି ବିମାନ ବନ୍ଦରରେ ଲ୍ୟାଣ୍ଡିଂ ସମୟରେ ପାଇଲଟଙ୍କୁ ଅଧିକ ସତର୍କ ହେବାକୁ ପଡିଥାଏ, ନଚେତ୍ ଦୁର୍ଘଟଣା ଘଟିବାର ସମ୍ଭାବନା ରହିଥାଏ ।

ଫିଚର ଏଆଇ

ଏଆଇର ବ୍ୟବହାର ବର୍ତ୍ତମାନ ଏକ ପ୍ରକାର ରିଭୋଲେସନ ଆଣିଛି । ଏହାକୁ ବିଭିନ୍ନ କ୍ଷେତ୍ରରେ ବ୍ୟବହାର କରାଯାଉଛି । ତେବେ ନିକଟରେ ଏଆଇ ଦ୍ୱାରା ପ୍ରସ୍ତୁତ ମଡେଲଙ୍କୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି । ୱାର୍ଲ୍ଡ ଏଆଇ କ୍ରିଏଟର ଆୱାର୍ଡସ ପକ୍ଷରୁ ଆୟୋଜନ ହୋଇଛି ମିସ୍ ଏଆଇ ପ୍ରତିଯୋଗିତା । ଏହି ପ୍ରୋଗ୍ରାମ ସମ୍ପୂର୍ଣ୍ଣଭାବେ ଏଆଇ ବେସ୍ ହେବ ବୋଲି ଜଣା ପଡିଛି । ଏଥିରେ ବ୍ୟବହାର ସମସ୍ତ ଟୁଲ୍‌ସ ଏଆଇ ଦ୍ୱାରା ପ୍ରସ୍ତୁତ ହୋଇଥିବା ଦରକାର । ସେହିଭଳି ଏଥିରେ ଭାଗ ନେଇଥିବା ଏଆଇ ମଡେଲ ପୂରାପୁରି ଶତ ପ୍ରତିଶତ ଏଆଇ ଦ୍ୱାରା ପ୍ରସ୍ତୁତ ହେବା ଦରକାର । ଏହି ପ୍ରତିଯୋଗିତା ପାଇଁ କ୍ୟାସ ପ୍ରାଇଜ୍ ମଧ୍ୟ ଘୋଷଣା କରାଯାଇଛି । ପ୍ରଥମ ପୁରସ୍କାର ୫ହଜାର ଡଲାର, ମେଣ୍ଟରସିପ୍ ପାଇଁ ୩ହଜାର ଡଲାର, ପିଆର୍ ସପୋର୍ଟ ପାଇଁ ୫ ହଜାର ଡଲାର ଘୋଷଣା କରାଯାଇଛି । ସେହିଭଳି ଦ୍ୱିତୀୟ ସ୍ଥାନରେ ଯିଏ ରହିବ ତାଙ୍କୁ ୫ ହଜାର ଡଲାର ଏବଂ ତୃତୀୟ ସ୍ଥାନ ପାଇଁ ୨ ହଜାର ଡଲାରର ପୁରସ୍କାର ରାଶି ରହିଛି । ଏହି ପ୍ରତିଯୋଗିତାର ବିଜେତାଙ୍କ ନାମ ମେ ୧୦ରେ ଅନ୍‌ଲାଇନ୍ ଘୋଷଣା ହେବ ବୋଲି ସୂଚନା ରହିଛି । ସେହିଭଳି ଏହି ପ୍ରତିଯୋଗିତାରେ ଯେଉଁମାନେ ଭାଗ ନେବେ ସେମାନଙ୍କର ସୌନ୍ଦର୍ଯ୍ୟ, ପୋଜ୍ ଏବଂ ସେମାନଙ୍କର ପ୍ରଶ୍ନ ଉତ୍ତର ଦକ୍ଷତା ଦେଖି ବିଜେତା ଚୟନ କରାଯିବ । ସୋସିଆଲ ମିଡିଆରେ ଏହି ପ୍ରତିଯୋଗିତା ବିଷୟରେ ଜଣା ପଡିବା ପରେ ଏହା ବେଶ୍ ଭାଇରାଲ ହେବାରେ ଲାଗିଛି । ଲୋକମାନେ ଏଭଳି ୟୁନିକ୍ କମ୍ପିଟିସନର ପ୍ରଶଂସା କରିବାରେ ଲାଗିଛନ୍ତି ।

ଇତିହାସ

୧୬୧୨: ଶାହଜାହାଁ ଓ ମୁମତାଜଙ୍କ ନିକାହ ।
୧୮୫୯: ବିଶିଷ୍ଟ କ୍ରାନ୍ତିକାରୀ ତାନ୍ତ୍ୟା ଟୋପେଙ୍କୁ ଫାଶୀ ।
୧୯୦୨: ଅପରାଧୀଙ୍କୁ ଚିହ୍ନିବା ଲାଗି ସର୍ବପ୍ରଥମେ ଫିଙ୍ଗରପ୍ରିଣ୍ଟର ପ୍ରଚଳନ କଲା ଡେନ୍‌ମାର୍କ ।
୧୯୧୭: ସତ୍ୟାଗ୍ରହ ଆନ୍ଦୋଳନର ଶୁଭାରମ୍ଭ ପାଇଁ ବିହାରର ଚମ୍ପାରଣକୁ ଚୟନକଲେ ଗାନ୍ଧିଜୀ ।
୧୯୪୮: ନେଦରଲାଣ୍ଡ୍‌ସରେ ଇଣ୍ଟରନେଶନାଲ କୋର୍ଟ ଅଫ୍ ଜଷ୍ଟିସ୍‌ର ସ୍ଥାପନା ।
୧୯୫୦: ତେଲେଙ୍ଗାନାର ପଞ୍ଚମପଲ୍ଲୀ ଗାଁରୁ ଭୂଦାନ ଆନ୍ଦୋଳନ ଆରମ୍ଭ କରିଥିଲେ ବିନୋବା ଭାବେ ।
୧୯୫୫: ପ୍ରଖ୍ୟାତ ବୈଜ୍ଞାନିକ ଆଲ୍‌ବର୍ଟ ଆଇନ୍‌ଷ୍ଟାନଙ୍କ ୭୬ ବର୍ଷ ବୟସରେ ପ୍ରିନ୍ସଟନ୍‌ଠାରେ ପରଲୋକ ।
୧୯୭୧: ମୁମ୍ବାଇ ପହଞ୍ଚିଲା ସମ୍ରାଟ ଅଶୋକ ଭାବେ ନାମିତ ଭାରତର ପ୍ରଥମ ଜମ୍ବୋ ଜେଟ୍ ବୋଇଂ-୭୪୭ ।
୧୯୭୮: ଆଧୁନିକ 'ନୂଆ ଦିଲ୍ଲୀ'ର ନିର୍ମାତା ଶୋଭା ସିଂହଙ୍କ ନିଧନ ।
୧୯୯୧: ଦେଶର ପ୍ରଥମ ପୂର୍ଣ୍ଣ ସାକ୍ଷର ରାଜ୍ୟ ଘୋଷିତ ହେଲା କେରଳ ।
୧୯୯୨: ରଙ୍ଗଭେଦ ପାଇଁ ପ୍ରତିବନ୍ଧିତ ହୋଇଥିବା ଦକ୍ଷିଣ ଆଫ୍ରିକା ୧୯୭୦ ପରେ ପ୍ରଥମ କ୍ରିକେଟ ଟେଷ୍ଟ ମ୍ୟାଚ୍ ଖେଳିଲା ।
୧୯୯୪: ଇଂଲଣ୍ଡ ବିପକ୍ଷ ଟେଷ୍ଟର ଗୋଟିଏ ଦିନରେ ୩୭୫ ରନ୍ କରି ସର୍ ଗାରଫିଲ୍ଡ ସୋବର୍ସଙ୍କ ରେକର୍ଡ ଭାଙ୍ଗିଲେ କିୟଦନ୍ତୀ ୱେଷ୍ଟଇଣ୍ଡିଆନ ବ୍ୟାଟର ବ୍ରାଏନ୍ ଲାରା ।
୨୦୦୮: ଭାରତ ଓ ମ୍ୟାକ୍ସିକୋ ମଧ୍ୟରେ ନାଗରିକ ଉଡ୍ଡୟନ ଓ ଶକ୍ତି କ୍ଷେତ୍ରରେ ନୂଆ ଚୁକ୍ତି ।

ଟିଭି ଆଡିକଟେଡ୍ ପୋଷା ଜୀବ

ଅନେକ ସମୟରେ ସୋସିଆଲ ମିଡିଆରେ ପୋଷାଜୀବମାନେ ଟିଭି ଦେଖୁଥିବା ନଜରକୁ ଆସିଥାଏ । ଏହାକୁ ସମସ୍ତେ ମଜାକରେ ନେଇଥାଆନ୍ତି, ଏବଂ ଘରେ ଥିବା ପୋଷାଜୀବଙ୍କୁ ଟିଭି ଦେଖିବାକୁ ଅନୁମତି ମଧ୍ୟ ଦେଇଥାଆନ୍ତି । ହେଲେ ନିକଟରେ ହୋଇଥିବା ଏକ ସର୍ଭେ ଅନୁସାରେ ୟୁକେରେ ବର୍ତ୍ତମାନ ପୋଷାଜୀବମାନେ ଟିଭି ସହ ଆଡିକ୍ଟ ହୋଇ ସାରିଲେଣି । କୌଣସି ଖାଦ୍ୟ, ଖେଳନା ପ୍ରତି ନୁହେଁ ବରଂ ଟିଭି ପ୍ରତି ସେମାନଙ୍କର ଆଡିକ୍‌ସନ୍ ବଢିବାରେ ଲାଗିଛି । ତେବେ ଏହା ସେମାନଙ୍କ ସ୍ୱାସ୍ଥ୍ୟ ଉପରେ ଖରାପ ପ୍ରଭାବ ପକାଇ ପାରେ ବୋଲି ଆଲୋଚନା ହେଉଛି । ଏଭଳି ପୋଷା ଜୀବଙ୍କୁ ବୈଜ୍ଞାନିକମାନେ 'ଗୁଗୁଲ୍‌ବକ୍ସ ପେଟ୍ସ' ବୋଲି ନାଁ ଦେଇଛନ୍ତି । ଏହି ସର୍ଭେରେ ୟୁକେର ପାଖାପାଖି ୨ ହଜାର ପୋଷାଜୀବଙ୍କର ମାଲିକ ଭାଗ ନେଇଥିଲେ । ସେମାନଙ୍କ ସୂଚନା ଅନୁଯାୟୀ ଅନେକ ସମୟରେ ମାଲିକମାନେ ଘର ଛାଡିବା ସମୟରେ ପୋଷାଜୀବଙ୍କୁ ଟିଭି ଆଗରେ ବସାଇ ଦେଇଥାଆନ୍ତି । ଏହି କାରଣରୁ ସେମାନେ ଟିଭି ଦେଖିବା ପାଇଁ ଆଡିକ୍ଟ ହୋଇଥିବା ଆକଳନ କରାଯାଉଛି । କେତେକ ପଶୁ ମାଲିକମାନଙ୍କ ସହିତ ଦେଖୁଥିବାବେଳେ କେତେକ ନିଜେ ଏକୁଟିଆ ମଧ୍ୟ ଦେଖିଥାଆନ୍ତି ।

ଫେରିବେ ବିଲୁପ୍ତ ପ୍ରାଣୀ !

ସାଧାରଣତଃ ଯେଉଁପ୍ରାଣୀମାନେ ବିଲୁପ୍ତ ହୋଇଯାଆନ୍ତି, ସେମାନଙ୍କୁ ଫେରାଇ ଆଣିବା ସମ୍ଭବ ହୋଇନଥାଏ । ହେଲେ ନିକଟରେ ବୈଜ୍ଞାନିକମାନେ ଏନେଇ ଚେଷ୍ଟା ଚଳାଇଥିବା ଜଣା ପଡିଛି । ଏହି ପ୍ରକ୍ରିୟାକୁ ବୈଜ୍ଞାନିକମାନେ ଡି– ଏକ୍ସଟିଙ୍କସନ୍ ବୋଲି ନାମ ଦେଇଛନ୍ତି । ଏହି ପ୍ରକ୍ରିୟାରେ ବୈଜ୍ଞାନିକମାନେ ଇଞ୍ଜିନିୟରିଂ ମେଥଡ ଓ ଟେକ୍ନୋଲୋଜି ଡେଭଲପ୍‌ମେଣ୍ଟକୁ ବ୍ୟବହାର କରିଥିବା ସୂଚନା ଦେଇଛନ୍ତି । ପୂର୍ବର ବିଲୁପ୍ତ ପ୍ରଜାତି ଡୋଡୋ ଓ ମାମୋଥ୍ ନାମକ ପ୍ରଜାତିକୁ ବୈଜ୍ଞାନିକ ଫେରାଇ ଆଣିଛନ୍ତି । ତେଣୁ ଏହି ପ୍ରକ୍ରିୟାରେ ସେମାନେ ଆହୁରି ଅନେକ ଜୀବଙ୍କୁ ଫେରାଇ ଆଣିପାରିବେ ବୋଲି ସୂଚନା ଦେଇଛନ୍ତି । ଏହି କ୍ଷେତ୍ରରେ ଏକ ବାୟୋଟେକ୍ନୋଲୋଜି କମ୍ପାନୀ କୋଲୋସିଆଲ ବାୟୋସାଇନ୍ସ କାମ କରୁଛି । ବର୍ତ୍ତମାନ ସେମାନେ ପୂର୍ବପୁରୁଷରୁ ବିଲୁପ୍ତ ହୋଇଥିବା ପ୍ରଜାତିଙ୍କ ଡିଏନ୍‌ଏକୁ ବ୍ୟବହାର କରି ନିଜର ଗବେଷଣା ଚଳାଇଛନ୍ତି । ସେମାନଙ୍କ ନିକଟରେ ପାଖାପାଖି ୨ ହଜାର ବର୍ଷ ତଳର ଡିଏନ୍‌ଏ ଥିବା ସେମାନେ ପ୍ରକାଶ କରିଛନ୍ତି । ଯେଉଁମାନଙ୍କ ଉପରେ ସେମାନେ ଗବେଷଣା ଚଳାଇଛନ୍ତି । ସେହିଭଳି ଏହି ପ୍ରକ୍ରିୟା ସହାୟତାରେ ସେମାନେ ସମ୍ପୃକ୍ତ ପ୍ରଜାତି ଗୁଡିକର ସୁପର ବ୍ରିଡ ପ୍ରସ୍ତୁତ କରିପାରିବେ ବୋଲି ଦାବି କରିଛନ୍ତି । ତେବେ ଯଦି ବୈଜ୍ଞାନିକମାନେ ସଫଳ ହୁଅନ୍ତି, ତେବେ ଏହା ଏକ ବଡ ପଦକ୍ଷେପ ହେବ ବୋଲି ମତ ପ୍ରକାଶ ପାଇଛି ।

ରାଜନୀତିରେ ବଢିଛି ଉତ୍ସୁକତା



ପରିଣୀତି ଚୋପ୍ରାଙ୍କର ଫିଲ୍ମ 'ଅମର ସିଂ ଚମକିଲା'କୁ ନେଇ ବର୍ତ୍ତମାନ ଚର୍ଚ୍ଚା ଜୋରଧରିଛି । ତେବେ ନିକଟରେ ତାଙ୍କ ଷ୍ଟେଟମେଣ୍ଟକୁ ନେଇ ଆଲୋଚନା ଆରମ୍ଭ ହୋଇଛି । ବର୍ତ୍ତମାନ ଏକ ସାକ୍ଷାତକାରରେ ପରିଣୀତି ରାଜନୀତିରେ ଉତ୍ସୁକତା ନେଉଥିବା ପ୍ରକାଶ କରଛନ୍ତି । ରାଘବ ଚଢାଙ୍କୁ ବିବାହ କରିବା ପରେ ତାଙ୍କର ରାଜନୀତି ପ୍ରତି ଆଗ୍ରହ ବଢିଛି । ତେଣୁ ସେ ବର୍ତ୍ତମାନ ରାଜନୀତି ଆଲୋଚନାରେ ଭାଗ ନେଉଛନ୍ତି ବୋଲି ମତ ଦେଇଛନ୍ତି । ପରୀଙ୍କ ସ୍ୱାମୀ ରାଘବ ଆମ ଆଦମୀ ପାର୍ଟିର ନେତା । ରାଘବଙ୍କ ସଂସ୍ପର୍ଶରେ ଆସିବା ଆଗରୁ ତାଙ୍କର ରାଜନୀତି ପ୍ରତି ଏତେ ରୁଚି ନଥିଲା ଏବଂ ଏହା ସମ୍ପର୍କରେ ମଧ୍ୟ ଖୁବ କମ ଜ୍ଞାନ ଥିଲା ବୋଲି ପରୀ ଏହି ସାକ୍ଷାତକାରରେ କହିଛନ୍ତି । ପରୀଙ୍କର ଏହି ମନ୍ତବ୍ୟ ପରେ ଫ୍ୟାନମାନେ ତାଙ୍କ ରାଜନୀତିରେ ଯୋଗ ନେଇ ଆକଳନ କରିବାରେ ମଧ୍ୟ ଲାଗିଛନ୍ତି । ତେବେ ପରୀ ଏହି ସାକ୍ଷାତକାରରେ ସେଭଳି କୌଣସି ସୂଚନା ଦେଇ ନାହାନ୍ତି ।

ମୁଖ୍ୟମନ୍ତ୍ରୀ ତଥା ବିଜେଡ଼ି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କୁ ଭେଟୁଛନ୍ତି ବିଜେଡ଼ି ନେତା

୫–ଟି ଅଧକ୍ଷ କାର୍ତ୍ତିକ ପାଣ୍ଡିଆନ୍‌ଙ୍କୁ ନବୀନ ନିବାସରେ ଭେଟୁଛନ୍ତି ବିଜେଡି କର୍ମୀ ଓ ନେତା

ହାଇକୋର୍ଟରେ ସ୍ୱାମୀ ଲକ୍ଷ୍ମଣାନନ୍ଦ ହତ୍ୟା ମାମଲା
ହଜିଗଲା ଫାଇଲ,ଖୋଜି ବାହାର କରିବେ ରେଜିଷ୍ଟ୍ରାର

କଟକ,(ସବ୍ୟୁ): ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀ ହତ୍ୟା ମାମଲାଟି ଆଜି ହାଇକୋର୍ଟରେ ବିଚାର ପାଇଁ ଆସିଥିଲା । ଏହି ଘଟଣାର ସିବିଆଇ ତଦନ୍ତ ହେଲେ ପ୍ରକୃତ ତଥ୍ୟ ପଦାକୁ ଆସିବ ବୋଲି ହୋଇଥିବା ଆବେଦନରେ ସରକାର ଦାଖଲ କରିଥିବା ସତ୍ୟପାଠ ଫାଇଲରୁ ହଜିଯାଇଥିବା ଅଦାଲତ ଜାଣିବାପରେ ଏହାକୁ ଖୋଜି ବାହାର କରିବାକୁ ହାଇକୋର୍ଟ ରେଜେଷ୍ଟ୍ରିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଆବେଦନକାରୀ ଦେବାଶିଷ ହୋତାଙ୍କ ପକ୍ଷରୁ ରୁଜୁ ଏହି ମାମଲାରେ ବିଚାରପତି ଭି.ନରସିମା ଉପରୋକ୍ତ ନିର୍ଦ୍ଦେଶ ଦେବାସହ ମାମଲାର ପରବର୍ତ୍ତୀ ଶୁଣାଣୀ ମେ ୧୫ କୁ ଧାର୍ଯ୍ୟ ହୋଇଛି । ଏହି ମାମଲାରେ ଅଦାଲତଙ୍କ ନିର୍ଦ୍ଦେଶ ଅନୁଯାୟୀ ରାଜ୍ୟ ସରକାର ଘଟଣାର ସିବିଆଇ ତଦନ୍ତ ଆବଶ୍ୟକ ନ ଥିବା କହି ସତ୍ୟପାଠ ଗତ ମାର୍ଚ୍ଚ ୫ ତାରିଖରେ ଦାଖଲ କରିଥିଲେ । ଆବେଦନକାରୀ ମାମଲାରେ ପ୍ରତିଜବାବ ଦାଖଲ କରିଥିଲେ । ତେବେ ମାମଲାର ଶୁଣାଣୀ ବେଳେ ଫାଇଲରୁ ସତ୍ୟପାଠ ହଜିଯାଇଥିବା ଅଦାଲତ ଜାଣିପାରି ଫାଇଲ ଖୋଜି ବାହର କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ।

ବିଜେଡିରେ ଯୋଗଦେଲେ କଂଗ୍ରେସ ମୁଖପାତ୍ର କୈଳାଶମୁଖୀ

ଭୁବନେଶ୍ୱର,(ସବ୍ୟୁ): କନ୍ଧମାଳ କଂଗ୍ରେସର ବରିଷ୍ଠ ନେତା ତଥା ମୁଖପାତ୍ର କୈଳାଶମୁଖୀ ବିଜୁଜନତା ଦଳରେ ଯୋଗଦେଇଛନ୍ତି । ବିଜେଡି ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଓ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖଙ୍କ ଉପସ୍ଥିତିରେ ଶ୍ରୀମୁଖୀ ବିଧିବଦ୍ଧ ଭାବେ ବିଜେଡିରେ ସାମିଲ ହୋଇଛନ୍ତି ।

ବିଜେଡିରେ ଯୋଗଦେବା ଅବସରରେ ଶ୍ରୀମୁଖୀ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟଙ୍କ ସ୍ୱଚ୍ଛଶାସନ, ନିର୍ମଳ ଭାବମୂର୍ତ୍ତି, ନୀତି ଆଦର୍ଶ ଓ ବିକାଶମୂଳକ କାର୍ଯ୍ୟରେ ଅନୁପ୍ରାଣିତ ହୋଇ ମୁଁ ବିଜେଡିରେ ସାମିଲ ହୋଇଛି । ଆଗାମୀ ଦିନରେ ବିଜୁଜନତା ଦଳକୁ ମଜବୁତ କରିବା ସହିତ ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ଓଡିଶାର ବିକାଶ ପାଇଁ କାର୍ଯ୍ୟ ଜାରି ରଖିବି । ବିଜୁଜନତା ଦଳରେ ସାମିଲ ପାଇଁ ଶ୍ରୀମୁଖୀ ଦଳର ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଓ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି ।

ବିଜେଡ଼ିରୁ ଇସ୍ତଫା ଦେଇ, କଂଗ୍ରେସରେ ସାମିଲ ହେଲେ ଜିଲ୍ଲାପରିଷଦ ଉପାଧ୍ୟକ୍ଷ

ରାଜନଗର,(ସବ୍ୟୁ) : ରାଜନଗର ବ୍ଲକର ପୂର୍ବତନ ବିଜେଡି ସଭାପତି ତଥା କେନ୍ଦ୍ରପଡ଼ା ଜିଲ୍ଲାପରିଷଦ ଉପାଧକ୍ଷ ଅଶୋକ କୁମାର ପ୍ରତିହାରୀ ମଙ୍ଗଳବାର ବିଜୁ ଜନତା ଦଳରୁ ଇସ୍ତଫା ଦେଇ କଂଗ୍ରେସରେ ସାମିଲ ହୋଇଛନ୍ତି । ସେ ଆଜି ଅପରାହ୍ନରେ ତାଙ୍କ ଇସ୍ତଫା ପତ୍ର ବିଜୁ ଜନତା ଦଳର ସୁପ୍ରିମୋ ନବୀନ ପଟ୍ଟନାୟକ ଓ ଜିଲ୍ଲା ବିଜେଡି ସଭାପତିଙ୍କୁ ପଠାଇବାର ମାତ୍ର କିଛି ସମୟ ପରେ କଂଗ୍ରେସ ଦଳରେ ସାମିଲ ହୋଇଛନ୍ତି ।

ବିଜେଡ଼ିରେ ଯୋଗଦେଲେ କ୍ୟାପଟେନ୍ ରାଜନାରାୟଣ ମହାପାତ୍ର

ଭୁବନେଶ୍ୱର,(ସବ୍ୟୁ): ଯାଜପୁର ଜିଲ୍ଲା ଅନ୍ତର୍ଗତ ବଡଚଣା ନିର୍ବାଚନ ମଣ୍ଡଳୀର ପିସିସି ସମ୍ପାଦକ ତଥା କ୍ୟାପଟେନ ରାଜନାରାୟଣ ମହାପାତ୍ରଙ୍କ ସହ ଶତାଧିକ କଂଗ୍ରେସକର୍ମକର୍ତ୍ତା ଓ ନିର୍ବାଚିତ ପ୍ରତିନିଧି ଆଜି ଶଙ୍ଖ ଭବନ ଠାରେ ରାଜ୍ୟସଭା ସାଂସଦ ଡକ୍ଟର ସସ୍ମିତ ପାତ୍ର ଓ ମୟୂରଭଞ୍ଜ ପର୍ଯ୍ୟବେକ୍ଷକ ଜନ୍ମେଜୟ ଲେଙ୍କାଙ୍କ ଉପସ୍ଥିତିରେ ବିଜେଡିରେ ଯୋଗ ଦେଇଛନ୍ତି । ଦଳରେ ସାମିଲ୍ ହୋଇଥିବା କ୍ୟାପଟେନ ରାଜନାରାୟଣ ମହାପାତ୍ରଙ୍କ ସହ ଶତାଧିକ କଂଗ୍ରେସକର୍ମୀଙ୍କୁ ଡକ୍ଟର ପାତ୍ର ଓ ଶ୍ରୀଲେଙ୍କା ଉପଢୌକନ ଦେଇ ଦଳକୁ ସ୍ୱାଗତ କରିଥିଲେ । କଂଗ୍ରେସକର୍ମୀମାନଙ୍କ ଯୋଗଦାନ ଫଳରେ ବିଶେଷକରି ବଡଚଣା ନିର୍ବାଚନ ମଣ୍ଡଳୀରେ ଦଳୀୟ ସଂଗଠନ ଆହୁରି ମଜଭୂତ ହେବ ବୋଲି ଡକ୍ଟର ପାତ୍ର ଓ ଶ୍ରୀଲେଙ୍କା କହିଥିଲେ । ମିଶ୍ରଣ ପୂର୍ବରେ ଶତାଧିକକର୍ମୀ ବିଜେଡ଼ିରେ ସାମିଲ ହୋଇଥିଲେ । ଶେଷରେ ବିଜେଡ଼ି ମୁଖପାତ୍ର ଡଃ.ପ୍ରିୟବ୍ରତ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ ।

ଆଶା, ଅଙ୍ଗନବାଡ଼ି, ଏସ୍‌ଏଚଜି ମହିଳାଙ୍କୁ ଧମକାଉଛି ବିଜେପି
ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଫେରାଦ ହେଲା ବିଜେଡି



ଭୁବନେଶ୍ୱର(ସବ୍ୟୁ): ତୃଣମୂଳ ସ୍ତରରେ ମହିଳାଙ୍କ ଚରିତ୍ର ସଂହାର କରୁଛି ବିଜେପି । ମୁଖ୍ୟ ନିର୍ବାଚନ କମିଶନଙ୍କ ନାଁ ନେଇ ଧମକ ଦେଉଛନ୍ତି । କଥା ନମାନିଲେ ପରିଣାମ ଭୋଗିବ ବୋଲି ନାଲି ଆଖି ଦେଖାଉଛନ୍ତି । ପ୍ରତ୍ୟେକ ନିର୍ବାଚନ ଓ ଉପନିର୍ବାଚନ ପୂର୍ବରୁ ମହିଳାଙ୍କୁ ଏଭଳି ଧମକାଉଛନ୍ତି ବିଜେପି ନେତା ଓ କର୍ମୀ । ଏନେଇ ଅଭିଯୋଗ କରି ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ)ଙ୍କୁ ଫେରାଦ ହୋଇଛି ବିଜେଡି ।

ରାଜ୍ୟର ମହିଳାମାନଙ୍କ ସ୍ୱାସ୍ଥ୍ୟରକ୍ଷା ଦିଗରେ ଆଶାକର୍ମୀମାନେ ତୃଣମୂଳସ୍ତରରେ କାମ କରୁଛନ୍ତି । ଛୁଆଙ୍କ ପୋଷଣ ପାଇଁ ଅଙ୍ଗନବାଡି କର୍ମୀମାନେ କାମ କରୁଛନ୍ତି । ସେହିଭଳି ମହିଳା ସଶକ୍ତିକରଣ ଦିଗରେ କାମ କରୁଛନ୍ତି ମିଶନ ଶକ୍ତି ମହିଳା । ତେବେ ତୃଣମୂଳସ୍ତରରେ କାର୍ଯ୍ୟରତ ମହିଳାଙ୍କୁ କାହିଁକି ଈର୍ଷା କରୁଛି ବିଜେପି ବୋଲି ପ୍ରଶ୍ନ କରିଛି ବିଜେଡି । ବିଜେପିର ଏହି ଗୁଣ୍ଡାରାଜ ଉପରେ ଦୃଷ୍ଟି ଦେବାକୁ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଭେଟି ଦାବି ଜଣାଇଛି ବିଜେଡି । ବିଜେଡି ସାଂସଦ ସସ୍ମିତ ପାତ୍ରଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଭେଟି ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି ।

ଠେମରାରେ ଚାଷୀ ସମ୍ବୋଧିତ କଲେ କେନ୍ଦ୍ରମନ୍ତ୍ରୀ
ସମ୍ବଲପୁରକୁ କୃଷି ଆଧାରିତ ଅର୍ଥନୀତି କରିବା ପାଇଁ ହେବ ବ୍ୟାପକ ଯୋଜନା: ଧର୍ମେନ୍ଦ୍ର

ଭୁବନେଶ୍ୱର,(ସବ୍ୟୁ): ସମ୍ବଲପୁରରେ କୃଷି ଆଧାରିତ ଅର୍ଥନୀତି ପାଇଁ ବ୍ୟାପକ ଯୋଜନା କରାଯିବ । ବିଶେଷ ଭାବରେ ଦେଶ ଦୁନିଆର ଆବଶ୍ୟକତାକୁ ଦୃଷ୍ଟିରେ ରଖି କୃଷି କ୍ଷେତ୍ରରେ ଏକ ବଡ ଯୋଜନା କରାଯିବ ବୋଲି ବୁଧବାର ସମ୍ବଲପୁରର ଠେମରା ଠାରେ ଶ୍ରୀ ରାମଚଣ୍ଡୀ ଦେବୀ ସେବା ସଂଗଠନ ପକ୍ଷରୁ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗଦେଇ କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଚାଷୀ ମାନଙ୍କ କଲ୍ୟାଣ ପାଇ ମୋଦୀ ସରକାର ନେଇଥିବା ବିବିଧ ପଦକ୍ଷେପ ଗୁଡିକ ଉପରେ ଆଲୋକପାତ କରିବା ସହ ଶ୍ରୀ ପ୍ରଧାନ କହିଛନ୍ତି ଯେ ଚାଷ ଏବଂ ଚାଷୀ ଭାଇ ଭଉଣୀମାନେ ଆମ ଦେଶ ଅର୍ଥନୀତିର ମେରୁଦଣ୍ଡ । ଚାଷୀ ଆତ୍ମନିର୍ଭର ହେଲେ ଆମ ଦେଶ ଆତ୍ମନିର୍ଭର ହେବ । ଡବଲ ଇଞ୍ଜିନ ସରକାର ହେଲେ କ୍ୱିଣ୍ଟାଲ ପିଛା ଧାନର ଏମଏସପି ୩୧୦୦ ଟଙ୍କା କରାଯିବ । ସେହିପରି ରାଜ୍ୟରେ ଡବଲ ଇଞ୍ଜିନ ସରକାର ଆସିଲେ ବିପିଏଲ ବର୍ଗରେ ଥିବା ମହିଳାମାନଙ୍କୁ ମାସିକ ୧୦୦୦ ଟଙ୍କା ହିସାବରେ ବର୍ଷକୁ ୧୨ ହଜାର ଟଙ୍କା ଦିଆଯିବ । କୌଣସି ଗରିବ ପରିବାର ପିଏମ୍ ଆବାସ ଯୋଜନାରେ ଘର ପାଇବାରୁ ବଞ୍ଚିତ ହେବେ ନାହିଁ ବୋଲି କହିଛନ୍ତି ।

ଠେମରାକୁ ସମ୍ବଲପୁର ମହାନଗର ନିଗମରେ ସାମିଲ କରାଯାଇଛି । କିନ୍ତୁ ମହାନଗର ନିଗମ କାମ ଅଧପନ୍ତରିଆ ଭାବେ ପଡ଼ିରହିଥିବାରୁ ଠେମରାର ବିକାଶ ହୋଇପାରିନି । ମୋଦୀ ସରକାର ଗ୍ରାମାଞ୍ଚଳରେ ବିଶୁଦ୍ଧ ପାନୀୟ ଜଳର ବ୍ୟବସ୍ଥା କରିବା ପାଇଁ ବିଗତ ୫ ବର୍ଷରେ ୧୦ ହଜାରରୁ ଉର୍ଦ୍ଧ୍ୱ କୋଟି ଟଙ୍କା ଓଡ଼ିଶାକୁ ପଠାଇଥିଲେ ମଧ ଏହି ଅଞ୍ଚଳକୁ ପାଣି ମିଳୁନାହିଁ ।

କଟକ ଲୋକସଭା କ୍ଷେତ୍ର
ସାଂସଦ ପ୍ରାର୍ଥୀ ସଂତୃପ୍ତ ଓ ବିଧାୟକ ପ୍ରାର୍ଥୀ ରଣେନ୍ଦ୍ର ଙ୍କୁ ବିପୁଳ ସ୍ୱାଗତ

କଟକ,(ସବ୍ୟୁ): କଟକ ଲୋକସଭା ନିର୍ବାଚନ ମଣ୍ଡଳୀ ଅଧିନସ୍ଥ ଆଠଗଡ଼ ବିଧାନ ସଭା କ୍ଷେତ୍ରକୁ ଆଜି ୨ୟ ଥର ପାଇଁ ଗସ୍ତରେ ଯାଇଥିଲେ କଟକ ଲୋକସଭା କ୍ଷେତ୍ରର ସାଂସଦ ପ୍ରାର୍ଥୀ ଡ.ସଂତୃପ ମିଶ୍ର । ଆଜି ସ୍ଥାନୀୟ ବିଜେଡି ବିଧାୟକ ପ୍ରାର୍ଥୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଓ ଅନ୍ୟ ନେତା, କର୍ମୀ ଓ ସମର୍ଥକଙ୍କ ସହ ଆଠଗଡର ବିଭିନ୍ନ ଅଞ୍ଚଳ ଗସ୍ତ କରିଥିଲେ । ମଙ୍ଗଳବାର ପରି ବୁଧବାର ମଧ ଆଠଗଡରେ ଉଭୟେ ବିଧାୟକ ପ୍ରାର୍ଥୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଓ ଲୋକ ସଭା ସାଂସଦ ପ୍ରାର୍ଥୀ ସଂତୃପ ମିଶ୍ରଙ୍କୁ ବିପୁଳ ସମ୍ବର୍ଦ୍ଧନା ମିଳିଥିଲା । କାର୍ଯ୍ୟକ୍ରମ ଆରମ୍ଭରେ ସମର୍ଥକଙ୍କ ସହ ବିଜେଡି ସାଂସଦ ପ୍ରାର୍ଥୀ ଡ. ସଂତୃପ୍ତ ମିଶ୍ର ଜଗନ୍ନାଥ ମନ୍ଦିର ଯାଇଥିଲେ । ପ୍ରଭୁ ଜଗତର ନାଥଙ୍କ ଆଶୀର୍ବାଦ ନେବା ସହ କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ । ପହିଲବର, ଜେମାଦେଇ ପୁର, ବଉଳା, ବାଳି, ଛଗାଁ, ଗୁରୁଡିଝାଟିଆ, ରାଧାକିଶୋର ପୁର, ମସ୍ୟପର, ରାଧାକୃଷ୍ଣ ପୁର, ତାଳୁଆ, ଖୁଣ୍ଟୁଣି ଦେଇ ଏହି ଶୋଭାଯାତ୍ରା ଗାନ୍ଧୀ ପଡ଼ିଆରେ ପହଞ୍ଚିଥିଲଛ ସେଠାରେ ଏକ ସମ୍ବର୍ଦ୍ଧନା ସଭାରେ ଯୋଗ ଦେଇଥିଲେ ଡ. ସଂତୃପ୍ତ ମିଶ୍ର ଓ ରଣେନ୍ଦ୍ରପ୍ରତାପ ସ୍ୱାଇଁ । ୪୦ ଡିଗ୍ରୀ ତାପମାତ୍ରାକୁ ବେଖାତିର କରି ହଜାର ହଜାର ଜନତା ତାଙ୍କର ପ୍ରିୟ ନେତାଙ୍କୁ ସ୍ୱାଗତ କରିବା ପାଇଁ ଅପେକ୍ଷା କରିଥିଲେ । ସମସ୍ତଙ୍କ ହାତରେ ଥିଲା ଶଙ୍ଖ ପତାକା । ସବୁଆଡ ଦିଶୁଥିଲା ସବୁଜମୟ । ଶଙ୍ଖ ଚିହ୍ନ ଜିନ୍ଦାବାଦ– ନବୀନ ପଟ୍ଟନାୟକ ଜିନ୍ଦାବାଦ– ରାଜା ଭାଇ ଜିନ୍ଦାବାଦ–ଡ.ସଂତୃପ୍ତ ମିଶ୍ର ଜିନ୍ଦାବାଦ– ଡବଲ ଶଙ୍ଖ ଜିନ୍ଦାବାଦ ଶବ୍ଦରେ ଫାଟି ପଡୁଥିଲା ସମ୍ବର୍ଦ୍ଧନା ପଡିଆ । ବିଜୁ ବାବୁଙ୍କ ପ୍ରେରଣାରେ ପ୍ରେରିତ ହୋଇ ତାଙ୍କ ସୁପୁତ୍ର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓଡ଼ିଶାର ବିକାଶ ଦିଗରେ ନିଜକୁ ସମର୍ପିତ କରି ଦେଇଛନ୍ତି କହିଥିଲେ ସାଂସଦ ପ୍ରାର୍ଥୀ ଡ.ସଂତୃପ୍ତ ମିଶ୍ର । ଆଠଗଡ଼ ବିଜେଡି ବିଧାୟକ ପ୍ରାର୍ଥୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ପ୍ରାର୍ଥୀଙ୍କୁ ଜାଣି ବିରୋଧିକୁ ଜବାବ ଦେବାକୁ ସେ ଆହ୍ୱାନ ଦେଇଥିଲେ । ପ୍ରତିପକ୍ଷ ଆମକୁ ଅସ୍ମିତା ଶିଖାଉଛନ୍ତିଛ ହେଲେ ବିଜୁବାବୁ ଏ ମାଟିର ଅସ୍ମିତା । ତାଙ୍କ ନାଁରେ ଗଠିତ ଏ ଦଳକୁ ଅସ୍ମିତା କିଏ ଶିଖାଇବ ବୋଲି ପ୍ରଶ୍ନ କରିଥିଲେ ଡ.ସଂତୃପ୍ତ ମିଶ୍ର । ତେଣୁ ନବୀନ ପଟ୍ଟନାୟକଙ୍କୁ ୬ଷ୍ଠ ଥର ଜିତାଇ ସେ ଅସ୍ମିତାର ସମ୍ମାନ ରଖନ୍ତୁ ବୋଲି କହିଥିଲେ । ଡବଲ ଶଙ୍ଖରେ ଭୋଟ ଦେଇ ଆଠଗଡ଼ ବିଧାୟକ ପ୍ରାର୍ଥୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଓ ସାଂସଦ ପ୍ରାର୍ଥୀ ଡ.ସଂତୃପ୍ତ ମିଶ୍ରଙ୍କୁ ଜୟଯୁକ୍ତ କରାଇବାକୁ ସେ ନିବେଦନ କରିଥିଲେ ।

ବିଜେଡି କାଉନ୍‌ସିଲରଙ୍କ
ମୁଣ୍ଡ ଫଟାଇଲେ ବିଜେଡିର ପୂର୍ବତନ କାଉନ୍‌ସିଲର

ବାରିପଦା, (ସବ୍ୟୁ): ମଙ୍ଗଳବାର ରାତିରେ ବାରିପଦା ପୌରପରିଷଦର ଜନୈକ ବିଜେଡି କାଉନ୍‌ସିଲରଙ୍କ ମୁଣ୍ଡ ଫଟାଇଲେ ଜଣେ ପୂର୍ବତନ ବିଜେଡି କାଉନ୍‌ସିଲର । ଏହି ମୁଣ୍ଡ ଫଟାଇବା ଘଟଣାକୁ ନେଇ ସହରରେ ବିଭିନ୍ନ ଚର୍ଚ୍ଚା ହେଉଥିବା ଦେଖିବାକୁ ମିଳିଛି । ମିଳିଥିବା ସୂଚନା ଅନୁଯାୟୀ ମଧୁବନ ପଡିଆରେ ରାମ ନବମୀ ଅବସରରେ ହେବାକୁ ଥିବା ଶୋଭାଯାତ୍ରା ପାଇଁ ପ୍ରସ୍ତୁତିକୁ ନେଇ ଏହି ଘଟଣା ଉପୁଜିଥିବା ଜଣାଯାଇଛି । ଜଣେ କାଉନ୍‌ସିଲର ମଧୁବନ ପଡିଆରେ ରାମ ଭକ୍ତଙ୍କ ପାଇଁ ଚାଲିଥିବା ପ୍ରସ୍ତୁତିକୁ ନେଇ ସହମତି ପ୍ରକାଶ କରିଥିବାବେଳେ ଅନ୍ୟଜଣେ ପୂର୍ବତନ କାଉନ୍‌ସିଲର ଏଠାରେ ପୌରପରିଷଦର ବିନା ଅନୁମତିରେ ପ୍ରସ୍ତୁତି ହୋଇପାରିବ ନାହିଁ ବୋଲି ରୋକଠୋକ ଶୁଣାଇଥିଲେ । ଏହି ଘଟଣାକୁ ନେଇ ଦୁଇନେତାଙ୍କ ମଧରେ ଗଣ୍ଡଗୋଳ ସୂତ୍ରପାତ ହୋଇଥିଲା । ଏହି ଗଣ୍ଡଗୋଳରେ ପୂର୍ବତନ କାଉନ୍‌ସିଲରଙ୍କ ମାଡରେ କାଉନ୍‌ସିଲର ଜଣଙ୍କ ଆହତ ହୋଇଥିଲେ । ଏହି ଘଟଣାକୁ ନେଇ ମଙ୍ଗଳବାର ରାତିରେ ବାରିପଦା ଟାଉନ ଥାନାରେ ଅଭିଯୋଗ ପାଇଁ ଆହତ କାଉନ୍‌ସିଲର ଜଣଙ୍କ ପହଞ୍ଚିଥିଲେ । ମାତ୍ର ରିପୋର୍ଟ ଲେଖା ହେବା ସୁଦ୍ଧା କୌଣସି ମାମଲା ରୁଜୁ ହୋଇନଥିବା ଜଣାଯାଇଛି । ଆଗକୁ ସାଧାରଣ ନିର୍ବାଚନ ଥିବାରୁ ଉକ୍ତ ଘଟଣା ରାଜନୈତିକ ରୂପ ନେବାକୁ ଥିବାରୁ ଉକ୍ତ ଘଟଣାକୁ ଆପୋଷ ବୁଝାମଣା କରି କୌଣସି ମତେ ସମାଧାନ କରିବା ପାଇଁ ବିଜେଡି ର ହେବିଓ୍ୱେଟ୍ ନେତାମାନେ ଚାପ ପକାଇଥିବା ସାଧାରଣରେ ଚର୍ଚ୍ଚା ହେଉଛି ।

ସର୍ଖେଲଙ୍କ କାର୍ଯ୍ୟାଳୟରେ ସମ୍ବିତ

ପାରାଦୀପ,(ଜି.ପ୍ର): କାଲି ଯିଏ ନିର୍ବାଚନ ମୈଦାନରେ ପରସ୍ପର ବିରୋଧୀ ରଣନୀତି ପ୍ରସ୍ତୁତ କରୁଥିଲେ ଆଜି ସେମାନେ ନିର୍ବାଚନକୁ ଏକାଠି ଲଢିବା ପାଇଁ ଗୋଟିଏ ଛାତ ତଳେ ବସି କରୁଛନ୍ତି ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ । ଏକାଠି ହୋଇ କିଭଳି ବିଜେଡିକୁ ବାଜିମାତ କରାଇବେ ସେ ନେଇ ଚାଲିଛି ରଣ କୌଶଳ । ଆଜି ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି ବନ୍ଦର ନଗରୀ ପାରାଦୀପରେ । ନିର୍ବାଚନ ପାଇଁ ବାପି ସର୍ଖଲେ ବୁଧବାର ବିଧାୟକ ସମ୍ବିତ ରାଉତରାୟ ଓ ତାଙ୍କ ଧର୍ମପତ୍ନୀ ତଥା ବିଜେଡି ବିଧାୟିକା ପ୍ରାର୍ଥୀନୀ ଗୀତାଞ୍ଜଳି ରାଉତରାୟଙ୍କୁ ନିଜ ନୂଆବଜାର କାର୍ଯ୍ୟାଳୟକୁ ଡାକି ତାଙ୍କ ଦ୍ୱାରା ଗଠିତ ହୋଇଥିବା ଆମ ପାରାଦୀପ ଆମ ପ୍ରଗତିର କର୍ମକର୍ତ୍ତା ମାନଙ୍କ ସହ କାଉନ୍ସିଲର ମାନଙ୍କୁ ପରିଚିତ କରାଇଥିବା ଦେଖିବାକୁ ମିଳିଛି । କିଭଳି ଅଧିକରୁ ଅଧିକ ଭୋଟ ଗୀତାଞ୍ଜଳିଙ୍କ ସପକ୍ଷରେ ଯିବ ସେନେଇ ସେ ତାଙ୍କ କର୍ମୀମାନଙ୍କୁ ଆହ୍ୱାନ ଦେଇଛନ୍ତି । ବାପି ସର୍ଖେଲଙ୍କ ଧର୍ମପତ୍ନୀ ମୋନିଦୀପା ସର୍ଖେଲ ବିଜେଡିରେ ଯୋଗ ଦେଇଥିବା ବେଳେ ବାପି କଂଗ୍ରେସରୁ ଇସ୍ତଫା ଦେଇ ସାରିଛନ୍ତି । ବାପି ସର୍ଖେଲ ବିଧିବଦ୍ଧ ଭାବେ ବିଜେଡି ରେ ଯୋଗ ଦେଇ ନଥିବା ବେଳେ ଏବେ କିନ୍ତୁ ନିଜ ସଂଗଠନକୁ ନେଇ ବିଜେଡକୁ ସମର୍ଥନ କରିବା ପାଇଁ ଆନୁଷ୍ଠାନିକ ଭାବରେ ଘୋଷଣା କରିଥିବା ବେଳେ ସମ୍ବିତ ମଧ ଏହାକୁ ନେଇ ବେଶ୍ ଆଶାବାଦୀ । ପାରାଦୀପର ଅନେକ ସମସ୍ୟା ପ୍ରତି ଆମେ ସାଙ୍ଗ ହୋଇ ଲଢେଇ କରିବୁ ଓ ଲୋକଙ୍କ ସମସ୍ୟା ବୁଝିବୁ ବୋଲି ସମ୍ବିତ ପ୍ରକାଶ କରିଛନ୍ତି ।

ଦେଶବାସୀଙ୍କୁ ରାମ ନବମୀର ଶୁଭେଚ୍ଛା ଜଣାଇଲେ କେନ୍ଦ୍ରମନ୍ତ୍ରୀ
ଶ୍ରୀରାମଚନ୍ଦ୍ର ନିଷ୍ଠା, ସୁଶାସନ ଓ କର୍ତ୍ତବ୍ୟବୋଧର ପ୍ରତୀକ

ସମ୍ବଲପୁର,(ସବ୍ୟୁ): କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପବିତ୍ର ଶ୍ରୀରାମ ନବମୀ ଅବସରରେ ରାଜ୍ୟ ଓ ଦେଶବାସୀଙ୍କୁ ଏହି ଦିନର ଶୁଭେଚ୍ଛା ଜଣାଇବା ସହ ସମ୍ବଲପୁରର ବିଭିନ୍ନ ଶ୍ରୀରାମ ମନ୍ଦିରରେ ଦର୍ଶନ କରିବା ସହ ପୂଜାର୍ଚ୍ଚନା କରିଛନ୍ତି ।

ଶ୍ରୀ ପ୍ରଧାନ କହିଛନ୍ତି, ଆଜିର ଦିନ ପ୍ରତ୍ୟେକଙ୍କ ପାଇଁ ଏକ ଖୁସିର ଦିନ ।୫୦୦ ବର୍ଷର ସଂଘର୍ଷ ଓ ଅପେକ୍ଷା ପରେ ଆଜି ଶ୍ରୀରାମଙ୍କ ଜନ୍ମଭୂମି ଅଯୋଧାରେ ରାମଲାଲାଙ୍କ ଭବ୍ୟ ମନ୍ଦିରରେ ଶ୍ରୀରାମ ନବମୀ ପାଳନ କରାଯାଉଛି । ସମଗ୍ର ଦେଶ ରାମମୟ ହୋଇଉଠିଥିବା ବେଳେ ସବୁଠି ଖୁସି ଓ ଉତ୍ସାହ ଦେଖାଯାଇଛି । ରାମଲାଲାଙ୍କ ଅଭୂତ ସୂର୍ଯ୍ୟ ତିଳକ ଦେଶବାସୀଙ୍କୁ ଅଲୌକିକ ଅବସର ସହ ଅଭିଭୂତ କରିଛି । ଏହି ଅବସରରେ ରାମ–ସମର୍ପଣ ଭାବ ରାଷ୍ଟ୍ର–ସମର୍ପଣରେ ଯୋଡ଼ି ଦେଇ ଦେଶ ନିର୍ମାଣରେ ଆଗେଇ ଆସିବା ପାଇଁ ଶ୍ରୀ ପ୍ରଧାନ ଦେଶବାସୀଙ୍କୁ ଆହ୍ୱାନ କରିଛନ୍ତି । ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମଚନ୍ଦ୍ର ନିଷ୍ଠା, ସୁଶାସନ ଓ କର୍ତ୍ତବ୍ୟବୋଧର ପ୍ରତୀକ ବୋଲି କହିବା ସହ ରାଜ୍ୟ ତଥା ଦେଶବାସୀଙ୍କ ସୁଖ, ସମୃଦ୍ଧି ଓ ମଙ୍ଗଳ ପାଇଁ ରାମଲାଲାଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି ଶ୍ରୀ ପ୍ରଧାନ ।

ରାମ ନବମୀର ପବିତ୍ର ଅବସରରେ କେନ୍ଦ୍ରମନ୍ତ୍ରୀ ସମ୍ବଲପୁର ଦାନିପାଲି ଓ ଗାୟତ୍ରୀ ମନ୍ଦିର ପରିସରରେ ଥିବା ଶ୍ରୀରାମ ମନ୍ଦିରରେ ରାମଲାଲାଙ୍କ ଦର୍ଶନ କରିବା ସହିତ ପୂଜାର୍ଚ୍ଚନା କରିଥିଲେ । ବୁର୍ଲା ସ୍ଥିତ ଇସ୍କନ ମନ୍ଦିରରେ ଭଗବାନ ଶ୍ରୀ ରାମଙ୍କ ଆରାଧନା କରିବା ସହ ନାମଯଜ୍ଞରେ ସାମିଲ ହୋଇଥିଲେ । ସେହିପରି ଠେମରାସ୍ଥିତ ରାମଚଣ୍ଡୀ ମନ୍ଦିରରେ ଆୟୋଜିତ ଯଜ୍ଞର ପୂର୍ଣ୍ଣାହୂତି କାର୍ଯ୍ୟକ୍ରମରେ ଯୋଗଦେଇ ଦେବୀକୃପା ଲାଭ କରିଥିଲେ ।

ଯୁଧିଷ୍ଠିର ସେଠୀଙ୍କର ଶକ୍ତି ପ୍ରଦର୍ଶନ

ରଘୁନାଥପୁର,(ସବ୍ୟୁ) : ତିର୍ତୋଲ ନିର୍ବାଚନ ମଣ୍ଡଳୀର ବରିଷ୍ଠ ବିଜେଡି ନେତା ଯୁଧିଷ୍ଠିର ସେଠୀ ଆଜି ରଘୁନାଥପୁର ବ୍ଲକ ପୁରଣ ଓଡପଡାସ୍ଥିତ ପ୍ରମିଳା ମଣ୍ଡପରେ ନିଜର ସମର୍ଥକ ମାନଙ୍କ ସହିତ ଆଗାମୀ ନିର୍ବାଚନ ପାଇଁ ରଣନୀତିର ପ୍ରସ୍ତୁତି ବୈଠକ କରିଛନ୍ତି। ଏହି ବୈଠକରେ ତାଙ୍କର ରଘୁନାଥପୁର, ତିର୍ତୋଲ ଓ ବିରିଡି ବ୍ଲକର ୫୦୦ରୁ ଉର୍ଦ୍ଧ ଶୁଭେଚ୍ଛୁ ଯୋଗ ଦେଇଥିବା ବେଳେ ତାଙ୍କ ପ୍ରତି ବିଜେଡି ଦଳର ଅଣଦେଖା କାର୍ଯ୍ୟକୁ ଘୋର ନିନ୍ଦା କରିଛନ୍ତି। ସୁଚନା ଯୋଗ୍ୟ ଶ୍ରୀ ସେଠୀ ବିଗତ ୨୦୦୦ ମସିହାରୁ ବିଜେଡି ଦଳରେ ଜଣେ ସକ୍ରିୟ କର୍ମୀ ଭାବେ ଦଳୀୟ କାର୍ଯ୍ୟକ୍ରମରେ ସାମିଲ ରହିବା ସହିତ ତିର୍ତୋଲ ନିର୍ବାଚନ ମଣ୍ଡଳିର ଜନ ସାଧାରଣଙ୍କ ସମସ୍ତ ସୁଖ ଦୁଃଖରେ ରହି ଆସିଛନ୍ତି। ୨୦୦୯ ମସିହା ସାଧାରଣ ନିର୍ବାଚନରୁ ସେ ଏହି ନିର୍ବାଚନ ମଣ୍ଡଳୀର ବିଜେଡି ପ୍ରାର୍ଥୀ ହେବା ପାଇଁ ଦଳ ନିକଟରେ ଦାବୀ କରି ଆସୁଥିଲେ ମଧ୍ୟ ଏ ଯାବତ ବିଗତ ୫ଟି ନିର୍ବାଚନରେ ଦଳ ତାଙ୍କୁ ଦଳୀୟ ଟିକେଟ ଦେବ ବୋଲି କହି ପର ମୁହୂର୍ତ୍ତରେ ତାଙ୍କୁ ଅଣଦେଖା କରିଥିବା ନେଇ ସେ କ୍ଷୋଭ ପ୍ରକାଶ କରିଥିଲେ। ଆସନ୍ତା ନିର୍ବାଚନରେ ଲୋକ ମାନଙ୍କର ଏବଂ ଶୁଭେଚ୍ଛୁ ମାନଙ୍କର ସହଯୋଗରେ ସେ ନିର୍ବାଚନରେ ଅବତୀର୍ଣ୍ଣ ହେବେ ବୋଲି ଆଜି ଏକ ସାମ୍ବାଦିକ ସମ୍ମୀଳନିରେ ସୂଚନା ପ୍ରଦାନ କରିଛନ୍ତି। ତେବେ ତାଙ୍କର ଆଜି ଏହି ଶକ୍ତି ପ୍ରଦର୍ଶନ ବିଜେଡି ଦଳିୟ ପ୍ରାର୍ଥୀଙ୍କର ମୁଣ୍ଡବିନ୍ଧାର କାରଣ ହୋଇଛି। ଶ୍ରୀ ସେଠି ଯଦି ୨୦୨୪ ସାଧାରଣ ନିର୍ବାଚନରେ ବିଧାୟକ ପ୍ରାର୍ଥୀଭାବେ ପ୍ରତିଦ୍ୱନ୍ଦ୍ୱିତା କରନ୍ତି ତେବେ ବିଜେଡି ଦଳ ପ୍ରତି ଭାରୀ ପଡିବ ବୋଲି ରାଜନୀତି ବିଷାରଦମାନେ ନିଜର ମତ ପୋଷଣ କରିଛନ୍ତି ।

ଟିକେଟ୍ କଟିବା ପରେ ସମୀରଙ୍କ ରଣନୀତି ଉପରେ ନଜର

ଗୁରୁବାର ସମର୍ଥକଙ୍କ ବୈଠକ, ରୋଚକ ମୋଡ଼ରେ ନିମାପଡ଼ା ରାଜନୀତି

ନିମାପଡା,(ସବ୍ୟୁ) ନିମାପଡା ଆସନ ପାଇଁ ବିଜେଡିର ଟିକେଟ ଘୋଷଣା ନେଇ ଚାଲିଥିବା ଚର୍ଚ୍ଚାର ଆଜି ଅବସାନ ଘଟିଛି । ଏହି ଆସନରୁ ବିଜେଡିରୁ ବିଧାୟକ ପ୍ରାର୍ଥୀ ହେବା ପାଇଁ ଅନେକ ଆଶାୟୀ ରହିଥିଲେ । ଆଶାୟୀ ମାନଙ୍କ ମଧ୍ୟରୁ ପୂର୍ବତନ ଗଣଶିକ୍ଷା ମନ୍ତ୍ରୀ ତଥା ବିଧାୟକ ସମୀର ରଂଜନ ଦାଶ ଟିକେଟ ଲବିରେ ଥିବା ବେଳେ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ତାଙ୍କ ଉପରେ ଭରଷା କରିନାହାନ୍ତି । ନିକଟରେ ବିଜେପି ଦଳ ଛାଡି ବିଜେଡିରେ ମିଶିଥିବା ଦିଲ୍ଲୀପ ନାୟକଙ୍କୁ ଦଳ ଟିକେଟ ଦେଇଛି । ଆଜି ଏହି ଆସନ ପାଇଁ ବିଜେଡିର ଟିକେଟ ଘୋଷଣା ହେବା ପରେ ରୋଚକ ମୋଡରେ ରହିଛି ନିମାପଡା ରାଜନିତୀ । ସମୀର ଦଳୀୟ ଟିକେଟରୁ ବଂଚିତ ହେବା ପରେ ସେ ଦଳରେ ରହିବେ ଦିଲ୍ଲୀପଙ୍କ ସପକ୍ଷରେ ଭୋଟ ପ୍ରଚାର କରିବେ ନା ତାଙ୍କର ଆଗାମୀ ରାଜନିତୀ କଣ ରହୁଛି ତାହାକୁ ନିମାପଡା ବାସୀ ଚାହିଁ ରହିଛନ୍ତି । ନିମାପଡାରେ ସମୀରଙ୍କ ଅସଂଖ୍ୟ ସମର୍ଥକ ରହିଛନ୍ତି । ସେ ବିଜେଡିରୁ ଟିକେଟ ଆଣି ନିର୍ବାଚନ ଲଢିବେ ବୋଲି ସମୀର ଏବଂ ତାଙ୍କ ସମର୍ଥକ କହିଆସୁଥିଲେ । ତେବେ ଟିକେଟ ନ ମିଳିବା ପରେ ସମୀର ଏବଂ ସମର୍ଥକ ନିରାଶ ହୋଇଛନ୍ତି । ବିଜେଡିରୁ ଟିକେଟ ପାଇଥିବା ଦିଲ୍ଲୀପ ନାୟକ ନିମାପଡା ନିର୍ବାଚନ ମଣ୍ଡଳୀର ପୁରୁଣା ମୁହଁ ଅଟନ୍ତି । ଗତ ୨୦୧୯ ମସିହାରେ ସେ କଂଗ୍ରେସରୁ ଟିକେଟ ଆଣି ଏଠାରୁ ପ୍ରାର୍ଥୀ ହୋଇ ପରାଜିତ ହୋଇଥିଲେ । ଗତ ଅଢେଇ ବର୍ଷ ତଳେ ଦିଲ୍ଲୀପ କଂଗ୍ରେସ ଦଳ ଛାଡି ବିଜେପି ଦଳରେ ସାମିଲ ହୋଇଥିଲେ । ସେ ବିଜେପରୁ ଟିକେଟ ପାଇବେ ବୋଲି ଆଶାବାଦୀ ଥିଲେ । କିନ୍ତୁ ବିଜେପି ଦିଲ୍ଲୀପଙ୍କୁ ଭରଷା କରି ପାରିନଥିଲା । ଦଳ ପ୍ରଭାତୀ ପରିଡାଙ୍କୁ ଟିକେଟ ଦେବା ପରେ ଦିଲ୍ଲୀପ ଅସନ୍ତୁଷ୍ଟ ହୋଇ ଦୁଇ ସପ୍ତାହ ତଳେ ବିଜେପି ଛାଡି ବିଜେଡିରେ ସାମିଲ ହୋଇଥିଲେ । ନୂତନ କରି ଦଳରେ ମିଶିଥିବା ଦିଲ୍ଲୀପଙ୍କୁ ବିଜେଡି ଟିକେଟ ଦେଇଛି । ଦିଲ୍ଲୀପଙ୍କ ଉପରେ ବିଜେପି ଭରଷା କଲାନି କିନ୍ତୁ ବିଜେଡି ଭରଷା କରି ଟିକେଟ ଦେଲା ବୋଲି ଚର୍ଚ୍ଚା ହେଉଛି । ଏଠାରୁ କଂଗ୍ରେସ ନିଜର ପ୍ରାର୍ଥୀ ଘୋଷଣା କରିନଥିବା ବେଳେ ନିର୍ବାଚନରେ ପ୍ରଭାତୀ ଓ ଦିଲ୍ଲୀପଙ୍କ ମଧ୍ୟରେ ଲଢେଇ ହେବ ନା ନିମାପଡା ରାଜନିତୀ ସମୀକରଣ ବଦଳିବ ତାହାକୁ ନେଇ ନାନା ଚର୍ଚ୍ଚା ଚାଲିଛି । ସମସ୍ତଙ୍କ ନଜର ନିମାପଡାର ହେଭିୱେଟ ନେତା ସମୀରଙ୍କ ଉପରେ ରହିଛି । ଗତ ୨୦୦୯ ମସିହାରୁ ସମୀର ବିଜେଡିରୁ ଟିକେଟ ପାଇଁ ଲଗାତାର ତିନି ଥର ବିଧାୟକ ହେବା ସହିତ ଗଣଶିକ୍ଷା ମନ୍ତ୍ରୀ ରହି କାର୍ଯ୍ୟ କରିଛନ୍ତି । ପୁରୀ ଜିଲ୍ଲା ୧୧ ନଂ ଜିଲ୍ଲା ପରିଷଦ ସଭ୍ୟ ଧର୍ମେନ୍ଦ୍ର ସାହୁଙ୍କ ଆତ୍ମହତ୍ୟା ଘଟଣା ପରେ ସମୀର ବିବାଦରେ ଛନ୍ଦି ହେବା ସହିତ ପରବର୍ତ୍ତୀ ଅବସ୍ଥାରେ ଉକ୍ତ ଜିଲ୍ଲାପରିଷଦ ଆସନଟି ବିଜେଡି ହାରିଯିବା ପରେ ସମୀରଙ୍କୁ ବହୁ ସମାଲୋଚିତ ହେବାକୁ ପଡିଥିଲା । ସମୀର ବିଜେଡି ଦଳରେ ରହି ଦିଲ୍ଲୀପଙ୍କୁ ସମର୍ଥନ କରିବେ ନା କଂଗ୍ରେସ ଦଳକୁ ଯିବେ କି ସ୍ୱାଧିନରୁ ପ୍ରାର୍ଥୀ ହୋଇ ଦୀର୍ଘଦିନର ନିଜ ରାଜନିତୀ କ୍ୟାରିଅରକୁ ବଂଚାଇବେ ତାହାକୁ ସମସ୍ତେ ଅନେଇଛନ୍ତି । ଗୁରୁବାର ନିମାପଡାରେ ସମୀରଙ୍କ ସମର୍ଥକଙ୍କୁ ନେଇ ବୈଠକ ବସିବ,ବୈଠକରେ ଆଗାମୀ ରଣନିତୀ ପ୍ରସ୍ତୁତ ହେବ ବୋଲି ଜଣାପଡିଛି । ଦିଲ୍ଲୀପଙ୍କୁ ଟିକେଟ ମିଳିବା ପରେ ତାଙ୍କ ନିକଟକୁ ସମର୍ଥକଙ୍କ ଶୁଭେଚ୍ଛାର ସୁଅ ଛୁଟିବାରେ ଲାଗିଛି ।

ବାଙ୍କୀ ବିଜୁ ଜନତା ଦଳ ପକ୍ଷରୁ ବ୍ଲକ୍ ସ୍ତରୀୟ ବୈଠକ

ବାଙ୍କୀ,(ସବ୍ୟୁ): ଆଗାମୀ ସଧାରଣ ନିର୍ବାଚନ ପାଇଁ ବିଜୁ ଜନତା ଦଳ ପକ୍ଷରୁ କେଉଁ ଦିନ ବିଜେଡ଼ି ପ୍ରାର୍ଥୀ ଦେବୀ ରଂଜନ ତ୍ରିପାଠୀ ନାମାଙ୍କନ ପତ୍ର ଦାଖଲ କରିବେ କିଭଳି ହଜାର୍ ହଜାର ସଂଖ୍ୟାରେ କର୍ମୀ ମାନେ ଆସିବେ ସେ ନେଇ ଏକ ପ୍ରସ୍ତୁତି ବୈଠକ ବିଜେଡ଼ିର କାର୍ଯ୍ୟାଳୟ ଠାରେଅନୁଷ୍ଠିତ ହୋଇଯାଇଅଛିଛ ବାଙ୍କୀ ବ୍ଲକ୍ ର ୨୦ଗୋଟି ପଞ୍ଚାୟତରୁ ନିର୍ବାଚିତ ପ୍ରତିନିଧିଙ୍କ ସହିତ ଗ୍ରାମ ପଞ୍ଚାୟତର ଦଳର ମୁଖିଆମାନେ ଉପସ୍ଥିତ ଥିଲେ।ବିଧାୟକ ଦେବୀ ରଂଜନ ତ୍ରିପାଠୀ ପ୍ରତ୍ୟେକ ପଞ୍ଚାୟତ ରେ କିଭଳି ନବୀନ ପଟ୍ଟନାୟକଙ୍କ ଜନ କଲ୍ୟାଣ ଯୋଜନା ଗୁଡିକ ଆସିଛି ଲୋକଙ୍କ ନିକଟରେ ପହଁଚିଛି କି ନାହିଁ ତାହା ସର୍ବସାଧାରଣ ରେ ଅବଗତ କରାଇବା ପାଇଁ କହିଥିଲେ। ପୂର୍ବତନ ବିଧାୟକ ପ୍ରଭାତ ତ୍ରିପାଠୀ ଯୋଗ ଦେଇ ସ୍ୱଚ୍ଛଶାସନର ତାଲିକା ଲୋକଙ୍କ ଆଗରେ ପ୍ରକାଶ କରିବାକୁ ପରାମର୍ଶ ଦେଇଥିଲେ ।

ବିଜୁ ପଟ୍ଟନାୟକ ୨୭ ତମ ଶ୍ରାଦ୍ଧ ଦିବସ ଅବସରରେ ସିଂହଦ୍ୱାର ସମ୍ମୁଖରେ ଦୀପ ଦାନ ରକ୍ତ ଓ କାର୍ଯ୍ୟକ୍ରମ

ପୁରୀ,(ସବ୍ୟୁ): ବିଜୁ ଜନତା ଦଳ ପକ୍ଷରୁ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ପ୍ରବାଦ ପୁରୁଷ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କର ୨୭ ତମ ଶ୍ରାଦ୍ଧ ଦିବସ ଆଜି ପାଳିତ ହୋଇଛି । ଏହି ଅବସରରେ ବିଜୁ ଜନତା ଦଳ ପକ୍ଷରୁ ରାଜ୍ୟ ସଭା ସାଂସଦ ଶୁଭାଶିଷ ଖୁଣ୍ଟିଆ ଙ୍କ ନେତୃତ୍ୱରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ବୁଧବାର ସକାଳେ ଶ୍ରୀମନ୍ଦିର ସିଂହ ଦ୍ୱାର ସମ୍ମୁଖରେ ଦଳ ପକ୍ଷରୁ ଏକ ଦୀପଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ବିଜେଡ଼ି ପୁରୀ ବିଧାୟକ ପ୍ରାର୍ଥୀ ସୁନିଲ କୁମାର ମହାନ୍ତି, ପୁରୀ ଲୋକ ସଭା ସାଂସଦ ପ୍ରାର୍ଥୀ ଅରୂପ କୁମାର ପଟ୍ଟନାୟକ ଉପସ୍ଥିତି ଥିଲେ । ଏହା ପରେ ଦଳର କର୍ମୀ ମାନେ ଏକ ମୋଟର ସାଇକେଲ ରାଲିରେ ପୁରୀ ବଡ଼ ଦାଣ୍ଡ ଦେଇ ମେଡିକାଲ ଛକ ନିକଟକୁ ଯାଇ ଥିଲେ । ସେଠାରେ ଥିବା ବିଜୁ ପଟ୍ଟନାୟକ ପ୍ରତିମୂର୍ତ୍ତିରେ ସାଂସଦ ଶ୍ରୀ ଖୁଣ୍ଟିଆ, ବିଧାୟକ ପ୍ରାର୍ଥୀ ଶ୍ରୀ ମହାନ୍ତି ଓ ସାଂସଦ ପ୍ରାର୍ଥୀ ଶ୍ରୀ ପଟ୍ଟନାୟକ ପୁଷ୍ପ ମାଲ୍ୟ ଅର୍ପଣ କରି ଶ୍ରଦ୍ଧା ସୁମନ ଜ୍ଞାପନ କରିଥିଲେ । ପରେ ଭିଆଇପି ରୋଡ ସ୍ଥିତ ଗୋପବନ୍ଧୁ ଆୟୁର୍ବେଦ ମହାବିଦ୍ୟାଳୟ ଠାରେ ମୋ ପରିବାର ପକ୍ଷରୁ ଏକ ରକ୍ତଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

ଏହି ରକ୍ତ ଦାନ ଶିବିରରେ ମୋଟ ୬୦ ୟୁନିଟ ରକ୍ତ ସଂଗ୍ରହ ହୋଇଛିଛ ପୁରୀ ସହରର ଅନେକ ଯୁବକ, ଯୁବତୀ, ସ୍ୱେଚ୍ଛାସେବୀ ଯୋଗଦେଇ ରକ୍ତଦାନ କରିଥିଲେ । ଏହି ଦୀପ ଦାନ ଓ ରକ୍ତ ଦାନ କାର୍ଯ୍ୟକ୍ରମରେ ପୂର୍ବତନ ନଗରପାଳ ସୁରେନ୍ଦ୍ର ନାଥ ଦାସ, ଗୌରହରି ପ୍ରଧାନ, ପୁରୀ ଜିଲ୍ଲା କ୍ରୀଡା ସମ୍ପାଦକ ରବିଶଙ୍କର ପ୍ରତିହାରୀ ,ପୁରୀ ଜିଲ୍ଲା ଯୁବ ସଭାପତି ନାରାୟଣ ସ୍ୱାଇଁ ପ୍ରମୁଖ ଶତାଧିକ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ ।

ମା ଖଣ୍ଡୁଆଳି ବୁଢ଼ୀ ଠାକୁରାଣୀ ପୀଠରେ ଶ୍ରୀ ଜଗନ୍ନାଥ ପଞ୍ଚରାତ୍ରର ଉଦଯାପନୀ ଉତ୍ସବ

ଭୁବନେଶ୍ୱର,(ସବ୍ୟୁ): ସହିଦନଗର ମା ଖଣ୍ଡୁଆଳି ବୁଢ଼ୀ ଠାକୁରାଣୀ ପୀଠରେ ଶ୍ରୀ ଜଗନ୍ନାଥ ପାଞ୍ଚରାତ୍ର ର ଉଦଯାପନୀ ଦିନର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ମା ଖଣ୍ଡୁଆଳି ବୁଢ଼ୀ ସଂସ୍କୃତି ସମିତି ଓ ଶ୍ରୀ ଜଗନ୍ନାଥ ପଞ୍ଚରାତ୍ର ପ୍ରଚାର ସମିତିର ସାଧାରଣ ସମ୍ପାଦକ ପ୍ରଭାକର ମଲ୍ଲିକଙ୍କ ଅଧକ୍ଷତାରେ ଏକ ଆଧ୍ୟାତ୍ମିକ ସଭା କରାଯାଇଥିଲା । ସଭାରେ ଉଦଘାଟକ ଭାବେ ଡାକ୍ତର ଅଶୋକ ମହାପାତ୍ର, ସଂମ୍ମାନୀୟ ଅତିଥି ଭାବେ ରାଷ୍ଟ୍ରୀୟ ମାର୍ଗ ଦର୍ଶକ ଆଦିତ୍ୟ ବାହିନୀ, ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକଓ ପୁରୀ ଗୋବର୍ଦ୍ଧନ ପୀଠ ର ସର୍ବ ଭାରତୀୟ ପ୍ରତିନିଧି ମାତୃପ୍ରସାଦ ମିଶ୍ର ଯୋଗ ଦେଇ ତାଙ୍କର ଆଶ୍ରିବଚନ ଦେଇଥିଲେ । ଉପଦେଷ୍ଟା ରାଧାବଲ୍ଲଭ ସିଂ, ଉପ ସଭାପତି ବୈକୁଣ୍ଠ ମହାପାତ୍ର ଓ ଯୁଗ୍ମ ସମ୍ପାଦକ ନିରଞ୍ଜନ ଦାଶ ସଂଗଠନ ସମ୍ପାଦକ ଡ଼ ନାରାୟଣ ମହାପାତ୍ର ଆଜୀବନ ସଦସ୍ୟ ଇଁ ରବିନାରାୟଣ ମହାପାତ୍ର ଓ ଶ୍ରୀଜଗନ୍ନାଥ ସଂସ୍କୃତି ପରିଷଦ ର ବହୁ ସଂମ୍ମାନୀୟ ସଦସ୍ୟ ମଧ ଯୋଗ ଦେଇଥିଲେ । ସଭାରେ ପ୍ରବଚକ ପ୍ରଧ୍ୟାପକ ଡ଼ ପ୍ରଶାନ୍ତ କୁମାର ରଥ ସ୍କନ୍ଦ ପୁରାଣ ଅନୁଯାଇ ମହାପ୍ରଭୁ ଶ୍ରୀ ଜଗନ୍ନାଥ ଙ୍କ ବିଷୟରେ ତାଙ୍କର ଅନ୍ତିମ ଦିନର ବିଷୟ ବସ୍ତୁ ଉପରେ ଆଶ୍ରିବଚନ ଦେଇଥିଲେ ।

ବଣାଇ ସାଙ୍ଗଠନିକ ଜିଲ୍ଲା ସଭାପତି

ଅନିଲ କୁମାର ବାର୍ଲାଙ୍କ ବିୟୋଗରେ ରାଜ୍ୟ ବିଜେପିର ଶୋକ

ଭୁବନେଶ୍ୱର,(ସବ୍ୟୁ): ଭାରତୀୟ ଜନତା ପାର୍ଟି ବଣାଇ ସାଙ୍ଗଠନିକ ଜିଲ୍ଲା ସଭାପତି ଅନିଲ କୁମାର ବାର୍ଲାଙ୍କ ବୁଧବାର ଦେହାନ୍ତ ଘଟିଛି । ସ୍ୱର୍ଗତଃ ବାର୍ଲାଙ୍କ ଅକାଳ ବିୟୋଗରେ ରାଜ୍ୟ ସଭାପତି ମନମୋହନ ସାମଲ, ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ର, ସୁନ୍ଦରଗଡ ସାଂସଦ ତଥା ପୂର୍ବତନ ରାଜ୍ୟ ସଭାପତି ଜୁଏଲ ଓରାମ ଏବଂ ସାଧାରଣ ସମ୍ପାଦକ (ସଂଗଠନ) ମାନସ କୁମାର ମହାନ୍ତିଙ୍କ ସମେତ ପ୍ରମୁଖ ନେତୃବୃନ୍ଦ ଗଭୀର ଶୋକବ୍ୟକ୍ତ କରିଛନ୍ତି । ସ୍ୱର୍ଗତଃ ବାର୍ଲା ଜଣେ ସୁସଙ୍ଗଠକ ଥିଲେ ଏବଂ ବଣାଇ ସାଙ୍ଗଠନିକ ଜିଲ୍ଲାରେ ପାର୍ଟିର ସଂଗଠନ ଅଭିବୃଦ୍ଧିରେ ତାଙ୍କର ଯୋଗଦାନ ସର୍ବଦା ଚିରସ୍ମରଣୀୟ ହୋଇ ରହିବ । ସ୍ୱର୍ଗତଃ ବାର୍ଲାଙ୍କ ବିୟୋଗ ଆମ ପାର୍ଟି ପାଇଁ ଏକ ଅପୂରଣୀୟ କ୍ଷତି ବୋଲି ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି ।

ଭାରତୀୟ ଜନତାପାର୍ଟିରୁ ଇସ୍ତଫା ଦେଲେ ସରପଞ୍ଚ ସମିତି ସଭ୍ୟ ଓ ଦଳୀୟ କର୍ମକର୍ତ୍ତା

ବାଲିଚନ୍ଦ୍ରପୁର,(ସବ୍ୟୁ) : ଯାଜପୁର ଜିଲ୍ଲାରେ ୭ ଗୋଟି ବିଧାନସଭାକ୍ଷେତ୍ର ରହିଛି। ସେଥିମଧ୍ୟରୁ ଜିଲ୍ଲାର ପ୍ରବେଶପଥ କୁହାଯାଉଥିବା ସର୍ବବୃହତ ନିର୍ବାଚନ ମଣ୍ଡଳୀ ବଡ଼ଚଣା। ଗୋଟିଏ ବ୍ଲକ ଗୋଟିଏ ନିର୍ବାଚନ ମଣ୍ଡଳୀ। ୪୩ ଗୋଟି ପଞ୍ଚାୟତକୁ ନେଇ ଗଠିତ ଏହି ନିର୍ବାଚନ ମଣ୍ଡଳୀଟି ରାଜନୀତିରେ ବହୁଗୁରୁତ୍ୱ ରଖେ। ଚଳିତ ସାଧାରଣ ନିର୍ବାଚନ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଛି। ଏହି ପରିପ୍ରେକ୍ଷିରେ ବଡ଼ଚଣା ନିର୍ବାଚନ ମଣ୍ଡଳୀରୁ ଭାରତୀୟ ଜନତାପାର୍ଟିରୁ ଅମର ନାୟକଙ୍କୁ ଦଳ ପାର୍ଥୀ ଘୋଷଣା କରିସାରିଛି। ଅମରଙ୍କ ନେତୃତ୍ୱକୁ ବିରୋଧ କରି ଆଜି ମଙ୍ଗଳବାର ବାଲିଚନ୍ଦ୍ରପୁର ଠାରେ ଏକ ସାମ୍ବାଦିକ ସମ୍ମିଳନୀ କରି କିଛି ସରପଞ୍ଚ , ସମିତି ସଭ୍ୟ/ସଭ୍ୟା ଓ ଦଳୀୟ କାର୍ଯ୍ୟକର୍ତ୍ତା ଦଳରୁ ଇସ୍ତଫା ଦେଇଛନ୍ତି। ଏହି ଅବସରରେ ବାଲିଚନ୍ଦ୍ରପୁର ମଣ୍ଡଳ ସଭାପତି ଦେବେନ୍ଦ୍ର କୁମାର ଜେନାଙ୍କ ଅଧକ୍ଷତାରେ ଆହୁତ ସାମ୍ବାଦିକ ସମ୍ମିଳନୀରେ ବରିଷ୍ଠ ବିଜେପି ନେତା ତଥା ସରପଂଚ ଜ୍ଞାନରଞ୍ଜନ ସାହୁ, ଇଂ.ଯଶୋଦୀପ୍ତ ସାମଲ, ଉତ୍କଳ କେଶରୀ ସାମଲ ପ୍ରମୁଖ ସାମ୍ବାଦିକ ସମ୍ମିଳନୀରେ ଯୋଗଦେଇ ବଡ଼ଚଣା ବିଜେପି ପ୍ରାର୍ଥୀ ଅମର ନାୟକଙ୍କ ଉପରେ ଅସହିଷ୍ଣୁତା, ପରଶ୍ରୀକାତରତା, ଦଳ ବିରୋଧୀ କାର୍ଯ୍ୟକ୍ରମ ଏବଂ ଦଳୀୟ କର୍ମୀଙ୍କୁ ଅଣଦେଖା କରି ବ୍ୟକ୍ତିଗତ ସଂଗଠନ କରି ଦଳୀୟ କାର୍ଯ୍ୟକ୍ରମକୁ ଉପେକ୍ଷା ଆଦି ଅଭିଯୋଗ ଆଣିଛନ୍ତି। ଏସବୁ ଅଭିଯୋଗ ଆଧାରରେ ଦଳୀୟ କର୍ମକର୍ତ୍ତାମାନେ ଅଣନିସ୍ୱାଶୀ ହୋଇ ଦଳର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଲେ ବୋଲି ସାମ୍ବାଦିକ ସମ୍ମିଳନୀ ଜରିଆରେ ଘୋଷଣା କରିଛନ୍ତି। ଏକ ଇସ୍ତଫାପତ୍ର ଯାଜପୁର ଜିଲ୍ଲା ସଭାପତି ଓ ରାଜ୍ୟ ସଭାପତିଙ୍କୁ ପ୍ରଦାନ କରିଛନ୍ତି ବୋଲି ସୂଚନା ଦେଇଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ଗୋପାଳପୁର ଗ୍ରାମ ପଞ୍ଚାୟତ ସରପଞ୍ଚ ଗୋଦାବରୀଶାନ୍ତି, ସମିତି ସଭ୍ୟା ପୁଷ୍ପଲତା ସାମଲ, କୋଲଗିରି ସମିତି ସଭ୍ୟ ନିରଞ୍ଜନ ମହାନ୍ତି, ପଞ୍ଚାୟତ ପ୍ରମୁଖ ପର୍ଶୁରାମ ଦାସ, ସରପଞ୍ଚ ପ୍ରତିନିଧି ଚିନ୍ମୟ ଶାନ୍ତି ପ୍ରମୁଖ ଅନେକ କାର୍ଯ୍ୟକର୍ତ୍ତା ଏହି ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ଥିଲେ।

୧୦ ଲକ୍ଷ ଟଙ୍କା ଠକେଇ, ମହିଳାଙ୍କୁ ଆକ୍ରମଣ, ଯୁବକ ଗିରଫ

ଭୁବନେଶ୍ୱର, (ସବ୍ୟୁ) : ଜନୈକା ମହିଳାଙ୍କ ଠାରୁ ୧୦ ଲକ୍ଷ ଟଙ୍କା ଠକି ନେଇଥିବା ଜଣେ ଯୁବକଙ୍କୁ ସେ ଟଙ୍କା ମାଗିବାରୁ ତାଙ୍କୁ ଆକ୍ରମଣ କରିବାରୁ ସେ ଆହତ ହୋଇ ଥାନାର ଦ୍ୱାରସ୍ଥ ହୋଇଥିଲେ । ଅଭିଯୋଗର ତଦନ୍ତ କରି ପୋଲିସ ଅଭିଯୁକ୍ତ ଯୁବକ କେଦାରସନ୍ ମାର୍ଥା ଓରଫ ସମୀର ମାର୍ଥା (୩୦)କୁ ଗିରଫ କରିଛି ।

ଏୟାରଫିଲ୍ଡ ଥାନା ଅନ୍ତର୍ଗତ ଭୀମଟାଙ୍ଗୀ ଅଞ୍ଚଳରେ ରହୁଥିବା ଜଣେ ମହିଳାଙ୍କ ସହ ସେହି ଅଞ୍ଚଳରେ ରହୁଥିବା ଯୁବକ ସମୀର ମାର୍ଥାଙ୍କ ସମ୍ପର୍କ ଭଲ ଥିଲା । ଏପରିକି ଉଭୟଙ୍କ ମଧ୍ୟରେ ନିବିଡ଼ ସମ୍ପର୍କ ଥିବାରୁ ସମୀର ମହିଳାଙ୍କୁ ଟଙ୍କା ମାଗିଥିଲେ । ଟଙ୍କା ଏଭଳି ଆବଶ୍ୟକ ଥିଲା ଯେ, ସେ ମହିଳାଙ୍କୁ ଫାସରେ ପକାଇ ତାଙ୍କ ସମସ୍ତ ଗହଣା ବିକ୍ରି କରି ଟଙ୍କା ନେଇଥିଲେ । ୧୦ ଲକ୍ଷ ଟଙ୍କା ନେଇଥିବା ମହିଳା ତାଙ୍କ ଏତଲାରେ ଅଭିଯୋଗ କରିଛନ୍ତି । ଏକାଥରକେ ୧୦ ଲକ୍ଷ ନୁହେଁ ବିଭିନ୍ନ ପର୍ଯ୍ୟାୟରେ ୧୦ ଲକ୍ଷ ଟଙ୍କା ନେଇଥିବା ପୀଡ଼ିତା ମହିଳା କହିଛନ୍ତି । ଗତ ୩ ତାରିଖ ଦିନ ପୀଡ଼ିତା ମହିଳା ଅଭିଯୁକ୍ତ ସମୀର ଘରକୁ ଯାଇ ଟଙ୍କା ମାଗିବାରୁ ତାଙ୍କ ପରିବାର ଲୋକେ ଦୁର୍ବ୍ୟବହାର କରି ତଡ଼ିଦେଇଥିଲେ । ଏପରିକି ସମୀର ଓ ତା'ର ଜଣେ ସହଯୋଗୀ ମହିଳାଙ୍କୁ ଆକ୍ରମଣ କରିବାରୁ ମହିଳାଙ୍କ ବାମ କାନ୍ଧରେ ଗୁରୁତର ଅଘାତ ଲାଗିଥିଲା । ବାଧ ହୋଇ ପୀଡ଼ିତା ମହିଳା ଏୟାରଫିଲ୍ଡ ଥାନାକୁ ଯାଇ ଅଭିଯୋଗ କରିଥିଲେ ।

ଅଭିଯୋଗ ଆଧାରରେ ପୋଲିସ ତଦନ୍ତ କରି ଭୀମଟାଙ୍ଗୀ ଫେଜ୍-୧ରେ ସମୀରକୁ ଗିରଫ କରି ବୁଧବାର କୋର୍ଟଚାଲାଣ କରିବା ପରେ ଜାମିନ୍ ନାମଞ୍ଜୁର ହୋଇଯିବାରୁ ତାଙ୍କୁ ଜେଲ ହାଜତ ପଠାଇଦିଆଯାଇଛି । ସମୀରର ସହଯୋଗୀ ଗିରଫ ହୋଇନଥିବାରୁ ତଦନ୍ତ ଚାଲୁରହିଛି ।

ବିଜେଡ଼ିରେ ମିଶିଲେ ବିଶିଷ୍ଟ ଶିକ୍ଷାବିତ ମହେଶ ଚନ୍ଦ୍ର ଧଳ

ଭୁବନେଶ୍ୱର,(ସବ୍ୟୁ): ଅନୁଗୁଳ ଜିଲ୍ଲାର ବିଶିଷ୍ଟ ଶିକ୍ଷାବିତ ତଥା ଆଦର୍ଶ ଗ୍ରୁପର ପ୍ରତିଷ୍ଠାତା ମହେଶ ଚନ୍ଦ୍ର ଧଳ ବୁଧବାର ଶଙ୍ଖଭବନ ଠାରେ ରାଜ୍ୟସଭା ସାଂସଦ ଡକ୍ଟର ସସ୍ମିତ ପାତ୍ରଙ୍କ ଉପସ୍ଥିତିରେ ବିଜେଡିରେ ଯୋଗ ଦେଇଛନ୍ତି। ଦଳରେ ସାମିଲ୍ ହୋଇଥିବା ଶ୍ରୀ ଧଳଙ୍କୁ ଡକ୍ଟର ପାତ୍ର ଉପଢୌକନ ଦେଇ ଦଳକୁ ସ୍ୱାଗତ କରିଥିଲେ। ଶ୍ରୀ ଧଳଙ୍କ ଯୋଗଦାନ ଫଳରେ ବିଶେଷକରି ଅନୁଗୁଳ ଜିଲ୍ଲାରେ ଦଳୀୟ ସଂଗଠନ ଆହୁରି ମଜଭୂତ ହେବ ବୋଲି ଡକ୍ଟର ପାତ୍ର କହିଥିଲେ। ଅନୁଗୁଳ ଜିଲ୍ଲାରେ ପ୍ରଥମ କୋଭିଡ୍ ହସ୍ପିଟାଲ କରିଥିଲେ ମହେଶ ଚନ୍ଦ୍ର ଧଳ । କୋଭିଡ୍ ବେଳେ ୨ ବର୍ଷ ଧରି ମାଗଣା ଅକ୍ସିଜେନ ଯୋଗାଇଥିଲେ ।

ଏହି ଅବସରରେ ବିଜେଡ଼ିରେ ସାମିଲ୍ ହୋଇଥିବା ଶ୍ରୀ ଧଳ କହିଥିଲେ ଯେ, ଆଜି ମୋ ପାଇଁ ଏକ ମହାନ ଦିନ । ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଚିର ଋଣୀ । ମୁଖ୍ୟମନ୍ତ୍ରୀ ତଥା ବିଜେଡ଼ି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ କାର୍ଯ୍ୟ, ସ୍ୱଚ୍ଛ ଶାସନ, ନିର୍ମଳ ଭାବମୂର୍ତ୍ତି ଓ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ଆଜି ବିଧିବଦ୍ଧ ଭାବେ ବିଜେଡିରେ ଯୋଗ ଦେଲି । ନୂତନ ଓଡ଼ିଶା ଗଠନ ଦିଗରେ ମୁଖ୍ୟମନ୍ତ୍ରୀ ମୋତେ ଯାହା ଦାୟିତ୍ୱ ଦେବେ ତାକୁ ସୂଚାରୁ ରୂପେ ତୁଲାଇବି । ଦଳରେ ମୋତେ ଗ୍ରହଣ କରିଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଦଳର ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଏବଂ ସମସ୍ତ ନେତୃବୃନ୍ଦଙ୍କୁ କୃତଜ୍ଞତା ଜ୍ଞାପନ କରୁଛି । ଶେଷରେ ବିଜେଡ଼ି ମୁଖପାତ୍ର ଡଃ ପ୍ରିୟବ୍ରତ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ ।

ଭୁବନେଶ୍ୱର ପଳାଶୁଣୀ ସ୍ଥିତ ମା' ରତ୍ନାବତୀଙ୍କ ପବିତ୍ର ଝାମୁଯାତ୍ରା

ରାଜନଗରରେ ବିଜେପି କର୍ମୀଙ୍କ ବିକ୍ଷୋଭ, ଶୋଭାଯାତ୍ରା , କୁଶପୁତ୍ତଳିକା ଦାହ

ରାଜନଗର,(ସବ୍ୟୁ) : ରାଜନଗର ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ବିଜେପି ପକ୍ଷରୁ ଯୁବନେତା ଲଳିତ କୁମାର ବେହେରାଙ୍କ ନାଁ ଘୋଷଣା ହେବା ପରେ ରାଜନଗରରେ ତୀବ୍ର ପତିକ୍ରିୟା ପ୍ରକାଶ ପାଇଛି । ବୁଧବାର ବିଜେପି କର୍ମୀମାନେ ଆନ୍ଦୋଳନକୁ ଓହ୍ଲାଇଛନ୍ତି । କର୍ମୀଙ୍କ ମଧ୍ୟରେ ସୃଷ୍ଟି ହୋଇଥିବା ଅସନ୍ତୋଷ ବିସ୍ଫୋରକ ରୂପ ନେଇଛି । ଶତାଧିକ ବିଜେପି କର୍ମୀ ଶୋଭାଯାତ୍ରାରେ ସାମିଲ ହୋଇ ବିକ୍ଷୋଭ ପ୍ରଦର୍ଶନ କରିବା ସହ ବିଜେପି ପ୍ରାର୍ଥୀ ଲଳିତ ବେହେରାଙ୍କ କୁଶ ପୁତଳିକା ଦାହ କରିଛନ୍ତି । ରାଜ୍ୟ ସଭାପତି ମନମୋହନ ସାମଲ ରାଜନଗର ବିଜେପି କର୍ମକର୍ତ୍ତାଙ୍କୁ ଚିହ୍ନି ନଥିବା ଲଳିତଙ୍କୁ କିପରି ଟିକେଟ ଦେଇଛନ୍ତି ବୋଲି ଅଭିଯୋଗ କରିଛନ୍ତି । ସଂଗଠନ କରିଥିବା ଓ କର୍ମୀଙ୍କ ସୁଖ ଦୁଖରେ ଥିବା ଅଜୟ କୁମାର ବେହେରାଙ୍କୁ ଟିକେଟ ଦିଆଯାଉ, ନଚେତ ଲଳିତଙ୍କୁ ରାଜନଗରରେ ପୁରାଇ ଦିଆଯିବ ନାହିଁ, ଏହିଅସନ୍ତୋଷର ନିଆଁ ରାଜଧାନୀ ଯାଏଁ ବ୍ୟାପିବ ବୋଲି ଚେତାବନୀ ଦେଇଛନ୍ତି । ବିଜେପି କର୍ମୀ ବିଜେପି ପ୍ରାର୍ଥୀଙ୍କ କୁଶ ପୁତଳିକା ଦାହ କରିବା ଘଟଣା ରାଜନଗର ରାଜନୀତିକୁ ଉଷ୍ମ କରିଦେଇଛି ।

ମଙ୍ଗଳବାର ବିଜେପି ପକ୍ଷରୁ ରାଜନଗର ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ଯୁବନେତା ଲଳିତ କୁମାର ବେହେରାଙ୍କ ନାଁ ଘୋଷଣା ହୋଇଥିଲା । ଲଳିତଙ୍କ ନାଁ ଘୋଷଣା ହେବା ପରେ ରାଜନଗର ନିର୍ବାଚନମଣ୍ଡଳୀରେ ତୀବ୍ର ପତିକ୍ରିୟା ପ୍ରକାଶ ପାଇଥିଲା । ସାଧାରଣ ଭୋଟର ଓ କର୍ମୀ ଦୂରର କଥା ବିଜେପିର କାର୍ଯ୍ୟକର୍ତ୍ତା ଲଳିତଙ୍କୁ ଚିହ୍ନି ନଥିବା ବେଳେ କିପରି ଲଳିତଙ୍କୁ ଟିକେଟ ମିଳିଲା, ସେ ନେଇ ରାଜନୈତିକ ମହଲ ବିସ୍ମିତ ହୋଇଥିଲା । ବିଜେପି କର୍ମୀ ଓ ସାଧାରଣ ଭୋଟରଙ୍କ ମଧ୍ୟରେ ଲଳିତଙ୍କ ପ୍ରାର୍ଥିତ୍ୱ କୁ ନେଇ ତୀବ୍ର ପତିକ୍ରିୟା ପ୍ରକାଶ ପାଇଥିଲା । ବୁଧବାର ଅପରାହ୍ନରେ ଶତାଧିକ ବିଜେପି କର୍ମୀ ତ୍ରିନାଥବଜାର ଠାରୁ ଶୋଭାଯାତ୍ରାରେ ଆସି ରାଜନଗର ହଂସୁଆ ସେତୁ ନିକଟରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ରାଜ୍ୟ ସଭାପତି ମନମୋହନ ସାମଲ ହାଏ ହାଏ, ଲଳିତ ବେହେରା ମୁର୍ଦ୍ଦା ବାଦ ନାରା ଦେଇ ଲଳିତଙ୍କ କୁଶ ପୁତଳିକା ଦାହ କରିଥିଲେ ।

ଲଳିତ ବେହେରାଙ୍କର ରାଜ୍ୟ ସଭାପତି ମନମୋହନ ସାମଲଙ୍କ ସହିତ ତାଙ୍କର ବ୍ୟବସାୟିକ ସଂପର୍କ ରହିଛ । ରାଜନଗର ବିଜେପି ଟିକେଟ ବିକ୍ରି କରଯାଇଛି ବୋଲି କର୍ମୀମାନେ ସିଧା ସଳଖ ଅଭିଯୋଗ କରିଛନ୍ତ । ତୁରନ୍ତ ଲଳିତଙ୍କ ଟିକେଟ କାଟି ରାଜନଗରରେ ସଂଗଠନ କରିଥିବା କର୍ମୀଙ୍କ ସୁଖ ଦୁଖରେ ସାମିଲ ଥିବା ଅଜୟ କୁମାର ବେହେରାଙ୍କୁ ଟିକେଟ ଦିଆଯିବାକୁ ସେମାନେ ଦାବି କରିଛନ୍ତି ।

ବିଜେଡିର ବିଶାଳ ବାଇକ ରାଲି

ରଙ୍ଗେଇଲୁଣ୍ଡା(ସବ୍ୟୁ) : ବୁଧବାର ଗୋପାଳପୁର ନିର୍ବାଚନ ମଣ୍ଡଳୀ ରେ ବିଜେଡରି ଏକ ବିଶାଳ ବାଇକ ରାଲି ଅନୁଷ୍ଠିତ ହୋଇ ଯାଇଛି।ପ୍ରଥମେ ପଞ୍ଚମା ସିଦ୍ଧ ବିନାୟକ ପୀଠ ରୁ ବିଧାୟକ ପ୍ରାର୍ଥୀ ବିକ୍ରମ କୁମାର ପଣ୍ଡା ଏବଂ ସାଂସଦ ପ୍ରାର୍ଥୀ ଭୃଗୁ ବ୍ସି ପାତ୍ର ପ୍ରଭୁଙ୍କ ଆଶୀର୍ବାଦ ନେଇ କାର୍ଯ୍ୟକ୍ରମ ଶୁଭ ଆରମ୍ଭ କରିଥିଲେ। ସିଦ୍ଧ ବିନାୟକ ପୀଠ ରୁ ବାହାରି ପୁରା ୫୫ ନମ୍ବର ଜୋନ, ଗୋପାଳପୁର ଏନ, ଏ, ସି, ରେ ମୁଖ୍ୟମନ୍ତ୍ରୀଙ୍କ ଯୋଜନା ଗୁଡିକ ବିଷୟରେ ଜନସାଧାରଣ ଙ୍କୁ ଅବଗତ କରାଇବା ସହ ଷଷ୍ଠ ଥର ପାଇଁ ନବୀନ ପଟନାୟକଙ୍କୁ ଜିତାଇବା ପାଇଁ କହିଥିଲେ।ପ୍ରବଳ ଖରା କୁ ଖାତିର ନ କରି ସହ ସହ ସଂଖ୍ୟା ରେ ଯୁବ, ଛାତ୍ର ସାମିଲ ହୋଇ ଥିଲେ। ଉକ୍ତ ବିଶାଳ ରାଲି ରେ ବ୍ଲକ ସଭାପତି ଅଜିତ ଦାସ,୫୪ ନମ୍ବର ଜିଲ୍ଲା ପରିଷଦ ଦୀପକ ସାମନ୍ତ, ଜିଲ୍ଲା ସାଧାରଣ ସମ୍ପାଦକ ରାମହରି ପାତ୍ର, ଯୁବ ନେତା ସନ୍ତୋଷ ପାତ୍ର, ଯୁବ ନେତା ସୁବାଶିଷ ସାହୁ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ରାଜେଶ୍ୱରୀ ଦୋରା, ବ୍ଲକ ଚିନି. ଉଷାରାଣି, ଉପାଧ୍ୟକ୍ଷା ଅନିତା ମହାଙ୍କୁଡ, ଜିଲ୍ଲା କାର୍ଯ୍ୟକାରୀ ସଭାପତି,ଢ. ଦିଲେଶ୍ୱର ରେଡ଼ି, ବରିଷ୍ଠ ନେତା ପ୍ରତାପ ଚନ୍ଦ୍ର କୋଠିଆ, ଶିବ ପାତ୍ର,ଅଜିତ ରାଉଳ, ପ୍ରକାଶ ସାମନ୍ତ, ମିଲେନ୍ଦ୍ର ପ୍ରଧାନ, ମୁନା ନାୟକ ଙ୍କ ସମେତ ବହୁ ନେତା ଏବଂ କର୍ମୀ ଉପସ୍ଥିତ ଥିଲେ।

ଗୁଳୁଗୁଳି ଯନ୍ତ୍ରଣାକୁ ବଢାଉଛି ପିଚୁ ପେପର

ଭୁବନେଶ୍ୱର,(ତଥ୍ୟ): ରାଜଧାନୀ ୪୧ଡିଗ୍ରୀରୁ ଅଧିକ ତାପମାତ୍ରାରେ ଫୁଟୁଥିବାବେଳେ ପୁରୁଣା ସରକାରୀ ଘରେ ରହୁଥିବା ଲୋକେ ଗରମରେ ସିଝି ଯାଉଛନ୍ତି । ବିଶେଷକରି ଯେଉଁସବୁ ଘରର ଛାତ ଉପରେ ପିଚୁ ପେପର ବିଛାଯାଇଛି ସେଠାରେ ଲୋକେ ଗରମରେ ଛଟପଟ ହେଉଛନ୍ତି । ପୁରୁଣାକାଳିଆ ଘର ବିଶେଷକରି ସରକାରୀ କ୍ୱାଟର୍ସଗୁଡିକରେ କର୍ତ୍ତୃପକ୍ଷ ପିଚୁ ପେପର ବିଛାଉଛନ୍ତି । ଛାତଗୁଡିକ ଦୁର୍ବଳ ଥିବା ଦର୍ଶାଇ ଏହାକୁ ଭଲ ଭାବେ ମରାମତି କରିବା ବଦଳରେ ପ୍ରତିବର୍ଷ ପିଚୁ ପେପର ବିଛାଯାଉଛି । ଏହି ଛାତ ଉପରେ ପ୍ରଥମେ ଗରମ ପିଚୁର ଗୋଟିଏ ଆସ୍ତରଣ ଦିଆଯିବାପରେ ତାହା ଉପରେ ପିଚୁ ପେପର ବିଛାଯାଉଛି ଓ ଏହା ଉପରେ ପୁଣିଥରେ ଗରମ ପିଚୁ ଲଗାଇ ଦିଆଯାଉଛି । ଏହି ପିଚୁ ପେପରଗୁଡିକ ସାମାନ ଖରାରେ ଗରମ ହେବା ସହିତ ଅର୍ଦ୍ଧ ତରଳ ଅବସ୍ଥାରେ ରହୁଛି । ଏବେ ସହରର ତାପାମାତ୍ରା ୪୧ ଡିଗ୍ରୀ ଉପରେ ରହୁଥିବାବେଳେ ପିଚୁଗୁଡିକ ଛାତଉପର ତରଳି ଯାଉଛି । ପ୍ରଚଣ୍ଡ ଗରମ ଓ ଗୁଳୁଗୁଳି ଯୋଗୁଁ ଏଗୁଡିକୁ ଦିନରାତି ଏହିଭଳି ଅର୍ଦ୍ଧତରଳ ଅବସ୍ଥାରେ ରହିଛି । ତେଣୁ ଏହିସବୁ ଘରେ ରହୁଥିବା ଲୋକେ ଗରମରେ ଛଟପଟ ହେଉଛନ୍ତି । ପିଚୁ ପେପର ଯୋଗୁଁ ଏତେ ଗରମ ହେଉଛି ଯେ ଅଧିକାଂଶ ସ୍ଥାନରେ ଶୀତତାପ ନିୟନ୍ତ୍ରିତ ଯନ୍ତ୍ର ବି ଠିକଣା ଭାବେ କାମ କରୁନାହିଁ ।

ପୁରୁଣା ଘରର ଛାତ ସହିତ ନୂଆକରି ଲଗାଯାଉଥିବା ଆଜବେଷ୍ଟସ ଉପରେ ମଧ ଠିକାଦାରମାନେ ପିଚୁ ପେପର ବିଛାଇ ଦେଉଛନ୍ତି । ଗୋଟିଏ ପଟେ ଟିଣ/ଆଲୁମିନିୟମ ଆଜବେଷ୍ଟସ ସାଙ୍ଗକୁ ପିଚୁ ପେପର ଏବେ ଗରମ ଓ ଗୁଳୁଗୁଳିକୁ ବହୁଗୁଣିତ କରିଦେଉଛି । ପିଚୁ ପେପର ବିଛାଇବାର କାରଣ ଦର୍ଶାଯାଉଛି ଯେ ଏହାଦ୍ୱାରା ଆଉ ବର୍ଷାପାଣି ଭିତରକୁ ଯିବ ନାହିଁ । ତେବେ ଛାତଗୁଡିକୁ ସିମେ, ବାଲି, ବଜ୍ରୁରୀ ଆଦି ଦେଇ ଭଲଭାବେ ମରାମତି କରିବା ବଦଳରେ କାହିଁକି ବାରମ୍ବାର ପିଚୁ ପେପର ବିଛାଯାଉଛି ତାହାର ଉତ୍ତର କାହାରି ପାଖରେ ନାହିଁ । ଏହାଦ୍ୱାରା ପୂର୍ତ୍ତ ବିଭାଗ ପ୍ରତିବର୍ଷ ବାପକ ଅର୍ଥ ଖର୍ଚ୍ଚ କରୁଥିବାବେଳେ ସେହିସବୁ ଘରେ ରହୁଥିବା ଲୋକେ କିନ୍ତୁ କଲବଲ ହେଉଛନ୍ତି । ଅବସ୍ଥା ଏଭଳି ହୋଇଛି ଯେ ଖରାବେଳେ କୌଣସି ଜରୁରୀ କାର୍ଯ୍ୟରେ ଛାତ ଉପରକୁ ଚାହିଁଲେ ମଧ ଲୋକେ ଯାଇପାରୁ ନାହାନ୍ତି । ପିଚୁ ପେପରଗୁଡିକ ଖରାରେ ତରଳିବା ଯୋଗୁଁ ତାହା ଉପରେ ଚାଲିବା କଷ୍ଟକର । ଚପଲ ପିନ୍ଧି ମଧ ଯାଇ ହେଉନାହିଁ ।

ହାୟର ଇଣ୍ଡିଆ ସ୍ଥାପନ କଲା ନୂଆ ବେଞ୍ଚମାର୍କ

ନୂଆଦିଲ୍ଲୀ: କ୍ରମାଗତ ୧୫ ବର୍ଷ ଧରି ନମ୍ବର ୧ ସର୍ବଭାରତୀୟ ବ୍ରାଣ୍ଡ ହାୟର ଆପ୍ଲାଏନସ ଇଣ୍ଡିଆ ଏହାର ସର୍ବଶେଷ ବ୍ରାଣ୍ଡ ହାୟର ଅପ୍ଲାଏନସ ସ୍ମାର୍ଟ କ୍ୟୁଏଲଇଡି ସିରିଜ ଏସ୮୦୦କ୍ୟୁଟି ଉପସ୍ଥାପନ ଘୋଷଣା କରିଛି। ଘରର ମନୋରଞ୍ଜନ ଅଭିଜ୍ଞତାକୁ ବଢାଇବା ଲାଗି ଡିଜାଇନ ହୋଇଥିବା ସିରିଜ ୪କେ କ୍ୟୁଏଲଇଡି ପ୍ରଦର୍ଶନ ଓ ୪ଟି ସାଇଜରେ ଏହା ଉପଲବ୍ଧ ହୋଇପାରିବ । ଏହାର ମୂଲ୍ୟ ଟ.୩୮,୯୯୦ରୁ ଆରମ୍ଭ ହୋଇଥାଏ ।

ବ୍ରହ୍ମପୁର ବିଜେପି ବିଧାୟକ ପ୍ରାର୍ଥୀଙ୍କ ବାଇକ ଶୋଭାଯାତ୍ରା

ବ୍ରହ୍ମପୁର, (ସବ୍ୟୁ): ପବିତ୍ର ଶ୍ରୀରାମ ନବମୀ ଅବସରରେ ଭାରତୀୟ ଜନତା ପାର୍ଟି ବ୍ରହ୍ମପୁର ବିଧାନସଭା ନିର୍ବାଚନ ମଣ୍ଡଳୀ ପକ୍ଷରୁ ବିଧାନସଭା ପ୍ରାର୍ଥୀ କେ.ଅନିଲ କୁମାରଙ୍କ ନେତୃତ୍ୱରେ ଏକ ବିଶାଳ ବାଇକ୍ ଶୋଭାଯାତ୍ରା ବ୍ରହ୍ମପୁର ସହର ପରିକ୍ରମା କରିଥିଲେ । ଏହି ଶୋଭାଯାତ୍ରାରେ ହଜାରରୁ ଉର୍ଦ୍ଧ ମୋଟରସାଇକେଲରେ ଦଳୀୟ କାର୍ଯ୍ୟକର୍ତ୍ତା ମାନଙ୍କ ଜୟ ଶ୍ରୀ ରାମ ଧ୍ୱନି ସମଗ୍ର ସହରକୁ ପ୍ରକମ୍ପିତ କରିବା ସହ ଗୈରୀକମୟ କରିଥିଲା ।ଏହି ପବିତ୍ର ଦିବସରେ ବିଧାୟକ ପ୍ରାର୍ଥୀ କେ.ଅନିଲ କୁମାର ଔପଚାରିକ ଭାବେ ପ୍ରଚାର ଅଭିଯାନ ଆରମ୍ଭ କରିଛନ୍ତି । ବିଜେପିର ଏହି ଶୋଭାଯାତ୍ରାରେ ବିଧାୟକ ପ୍ରାର୍ଥୀ କେ.ଅନିଲ କୁମାରଙ୍କ ପ୍ରତି ସହରର ସାଧାରଣ ଜନତାଙ୍କ ଆକୁଣ୍ଠ ସମର୍ଥନ ଦେଖିବାକୁ ମିଳିଥିଲା । ଦଳୀୟ କାର୍ଯ୍ୟକର୍ତ୍ତା ମାନେ ପୂର୍ବାହ୍ନରେ ସ୍ଥାନୀୟ ଗାନ୍ଧୀନଗର ସ୍ଥିତ ବ୍ରହ୍ମପୁର

ବିଧାନସଭା ନିର୍ବାଚନ ମଣ୍ଡଳୀ କାର୍ଯ୍ୟାଳୟ ଠାରୁ ବାହାରି ଗୌତମ ସିନେମା ହଲ୍ ରୋଡ଼ ସ୍ଥିତ ହନୁମାନ ମନ୍ଦିରରେ ପୂଜାର୍ଚ୍ଚନା କରି ଦର୍ଶନ କରିବା ସହ ଏହି ଶୋଭାଯାତ୍ରା ଏସଏନଟି ରୋଡ଼,ଗିରି ମାର୍କେଟ୍,ହନୁମାନ ବଜାର,ସାନ ବଜାର,ବଡ଼ ବଜାର,ହରିଡ଼ାଖଣ୍ଡି ଛକ,ଫାଷ୍ଟ ଗେଟ୍,ଆସ୍କା ରୋଡ଼,ତାଲୁକା ଛକ,ଗେଟ୍ ବଜାର,ନୂଆ ବସଷ୍ଟାଣ୍ଡ ରୋଡ଼,ଗୋଇଲୁଣ୍ଡି ଛକ,ଗିରିଜା ଛକ ଦେଇ ରାମଲିଙ୍ଗମ ଟ୍ୟାଙ୍କ ରୋଡ଼ ସ୍ଥିତ ହନୁମାନ ମନ୍ଦିର ଠାରେ ଶେଷ ହେଇଥିଲା । ଏହି ଶୋଭାଯାତ୍ରାରେ ବିଧାୟକ ପ୍ରାର୍ଥୀ କେ.ଅନିଲ କୁମାରଙ୍କ ସହିତ ବ୍ରହ୍ମପୁର ବିଧାନସଭା ସଂଯୋଜକ ପ୍ରଭାତ କିରଣ ଷଡ଼ଙ୍ଗୀ,ବିଧାନସଭା ପ୍ରଭାରୀ ରାମ ପ୍ରସାଦ ସାମଲ,ବ୍ରହ୍ମପୁର ଜୋନ୍ ମିଡ଼ିଆ ସଂଯୋଜକ ସୁନିଲ କୁମାର ସାହୁ,ରାଜ୍ୟ ଯୁବମୋର୍ଚ୍ଚା ସମ୍ପାଦକ ତୁତୁନ୍ ପାତ୍ର,ଜିଲ୍ଲା ଓବିସି ମୋର୍ଚ୍ଚା ସଭାପତି ମଦନ ମୋହନ ପାତ୍ର,ମଣ୍ଡଳ ସଭାପତି ଭାବଗ୍ରାହୀ ପାଳ,ଗୋପିନାଥ ପଣ୍ଡା,ସରୋଜ ପାତ୍ର,ପ୍ରଫୁଲ୍ଲ ପାଣିଗ୍ରାହୀ, କେ.ଟୁଙ୍ଗୁରୁ ପାତ୍ର,କୃଷ୍ଣ ଚନ୍ଦ୍ର ଚୌଧୁରୀ ,ଧର୍ମରାଜ ପାଣିଗ୍ରାହୀ,କର୍ପୋରେଟର ସବିତା ସାହୁ,ପୂର୍ବତନ କର୍ପୋରେଟର ଅଶୋକ ଶୁକ୍ଳା,ଜିଲ୍ଲା ସମ୍ପାଦିକା ଏସ୍.ରାଣୀ,ନିବେଦିତା ପାଢ଼ୀ,ଜିଲ୍ଲା ମହିଳା ଉପସଭାନେତ୍ରୀ ମୋନିତା ଦାସ,ଜିଲ୍ଲା ମହିଳା ମୋର୍ଚ୍ଚା ସାଧାରଣ ସମ୍ପାଦିକା ବର୍ଷା ବିଦ୍ୟୁସ୍ମିତା,ଲକ୍ଷ୍ମୀ ବେହେରା,ଗୀତା ଦାସ,ସନ୍ତୋଷୀନୀ ସାହୁ,ଲକ୍ଷ୍ମୀ ମହାରଣା,ଦେବୁନ୍ ପଟ୍ଟନାୟକ ପ୍ରମୁଖଙ୍କ ସମେତ ହଜାର ହଜାର ସଂଖ୍ୟାରେ ଦଳୀୟ କାର୍ଯ୍ୟକର୍ତ୍ତା ସାମିଲ୍ ହେଇଥିଲେ।

୫ ବାଘଛାଲ, ବଜ୍ରକାପ୍ତା କାତି ଜବତ: ୭ ଅଟକ

ପାରଳାଖେମୁଣ୍ଡି, (ସବ୍ୟୁ): ଗଜପତି ଜିଲ୍ଲାରେ ବନ ବିଭାଗ ପକ୍ଷରୁ ଚଢ଼ କରାଯାଇ ୫ ବାଘଛାଲ, ଏକ ଓଧ, ବଣ ବିଲେଇ ଛାଲ ଓ ବଜ୍ରକାପ୍ତାର କାତି ଜବତ କରାଯାଇଛି। ଏହି ଘଟଣାରେ ବନ ବିଭାଗ ୭ ଜଣ ଅଭିଯୁକ୍ତଙ୍କୁ ଅଟକ ରଖି ପଚରାଉଚରା କରୁଛି।ବନ ବିଭାଗ ପକ୍ଷରୁ କୁହାଯାଇଛି ଅଭିଯୁକ୍ତମାନେ ବନ୍ୟଜନ୍ତୁମାନଙ୍କୁ ଶିକାର କରି ଅଥବା ଶିକାରୀମାନଙ୍କ ଠାରୁ ବାହାର ରାଜ୍ୟକୁ ଚାଲାଣ କରିବା ପାଇଁ ଉଦ୍ୟମ କରିଥିଲେ। ତେବେ ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇଁ ଘଟଣାସ୍ଥଳରେ ଅତର୍କିତ ଚଢ଼ କରାଯାଇଥିଲା। ଚଢ଼ଉ ସମୟରେ ଅଭିଯୁକ୍ତମାନଙ୍କ ଠାରୁ ୫ଟି ବାଘଛାଲ, ଏକ ଓଧ, ବଣ ବିଲେଇ ଛାଲ ଓ ବଜ୍ରକାପ୍ତାର କାତି ଜବତ କରାଯାଇଛି। ବନ ବିଭାଗ ଅଭିଯୁକ୍ତମାନଙ୍କୁ ଅଟକ ରଖି ପଚରାଉଚରା କରାଯାଉଛି।

ଇମାମୀ ପେପର ମିଲ୍‌ର ସ୍ୱାସ୍ଥ୍ୟ ଶିବିର

ବାଲେଶ୍ୱର, (ସବ୍ୟୁ): ପବିତ୍ର ଶ୍ରୀରାମ ନବମୀ ଏବଂ ପ୍ରବାଦପୁରୁଷ ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧ ଦିବସ ଅବସରରେ ବୁଧବାର ଦିନ ରେମୁଣା ବ୍ଲକ ଖରିଦମୁଖୁରା ଗ୍ରା.ପ. ଅନ୍ତର୍ଗତ ବଢ଼ୁଆ ଠାରେ ଇମାମୀ ପେପର ମିଲ୍ସ ପକ୍ଷରୁ ଏକ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ବଢ଼ୁଆ, ବାସୁଖୁଣ୍ଟା, ଆର୍ମଳା, କୋଚିଲାପଦା, ନରହରିପୁର, ବିମ୍ପୁରିଆ, ଦିଖାପଦା, ପ୍ରଭୃତି ଗ୍ରାମରୁ ଆସିଥିବା ଶତାଧିକ ଗ୍ରାମବାସୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ବିନାମୂଲ୍ୟରେ ଔଷଧ ବିତରଣ କରାଯାଇଥିଲା । ଇମାମୀର ଅଭିଜ୍ଞ ଆୟୁର୍ବେଦ ଚିକିତ୍ସକ ଡାକ୍ତର ପ୍ରଦୀପ କୁମାର ଜେନା, ହୋମିଓପ୍ୟାଥିକ ଚିକିତ୍ସକ ଡାକ୍ତର ଗଜେନ୍ଦ୍ର ମହାରଣା ରୋଗୀମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା ସହ ଚିକିତ୍ସା ବ୍ୟବସ୍ଥା କରିଥିଲେ । ସାମାଜିକ କର୍ମୀ ଗୋପୀନାଥ ମହାପାତ୍ର, କମଳଲୋଚନ ପାତ୍ର, ନରେନ୍ଦ୍ର ମଲ୍ଲିକ, ବିଜୟିନୀ ମହାପାତ୍ର, ରମେଶ ଚନ୍ଦ୍ର ମହାଳିକ ପ୍ରମୁଖ ଶିବିରର ଆୟୋଜନ ଓ ପରିଚାଳନାରେ ସହଯୋଗ କରିଥିଲେ । ଇମାମୀ ପେପର ମିଲ୍ସର ମାନବ ସମ୍ବଳ ବିଭାଗର ମହାପ୍ରବନ୍ଧକ ଡ. ୟୁସୁଫ ଅଲ୍ଲୀ ସୋଲାଙ୍କି, ଉପମହାପ୍ରବନ୍ଧକ ମନୋଜ କୁମାର ପାଢ଼ୀଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଏହି ଶିବିର ଆୟୋଜନ ହୋଇଥିଲା । ଇମାମୀ ପେପର ମିଲ୍ସ ଶିଳ୍ପ ସଂସ୍ଥାର ଏତାଦୃଶ ମହତ କାର୍ଯ୍ୟପାଇଁ ଗ୍ରାମବାସୀମାନେ ପ୍ରଶଂସା କରିଛନ୍ତି ।

ଶିଶୁ ମନ୍ଦିରରେ ଶ୍ରୀରାମ ନବମୀ ଉତ୍ସବ

ବୁଗୁଡ଼ା, (ସବ୍ୟୁ): ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପକ୍ଷରୁ ସ୍ୱପରିସରରେ ଶ୍ରୀ ରାମ ନବମୀ ଉତ୍ସବ ପାଳିତ ହୋଇଯାଇଛି । ପରିଚାଳନା ସମିତି ସମ୍ପାଦକ ରମେଶ ଚନ୍ଦ୍ର ଆଲଟିଆଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉକ୍ତ ଉତ୍ସବରେ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଗୌରୀପତି ଦାଶ ଯୋଗ ଦେଇ ଛାତ୍ରଛାତ୍ରୀଙ୍କୁ ମାର୍ଗ ଦର୍ଶନ କରିବା ସହ ଶ୍ରୀରାମଙ୍କ ଜନ୍ମ ବୃତ୍ତାନ୍ତ ଉପରେ ଆଲୋକପାତ କରିଥିଲେ । ସହ-ପ୍ରଧାନାଚାର୍ଯ୍ୟ ରବିନ୍ଦ୍ର କୁମାର ଦାଶଙ୍କ ତତ୍ତ୍ୱାବଧାନ ଏବଂ ଗୁରୁଜୀ ସଞ୍ଜୟ ଷଡଙ୍ଗୀଙ୍କ ସଂଯୋଜନାରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମ ଅବସରରେ ଛାତ୍ର ଅମ୍ଭି କୁମାର ଗୌଡ ବ୍ୟକ୍ତିଗତ ସଙ୍ଗୀତ ଗାନ ଏବଂ ଗୁରୁମା ସୁମତି ମିଶ୍ର ବୌଦ୍ଧିକ ବାଣୀ ଉପସ୍ଥାପନ କରିଥିଲା ବେଳେ ସାମୁହିକ ଶ୍ରୀରାମ ଭଜନ ଗାନ ସାଙ୍ଗକୁ ଜୟ ଶ୍ରୀରାମ ଧ୍ୱନୀରେ ଉତ୍ସବ ସ୍ଥଳ ପ୍ରକମ୍ପିତ ହୋଇଥିଲା । ଏଥି ସହ ଶିଶୁ ବାଟିକା ପକ୍ଷରୁ ବିଭିନ୍ନ ପ୍ରକାର ପଣାର ପ୍ରଦର୍ଶନୀ କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମର ପ୍ରାରମ୍ଭରେ ପ୍ରଧାନାଚାର୍ଯ୍ୟ ଉତ୍ତମ କୁମାର ମହାରଣା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପରିଶେଷରେ ଗୁରୁମା ହରପ୍ରିୟା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

ବିଜୁବାବୁଙ୍କ ଶ୍ରାଦ୍ଧ ଦିବସରେ ସାଧାରଣ ସଭା

ବ୍ରହ୍ମପୁର, (ସବ୍ୟୁ): ପ୍ରବାଦ ପୁରୁଷ ପୂର୍ବତନ ମୁଖ୍ୟମନ୍ତ୍ରୀ ଓଡିଶା ସ୍ୱର୍ଗତ ବିଜୁ ବାବୁଙ୍କ ୨୭ ତମ ପୁଣ୍ୟ ଶ୍ରାଦ୍ଧ ଦିବସ ପାଳନ ଅବସରରେ ବୁଧବାର ସନ୍ଧ୍ୟାରେ,ବିରାଟ ସାଧାରଣ ସଭା ସ୍ଥାନୀୟ ରୁକ୍ମିଣୀ ସିନେମା ହାଲ ରାସ୍ତା ଠାରେ ଅନୁଷ୍ଠିତ ହୋଇ ଯାଇଛି। ପ୍ରବାଦ ପୁରୁଷ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ୨୭ ତମ ଶ୍ରାଦ୍ଧ ଦିବସ ଅବସରରେ ବ୍ରହ୍ମପୁର ନିର୍ବାଚନୀ ମଣ୍ଡଳୀର ବିଜୁ ପଟ୍ଟନାୟକ ପାର୍କରେ ଥିବା ବନ୍ଧରେ ତିଳ ତର୍ପଣ, ଏବଂ ବିଜୁବାବୁଙ୍କର ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ କରାଯାଇଛି । ଆସିକା ରୋଡ ସ୍ଥିତ ତାଲୁକାରେ ଥିବା ପ୍ରତିମୂର୍ତ୍ତି ମାନଙ୍କରେ ପୁଷ୍ପ ମାଲ୍ୟାର୍ପଣ, ଦେଶି ବେହେରା ସାହିରେ ଥିବା ବିଜୁ ବାବୁଙ୍କ ପ୍ରତିମୂର୍ତ୍ତୀରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା ।ଶ୍ରୀରାମ ନବମୀ ଅବସରରେ ମାର୍ଥା ସାହିରେ ଥିବା ରଘୁନାଥ ମନ୍ଦିରରେ ଦ୍ୱିପ ପ୍ରଜନନ କରାଯାଇଥିଲା। କାର୍ଯ୍ୟକ୍ରମରେ ବ୍ରହ୍ମପୁର ସାଂସଦ ପ୍ରାର୍ଥୀ ବୃଗୁ ବକ୍ସି ପାତ୍ର, ଗଞ୍ଜାମ ଜିଲ୍ଲା ବିଜେଡ଼ି ସଭାପତି ତଥା ବ୍ରହ୍ମପୁର ବିଧାୟକ ପ୍ରାର୍ଥୀ ଡଃ ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ, ମେୟର ଶ୍ରୀମତୀ ସଂଘମିତ୍ରା ଦଳେଇ ପ୍ରମୁଖ ଯୋଗଦେଇଥିଲେ।

ପୀରହାଟରେ ପାରମ୍ପରିକ ବାସନ୍ତୀ ଦୁର୍ଗାପୂଜା

ତିହିଡି, (ସବ୍ୟୁ): ତିହିଡି ବ୍ଲକ ପୀରହାଟ ବଜାରରେ ପାରମ୍ପରିକ ବାସନ୍ତୀ ଦୁର୍ଗା ପୂଜାରମ୍ଭ ହୋଇଯାଇଛି। ମନ୍ଦିର ମଧ୍ୟରେ ମା'ଙ୍କ ମୃଣ୍ମୟୀ ମୂର୍ତ୍ତୀ ସ୍ଥାପନ ସହ ପାର୍ଶ୍ୱରେ ସାମାଜିକ ପରିବର୍ତ୍ତନର ବାର୍ତ୍ତା ବହନ କରିଛି ବିଭିନ୍ନ ମୂର୍ତ୍ତୀ। ଆଜି ଅଷ୍ଟମୀରେ ମାନସିକ ଉପାସକ ଓ ଶ୍ରଦ୍ଧାଳୁମାନେ ଭିଡ ଜମିଥିଲା। ମା' ମହିମା ଅପାର। ଯିଏ ଯାହା ମାଗିଛି ମା'ତାଙ୍କୁ ପ୍ରଦାନ କରିଛନ୍ତି। ସ୍ୱାଧୀନତାର ପରବର୍ଷ ୧୯୪୮ ମସିହାରେ ତତ୍କାଳୀନ ଜମିଦାର ଏହି ସ୍ଥାନରେ ମା'ଙ୍କ ପାଇଁ ଭୂମି ଦାନ କରିଥିଲେ। ଗନ୍ଧର୍ବପୋଖରୀ ନିବାସୀ ସ୍ୱର୍ଗତ ରାଧାକୃଷ୍ଣ ଦାସଙ୍କ ନେତୃତ୍ୱରେ ସ୍ୱର୍ଗତ ମନମୋହନ ମହାନ୍ତି, ପରମାନନ୍ଦ ପାଣିଗ୍ରାହୀ, ଯଦୁନାଥ ପାଣି, ମାଗୁଣୀ ବାରିକ୍, ବାଞ୍ଛାନିଧି ବାରିକ୍ ପ୍ରମୁଖଙ୍କୁ ନେଇ ଏକ କମିଟି ଗଠନ କରାଯାଇ ଧୂଳିଆ ଘରେ ମା'ଙ୍କ ମୃଣ୍ମୟୀ ମୂର୍ତ୍ତୀ ସ୍ଥାପନ କରି ପୂଜାରମ୍ଭ ହୋଇଥିଲା। ୧୯୭୧ ମସିହାରେ ଧୂଳିଆ ଘର କରାଯାଇଥିଲା। ଶେଷରେ ୨୦୦୨ ମସିହାରେ ଏଠାରେ ଏକ ସ୍ଥାୟୀ ଭବ୍ୟ ମନ୍ଦିର ନିର୍ମାଣ ହୋଇଛି। ଏକାଦଶୀ ତିଥିରେ ମା'ଙ୍କ ମୃଣ୍ମୟୀ ମୂର୍ତ୍ତୀର ଭସାଣୀ କାର୍ଯ୍ୟକ୍ରମ ଥିବା ପୂଜାକମିଟି ପକ୍ଷରୁ ସୂଚନା ମିଳିଛି। କର୍ମକର୍ତ୍ତା ଭାବେ ପ୍ରଦୀପ ପାଣିଗ୍ରାହୀ, ମୁଖ୍ୟ ପୂଜକ ଗୋବର୍ଦ୍ଧନ ମିଶ୍ରଙ୍କ ସମେତ ଗଣେଶ ଚନ୍ଦ୍ର ମିଶ୍ର, ନନ୍ଦକିଶୋର ମିଶ୍ର, ଅଚ୍ୟୁତାନନ୍ଦ ମିଶ୍ର ବିଜୟ ମିଶ୍ର ଓ ମୃତ୍ୟୁଞ୍ଜୟ ମିଶ୍ର ପ୍ରମୁଖ ବେଦ ପଣ୍ଡିତ କାର୍ଯ୍ୟ ସମ୍ପାଦନ କରୁଛନ୍ତି। କମିଟିର ସଭାପତି ଗଣେଶ ବଳ, ସମ୍ପାଦକ ନିରଞ୍ଜନ ମହାନ୍ତି, ଉମାକାନ୍ତ ମିଶ୍ର, ବୈଲୋଚନ ନାୟକ, ସୁବାଶ ଚନ୍ଦ୍ର ନାୟକ, ହିମାଦ୍ରୀ ମିଶ୍ର, ଲକ୍ଷ୍ମୀଧର ମହାନ୍ତି, କୈଳାସ ଚନ୍ଦ୍ର ବଳ, ପୁରୁଷୋତ୍ତମ ବେହୁରିଆ, ବସନ୍ତ ବେହେରା, ଆଲୋକ ମହାନ୍ତି, ଭୀମସେନ ବଳ, ବାପି ବାରିକ, ଚନ୍ଦ୍ରମଣି ବେହେରା, ଉଗ୍ରସେନ୍ ନାୟକ, ବାଦଲ ପଶୁପାଳକ ଓ କାଳନ୍ଦୀ ବାରିକ ପ୍ରମୁଖ ପରିଚାଳନା କରୁଛନ୍ତି।

ଜୟ ଶ୍ରୀରାମ ଧ୍ୱନୀରେ କମ୍ପିଲା ଖଇରା ମାଟି

ଖଇରା, (ସବ୍ୟୁ): ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକର ବିଭିନ୍ନ ସ୍ଥାନରେ ପବିତ୍ର ରାମନବମୀ ଭକ୍ତିଭାବଭରା ପରିବେଶରେ ପାଳିତ ହୋଇ ଯାଇଛି । ସୁନ୍ଦିରା ଗ୍ରାମସ୍ଥିତ ହନୁମାନ ମନ୍ଦିରରେ ୧୭ତମ ଶ୍ରୀରାମ ନବମୀ ନିରଞ୍ଜନ ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱବଧାନରେ ପାଳିତ ହୋଇ ଯାଇଛି । ପ୍ରଥମେ ବ୍ରତୀ ମାନଙ୍କ ଦ୍ୱାରା କଳସ ଅଣାଯାଇଥିଲା । ଜଗନ୍ନାଥ ପଣ୍ଡା ଓ ଉମାକାନ୍ତ ପଣ୍ଡାଙ୍କ ଦ୍ୱାରା ହୋମଯଜ୍ଞ ଓ ରାମଚରିତ ମାନସ ପାଠ କରାଯାଇଥିଲା । ଶଙ୍କର୍ଷଣ ରାୟ,ଶିଶିର କୁମାର ନାୟକ,ବାସନ୍ତୀ ଲତା ମହାପାତ୍ର, ପର୍ଶୁରାମ ବେହେରା, ରତ୍ନାକର ବେହେରା, କୃପାସିନ୍ଧୁ ଖଟୁଆ, ଜ୍ୟୋତିରଞ୍ଜନ ବେହେରା, ହରିଶ୍ଚନ୍ଦ୍ର ପରିଡା ଓ ମହେନ୍ଦ୍ର ଶିଅଳ ପ୍ରମୁଖ ସହଯୋଗ କରିଥିଲେ । ସେହିଭଳି ଖଇରା ବଜରଙ୍ଗ ଦଳ ପକ୍ଷରୁ ବାଇକ ଶୋଭାଯାତ୍ରା ଓ ହନୁମାନଙ୍କ ପୂଜାର୍ଚ୍ଚନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ସଭାପତି ଲୋଚନ ରାଉତ,ଉପସଭାପତି ପ୍ରସନ୍ନଜିତ ସାହୁ, କୋଷାଧ୍ୟକ୍ଷ ଅବିନାଶ ପ୍ରଧାନଙ୍କ ନେତୃତ୍ୱରେ ଶହଶହ ସଂଖ୍ୟାର ରାମଭକ୍ତ ବାଇକ ଶୋଭାଯାତ୍ରାରେ ଜୟଶ୍ରୀରାମ ସ୍ଲୋଗାନ ଦେଇ ବର୍ଡ଼ନାରୁ ବାହାରି ତୁଡିଗଡିଆ ପର୍ଯ୍ୟନ୍ତ ଯାଇଥିଲେ । ଖଇରା ଦୁର୍ଗାମଣ୍ଡପକୁ ଫେରି ହନୁମାନ ଓ ରାମଲକ୍ଷ୍ମଣ,ସୀତାଙ୍କ ପୂଜାର୍ଚ୍ଚନା କରିଥିଲେ। ଠାକୁର ରଞ୍ଜିତ ଦାସ,ଅଜୟ ବେହେରା ଓ ଶଶିକାନ୍ତ ମିଶ୍ର ପ୍ରମୁଖ ଉକ୍ତ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ।

ବିଜୁ ପଟ୍ଟନାୟକଙ୍କ ତିରୋଧାନ ଦିବସ

ହିଞ୍ଜିଳିକାଟୁ, (ସବ୍ୟୁ): ବିଜୁ ଜନତା ଦଳ ହିଞ୍ଜିଳିକାଟୁ ବ୍ଲକ ଓ ପୌରାଞ୍ଚଳ ତରଫରୁ ବୁଧବାର ମହାନ ଜନନାୟକ,ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୨୭ତମ ତିରୋଧାନ ଦିବସ ଉତ୍ସାହର ସହ ପାଳିତ ହୋଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ହିଞ୍ଜିଳି ପ୍ରତିନିଧି ଶରତ ଚନ୍ଦ୍ର ମହାପାତ୍ରଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ହିଞ୍ଜିଳି ବ୍ଲକ ସଭାପତି ସୁରେନ୍ଦ୍ର ନାଥ ପ୍ରଧାନ, ପୌରଧ୍ୟକ୍ଷ ସୁବାସ ଚନ୍ଦ୍ର ପୋଲେଇ,ଓଡ଼ିଶା ଗ୍ରାମ୍ୟ ଗୃହ ନିର୍ମାଣ ସଂସ୍ଥା ଅଧ୍ୟକ୍ଷ ଡି.ବିଶ୍ୱନାଥ, ରାଜ୍ୟ ସାଧାରଣ ସମ୍ପାଦକ ଦେବାନନ୍ଦ ମହାପାତ୍ର, ଯୋଜନା ବୋର୍ଡ ବିଶେଷଜ୍ଞ ସଦସ୍ୟ ଏନ୍.ରଘୁନାଥଙ୍କ ସମେତ ଅନ୍ୟାନ୍ୟ ଦଳୀୟ ନେତୃବୃନ୍ଦ ଯୋଗ ଦେଇଥିଲେ। ପ୍ରାତଃ ସମୟରେ ନେତୃମଣ୍ଡଳୀ ଓ କର୍ମୀ ମାନେ ତିଳ ତର୍ପଣ କରିବା ପରେ ବାଦ୍ୟ ବାଦନ ସହିତ ଏକ ପଟୁଆରରେ ଆସି ବିଜୁ ପଟ୍ଟନାୟକ ଛକ ସ୍ଥିତ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ନିକଟରେ ସମବେତ ହୋଇ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଥିଲେ। ରାଜ୍ୟ ସାଧାରଣ ସମ୍ପାଦକ ଦେବାନନ୍ଦ ମହାପାତ୍ରଙ୍କ ସମେତ ଅନ୍ୟାନ୍ୟ ନେତ୍ରୀ,ନେତା ଓ କର୍ମୀବୃନ୍ଦଙ୍କୁ ଓଡ଼ିଶାର ସ୍ୱାର୍ଥ ଓ ସ୍ୱାଭିମାନ, ଦଳୀୟ ଶୃଙ୍ଖଳା, ଏକତା, ଅନୁଶାସନ, ଉତ୍ସର୍ଗୀକୃତ ସେବା ମନୋଭାବ, ନିର୍ଭୀକ ସଂଗ୍ରାମ ଓ ନିରନ୍ତର କାର୍ଯ୍ୟ କରିବା ସହିତ ଏକ ସମୃଦ୍ଧ, ସଶକ୍ତ ଓ ସ୍ୱାଭିମାନୀ ନବୀନ ଓଡ଼ିଶା ଗଢ଼ିବା ପାଇଁ ଦୃଢ଼ ଶପଥ ଗ୍ରହଣ କରିବା ପାଇଁ ଶପଥ ପାଠ କରିଥିଲେ। ରାଜ୍ୟ ଉପ ସଭାପତି ଶିବରାମ ଗୌଡ଼ଙ୍କ ସମେତ ବ୍ଲକ ଓ ପୌରାଞ୍ଚଳର ସମସ୍ତ ଦଳୀୟ ନେତା ଓ କର୍ମୀ ଉପସ୍ଥିତ ଥିଲେ।

ବିଜେଡ଼ି ପକ୍ଷରୁ ବିଜୁ ପଟ୍ଟନାୟକଙ୍କ ତିରୋଧାନ ଦିବସ

ଛତ୍ରପୁର, (ସବ୍ୟୁ): ଓଡିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ପ୍ରବାଦପୁରୁଷ ବିଜୁ ପଟ୍ଟନାୟକଙ୍କ ୨୭ ତମ ତିରୋଧାନ ଦିବସ ଛତ୍ରପୁର ଠାରେ ବିଜୁ ଜନତା ଦଳ ପକ୍ଷରୁ ମହାସମାରୋହ ରେ ପାଳିତ ହୋଇଯାଇଛି । ଏହି ଅବସରରେ ବିଜୁ ଜନତା ଦଳ ଛତ୍ରପୁର ନିର୍ବାଚନ ମଣ୍ଡଳୀ ପକ୍ଷରୁ ସମସ୍ତ ପ୍ରକାର ମନାନ୍ତରର ଭୁଲି ଛାମୁଆ ନେତା, ଆଗଧାଡି ନେତା ଏବଂ ଜନପ୍ରତିନିଧିମାନେ ଏକତ୍ରିତ ହୋଇ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ପ୍ରାରମ୍ଭରେ ଛତ୍ରପୁର ବିଧାୟକ ସୁବାଷ ଚନ୍ଦ୍ର ବେହେରା ଙ୍କ ନେତୃତ୍ୱ ରେ ଦଳୀୟ ଓବଜେର୍ଭ ନାରାୟଣ ପ୍ରସାଦ ଜେନା ଓ ସମସ୍ତ ନେତା ଏବଂ କର୍ମୀ ଉପସ୍ଥିତ ରେ ସ୍ଥାନୀୟ ପିଲି ବନ୍ଧ ପରିସରରେ ତିଳତର୍ପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା, ପରେ ସ୍ଥାନୀୟ

ଲୋୟାର ବସ ଷ୍ଟାଣ୍ଡ ଠାରେ ଥିବା ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ସମସ୍ତ ନେତା ଓ କର୍ମୀ ମାନେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ଏହା ପରେ ସ୍ଥାନୀୟ ଉପଖଣ୍ଡ ଚିକିତ୍ସାଳୟ ରେ ରୋଗୀ ମାନଙ୍କୁ ଫଳ ବଣ୍ଟନ କରାଯାଇଥିଲା ।ଏହି ଅବସର ରେ ସ୍ଥାନୀୟ ଶିବକୁମାର ପଟ୍ଟନାୟକ ରିଡିଙ୍ଗ ରୁମ ପରିସର ରେ ଛତ୍ରପୁର ବିଧାୟକ ସୁବାଷ ଚନ୍ଦ୍ର ବେହେରା ସମସ୍ତଙ୍କୁ ସମୂହ ଶପଥ ପାଠ କରାଇଥିଲେ । ଏହି କାଯ୍ୟକ୍ରମ ର ପ୍ରାରମ୍ଭ ରେ ଛତ୍ରପୁର ପୌରପରିଷଦ ର ଉପାଧ୍ୟକ୍ଷ ଜି. ପାପା ରାଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଓବଜେରଭ ନାରାୟଣ ପ୍ରସାଦ ଜେନା ଅଧ୍ୟକ୍ଷତା କରିଥିଲେ, ଅନ୍ୟମାନଙ୍କ ମଧ୍ୟରେ ଛତ୍ରପୁର ବ୍ଲକ ଉପାଧ୍ୟକ୍ଷା ଏସ. ସାରଦା ରେଡ୍ଡୀ, ଛତ୍ରପୁର ନଗର ସଭାପତି ବି. ରାଜୁବାବୁ,ବିଜୁ ଜନତା ଦଳର ଜିଲ୍ଲା ଉପ ସଭାପତି ଶଙ୍କର ପ୍ରସାଦ ଦାଶ , ବିଜୁ ଛାତ୍ର ଜନତା ଦଳର ଜିଲ୍ଲା ସଭାପତି ପ୍ରଶାନ୍ତ ପଣ୍ଡା, ପ୍ରତିଷ୍ଠାତା ସଦସ୍ୟ ବାନାମ୍ବର ପଲାଇ ଓ ବଟକୃଷ୍ଣ ପଣ୍ଡା,ଶ୍ରୀରାମ ଚନ୍ଦ୍ର ପୁର ସମିତି ସଭ୍ୟ ଏସ ଚକ୍ରପାଣି ରେଡ୍ଡୀ, ଯୁବ ନେତା ଜ୍ୟୋତି ରଞ୍ଜନ ସାହୁ,ଗଞ୍ଜାମ ବ୍ଲକ ଅଧ୍ୟକ୍ଷା ଶର୍ମିଷ୍ଠା ପ୍ରଧାନ, ଉପାଧ୍ୟକ୍ଷ ଅନ୍ତର୍ଯ୍ୟାମୀ ବେହେରା, ଗଞ୍ଜାମ ଏନଏସି ଉପାଧ୍ୟକ୍ଷ ସୁରେନ୍ଦ୍ର କୁମାର ବାରିକି, ଯୁବନେତା ବିମଳ କୁମାର ପଣ୍ଡା ଓ ସୁଧୀର କୁମାର ପାଢ଼ୀ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ଏସ. କିଶୋର ରେଡ୍ଡୀ, ପୂର୍ବତନ ସମିତି ସଭ୍ୟ ସୁଶାନ୍ତ କୁମାର ସାହୁ, ଯୁବ ବିଜେଡି ଛତ୍ରପୁର ନିର୍ବାଚନ ମଣ୍ଡଳୀ ସଭାପତି ସନମୁଖ ପଟ୍ଟନାୟକ, ଯୁବ ବିଜେଡି ଛତ୍ରପୁର ବ୍ଲକ ସଭାପତି କାଳିଆ ନାହାକ, ଉପସଭାପତି କାହ୍ନୁ ଚରଣ ବେହେରା, ଜିଲ୍ଲାପରିଷଦ ସଭ୍ୟ ସନାତନ ବେହେରା ଓ ଏମ ଧନଞ୍ଜୟ ରେଡ୍ଡୀ, ଗଗନ ସ୍ୱାଇଁ,ପୂର୍ବତନ ସରପଞ୍ଚ ଭଗବାନ ନାହାକ ଙ୍କ ସମେତ ଛତ୍ରପୁର ନିର୍ବାଚନ ମଣ୍ଡଳୀ ର ବହୁ ଦଳୀୟ ନେତା ଓ କର୍ମୀ ମାନେ ଉପସ୍ଥିତ ଥିଲେ ।

ଶ୍ରୀରାମ ନବମୀରେ ବଜରଙ୍ଗ ସେନାର ବାଇକ୍ ଶୋଭାଯାତ୍ରା

ବାରିପଦା, (ସବ୍ୟୁ): ବୁଧବାର ମର୍ଯ୍ୟାଦା ପୁରୁଷୋତ୍ତମ ପ୍ରଭୁ ଶ୍ରୀରାମ ଚନ୍ଦ୍ରଙ୍କ ଜନ୍ମ ଜୟନ୍ତୀ ପବିତ୍ର ଶ୍ରୀରାମ ନବମୀ ଅବସରରେ ଭାରତ ବର୍ଷ ସାରା ରାମମୟ ହୋଇଅଛି। ସନାତନ ଧର୍ମର ପ୍ରଭୁ ତାଙ୍କ ଜନ୍ମ ଭୂମି ଅଯୋଧ୍ୟା ଠାରେ ନୂତନ ମନ୍ଦିର ସ୍ଥାପନ ପରେ ପ୍ରଥମ ଥର ଦେଶବାସୀ ଶ୍ରୀରାମ ନବମୀକୁ ଭକ୍ତି ଭବରେ ସୁନ୍ଦର ଭାବରେ ପାଳନ କରୁଛନ୍ତି। ସେହି ପରିପ୍ରେକ୍ଷୀରେ ଆଜି ବାରିପଦାର ବିଭିନ୍ନ ସ୍ଥାନରେ ବହୁ ଆଡମ୍ବରରେ ରାମ ନବମୀ ପାଳନ କରାଯାଉଛି। ବାରିପଦା ଠାରେ ଆଜି ବଜରଙ୍ଗ ସେନା ପ୍ରତିଷ୍ଠାତା ବର୍ତ୍ତମାନର ଉପଦେଷ୍ଟା ତଥା ପୂର୍ବତନ ସଭାପତି କୁମାର ମଙ୍ଗଳମଙ୍କ ନେତୃତ୍ୱରେ ଏକ ବିଶାଳ ବାଇକ ଶୋଭାଯାତ୍ରା ଆୟୋଜନ କରାଯାଇଥିଲା। ବାରିପଦା ସ୍ଥିତ ଷ୍ଟେସନ ପଡିଆ ଠାରୁ ରାମଭକ୍ତ ମାନେ ଶୋଭାଯାତ୍ରା ଆରମ୍ଭ କରି ସହର ସାରା ପ୍ରଭୁ ଶ୍ରୀରାମ ଓ ହନୁମାନଜୀଙ୍କ ଜୟ ନାରାରେ ପ୍ରକମ୍ପିତ କରି ସହର ପରିକ୍ରମା କରି ଛଉପଡିଆ ପର୍ଯ୍ୟନ୍ତ ବିଶାଳ ପଟୁଆରରେ ପହଞ୍ଚିଥିଲେ। ଏହି ବିଶାଳ ମୋଟର ସାଇକେଲ ଶୋଭାଯାତ୍ରାରେ ବାରିପଦାର ବିଧାୟକ ପ୍ରାର୍ଥୀ ପ୍ରକାଶ ସୋରେନଙ୍କ ସହିତ ବହୁ ରାମଭକ୍ତ ମାନଙ୍କ ମଧ୍ୟରେ ସୋମନାଥ ବେହେରା, ଦେବବ୍ରତ ସାମଲ, ଦୀପକ ମଲ୍ଲିକ, କାର୍ତ୍ତିକ ମହାନ୍ତ, ରାଜ ଗୁପ୍ତା, ମନୋଜ ବେହେରା, ସୁଧୀର ମହାନ୍ତ ଓ ଗୌରବ ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ ।

ଫ୍ୟୁଚର ଷ୍ଟାର୍ ସ୍ପୋର୍ଟସ ଏକାଡେମୀରୁ ୨ ଖେଳାଳି ମନୋନୀତ

ବାରିପଦା, (ସବ୍ୟୁ): ଚଳିତ ମାସ ୨୩ ଓ ୨୪ ତାରିଖ ମହାରାଷ୍ଟ୍ର ପୁନେର ବେଲଓ୍ୱାଡି ଷ୍ଟାଡିୟମ୍ ଠାରେ ଅନୁଷ୍ଠିତ ହେବାକୁ ଥିବା ୧୯ ବର୍ଷରୁ କମ୍ ୬୭ ତମ ଜାତୀୟ ସ୍କୁଲ୍ କ୍ରୀଡ଼ାରେ ଭାଗ ନେବାପାଇଁ ମୟୂରଭଞ୍ଜ ଜିଲ୍ଲାରୁ ୩ଜଣ ସ୍ଥାନ ପାଇଥିବାବେଳେ ଫ୍ୟୁଚର ଷ୍ଟାର ସ୍ପୋର୍ଟସ ଏକାଡେମୀ, ମୟୂରଭଞ୍ଜର ଦୁଇଜଣ ଖେଳାଳୀ ହିଷୀ ଟୁଡୁ ଓ ଅମିଶାରାଣୀ ମାଝୀ ଓଡିଶା ଦଳରେ ସ୍ଥାନ ପାଇଛନ୍ତି। ଦୁଇ ଜଣ ଏବେ ବାରିପଦା–୨ ମହାବିଦ୍ୟାଳୟରେ ଯୁକ୍ତ ଦୁଇ କଳା ବିଭାଗରେ ଅଧ୍ୟୟନରତ। ପୂର୍ବରୁ ମଧ ହିଷି ଓ ଅମିଶା ୧୪ବର୍ଷରୁ କମ୍ ଓଡ଼ିଶା ରଗବୀ ଦଳକୁ ପ୍ରତିନିଧିତ୍ୱ କରିଥିଲେ। ତାଙ୍କର ଏହି ସଫଳତା ପାଇଁ ମୟୁରଭଞ୍ଜ ଜିଲ୍ଲା କ୍ରୀଡ଼ା ସଂଘର

ସମ୍ପାଦକ ବିଜୟ କୁମାର ଦାସ, ଏକାଡେମୀର ନିର୍ଦ୍ଦେଶକ ଅମର ସେଠୀ, ଉପଦେଷ୍ଟା ସୋମନାଥ ସିଂ, ମଙ୍ଗଳ ହାଁସଦା, ରୂପାଲି ସୋରେନ, ବାରିପଦା ଶାଖା ପରିଚାଳକ ରଞ୍ଜିତ ରାଉତ, ପ୍ରଶିକ୍ଷକ ଚନ୍ଦନ ସିଂ, ତରଣିସେନ ନାୟକ ଓ ପ୍ରତିଷ୍ଠାତା ଦିବ୍ୟରଞ୍ଜନ ଦାସ ସମେତ ବିଭିନ୍ନ ମହଲରୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି।

ଟିପିଏସ୍‌ଓଡିଏଲ ପକ୍ଷରୁ ଭ୍ରାମ୍ୟମାଣ ସବ୍ ଷ୍ଟେସନ ନିୟୋଜିତ

ବ୍ରହ୍ମପୁର, (ସବ୍ୟୁ): ଗ୍ରୀଷ୍ମ ଋତୁରେ ଉତ୍କୃଷ୍ଟ ମାନର ବିଦ୍ୟୁତ ସେବା ଯୋଗାଇବା ପାଇଁ ଟିପିଏସ୍‌ଓଡିଏଲ୍ (ଟିପି ସଦର୍ଣ୍ଣ ଓଡ଼ିଶା ବିତରଣ ଲିମିଟେଡ) ନୂଆ ପଦକ୍ଷେପ ନେଇଛିଛ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି କମ୍ପାନୀ ପକ୍ଷରୁ ସମସ୍ତ ୬ଟି ସର୍କଲରେ ଭ୍ରାମ୍ୟମାଣ ସବ ଷ୍ଟେସନ ନିୟୋଜିତ କରାଯାଇଛି। ପ୍ରତ୍ୟେକ ଭ୍ରାମ୍ୟମାଣ ସବ ଷ୍ଟେସନ ଗୁଡିକରେ ବିତରଣ ଟ୍ରାନ୍ସଫର୍ମର ଓ ସୁରକ୍ଷା ଉପକରଣ ରହିଛି। ଭ୍ରାମ୍ୟମାଣ ଟ୍ରୋଲି ଉପରେ ଏହାକୁ ସ୍ଥାନିତ କରାଯିବା ସହ ଆବଶ୍ୟକ ସମୟରେ ତୁରନ୍ତ ଏହାକୁ କର୍ମସ୍ଥଳୀକୁ ନିଆଯାଇପାରିବ। ଯାତ୍ରା ଅବଧିକୁ ବାଦ୍ ଦେଇ ଦେଢ଼ ଘଣ୍ଟା ସମୟ ଭିତରେ ଭ୍ରାମ୍ୟମାଣ ସବଷ୍ଟେସନ କାର୍ଯ୍ୟକ୍ଷମ ହୋଇପାରିବ। ଗ୍ରୀଷ୍ମ କାଳରେ ବିଜୁଳି ଚାହିଦା ବଢୁଥିବା ବେଳେ ଏହି ପଦକ୍ଷେପ ବେଶ୍ ସହାୟକ ହେବ।ଜରୁରୀକାଳୀନ ପରିସ୍ଥିତି, ପ୍ରାକୃତିକ ବିପର୍ଯ୍ୟୟ ଏବଂ ପ୍ରକଳ୍ପ କାର୍ଯ୍ୟ ଆଦି

ବିଭିନ୍ନ ପରିସ୍ଥିତିରେ ଭ୍ରାମ୍ୟମାଣ ସବଷ୍ଟେସନ ଆବଶ୍ୟକୀୟ ସେବା ଯୋଗାଇବଛ ଡାକ୍ତରଖାନା ଏବଂ ପାନୀୟ ଜଳ ଯୋଗାଣ ଭଳି ଜରୁରୀ ସେବାକୁ ଏହା ବିଦ୍ୟୁତ ଯୋଗାଇବା ସହ ସ୍ଥାୟୀ ସବ ଷ୍ଟେସନର ରକ୍ଷଣାବେକ୍ଷଣା କିମ୍ବା ମରାମତି ସମୟରେ ଅସ୍ଥାୟୀ ବିଦ୍ୟୁତ ସେବା ଯୋଗାଇପାରିବ। ସହଜରେ ନେବା ଆଣିବା ହୋଇପାରୁଥିବା ସହ ବ୍ୟବସ୍ଥିତ ଡିଜାଇନ୍ ଯୋଗୁଁ ଟିପିଏସ୍‌ଓଡିଏଲର ଭ୍ରାମ୍ୟମାଣ ସବ ଷ୍ଟେସନ ନିର୍ଦ୍ଧାରିତ ଲକ୍ଷ୍ୟ ସ୍ଥଳରେ ପହଞ୍ଚି ପରିସ୍ଥିତି ମୁକାବିଲା କରିପାରିବ।

ଟିପିଏସ୍‌ଓଡିଏଲର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଅମିତ କୁମାର ଗର୍ଗ କହିଛନ୍ତି, ବର୍ତ୍ତମାନ ସମୟରେ ଆମର ମିଶନ ହେଉଛି ଆମ ଉପଭୋକ୍ତାଙ୍କୁ ଭରସାଯୋଗ୍ୟ ବିଦ୍ୟୁତ ସେବା ଯୋଗାଇବା।ଗ୍ରୀଷ୍ମ କାଳରେ ତ୍ୱରିତ ବିଦ୍ୟୁତ ପୁନଃଯୋଗାଣରେ ଏହି ଭ୍ରାମ୍ୟମାଣ ସବ ଷ୍ଟେସନର ପ୍ରମୁଖ ଭୂମିକା ରହିବ। ଦକ୍ଷିଣ ଓଡ଼ିଶାରେ ବିଦ୍ୟୁତ ବିତରଣ ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ଅଭିନବ ପଦକ୍ଷେପ ନେବା ଦିଗରେ ଆମ ଟିମ୍ ନିରନ୍ତର ପ୍ରୟାସ କରୁଛନ୍ତ।

ଭତ୍ତା ଟଙ୍କା ନେବାକୁ ଆସି ଅଂଶୁଘାତରେ ବୃଦ୍ଧଙ୍କ ମୃତ୍ୟୁ!

ରେଢ଼ାଖୋଲ,(ସବ୍ୟୁ): ବାର୍ଦ୍ଧକ୍ୟ ଭତ୍ତା ଟଙ୍କା ନେଇ ଘରକୁ ଫେରୁଥିବା ବେଳେ ରାସ୍ତାରେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ଅଂଶୁଘାତରେ ତାଙ୍କର ମୃତ୍ୟୁ ଘଟିଥିବା ଅଭିଯୋଗ ହେଉଛି। ଏପରି ଅଭିଯୋଗ ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବ୍ଲକ୍ ଅଞ୍ଚଳରୁ ଆସିଛି। ମଙ୍ଗଳବାର ଥିଲା ଭତ୍ତା ବାର । ତେଣୁ ମୁଚିବାହାଲ ପଞ୍ଚାୟତ ସାଇବେର୍ଣୀ ଗାଁର ୬୮ ବର୍ଷୀୟ ସନ୍ତୋଷେ ମହାନନ୍ଦ ଭତ୍ତା ନେବା ପାଇଁ ପଞ୍ଚାୟତ କାର୍ଯ୍ୟାଳୟକୁ ଆସିଥିଲେ। ଭତ୍ତା ଟଙ୍କା ପାଇବା ପରେ ପ୍ରବଳ ଗରମ ହେଉଥିବାରୁ ରାସ୍ତା ପାର୍ଶ୍ୱରେ ଥିବା ଦୋକାନରୁ ଥଣ୍ଡା ପାନୀୟ କିଣି ପିଇଲେ। ଥଣ୍ଡା ପିଇବା ପରେ ଟଙ୍କା କାଢ଼ି ଦୋକାନୀଙ୍କୁ ଦେଉଥିଲେ। ଏହି ସମୟରେ ସେଠାରେ ଟଳି ପଡ଼ିଥିଲେ ସନ୍ତୋଷେ। ସେହିଠାରେ ଉପସ୍ଥିତ ଲୋକେ ତାଙ୍କୁ ଉଦ୍ଧାର କରି ରେଢ଼ାଖୋଲ ମେଡିକାଲରେ ଭର୍ତ୍ତି କରିଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷିତ କରିଥିଲେ। ଅଂଶୁଘାତରେ ତାଙ୍କର ମୃତ୍ୟୁ ଘଟିଥିବା ସନ୍ଦେହ କରାଯାଉଛି ।

ଗତ କିଛି ଦିନ ହେଲା ରାଜ୍ୟରେ ପ୍ରବଳ ଗ୍ରୀଷ୍ମପ୍ରବାହ ଜାରି ରହିଛି। ଯେଉଁଥିପାଇଁ ଜୀବନ ଯାତ୍ରା ଅସ୍ତବ୍ୟସ୍ତ ହୋଇଛି। ଘରୁ ବାହାରିବା ସମ୍ଭବପର ହେଉନାହିଁ। ଏପରି ସ୍ଥିତିରେ ବୟସ୍କମାନେ ଭତ୍ତା ନେବା ପାଇଁ ଆସିବା କେତେ ଯୁକ୍ତିଯୁକ୍ତ। ଏହାକୁ ନେଇ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ବୟସ୍କ ବ୍ୟକ୍ତିଙ୍କୁ ଘରେ ଭତ୍ତା ଟଙ୍କା ଦେବା ପାଇଁ ପଞ୍ଚାୟତ ପ୍ରଶାସନ ବ୍ୟବସ୍ଥା କରିବାକୁ ସାଧାରଣରେ ମତପ୍ରକାଶ ପାଇଛି।

ବିଜୁ ପଟ୍ଟନାୟକଙ୍କ ତିରୋଧାନ ଦିବସ ପାଳିତ

ଝାରସୁଗୁଡ଼ା,(ସବ୍ୟୁ): ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ତିରୋଧାନ ଦିବସ ଅବସରରେ ବିଜେଡ଼ି ପକ୍ଷରୁ ବଡ଼ମାଳସ୍ଥିତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା । କାର୍ଯ୍ୟକ୍ରମରେ ବିଧାୟୀକା ସୁଶ୍ରୀ ଦିପାଳୀ ଦାସ, ଝାରସୁଗୁଡ଼ା ବିଜେଡ଼ି ପର୍ଯ୍ୟବେକ୍ଷକ ବିଷ୍ଣୁ ପ୍ରସାଦ କେଡ଼ିଆ ସମେତ ବରିଷ୍ଠ ନେତୃମଣ୍ଡଳୀଙ୍କ ମଧ୍ୟରେ ଜିଲ୍ଲା ସଭାପତି ରବି ସିଂ, ପୌର ପରିଷଦ ଅଧ୍ୟକ୍ଷା ରାନୀ ହାତୀ, ଉପାଧ୍ୟକ୍ଷ ବେଣୁ ଗୋପାଳ ପାଣିଗ୍ରାହି, ପୂର୍ବତନ ପୌର ପରିଷଦ ଅଧ୍ୟକ୍ଷ ତାପସ ରାୟ ଚୌଧୁରୀ, ପୂର୍ବତନ ପୌର ପରିଷଦ ଅଧ୍ୟକ୍ଷ ହରିଶ ଗନତ୍ରା, ସନ୍ଦୀପ ଅଓ୍ୱସ୍ତି, ଦାମୋଦର ନାଥ,ବରିଷ୍ଠ ଆଇନଜୀବି ରଘୁମଣୀ ପଟେଲ, ମଦନ ହାତୀ, ପିଣ୍ଟୁ ପାଢୀ, ପ୍ରତାପ ନନ୍ଦ, ପଓ୍ୱନ୍ ସିଂ ଯାଦବ, ଜୟପ୍ରକାଶ କୁଅଁର, ତୁଳସୀ ଦାସ, ଓ୍ୱାର୍ଡ ନଂ ୨୩ ର ପାର୍ଷଦ ଜି ରମନା ରାଓ, ଗୀତାଞ୍ଜଳୀ ପଣ୍ଡା, ନବନିତ କୋର,ପ୍ରମୁଖଙ୍କ ସହ ଶତାଧିକ ଦଳୀୟ କର୍ମୀ ଉପସ୍ଥିତ ଥିଲେ। ବିଜୁ ବାବୁଙ୍କ ଏହି ତିରୋଧାନ ଦିବସରେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଓଡିଶା ବାସୀଙ୍କ ପ୍ରତି ପ୍ରେମ , ପ୍ରେରଣା ରାଜ୍ୟ ବାସୀ କେବେ ହେଲେ ଭୁଲି ପାରିବେ ନାହିଁ ଏହା ସହ ତାଙ୍କୁ ଓଡ଼ିଆ ବ୍ୟକ୍ତି ବିଶେଷ ନିଜ ହୃଦୟରେ ଅମର ରଖିଛନ୍ତି ବୋଲି ବିଧାୟୀକା ସୁଶ୍ରୀ ଦାସ କହିଥିଲେ।

କଣ୍ଟାବାଞ୍ଜିରୁ ଲଢ଼ିବେ ନବୀନ

ବିଜେଡ଼ି ଶିବିର ଉତ୍ସାହିତ, ବିରୋଧୀଙ୍କ ମିଶ୍ରିତ ପ୍ରତିକ୍ରିୟା

ମୁରିବାହାଲ,(ସବ୍ୟୁ) : ୧୪୭ଟି ବିଧାନସଭା ଆସନ ମଧ୍ୟରୁ ବହୁ ଚର୍ଚ୍ଚିତ ଆସନ ବଲାଙ୍ଗିର ଜିଲ୍ଲାର ୭୦ନମ୍ବର କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀ। ଏହି ଆସନରୁ ବିଜେଡ଼ି ଦଳ ପକ୍ଷରୁ ଚଳିତ ନିର୍ବାଚନ ପାଇଁ ବିଜେଡ଼ି ରାଜ୍ୟ ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଧାୟକ ପ୍ରାର୍ଥୀ ରୂପେ ନିର୍ବାଚନ ଲଢ଼ିବେ। ସେ କଣ୍ଟାବାଞ୍ଜି ସହ ଗଞ୍ଜାମର ହିଞ୍ଜିଳି ବିଧାନସଭା ଆସନରୁ ଲଢ଼ିବେ। ସେ ଏହି ଘୋଷଣା ନିଜେ ଗୁରୁବାର କରିବା ପରେ ଶାସକ ବିଜେଡି ଦଳ ପକ୍ଷରୁ ଏହାକୁ ସ୍ୱାଗତ କରାଯାଇ ସମଗ୍ର ଅଞ୍ଚଳରେ ବାଣ ଫୁଟାଯାଇ ଥିବା ବେଳେ ବିରୋଧୀ ଦଳ ଗୁଡ଼ିକ ପକ୍ଷରୁ ଭିନ୍ନ ଭିନ୍ନ ପ୍ରତିକ୍ରିୟା ପ୍ରକାଶ ପାଇଛି। କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀ ତିନିଟି ବ୍ଲକ ବଙ୍ଗୋମୁଣ୍ଡା ବ୍ଲକର ୨୬ଟି ପଞ୍ଚାୟତ, ମୁରିବାହାଲ ବ୍ଲକର ୨୨ଟି ପଞ୍ଚାୟତ, ତୁରେକେଲା ବ୍ଲକର ୧୯ଟି ପଞ୍ଚାୟତ ଓ ନବଗଠିତ କଣ୍ଟାବାଞ୍ଜି ମ୍ୟୁନସିପାଲଟିର ୧୬ଟି ଓ୍ୱାର୍ଡକୁ ନେଇ ଗଠିତ। ଚଳିତ ନିର୍ବାଚନରେ ବଙ୍ଗୋମୁଣ୍ଡା ବ୍ଲକର ୯୪୩୮୬, ମୁରିବାହାଲ ବ୍ଲକର ୯୨୯୯୯, କଣ୍ଟାବାଞ୍ଜି ମ୍ୟୁନସିପାଲଟିର ୩୨୨୩୪ ଓ ତୁରେକେଲା ବ୍ଲକର ୭୩,୯୭୨ଭୋଟର ସେମାନଙ୍କ ମତାଧିକାର ସାବ୍ୟସ୍ତ କରିବେ। ସବୁବେଳେ କଡ଼ା ଟକ୍କର ହେଉଥିବା କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀରେ ୨୦୧୯ମସିହାରେ କଂଗ୍ରେସ ପ୍ରାର୍ଥୀ ସନ୍ତୋଷ ସିଂ ସାଲୁଜା ମାତ୍ର ୧୨୮ଖଣ୍ଡ ଭୋଟ ବ୍ୟବଧାନରେ ବିଜେପି ପ୍ରାର୍ଥୀ ଲକ୍ଷ୍ମଣ ବାଗଙ୍କୁ ପରାସ୍ତ କରି ବିଜୟୀ ହୋଇଥିବା ବେଳେ ଶାସକ ବିଜେଡି ଦଳ ପକ୍ଷରୁ ପ୍ରାର୍ଥୀ ଅଜୟ ଦାସ ତୃତୀୟ ସ୍ଥାନରେ ରହିଥିଲେ। ପୂର୍ବରୁ ଶ୍ରୀ ସାଲୁଜା ଏଠାରୁ ୪ଥର ବିଧାୟକ ଭାବେ ନିର୍ବାଚିତ ହୋଇଥିବା ବେଳେ ପୂର୍ବ ବିଧାୟକ ହାଜୀ ମହମ୍ମଦ ଆୟୁବ ଖାଁ ଦୁଇଥର ବିଧାୟକ ହୋଇଛନ୍ତି ।

ଗତ ୨୦୧୯ ବିଧାନସଭା ନିର୍ବାଚନରେ କଣ୍ଟାବାଞ୍ଜି ବିଧାନସଭା କ୍ଷେତ୍ରରେ ବିଜୟୀ କଂଗ୍ରେସ ପ୍ରାର୍ଥି ସନ୍ତୋଷ ସିଂ ସାଲୁଜା ୬୪,୨୪୬ ଖଣ୍ଡ ଭୋଟ ପାଇଥିବା ବେଳେ ବିଜେପି ପ୍ରାର୍ତ୍ତି ଲକ୍ଷ୍ମଣ ବାଗ ୬୪,୧୧୮ ଖଣ୍ଡ ଓ ବିଜେଡ଼ି ପ୍ରାର୍ଥି ଅଜୟ ଦାସ ୫୪,୫୨୭ ଖଣ୍ଡ ଭୋଟ ପାଇଥିଲେ । ତିନି ପ୍ରମୁଖ ଦଳକ ମଧ୍ୟରେ କଂଗ୍ରେସକୁ ୩୩.୬ ପ୍ରତିଶତ , ବିଜେଡ଼ିକୁ ୨୮.୫୧ ପ୍ରତିଶତ ଓ ବିଜେପିକୁ ୨୮.୫୧ ପ୍ରତିଶତ ଭୋଟ ମିଳିଥିଲା । କଣ୍ଟାବାଞ୍ଜି ନିର୍ବାଚନ ମଣ୍ଡଳୀର ତିନୋଟି ବ୍ଲକରୁ ବଙ୍ଗୋମୁଣ୍ଡା ବ୍ଲକରେ କଂଗ୍ରେସ ସମର୍ଥିତ ରଞ୍ଜୁବାଲା ବେହେରା ବ୍ଲକ ଅଧ୍ୟକ୍ଷା, ତୁରେକେଲା ବ୍ଲକରେ କଂଗ୍ରେସ ସମର୍ଥିତ ପୂଜା ବେହେରା ବ୍ଲକ ଅଧ୍ୟକ୍ଷା,କଣ୍ଟାବାଞ୍ଜି ମ୍ୟୁନସିପାଲଟିରେ କଂଗ୍ରେସ ଦଳ ପକ୍ଷରୁ ବରୀୟାମ ସିଂ ସାଲୁଜା ପୌରାଧ୍ୟକ୍ଷ ଭାବରେ କାର୍ଯ୍ୟ କରୁଥିବା ବେଳେ କେବଳ ମୁରିବାହାଲ ବ୍ଲକ ଅଧ୍ୟକ୍ଷ ରୂପେ ବିଜେଡି ସମର୍ଥିତ ହରିବନ୍ଧୁ ମେହେର ନିର୍ବାଚିତ ହୋଇଛନ୍ତି । ସେହିପରି ଗତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ମୁରିବାହାଲ ବ୍ଲକର ୩ଟି ଜିଲ୍ଲା ପରିଷଦ ଆସନ ମଧ୍ୟରୁ ବିଜେଡ଼ି ୨ଟି ଓ କଂଗ୍ରେସ ଦଳ ଗୋଟିଏ, ତୁରେକେଲା ବ୍ଲକର ୨ଟିରୁ ଗୋଟିଏ କଂଗ୍ରେସ ଓ ଗୋଟିଏ ବିଜେଡ଼ି ତଥା ବଙ୍ଗୋମୁଣ୍ଡା ବ୍ଲକରେ ଗୋଟିଏ କଂଗ୍ରେସ ଓ ଗୋଟିଏ ଜିଲ୍ଲା ପରିଷଦ ଆସନ ବିଜେପି ଦଖଲ କରିଥିଲା । କଂଗ୍ରେସ ଦଳ ପକ୍ଷରୁ ଚଳିତ ଥର ପୁଣି ଥରେ ବିଧାୟକ ସନ୍ତୋଷ ସିଂ ସାଲୁଜା ଓ ବିଜେପି ଦଳ ପକ୍ଷରୁ ତୃତୀୟ ଥର ପାଇଁ ଲକ୍ଷ୍ମଣ ବାଗଙ୍କୁ ପ୍ରାର୍ଥୀ ରୂପେ ଘୋଷଣା ହୋଇସାରିଛି । ଚଳିତ ନିର୍ବାଚନରେ ବିଜେଡି ଦଳ ପକ୍ଷରୁ ବିଧାୟକ ଆଶାୟୀ ପ୍ରାର୍ଥୀ ରୂପେ ମୁଖ୍ୟତଃ ପୂର୍ବ ବିଧାୟକ ହାଜି ମହମ୍ମଦ ଆୟୁବ ଖାଁ, ଗତ ନିର୍ବାଚନର ବିଧାୟକ ପ୍ରାର୍ଥୀ ଅଜୟ ଦାସ ଆଶାୟୀ ଥିଲେ। ଏବେ ମୁଖ୍ୟମନ୍ତ୍ରୀ କଣ୍ଟାବାଞ୍ଜିରୁ ପ୍ରାର୍ଥୀ ରୂପେ ଘୋଷିତ ହେବା ପରେ ଶାସକ ଦଳ ପକ୍ଷରୁ ଏହାକୁ ସ୍ୱାଗତ କରାଯାଇ ମୁଖ୍ୟମନ୍ତ୍ରୀଙ୍କୁ ବିପୁଳ ସଂଖ୍ୟକ ଭୋଟରେ ବିଜୟୀ କରିବାକୁ ସଂକଳ୍ପ ନେଇଥିବା ବେଳେ ବିରୋଧୀ ଦଳ ଗୁଡ଼ିକ ପକ୍ଷରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି । ସମସ୍ୟା ବହୁଳ କଣ୍ଟାବାଞ୍ଜି ର୍ନିବାଚନ ମଣ୍ଡଳୀରେ ପ୍ରତିବର୍ଷ ହଜାର ହଜାର ଦାଦନ ଶ୍ରମିକ ଭାବେ ପେଟ ପୋଷିବା ପାଇଁ ବାହାର ରାଜ୍ୟକୁ ଯାଉଥିବା ବେଳେ ଜଳସେଚନ କ୍ଷେତ୍ରରେ ୩ ପ୍ରତିଶତରୁ ମଧ୍ୟ କମ । ସେହିପରି କଣ୍ଟାବାଞ୍ଜିକୁ ଜିଲ୍ଲାର ମାନ୍ୟତା, ବଙ୍ଗୋମୁଣ୍ଡାକୁ ଏନଏସି ମାନ୍ୟତା, ସିନ୍ଧେକେଲାକୁ ବ୍ଲକ ମାନ୍ୟତା ସହ ଅବହେଳିତ ମୁରିବାହାଲ ବ୍ଲକ ଅଞ୍ଚଳର ସାମଗ୍ରିକ ଉନ୍ନତି ପାଇଁ ଏବେ ବି ବହୁ କାର୍ଯ୍ୟ କରିବା ପାଇଁ ବାକି ରହିଛି। ମୁଖ୍ୟମନ୍ତ୍ରୀଙ୍କ ପ୍ରାର୍ଥୀତ୍ୱ ପରେ ଶାସକ ଦଳ ଚଳଚଞ୍ଚଳ ହୋଇପଡିଥିବା ବେଳେ ବିରୋଧୀ ଦଳ ଗୁଡ଼ିକ ପକ୍ଷରୁ ଏହାର କୌଣସି ପ୍ରଭାବ ପଡ଼ିବ ନାହିଁ ବୋଲି ପ୍ରକାଶ ପାଇଛି।

ଗଞ୍ଜେଇ ଚାଷୀ କର୍ଣ୍ଣାଟକରୁ ଗିରଫ

ମାଲକାନଗିରି,(ସବ୍ୟୁ): ମାଲକାନଗିରି ଜିଲ୍ଲା କାଲିମେଳା ପୋଲିସ ଜଣେ ଗଞ୍ଜେଇ ଚାଷୀକୁ ଗିରଫ କରିବାରେ ସଫଳ ହୋଇଛି। ଆନ୍ଧ୍ର ଓ ଓଡ଼ିଶା ସୀମାନ୍ତ କୁର୍ମାନୁର ଜଙ୍ଗଲରେ ପ୍ରାୟ ୩ବର୍ଷ ହେଲା ହାଇଟେକ ପଦ୍ଧତିରେ ଗଞ୍ଜେଇ ଚାଷ କରୁଥିବା କର୍ଣ୍ଣାଟକର ମହୀଶୁର ଅଞ୍ଚଳର ୪୧ ବର୍ଷୀୟ ଲୋହିତ ଆଥଗୁର ସଦାଶିବ ନାମକ ଏହି ଗଞ୍ଜେଇ ବେପାରୀକୁ ପୋଲିସ ଗିରଫ କରିବାରେ ସଫଳ ହୋଇଛି। ଏହି ଗଞ୍ଜେଇ ବେପାରୀ ଜଣେ ଆଇଟି କର୍ମଚାରୀ ବୋଲି ଜଣାପଡିଛି। ଏସଡ଼ିପିଓଙ୍କ ନେତୃତ୍ୱରେ ଏକ ପୋଲିସ ଦଳ ମହୀଶୁର ଯାଇ ଏହି ଗଞ୍ଜେଇ ବେପାରୀକୁ ଗିରଫ କରିଛି। ଅନଲାଇନରୁ ଗଞ୍ଜେଇ ମଞ୍ଜି ମଗାଇ ହାଇଟେକ୍ ପଦ୍ଧତିରେ ଗୁରାଲୁର ଜଙ୍ଗଲରେ ଗଞ୍ଜେଇ ଚାଷ କରୁଥିବା ବେଳେ ସେ ଏମଭି-୯୦ ଗ୍ରାମର ଅସୀତ ମଣ୍ଡଳ ନାମକ ଜଣେ ଗଞ୍ଜେଇ ବେପାରୀଙ୍କ ସହିତ ମିଶି ଏହି ଚୋରା ଗଞ୍ଜେଇ ଚାଷ ୩ ବର୍ଷ ହେଲା କରିଆସୁଥିଲା। ହାଇଟେକ ପଦ୍ଧତିରେ ଚାଷ କରାଯାଉଥିବା ଏହି ଗଞ୍ଜେଇର ମୂଲ୍ୟ ଖୋଲ ବଜାରରେ କିଲୋ ପ୍ରତି ଗଞ୍ଜେଇର ମୂଲ୍ୟ ଏକ ଲକ୍ଷ ଟଙ୍କାରେ ବିକ୍ରି ହେଉଥିବା କୁହାଯାଉଛି।

ବଲାଙ୍ଗିର ଜିଲ୍ଲାସ୍ତରୀୟ ରବି ଧାନ କ୍ରୟ କମିଟି ବୈଠକ

ମେ' ୨୭ରୁ ରବି ଧାନ କ୍ରୟ

ବଲାଙ୍ଗିର,(ସବ୍ୟୁ): ବଲାଙ୍ଗିର ଜିଲ୍ଲାରେ ରବିଧାନ କ୍ରୟ ନିମନ୍ତେ ଜିଲ୍ଲାସ୍ତରୀୟ କ୍ରୟ କମିଟି ବୈଠକର ଅଧ୍ୟକ୍ଷ ତଥା ଜିଲ୍ଲାପାଳ ଶ୍ରୀ ଗୌରଓ୍ୱ ଶିଓ୍ୱାଜି ଇସାଲଓ୍ୱାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି ୱ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ ଚଳିତ ବର୍ଷ ଜିଲ୍ଲାରେ ମଇ ମାସ ୨୭ ତାରିଖ ସୋମବାରରୁ ରବିଧାନ କ୍ରୟ ପ୍ରକ୍ରିୟା ଆରମ୍ଭ ହେବ । ଏଥି ନିମନ୍ତେ ୯୮ ଗୋଟି ପ୍ୟାକ୍ସ ଏବଂ ୧୧ ଗୋଟି ମହିଳା ଏସଏଚଜି ସାମିଲ ରହିଥିବା ବେଳେ ସମୁଦାୟ ୧୦୯ ଗୋଟି ଧାନ କ୍ରୟ କେନ୍ଦ୍ର ଜରିଆରେ ଯୋଗାଣ ନିଗମ ଧାନ କ୍ରୟ କରିବ । ରବି ଧାନ କ୍ରୟ ପ୍ରକ୍ରିୟା ନିମନ୍ତେ ଟୋକନ ବ୍ୟବସ୍ଥା କରାଯିବ । ଏକର ପ୍ରତି ଧାନ କିଣାର ପରିମାଣ ରାଜ୍ୟସ୍ତରୀୟ କ୍ରୟ କମିଟି ନିଷ୍ପତ୍ତି ଗ୍ରହଣ କଲାପରେ ସେହି ଅନୁସାରେ କ୍ରୟ କରାଯିବ । ଚଳିତ ବର୍ଷ ଧାନ କ୍ରୟ କେନ୍ଦ୍ର ଗୁଡିକରେ ସପ୍ତାହର ୫ ଦିନ ଶନିବାର, ରବିବାର ବ୍ୟତୀତ ଧାନ କ୍ରୟ କରାଯିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି । ଚଳିତ ବର୍ଷ ରବି ଧାନ ବିକ୍ରୟ କରିବା ପାଇଁ ଜିଲ୍ଲାର ୭୮୬୯ ଜଣ ଚାଷୀ ପଞ୍ଜିକରଣ ହୋଇଥିବା ବେଳେ ଗତ ରବି ରେ ୭୮୨୧ ଜଣ ଚାଷୀ ପଂଜିକୃତ ହୋଇ ୨୭୦୮୦୩.୭୮ କ୍ୱିଣ୍ଟାଲ ଧାନ କିଣାଯାଇଥିବା ବିଭାଗ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି । ଗ୍ରୀଷ୍ମ ପ୍ରବାହ ଓ ପ୍ରାକ ମୌସୁମୀକୁ ଦୃଷ୍ଟିରେ ରଖି ସମସ୍ତ ଧାନ କ୍ରୟ ଗୁଡିକରେ ଯେକୌଣସି ପ୍ରକାର ଅସୁବିଧାକୁ ସମ୍ମୁଖୀନ ଓ ପ୍ରତିହତ କରିବା ନିମନ୍ତେ ପାନୀୟ ଜଳ, ବିଜୁଳି, ଟ୍ରପୋଲିନ ଓ ଚାଷୀଙ୍କ ପାଇଁ ଆଶ୍ରୟସ୍ଥଳୀ ପ୍ରତି ବିଶେଷ ଗୁରୁତ୍ୱ ଦେବା ସହ ଚାଷୀ ଯେପରି ରବି ଧାନ ବିକ୍ରୟକୁ ସହଜ, ସୁବିଧା ଓ ସ୍ୱଚ୍ଛତାର ସହ କରିପାରିବ ସେଥି ପ୍ରତି ବିଶେଷ ଯତ୍ନବାନ ହେବାକୁ ଅଧ୍ୟକ୍ଷ ତଥା ଜିଲ୍ଲାପାଳ ଇସାଲଓ୍ୱାର ନିର୍ଦ୍ଦେଶ ଦେବା ସହ ବିଭାଗୀୟ ସମ୍ପୃକ୍ତ ଅଧିକାରୀ ବୃନ୍ଦ ନିଜ ନିଜ ବିଭାଗ ମଧ୍ୟରେ ସୁସମନ୍ୱୟ ରକ୍ଷା ପୂର୍ବକ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ ।ବୈଠକରେ ଚାଷୀ ପ୍ରତିନିଧି ତଥା ମିଲର ସଂଘ ପ୍ରତିନିଧି ମାନଙ୍କ ଦ୍ୱାରା ଆଗତ ଗତ ବର୍ଷ ଧାନ କ୍ରୟ ସମୟରେ ଓ ପରେ ଉପୁଜିଥିବା ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା । ଗତବର୍ଷ ହୋଇଥିବା ତ୍ରୁଟିର ସମାଧାନ ଦିଗରେ ଜିଲ୍ଲା ପ୍ରଶାସନ ଗୁରୁ ଦେଇ ଚଳିତ ବର୍ଷ ରବିଧାନ କ୍ରୟକୁ ସୁ-ବ୍ୟବସ୍ଥିତ କରାଯିବ ବୋଲି ଜିଲ୍ଲାପାଳ ବୈଠକରେ ସୂଚନା ଦେଇଥିଲେ । ସମସ୍ତଙ୍କ ମିଳିତ ସହଯୋଗରେ ଚଳିତ ବର୍ଷ ରବି ଧାନ କ୍ରୟ ଯେପରି ସୁରୁଖୁରୁରେ ସମ୍ପନ୍ନ ହେବ ସେଥିପାଇଁ ସମ୍ପୃକ୍ତ ଅଧିକାରୀ ମାନେ ଆଗୁଆ ପ୍ରସ୍ତୁତିର ସରଜମିନ ଯାଞ୍ଚ ସହ ତୃଣମୂଳ ସ୍ତରରେ ସମନ୍ୱୟ ରକ୍ଷା ପୂର୍ବକ କାର୍ଯ୍ୟ କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଛନ୍ତି । ବୈଠକରେ ଜିଲ୍ଲା ମୁଖ୍ୟ ଉନ୍ନୟନ ଓ କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରଭାତ କୁମାର ମହାପାତ୍ର ,ଟିଟିଲାଗଡ଼ ଉପ ଜିଲ୍ଲାପାଳ ରହାନ ଖେତ୍ରି , ବଲାଙ୍ଗିର ଉପ ଜିଲ୍ଲାପାଳ ଆଲୋକ କୁମାର ପ୍ରଧାନ , ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ପ୍ରଶାନ୍ତ କୁମାର ମହାନ୍ତି , ଜିଲ୍ଲା ସମବାୟ ସମିତି ରେଜିଷ୍ଟ୍ରାର ଦମୟନ୍ତୀ ସିଂ , ସମ୍ପାଦକ ନିୟନ୍ତ୍ରିତ ବଜାର କମିଟି, ଜିଲ୍ଲା ଚାଷୀ ସଂଗଠନର କର୍ମକର୍ତ୍ତା, ମିଲର୍ସ ପ୍ରତିନିଧି ଓ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଅଂଶ ଗ୍ରହଣ କରି ଆଲୋଚନାରେ ଭାଗ ନେଇଥିଲେ । ବୈଠକରେ ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ପ୍ରଭାକର ପାତ୍ର ସ୍ୱାଗତ କରିବା ସହ ଅଧ୍ୟକ୍ଷ୍ୟଙ୍କ ଅନୁମତିରେ ଆଲୋଚିତ କାର୍ଯ୍ୟ ଖସଡ଼ା ବୈଠକରେ ଉପସ୍ଥାପନ କରିଥିଲେ ।

ନିର୍ବାଚନରେ ମାଓବାଦୀ ଘଟାଇଥାନ୍ତେ ବଡ଼ଧରଣର ଅଘଟଣ

ମାଲକାନଗିରି,(ସବ୍ୟୁ): ସାଧାରଣ ନିର୍ବାଚନ-୨୦୨୪ ପୂର୍ବରୁ ଛତିଶଗଡ଼ ପୁଲିସକୁ ବଡ଼ଧରଣର ସଫଳତା ମିଳିଛି। ମାଓବାଦୀ ମାନେ ଏକ ବଡ଼ଧରଣର ଅଘଟଣ ଘଟାଇବା ପାଇଁ କେନ୍ଦ୍ରୀୟ କମିଟି ସହ ଏହି ଅଞ୍ଚଳର ଟପ୍ ମାଓନେତା ସାମିଲ ହୋଇ ବୈଠକ କରୁଥିଲେ। କାଙ୍କେର ଜିଲ୍ଲାର ଛୋଟିବେଠିଆ ଥାନା ଅନ୍ତର୍ଗତ ହାପାଟୋଲା ଜଂଗଲରେ ହେଉଥିବା ବୈଠକ ସଂପର୍କରେ କାଙ୍କେର ପୁଲିସକୁ ସୂଚନା ମିଳିବା ପରେ ସୁରକ୍ଷା ବାହିନୀର ଚଢାଉ କରିଥିଲା। ଏହି ଅପରେସନରେ ୨୯ ମାଓବାଦୀଙ୍କ ମୃତଦେହ ସହ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର ଜବତ ହୋଇଛି। ମୃତଦେହ ବ୍ୟବଚ୍ଛେଦ ପରେ ଚିହ୍ନଟ ପ୍ରକ୍ରିୟା ଚାଲିଛି। ଏହି ଏନକାଉଣ୍ଟର ଛତିଶଗଡ଼ର ସବୁଠୁ ବଡ଼ ଏନକାଉଣ୍ଟର ବୋଲି ପୁଲିସ କହିଛି। ଆଗାମୀ ଦିନରେ ଏଭଳି ମାଓ ଦମନ ଜାରି ରହିବ ବୋଲି ବସ୍ତର ଆଇଜି ସୁନ୍ଦରରାଜ ପି ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି।

ସାମ୍ବାଦିକ ସମ୍ମିଳନୀରେ ଆଇଜି କହିଛନ୍ତି, ଏହା ଛତିଶଗଡର ସବୁଠାରୁ ବଡ଼ ଏନକାଉଣ୍ଟର ହୋଇଥିବା ବେଳେ ଦେଶରେ ତୃତୀୟ ମୁଖ୍ୟ ବଡ଼ ଏନକାଉଣ୍ଟର। ଏହି ଘଟଣା ପରେ ପ୍ରତାପପୁର ମାଓ ସଂଗଠନ ଭାଙ୍ଗି ଯାଇଥିବା ବେଳେ ଆଗାମୀ ଦିନରେଏହି ଅଞ୍ଚଳରୁ ମାଓବାଦୀଙ୍କ ନିପାତ ପାଇଁ ଏଭଳି ଅପରେସନ ଜାରି ରହିବ। ଏନକାଉଣ୍ଟର ପରେ ତିନି ଗୁରୁତର ଯବାନ ରାୟପୁରରେ ଚିକିତ୍ସିତ ହେଉଛନ୍ତି। ତାଂକର ସ୍ୱାସ୍ଥ୍ୟବସ୍ଥା ସ୍ଥିର ଅଛି। ଏହି ଅପରେସନକୁ ନେତୃତ୍ୱ ନେଇଥିଲେ ଛତିଶଗଡର ଟପ୍ ଏନକାଉଣ୍ଟର ସ୍ପେଶାଲିଷ୍ଟ ପୁଲିସ ଇନସପେକ୍ଟର ଲକ୍ଷ୍ମଣ କେୱଟ। ମଙ୍ଗଳବାର ସକାଳୁ ବିଏସଏଫର ଦୁଇ ପ୍ଲାଟୁନ ଓ ଚାରୋଟି ଡିଆରଜି ଟିମ ଏହି ଅପରେସନକୁ ଲଞ୍ଚ କରିଥିଲେ। ଦିନ ୧୨ଟା ସମୟରେ ମାଓବାଦୀ ଓ ପୁଲିସ ମଧ୍ୟରେ ମୁହାଁମୁହିଁ ହୋଇଥିଲା। ଗୁଳିବିନିମୟ ଚାରିଘଣ୍ଟା ଧରି ଚାଲିଥିଲା। ପରେ ଛତ୍ରଭଙ୍ଗ ଦେଇଥିଲେ ମାଓବାଦୀ।

ମନ୍ଦିର ବୁଲିଲେ ସମରେନ୍ଦ୍ର, ନରସିଂହ

ଅଞ୍ଚଳ ପାଇଁ ଶାନ୍ତି, ମୈତ୍ରୀ, ଏକତା ଓ ଉନ୍ନତି କାମନା

ବଲାଙ୍ଗୀର,(ସବ୍ୟୁ): ମର୍ଯ୍ୟାଦା ପୁରୁଷ ଶ୍ରୀରାମ ଚନ୍ଦ୍ର ପ୍ରଭୁଙ୍କ ପବିତ୍ର ଜନ୍ମ ଜୟନ୍ତୀ ଅବସରରେ ସମଗ୍ର ବଲାଙ୍ଗିର ସହର ଭକ୍ତିମୟ ପରିବେଶରେ ପୁରି ଉଠିଛି । ସହର ମଧ୍ୟରେ ପ୍ରତ୍ୟେକ ଶ୍ରୀରାମ ମନ୍ଦିର ଓ ହନୁମାନ ମନ୍ଦିରରେ ସହରବାସୀଙ୍କର ଗହଳି ଲାଗି ରହିଛି । ଏ ଅବସରରେ ବଲାଙ୍ଗିର ବିଧାୟକ ନରସିଂହ ମିଶ୍ର ଏବଂ ଆଗାମୀ ନିର୍ବାଚନରେ ବଲାଙ୍ଗିର ବିଧାନସଭା ପାଇଁ ବିଧାୟକ ପ୍ରାର୍ଥୀ ସମରେନ୍ଦ୍ର ମିଶ୍ର ସହରରେ ଥିବା ଶ୍ରୀରାମଚନ୍ଦ୍ର ଓ ହନୁମାନଙ୍କ ମନ୍ଦିର ସମେତ ଅନ୍ୟାନ୍ୟ ଦେବାଳୟ ଗୁଡିକ ବୁଲି ଆଶିଷ କାମନା କରିଛନ୍ତି । ଉଭୟେ ବଲାଙ୍ଗିରବାସୀଙ୍କ ପାଇଁ ଶାନ୍ତି, ମୈତ୍ରୀ, ଏକତା ଓ ଉନ୍ନତି କାମନା କରିବା ସହ ଏହି ବର୍ଷ ଯେମିତି ଅଞ୍ଚଳର ଛାତ୍ର ଯୁବକ, କୃଷକ, ଶ୍ରମିକ ଓ ସାଧାରଣ ଜନତାଙ୍କ ପାଇଁ ଏକ ମଙ୍ଗଳମୟ ବର୍ଷ ହେଉ ବୋଲି ଭଗବାନଙ୍କ ଠାରେ କାମନା କରିଛନ୍ତି ।

ଶ୍ରୀରାମ ନବମୀ ପାଇଁ ପୁରପଲ୍ଲୀ ଉତ୍ସବମୁଖର

ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ଜିଲ୍ଲାର ପୁରପଲ୍ଲୀ ରେ ଶ୍ରୀରାମ ନବମୀ ପାଇଁ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଛି । ସହରରେ ଥିବା ମନ୍ଦିର ଓ ମଠ ଗୁଡିକରେ ସ୍ୱତନ୍ତ୍ର ହୋମ, ସୁନ୍ଦରାକାଣ୍ଡ ପାଠ ଓ ପୂଜା ଆଦି ରୀତିନୀତି ଅନୁଯାୟୀ କରାଯାଇଛି । ବିଭିନ୍ନ ସ୍ଥାନରେ ଭଜନ ଓ ପ୍ରବଚନ କାର୍ଯ୍ୟକ୍ରମମାନ ଅନୁଷ୍ଠାନ କରାଯାଇଛି । ମନ୍ଦିର ଗୁଡିକୁ ସୁସଜ୍ଜିତ କରାଯାଇ ରଙ୍ଗୀନ ଆଲୋକମାଳା ଶୋଭା ପାଉଛି । ବୃକ୍ସହିଲର ରାମମନ୍ଦିର, ବାଲିବନ୍ଧାର ରାମଜୀ ମନ୍ଦିର, ରଘୁନାଥ ଜୀଉ, ବାଲାଜୀ ମଠ, ମ୍ୟୁନିସିପାଲିଟୀ ଛକ, କୁଞ୍ଜେଲପଡ଼ା, ହାଟପଡ଼ା, କ୍ଷେତରାଜପୁର ଆଦି ସ୍ଥାନରେ ଥିବା ରାମ ମନ୍ଦିରରେ ସକାଳୁ ଭକ୍ତମାନଙ୍କ ଲମ୍ବା ଧାଡ଼ି ଦେଖିବାକୁ ମଳିଥିଲା । ସେହିଭଳି ସାକ୍ଷୀପଡ଼ା ସ୍ଥିତ ରାଧାମଦନ ଗୋପାଳ ମନ୍ଦିର ଓ ବୁର୍ଲା ନିକଟସ୍ଥ ଇସ୍କନ୍ ମନ୍ଦିରରେ ପ୍ରଭୁ ରାମ, ଲକ୍ଷ୍ମଣ, ସୀତା ଆକର୍ଷଣୀୟ ବେଶରେ ଭକ୍ତମାନଙ୍କୁ ଦର୍ଶନ ଦେଇଛନ୍ତି। ଆସନ୍ତା ଚୈତ୍ର ପୂର୍ଣ୍ଣିମା ଦିନ ଶ୍ରୀରାମଚନ୍ଦ୍ରଙ୍କ ରାଜ୍ୟାଭିଷେକ ହେବ। ଏଥିପାଇଁ ରାମ ମନ୍ଦିର ଗୁଡ଼ିକରେ ଆଜି ଠାରୁ ରାମ, ଲକ୍ଷ୍ମଣ ଓ ସୀତାଙ୍କ ନଅଦିନ ବ୍ୟାପୀ ବେଶ ଆରମ୍ଭ ହୋଇଛି ।

କୋକସରାରେ ହନୁମାନ ଜୟନ୍ତୀ ପାଳିତ

କୋକସରା,(ସବ୍ୟୁ): ହନୁମାନ ଜୟନ୍ତୀ, ପଣା ସଂକ୍ରାନ୍ତି ଓ ଓଡ଼ିଆ ନୂଆବର୍ଷ ଅବସରରେ ଆଜି ହିନ୍ଦୁ ସମ୍ପ୍ରଦାୟ ମଧ୍ୟରେ ଓଡିଶାର ସହର ଠାରୁ ପୁରପଲ୍ଲୀରେ ହର୍ଷ ଉଲ୍ଲାସରେ ହନୁମାନ ଜୟନ୍ତୀ ପାଳନ କରାଯାଇଛ। କୋକସରା ବ୍ଲକ ସଦର ହନୁମାନ ଜୟନ୍ତୀ ପାଳନ କମିଟି ପକ୍ଷରୁ ହନୁମାନ ଜୟନ୍ତୀ ପାଳନ କରାଯାଇଛି। ସକାଳୁ ହନୁମାନ ବାଟିକାରେ ପୁଜକ ଟିକିନା ମିଶ୍ର ପୂଜାର୍ଚ୍ଚନା କରିଥିବା ବେଳେ ପୂଜାକର୍ତ୍ତା ଭାବେ କୋକସରା ସରପଞ୍ଚ କିଶୋର ଚନ୍ଦ୍ର ପ୍ରଧାନୀ ପତ୍ନୀ ସାରଙ୍ଗିନୀ ପ୍ରଧାନୀ ପୂଜାକାର୍ଯ୍ୟ ତୁଲାଇଥିଲେ। ଏହି ଅବସରରେ ଶତାଧିକ ସଂଖ୍ୟକ ହନୁମାନ ଭକ୍ତ ଦର୍ଶନ କରିଥିଲେ। ସନ୍ଧ୍ୟାରେ ଶ୍ରୀରାମ ସେନା ପକ୍ଷରୁ କୋକସରା ଜଗନ୍ନାଥ ମନ୍ଦିରରୁ ହନୁମାନ ବାଟିକା ପର୍ଯ୍ୟନ୍ତ ଏକ ବିଶାଳ ଶୋଭା ଯାତ୍ରାରେ ବାହାରି ଗେରୁଆ ବସ୍ତ୍ର ପରିଧାନ କରିବା ସହ ଶ୍ରୀରାମ ଓ ଜୟ ହନୁମାନ, ଜୟ ବଜରଙ୍ଗ ବଳି ଧ୍ୱନିରେ ଗୁଞ୍ଜରିତ ହୋଇଥିଲା ସମଗ୍ର ଅଞ୍ଚଳ। ପରେ ଶୋଭାଯାତ୍ରା ହନୁମାନ ବାଟିକାରେ ପହଞ୍ଚିଥିବା ବେଳେ ହନୁମାନ ଜୟନ୍ତୀ ପାଳନ କମିଟି ପକ୍ଷରୁ ହନୁମାନ ଚାଲିଶା ପଠନ, ନାମ ସଂକୀର୍ତ୍ତନ ଅନୁଷ୍ଠିତ ହୋଇଥିଲା।

ପୂର୍ବତନ ବିଧାୟକ ରବିନାରାୟଣ ଓ ରାଜେନ୍ଦ୍ର ମଧ୍ୟରେ ହେବ କଡା ଟକ୍କର



ସମ୍ବଲପୁର,(ସବ୍ୟୁ): ଶାସକ ଦଳ ବିଜେଡି ପଞ୍ଚମ ପର୍ଯ୍ୟାୟ ବିଧାନସଭା ପ୍ରାର୍ଥୀ ତାଲିକା ଘୋଷଣା କରିଛି । ସମ୍ବଲପୁର ଓ ରେଢାଖୋଲ ମଧ୍ୟରେ ପ୍ରାର୍ଥୀ ଅଦଳବଦଳ ସହ କୁଚିଣ୍ଡା ବିଧାନସଭା ପାଇଁ ରାଜେନ୍ଦ୍ର ଛତ୍ରିଆଙ୍କ ନାମ ଘୋଷଣା କରିଛି । ଏହି ଘୋଷଣା ପରେ ଚଳିତଥର କୁଚିଣ୍ଡା ବିଧାନସଭା ନିର୍ବାଚନ ମଣ୍ଡଳୀରେ ପାରମ୍ପାରିକ ପ୍ରତିଦ୍ୱନ୍ଦ୍ୱୀଙ୍କ ମଧ୍ୟରେ ଲଢେଇ ହେବ । ବିଜେଡି ପକ୍ଷରୁ ପୂର୍ବତନ କଂଗ୍ରେସ ବିଧାୟକ ତଥା ଜିଲ୍ଲା କଂଗ୍ରେସ ସଭାପତି ରାଜେନ୍ଦ୍ର ଛତ୍ରିଆ ଓ ବିଜେପି ପକ୍ଷରୁ ପୂର୍ବତନ ବିଧାୟକ ରବିନାରାୟଣ ନାୟକଙ୍କ ନାମ ଘୋଷଣା କରାଯାଇଛି। ଅନ୍ୟପଟେ ବର୍ତ୍ତମାନର ବିଜେଡ଼ି ବିଧାୟକ କିଶୋର ଚନ୍ଦ୍ର ନାୟକଙ୍କୁ ଦଳ ପ୍ରାର୍ଥୀ କରିନାହିଁ । ସେହିପରି ପୂର୍ବତନ ବିଜେପି ବିଧାୟକ ବୃନ୍ଦାବନ ମାଝୀ ଓ ଗତ ଥରର କଂଗ୍ରେସ ପ୍ରାର୍ଥୀ ଶୋଭାରାମ ପ୍ରଧାନ ବିଜେଡ଼ିରେ ସାମିଲ ହୋଇଛନ୍ତି। ଫଳରେ କୁଚିଣ୍ଡାରେ ବିଜେଡ଼ି ଓ ବିଜେପି ମଧ୍ୟରେ କଡ଼ା ଟକ୍କର ହେବ। ଗତ ୨୦୧୯ ନିର୍ବାଚନରେ ବିଜେଡ଼ି ପ୍ରାର୍ଥୀ କିଶୋରଚନ୍ଦ୍ର ନାୟକ ୭୨ହଜାର୬୦୧ ଅର୍ଥାତ୍ ୪୧.୭୧ ପ୍ରତିଶତ ଭୋଟ ପାଇ ବିଜୟ ହୋଇଥିଲେ। ତତ୍କାଳୀନ ବିଧାୟକ ରବିନାରାୟଣ ନାୟକ ବିଜେପି ପ୍ରାର୍ଥୀ ହୋଇ ୬୯ହଜାର୦୯୩ ଅର୍ଥାତ୍ ୩୯.୬୯ ପ୍ରତିଶତ ଭୋଟ ପାଇଥିବା ବେଳେ ବର୍ତ୍ତମାନ ବିଜେଡ଼ିକୁ ଆସିଥିବା ଜିଲ୍ଲା ଉନ୍ନୟନ ପରିଷଦର ଅଧ୍ୟକ୍ଷ ଶୋଭାରାମ ପ୍ରଧାନ କଂଗ୍ରେସ ପ୍ରାର୍ଥୀ ଭାବେ ୨୪ହଜାର୭୯୫ ଅର୍ଥାତ୍ ୧୪.୨୪ ପ୍ରତିଶତ ଭୋଟ ପାଇଥିଲେ। ସେହିପରି ୨୦୧୪ରେ ବିଜେପି ପ୍ରାର୍ଥୀ ରବିନାରାୟଣ ନାୟକ ୪୩.୪୪ ପ୍ରତିଶତ ଭୋଟ ପାଇ ବିଜୟ ହୋଇଥିଲେ। ବିଜେଡ଼ି ପ୍ରାର୍ଥୀ ଭୁବନେଶ୍ୱର କିସାନ ୨୯.୪୩ ଓ କଂଗ୍ରେସ ପ୍ରାର୍ଥୀ ତଥା ତତ୍କାଳୀନ ବିଧାୟକ ରାଜେନ୍ଦ୍ର ଛତ୍ରିଆ ୨୦.୮୧ ପ୍ରତିଶତ ଭୋଟ ପାଇଥିଲେ। ରାଜେନ୍ଦ୍ର ଛତ୍ରିଆ କଂଗ୍ରେସ ପ୍ରାର୍ଥୀ ଭାବେ ୨୦୦୯ରେ ବିଜୟୀ ହୋଇଥିବା ବେଳେ ବିଜେପିର ତଥା ବର୍ତ୍ତମାନର ପ୍ରାର୍ଥୀ ୨୮.୯୧ ଏବଂ ବୃନ୍ଦାବନ ମାଝୀ ୨୧.୩୫ ପ୍ରତିଶତ ଭୋଟ ହାସଲ କରିଥିଲେ।

ସମ୍ବଲପୁର ଜିଲ୍ଲାର କୁଚିଣ୍ଡା ବିଧାନସଭା ନିର୍ବାଚନ ମଣ୍ଡଳୀ ଏକ ସଂରକ୍ଷିତ ଆସନ ଅଟେ। ସମ୍ବଲପୁର ଲୋକସଭା କ୍ଷେତ୍ରର ୭ଟି ବିଧାନସଭା ନିର୍ବାଚନ ମଣ୍ଡଳୀରୁ କୁଚିଣ୍ଡା ଆସନଟି ବାମରା, ଜମନକିରା, କୁଚିଣ୍ଡା ବ୍ଲକ ଓ ଏନ୍ଏସିକୁ ନେଇ ଗଠିତ। ଏଠାରେ ବିଶେଷ ଭାବେ ଆଦିବାସୀ ସମ୍ପ୍ରଦାୟର ଲୋକ ବସବାସ କରନ୍ତି। ଏମାନଙ୍କ ମଧ୍ୟରୁ ଅଧିକାଂଶ କିସାନ ବର୍ଗର ଅଟନ୍ତି। ସେମାନେ ଚାଷ ଓ ଜଙ୍ଗଲଜାତ ଦ୍ରବ୍ୟ ଉପରେ ନିର୍ଭର କରନ୍ତି। ଏମାନଙ୍କ ଭୋଟ ଉପରେ ପ୍ରାର୍ଥୀମାନଙ୍କ ପରିଶ୍ରମ ଓ ଭବିଷ୍ୟତ ନିର୍ଭର କରିବ ବୋଲି କୁହାଯାଉଛି। ପୂର୍ବରୁ ଦେବଗଡ ଓ ବାମଣ୍ଡା ବିଧାନସଭା ନିର୍ବାଚନ ମଣ୍ଡଳୀ ସହ ଥିବା କୁଚିଣ୍ଡା ବିଧାନସଭା ନିର୍ବାଚନ ମଣ୍ଡଳୀ ୧୯୬୭ମସିହାରେ ଗଠିତ ହୋଇଥିଲା। ଏ ପର୍ଯ୍ୟନ୍ତ ଅନୁଷ୍ଠିତ ୧୩ଟି ନିର୍ବାଚନରୁ କଂଗ୍ରେସ ୭ଥର ବିଜୟୀ ହୋଇଛି। ସ୍ୱତନ୍ତ୍ର ପାର୍ଟି ଓ ଜନତା ଦଳକୁ ଥରେ ଲେଖାଏଁ ଏବଂ ବିଜେପି ପ୍ରାର୍ଥୀ ୩ଥର ସଫଳତା ପାଇଛନ୍ତି। ଗତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ବିଜେଡ଼ି ଏହି ନିର୍ବାଚନ ମଣ୍ଡଳୀରେ ଭଲ ପ୍ରଦର୍ଶନ କରିଥିଲା। ଚଳିତ ସାଧାରଣ ନିର୍ବାଚନ ପାଇଁ ବିଜେପି ପୂର୍ବରୁ ରବିନାରାୟଣ ନାୟକଙ୍କ ନାମ ଘୋଷଣା କରିଥିଲା । ସେ ସ୍ଥାନୀୟ ସମସ୍ୟା ନେଇ ପ୍ରଚାର ଆରମ୍ଭ କରିଛନ୍ତି । ବିଭିନ୍ନ ସଭା ଓ ସମିତି ମାଧ୍ୟମରେ ଭୋଟରଙ୍କୁ ଆକୃଷ୍ଟ କରିବାକୁ ଉଦ୍ୟମ ଚଳାଇଛନ୍ତି । ସେହିପରି କଂଗ୍ରେସ ଏହି ଆସନରେ କେଦାର ବରିହାଙ୍କୁ ପ୍ରାର୍ଥୀ କରିଛି । ସେ ଜମନକିରା ବ୍ଲକ ଅଧ୍ୟକ୍ଷ ଥିଲେ । ତେବେ ବୁଧବାର ବିଜେଡି ଏହି ଆସନ ପାଇଁ ପ୍ରାର୍ଥୀ ଘୋଷଣା କରିବା ପରେ ଦୁଇ ପ୍ରତିଦ୍ୱନ୍ଦୀ ତଥା ପୂର୍ବତନ ବିଧାୟକଙ୍କ ମଧ୍ୟରେ କଡା ଟକ୍କର ହେବ ବୋଲି ଆଲୋଚନା ହେଉଛି ।

କୁଚିଣ୍ଡା ବିଧାନସଭା ଆସନର ବିଧାୟକ ତାଲିକା

୧.	୧୯୫୧	ହରପ୍ରସାଦ ଦେବ	ଗଣତନ୍ତ୍ର ପରିଷଦ
	(ବାମଣ୍ଡା)	ଜୟଦେବ ଠାକୁର	ଗଣତନ୍ତ୍ର ପରିଷଦ
୨.	୧୯୫୭	ଜୟଦେବ ଠାକୁର	ଗଣତନ୍ତ୍ର ପରିଷଦ
	(ଦେବଗଡ)	ରାଣୀ ଜ୍ୟୋତିମଞ୍ଜରୀ ଦେବୀ	ଗଣତନ୍ତ୍ର ପରିଷଦ
୩.	୧୯୬୧	ଜୟଦେବ ଠାକୁର	ଗଣତନ୍ତ୍ର ପରିଷଦ
୪.	୧୯୬୭	କହ୍ନାଇ ସିଂହ	ସ୍ୱତନ୍ତ୍ର ପାର୍ଟି
୫.	୧୯୭୧	ଜଗଦେଶ୍ୱର ମିର୍ଦ୍ଧା	କଂଗ୍ରେସ
୬.	୧୯୭୪	ଜଗଦେଶ୍ୱର ମିର୍ଦ୍ଧା	କଂଗ୍ରେସ
୭.	୧୯୭୭	ଜଗଦେଶ୍ୱର ମିର୍ଦ୍ଧା	କଂଗ୍ରେସ
୮.	୧୯୮୦	ଜଗଦେଶ୍ୱର ମିର୍ଦ୍ଧା	କଂଗ୍ରେସ(ଇ)
୯.	୧୯୮୫	ଜଗଦେଶ୍ୱର ମିର୍ଦ୍ଧା	କଂଗ୍ରେସ
୧୦.	୧୯୯୦	ବୃନ୍ଦାବନ ମାଝୀ	ଜନତା ଦଳ
୧୧.	୧୯୯୫	ପାଣ୍ଡୁ ଚନ୍ଦ୍ର ନାଏକ	ଜାତୀୟ କଂଗ୍ରେସ
୧୨.	୨୦୦୦	ରବିନାରାୟଣ ନାଏକ	ବିଜେପି
୧୩.	୨୦୦୪	ରବିନାରାୟଣ ନାଏକ	ବିଜେପି
୧୪.	୨୦୦୯	ରାଜେନ୍ଦ୍ର ଛତ୍ରିଆ	କଂଗ୍ରେସ
୧୫.	୨୦୧୪	ରବିନାରାୟଣ ନାଏକ	ବିଜେପି
୧୬.	୨୦୧୯	କିଶୋର ଚନ୍ଦ୍ର ନାୟକ	ବିଜେଡ଼ି

ଦୁଇ ବାଇକ୍ ଆରୋହୀଙ୍କ ମୃତ୍ୟୁ

ସୁନ୍ଦରଗଡ଼,(ସବ୍ୟୁ): ପବିତ୍ର ରାମନବମୀ ଅବସରରେ ଆୟୋଜିତ ବାଇକ ଶୋଭାଯାତ୍ରାରେ ଅଘଟଣ ଘଟିଛି। ସୁନ୍ଦରଗଡ଼ ଜିଲ୍ଲା ତଳସରା ଥାନା ତୁମୁଳିଆ ପେଟ୍ରୋଲ ପମ୍ପ ନିକଟରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏଥିରେ ଦୁଇ ଜଣ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ମାନେ ସବଡେଗା ଅଞ୍ଚଳର ବାସ୍ତବ ମାଝୀ (୧୭) ଓ ଅଭିମନ୍ୟୁ ବାଆ(୧୮)। ସୂଚନା ଅନୁସାରେ ରାମନବମୀ ଅବସରରେ ବାଲିଶଙ୍କରା ଠାରୁ ସବଡେଗା ଅଭିମୁଖେ ଏକ ବାଇକ୍ ଶୋଭାଯାତ୍ରା ବାହାରିଥିଲା। ରାଲିରେ ଥିବା ଯୁବକମାନଙ୍କ ମଧ୍ୟରୁ ବାସ୍ତବ ଓ ଅଭିମନ୍ୟୁ ତଳସରା ଥାନା ତୁମୁଲିଆ ପେଟ୍ରୋଲ ପମ୍ପ ନିକଟରେ ସଡ଼କ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ବାଇକ୍ ଆରୋହୀମାନେ ଟ୍ରଲର ସହିତ ଧକ୍କା ହୋଇଥିଲେ। ଫଳରେ ଘଟଣାସ୍ଥଳରେ ଦୁଇ ବାଇକ୍ ଆରୋହୀଙ୍କ ମୃତ୍ୟୁ ହୋଇଥିଲା। ଏହି ଘଟଣାକୁ ନେଇ ଉତ୍ତେଜନା ଦେଖାଯାଇଛି। ଏହି ରାସ୍ତାରେ ଯାନବାହନ ଚଳାଚଳ ବନ୍ଦ ରହିଥିଲା । ପୋଲିସର ହସ୍ତକ୍ଷେପ ପରେ ଅବସ୍ଥା ସ୍ୱାଭାବିକ ହୋଇଥିଲା ।

ଝାଡୁଦାର ନିଯୁକ୍ତିରେ ଅନିୟମିତତା

ବିଡିଓଙ୍କ ଦ୍ୱାରସ୍ଥ ହେଲେ ଏସ୍ଏଚଜି ମହିଳା

ସିନାପାଲି,(ସବ୍ୟୁ): ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ଅନ୍ତର୍ଗତ ନିଲଜି ହାଇସ୍କୁଲରେ ଝାଡୁଦାର ନିଯୁକ୍ତିରେ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି । ପ୍ରଧାନ ଶିକ୍ଷକ ମନମୁଖୀ କରି ଝାଡୁଦାର ନିଯୁକ୍ତି ପତ୍ରକୁ ଗ୍ରହଣକରି ଅନୁମତି ନଦେବାରୁ ସିନାପାଲି ବିଡିଓଙ୍କ ଠାରେ ମାଁ ଭବାନୀ ଏସଏଚଜି ମହିଳା ମାନେ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁସାରେ ମାଁ ଭବାନୀ ଏସଏଚଜିକୁ ଜିଲ୍ଲାପ୍ରଶାସନ ଝାଡୁଦାର ବା ପିଅନ ନିଯୁକ୍ତି ଚୟନ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ହେଲେ ଏନେଇ ହାଇସ୍କୁଲ ପ୍ରଧାନ ଶିକ୍ଷକଙ୍କୁ ଏସଏଚଜି ମହିଳା ମାନେ ଜଣାଇଲେ । ବିଭିନ୍ନ ବାହାନା କରି କଥାଟିକୁ ଏଡାଇ ଦେଉଥିବା ବେଳେ ବିଭିନ୍ନ ସମୟରେ ଗାଳି ଗୁଲଜ ମଧ୍ୟ କରୁଥିବା ଅଭିଯୋଗ ହୋଇଛି। ଫଳରେ ଏସଏଚଜି ମହିଳା ମାନେ ନିଜର ଦୁଃଖ ଜଣାଇବାକୁ ସିନାପାଲି ବିଡିଓଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଏହି ନିଯୁକ୍ତି ଚୟନ ପାଇଁ ମାଁ ଭବାନୀ ଏସଏଚଜିକୁ ଗତ ୨୦୨୨ ମସିହାରେ ଜିଲ୍ଲାପ୍ରଶାସନ ତରଫରୁ ନିର୍ଦ୍ଦେଶ ହୋଇଥିବା ବେଳେ ବିଭାଗୀୟ ଅଧିକାରୀ ମାନଙ୍କୁ ଚିଠି ହୋଇଥିବା ଜଣାପଡିଛି। ସିନାପାଲି ବ୍ଲକ ର ୭ଟି ଏସଏଚଜି ଦଲ ତଥା ହାତିବନ୍ଧା ସିଦ୍ଧିବିନାୟକ, ନିଲଜି ମାଁ ଭବାନୀ ସଂଘ ସହାୟକ,ସିଙ୍ଗଝର ମାଁ ତୁଳସି, ମାଁ ସାରଳା ପଟେଲପଡା, ଘଣ୍ଟିଗୁଡା ମାଁ ବିରଜାଦେବି, ଘାଟମାଲ ମାଁ ସୁଭଦ୍ରା ଓ ଟିମନପୁର ରେ ଜେଶନିଦେବ କୁ ଏହିନିର୍ଦ୍ଦେଶ ହୋଇଥିଲା। ହେଲେ ଆଜିକୁ ୨ ବର୍ଷ ହେଲା ନିଲଜି ହାଇସ୍କୁଲ ପ୍ରଧାନ ଶିକ୍ଷକଙ୍କ ମନମୁଖୀ ଯୋଗୁ ଏପର୍ଯ୍ୟନ୍ତ ଉକ୍ତ କାର୍ଯ୍ୟ ରେ ନିଯୁକ୍ତି ହୋଇନାହିଁ। ଏନେଇ ବ୍ଲକ ତଥା ଜିଲ୍ଲା ପ୍ରଶାସନ ତୁରନ୍ତ ଦୃଷ୍ଟିଦେଇ ଉଚିତ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହୋଇଛି ।

ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧ ଦିବସ ପାଳିତ

ବଲାଙ୍ଗିର,(ସବ୍ୟୁ): ବଲାଙ୍ଗିର ବିଜୁ ଜନତା ଦଳ ପକ୍ଷରୁ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧ ଦିବସ ପାଳିତ ହୋଇଯାଇଛି । ବଲାଙ୍ଗିର ବିଜୁ ପଟ୍ଟନାୟକ ଶିଶୁ ଉଦ୍ୟାନ ପାର୍କ ସ୍ଥିତ ଓଡ଼ିଆ ଜାତିର ସ୍ୱାଭିମାନ, ମହାନ୍ ଜନନାୟକ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ଦୀପ ପ୍ରଜ୍ୱଳନ ସହ ପୁଷ୍ପମାଲ୍ୟ ପ୍ରଦାନ କରିଥିଲେ ବିଜେଡ଼ି ବିଧାୟକ ପ୍ରାର୍ଥୀ କଳିକେଶ ନାରାୟଣ ସିଂହଦେଓ । କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବିଜେଡିର ବରିଷ୍ଠ ନେତା ତଥା ପୂର୍ବତନ ମନ୍ତ୍ରୀ ଅନଙ୍ଗ ଉଦୟ ସିଂହଦେଓ, ବଲାଙ୍ଗିର ପୌର ଅଧକ୍ଷା ଲିକା ସାହୁ, ବିଜେଡ଼ି ରାଜ୍ୟ ସଂପାଦକ ଲକ୍ଷ୍ମଣ କୁମାର ମେହେର, ବିଭିନ୍ନ କାଉନସିଲରଙ୍କ ସମେତ ଶତାଧିକ ବିଜେଡ଼ି କର୍ମକର୍ତ୍ତା ଉପସ୍ଥିତ ରହି ବିଜୁ ପଟ୍ଟନାୟକଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । ବିଜୁ ପଟ୍ଟନାୟକ ଅମର୍ ରହେ ଧ୍ୱନିରେ କାର୍ଯ୍ୟକ୍ରମ ପ୍ରକମ୍ପିତ ହୋଇଥିବା ବେଳେ ବିଜୁ ପଟ୍ଟନାୟକଙ୍କ ନୀତି ଆଦର୍ଶରେ ଗଠିତ ବିଜେଡ଼ି ସର୍ବଦା ଓଡ଼ିଶାବାସୀଙ୍କ ନିଷ୍ଠାପର ସେବା କରିବା ଦିଗରେ ବ୍ରତୀ ରହିବ ବୋଲି ଉପସ୍ଥିତ ବିଜେଡ଼ି କର୍ମକର୍ତ୍ତାମାନେ ଶପଥ ନେଇଥିଲେ ।

ଚିତ୍ରକୋଣ୍ଡା : ବିଜେଡିରୁ ଲକ୍ଷ୍ମୀ ପ୍ରିୟା, କଂଗ୍ରେସରୁ ମଙ୍ଗୁ ଖିଲ, ବିଜେପିରୁ ଡମ୍ବରୁ ଶିଶାଙ୍କ ନାମ ଘୋଷଣା

ମାଲକାନଗିର,(ସବ୍ୟୁ): ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ବିଧାନସଭା ନିର୍ବାଚନୀ ମଣ୍ଡଳୀରୁ କଂଗ୍ରେସରୁ ମଙ୍ଗୁ ଖିଲ, ବିଜେପିର ଡମ୍ବରୁ ଶିଷା ଏବଂ ବିଜେଡି ରୁ ଲକ୍ଷ୍ମୀ ପ୍ରିୟା ନାୟକଙ୍କ ନାମ ଘୋଷଣା କରାଯାଇଛି। ଚିତ୍ରକୋଣ୍ଡା ବିଧାନସଭା ନିର୍ବାଚନ ମଣ୍ଡଳୀରୁ ବିଜୁ ଜନତା ଦଳ ପ୍ରାର୍ଥୀ ଭାବେ ଲକ୍ଷ୍ମୀପ୍ରିୟା ନାୟକଙ୍କ ନାମ ଘୋଷଣା ହେବା ପରେ ବହୁ ବାଦ ବିବାଦ ଓ କଳ୍ପନା ଜଳ୍ପନାର ଅନ୍ତ ଘଟିଛି । ବିଜେଡ଼ି ସୁପ୍ରିମୋ ଚିତ୍ରକୋଣ୍ଡା ନିର୍ବାଚନ ମଣ୍ଡଳୀ ପାଇଁ ଲକ୍ଷ୍ମୀ ପ୍ରିୟାଙ୍କ ନାମ ଘୋଷଣା କରିଛନ୍ତି । ବିଜେଡ଼ି ଜିଲ୍ଲା ସଭାନେତ୍ରୀ ଲକ୍ଷ୍ମୀପ୍ରିୟା ନାୟକଙ୍କୁ ଭରସା କରି ଟିକେଟ ଦେଇଛି । ସେ ୨୦୧୯ ନିର୍ବାଚନରେ କଂଗ୍ରେସ ଦଳରୁ ଟିକେଟ ପାଇ ବିଧାୟିକା ଭାବେ ଚିତ୍ରକୋଣ୍ଡା ଆସନରୁ ଲଢ଼ିଥିଲେ ଲକ୍ଷ୍ମୀପ୍ରିୟା। କିନ୍ତୁ ୨୫୪୫ ଭୋଟ ବ୍ୟବଧାନରେ ବିଜେଡି ପ୍ରାର୍ଥୀ ନିଜ ଦାଦା ପୂର୍ଣ୍ଣ ଚନ୍ଦ୍ର ବାକାଙ୍କ ଠାରୁ ପରାସ୍ତ ହୋଇଥିଲେ ଝିଆରୀ ଲକ୍ଷ୍ମୀପ୍ରିୟା ନାୟକା। ଗତ ପଞ୍ଚାୟତ ନିର୍ବାଚନ ସମୟରେ କଂଗ୍ରେସ ଦଳରୁ ଇସ୍ତଫା ଦେଇ ବିଜେଡିରେ ସେ ଯୋଗଦେଇ ଥିଲେ । ମାଥିଲି – ୩ ଜିଲ୍ଲା ପରିଷଦ ଜୋନ୍ ଆସନରୁ ବିଜେଡି ଟିକେଟ ପାଇ ଜିଲ୍ଲା ପରିଷଦ ମେମ୍ବର ଭାବେ ନିର୍ବାଚିତ ହୋଇଥିଲେ । ଆଶା ଥିଲା ସେ ଜିଲ୍ଲା ପରିଷଦ ସଭାପତି ହେବେ । କିନ୍ତୁ ଦଳ ସମାରୀ ଟାଙ୍ଗୁଲଙ୍କୁ ଜିଲ୍ଲା ପରିଷଦ ସଭାପତି କରି ଥିଲା। ତେବେ ତାଙ୍କୁ ଖୁସି କରେଇବା ପାଇଁ ମହିଳା ବିଜେଡିର ଜିଲ୍ଲା ସଭାପତି ଦାୟିତ୍ୱ ପ୍ରଦାନ କରିଥିଲେ। ତେବେ ଲକ୍ଷ୍ମୀପ୍ରିୟାଙ୍କ ମାନଭଞ୍ଜନ ପାଇଁ ବିଧାୟକ ଟିକେଟ ଦେବା ପାଇଁ ଦଳ ପ୍ରତିଶ୍ରୁତି ଦେଇଥିଲା । କିନ୍ତୁ ବିଜେଡି ଟିକେଟ ପାଇଁ ଏଠାରେ ୯ ଜଣ ପ୍ରାର୍ଥୀ ଆଶାୟୀ ଥିବାରୁ ବିଜେଡି କାହାକୁ ଟିକେଟ ଦେବା ଦ୍ୱନ୍ଦରେ ପଡି ଟିକେଟ ଦେବାରେ ବିଳମ୍ବ କରିଥିଲା। ଶେଷରେ ଲକ୍ଷ୍ମୀ ପ୍ରିୟା ନାୟକଙ୍କ ଉପରେ ଦଳ ଭରସା କରି ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ତାଙ୍କ ନାମରେ ମୋହର ଲଗାଇଛନ୍ତି।

ଚିତ୍ରକୋଣ୍ଡା ବିଧାୟକ ପ୍ରାର୍ଥି ଭାବେ କଂଗ୍ରେସ ଦଳ ପକ୍ଷରୁ ମଙ୍ଗୁ ଖିଲଙ୍କୁ ପ୍ରାର୍ଥୀ ଘୋଷଣା କରିଛି । ମଙ୍ଗୁ ଖିଲ କଂଗ୍ରେସ ପାଇଁ ନୂଆ ଚେହେରା। ସେ ପୂର୍ବରୁ ସୋମନାଥ ପୁର ପଞ୍ଚାୟତର ସରପଞ୍ଚ ଥିଲା ବେଳେ କୋରୁକୋଣ୍ଡା ଜୋନରୁ ସେ ଜିଲ୍ଲା ପରିଷଦ ସଦସ୍ୟ ଭାବେ ବିଜୟ ହାସଲ କରିଥିଲେ। ସେହିପରି ଚିତ୍ରକୋଣ୍ଡା ନିର୍ବାଚନ ମଣ୍ଡଳୀ ପାଇଁ ଡ଼ମ୍ବରୁ ଶିଶିଙ୍କ ନାମରେ ବିଜେପି ମୋହର ମାରିଛି। ଡମ୍ବରୁ ଶିଶା ୨୦୧୪ ରେ ବିଜେଡି ଟିକେଟରେ ବିଧାୟକ ଭାବେ ବିଜୟ ହାସଲ କରିଥିଲେ। ମାତ୍ର ବିଜେଡି ୨୦୧୯ର ତାଙ୍କୁ ବିଧାୟକ ପାଇଁ ଟିକେଟ ନ ଦେଇ ଜଣେ ସରକାରୀ କର୍ମଚାରୀ ପୂର୍ଣ୍ଣ ଚନ୍ଦ୍ର ବାକାକୁ ଟିକେଟ ଦେଇଥିଲା। ସେତେବେଳେ ଶ୍ରୀ ବାକା ୪୧,୧୯୨ ଭୋଟ ପାଇ ବିଜୟ ହୋଇଥିଲା ବେଳେ କଂଗ୍ରେସ ଟିକେଟ ରେ ଲକ୍ଷ୍ମୀ ପ୍ରିୟା ନାୟକ ୩୮,୬୪୭ ପାଇଁ ଅର୍ଥତ ୨୫୪୫ ଭୋଟ ବ୍ୟବଧାନରେ ପରାସ୍ତ ହୋଇଥିଲେ। ବର୍ତ୍ତମାନ ବିଜେଡି ପୁନର୍ବାର ପୂର୍ଣ୍ଣ ଚନ୍ଦ୍ର ବାକା ଉପରେ ଆଉ ଭରସା ନକରି ଲକ୍ଷ୍ମୀପ୍ରିୟା ନାୟକଙ୍କ ଉପରେ ଭରସା କରି ଟିକେଟ ପ୍ରଦାନ କରିଛି। ଲକ୍ଷ୍ମୀପ୍ରିୟାଙ୍କ ଟିକେଟ କାଟିବା ଲାଗି ବଡଧରଣର ଚକ୍ରାନ୍ତ ଦଳ ମଧ୍ୟରେ ଚାଲିଥିଲା । ଶେଷରେ ଦଳ ସବୁ କଳ୍ପନା ଜଳ୍ପନାର ଅନ୍ତ ଘଟାଇ ଲକ୍ଷ୍ମୀ ପ୍ରିୟା ନାୟକଙ୍କ ନାମ ଘୋଷଣା କରିଛି। ସେହି ପରି କଂଗ୍ରେସ ଟିକେଟ ପାଇଁ ଆଶାୟୀ ଥିବା ଶରତ ଚନ୍ଦ୍ର ବୁରୁଦାଙ୍କ ଟିକେଟ କାଟିବା ପରେ ସେ ଆମ୍ ଆଦମୀ ପାର୍ଟିରେ ମିଶିଛନ୍ତି। ତାଙ୍କୁ ମଧ ଆମ୍ ଆଦମୀ ପାର୍ଟି ଟିକେଟ ଦେବାର ସମ୍ଭାବନା ରହିଛି । ଶ୍ରୀ ବରୁଦା ୨୦୧୪ ରେ ଚିତ୍ରକୋଣ୍ଡା ବିଧାନସଭା ନିର୍ବାଚନ ମଣ୍ଡଳୀରୁ ବିଜେପି ରୁ ବିଧାୟକ ଭାବେ ଲଢି ୧୭, ୫୭୮ ଅର୍ଥାତ୧୫.୫ ପ୍ରତିଶତ ଭୋଟ ପାଇ ଥିଲେ । ପରେ ସେ ଦଳ ବଦଳାଇ କଂଗ୍ରେସ ଦଳରେ ସାମିଲ ହୋଇଥିଲେ। ମାତ୍ର କଂଗ୍ରେସ ଶେଷ ମୂହୁର୍ତ୍ତରେ ଟିକେଟ ନ ଦେବା ଯୋଗୁଁ ବାଧ ହୋଇ ଆମ୍ ଆଦମୀ ପାର୍ଟିରେ ସାମିଲ ହେଲେ । ତେବେ ଚିତ୍ରକୋଣ୍ଡା ଆସନରେ ୨୦୧୪ ଓ ୨୦୧୯ ଲଗାତାର ଭାବେ ବିଜେଡି ବିଜୟ କରିଛି। ୨୦୦୯ ରେ ଏହି ଆସନରୁ କଂଗ୍ରେସରୁ ମମତା ମାଡି ବିଜୟ ହାସଲ କରିଥିଲେ। ବର୍ତ୍ତମାନ କଂଗ୍ରେସ ବିଧାୟକ ଭାବେ ଏକ ନୂତନ ପ୍ରାର୍ଥୀ ଦେଇଥିଲା ବେଳେ ଡମ୍ବରୁ ଶିଶା ଥରେ ବିଧାୟକ ଭାବେ ବିଜୟ ହାସଲ କରିଥିଲେ। ଲକ୍ଷ୍ମୀପ୍ରିୟା ଏବଂ ଶରତ ଚନ୍ଦ୍ର ବୁରୁଦା ବିଧାୟକ ଭାବେ ଲଢି ହାରିଯାଇଥିଲେ ।

ଖଲିଆପାଲିରେ ବିଜେଡ଼ିର ଯୁବ ସମାବେଶ

ବାଲାଙ୍ଗୀର,(ସବ୍ୟୁ): ବଲାଙ୍ଗିର ବିଜେଡି ପକ୍ଷରୁ ଖଲିଆପାଲି ପଞ୍ଚାୟରେ ଏକ ବିଶାଳ ଯୁବସମାବେଶ କରି ନବୀନ ସରକାରଙ୍କ ବିକାଶ ପ୍ରକଳ୍ପ ଉପରେ ଲୋକଙ୍କୁ ସଚେତନ କରାଯାଇଛି। ମନହିରା, ଖଲିଆପାଲି, ସକମା, ଚନ୍ଦନଭାଟି, ମିର୍ଦ୍ଧାପାଲି ଓ କୁଟୁମଡୋଲା ପଞ୍ଚାୟତର ହଜାରେରୁ ଅଧିକ ସଂଖ୍ୟକ ଯୁବକ ପ୍ରଥମେ ଏକ ବାଇକରାଲି କରିଥିଲେ। ପରେ ଆୟୋଜିତ ଯୁବସମାବେଶରେ ଯୋଗଦେଇଥିଲେ । ଜିଲ୍ଲା ଯୁବ ବିଜେଡି ସଭାପତି ରାଜେନ୍ଦ୍ରକୁମାର ହୋତାଙ୍କ ସଭାପତିତ୍ୱ ଓ ସଂଯୋଜନାରେ ଅନୁଷ୍ଠିତ ଯୁବସମାବେଶରେ ବିଜେଡିର ବିଧାୟକ ପ୍ରାର୍ଥି କଳିକେଶ ନାରାୟଣ ସିଂଦେଓ ଯୋଗଦେଇ ବିଭିନ୍ନି ପଞ୍ଚାୟତରେ କରାଯାଇଥିବା ବିକାଶମୂଳକ ପ୍ରକଳ୍ପ ବିଷୟରେ କହିଥିଲେ । ନବୀନ ସରକାର ଯୁବକମାନଙ୍କ ପାଇଁ କରିଥିବା ସହାୟତା ଯୋଜନା,ଗାଁମାନଙ୍କରେ କରାଯାଇଥିବା ରାସ୍ତାଘାଟ,ବ୍ରୀଜ,ମନ୍ଦିର,ମସଜିଦ,ଚର୍ଚ୍ଚର ଉନ୍ନତିକରଣ,ଜଳସେଚନ ପାଇଁ କରାଯାଇଥିବା ଲୋୟର ସୁକତେଲ ଜଳସେଚନ ପ୍ରକଳ୍ପ ଉପରେ କଳିକେଶ ଉପସ୍ଥିତ ଯୁବକମାନଙ୍କୁ କହିଥିଲେ । ସ୍କୁଲ,କଲେଜର ରୂପାନ୍ତରଣ,କ୍ରୀଡାର ବିକାଶ ପାଇଁ ଖେଳପଡିଆ ଇତ୍ୟାଦି ଉପରେ ନବୀନ ସରକାର ଫୋକସ କରିଥିବା କହିଥିଲେ । କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସଦର ବ୍ଲକର ପୂର୍ବତନ ଅଧକ୍ଷ ଗୁଲାବ ବାଗ, ସଦରବ୍ଲକ ଯୁବସଭାପତି ଟିଟୁ ସାହୁ,ଜିଲ୍ଲା ଛାତ୍ର ବିଜେଡି ସଭାପତି ସୁମନ ନନ୍ଦ ପ୍ରମୁଖ ମଞ୍ଚାସୀନ ଥିଲେ ।

ବିଜୁବାବୁଙ୍କ ତିରୋଧାନ ଦିବସ ପାଳିତ



ସଇଁତଲା,(ସବ୍ୟୁ): ସଇଁତଲା ପୂର୍ତ୍ତବିଭାଗ ଡ଼ାକବଙ୍ଗଳାଠାରେ ପ୍ରବାଦ ପୁରୁଷ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ୨୭ତମ ତିରୋଧାନ ଦିବସ ପାଳିତ ହୋଇଯାଇଛି । ଭଦ୍ରା ପଞ୍ଚାୟତର ବରଗାଁଠାରୁ ଶତାଧିକ ବିଜେଡ଼ି କର୍ମୀ ବାଇକ୍ ରାଲିରେ ବାହାରି ସଇଁତଲା। ଡ଼ାକବଙ୍ଗଳାରେ ପହଞ୍ଚିଥିଲେ । ବିଜେଡ଼ିର ବଲାଙ୍ଗିର ଲୋକସଭା ପ୍ରାର୍ଥି ସୁରେନ୍ଦ୍ର ସିଂ ଭୋଇ, ଟିଟିଲାଗଡ଼ ବିଧାନସଭା ପ୍ରାର୍ଥି ଟୁଲ୍ଲୁନୀ ସାହୁ ଶୋଭାଯାତ୍ରାରେ ସାମିଲ ଥିଲେ । ପରେ ସ୍ଥାନୀୟ ଡ଼ାକବଙ୍ଗଳାଠାରେ ଆଜୟୋଜିତ ସଭାରେ ଶ୍ରୀ ସିଂ ଭୋଇ ଏବଂ ଶ୍ରୀମତୀ ସାହୁ ପ୍ରବାଦ ପୁରୁଷ ବିଜୁବାବୁଙ୍କ ତୈଳ ଚିତ୍ରରେ ମାଲ୍ୟାର୍ପଣ କରି ସଭାକାର୍ଯ୍ୟ ଆରମ୍ଭ କରିଥିଲେ । ବିଜେଡ଼ିର ପର୍ଯ୍ୟବେକ୍ଷକ ଲୋଟସ ଷଡ଼ଙ୍ଗୀ ସଇଁତଲା ସରପଞ୍ଚ ସୁବ୍ରତ ନାଗ, ବଜରଙ୍ଗ ଜୈନ, ଗୁଣସାଗର ମାଝୀ ସିମରନ ସିଂ ଭୋଇ, ଶୋଭନ ସିଂ ଭୋଇ, ଜିଲ୍ଲାପରିଷଦ ସଦସ୍ୟ ହିମାଂଚଳ ବୁଡ଼େକ, ରୀତାରାଣୀ ହାତୀ ସୁରେନ୍ଦ୍ର ସାହୁ, ରାଜ କିଶୋର ତାଙ୍ଗ, ସୁବ୍ରତ ବେହେରା ପ୍ରମୁଖ ବିଜୁବାବୁଙ୍କ ସ୍ମୃତିଚାରଣ କରିଥିଲେ ।

ଭୋଟର ସଚେତନତା କାର୍ଯ୍ୟକ୍ରମ

ଭବାନୀପାଟଣା, (ସବ୍ୟୁ): କଳାହାଣ୍ଡି ଜିଲ୍ଲାରେ ଆସନ୍ତା ଲୋକସଭା ଓ ରାଜ୍ୟ ବିଧାନସଭା ନିର୍ବାଚନ ୨୦୨୪ ରେ ଯେଉଁଳି ମତଦାନ ଅଧିକ ହେବ ଏବଂ ଭୋଟର ମାନେ ସଚେତନ ହୋଇ ନିଜର ମୂଲ୍ୟବାନ ଭୋଟ ଦେବେ । ଏହି ପରିପେକ୍ଷୀରେ ଜିଲ୍ଲାପାଳ ପି ଅନ୍ୱେଷା ରେଡ୍ଡୀ ଭୋଟର ସଚେତନତା ରଥକୁ ଶୁଭାରମ୍ଭ କରିଛନ୍ତି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖସ୍ଥ ଡ଼. ବି ଆର୍ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ ପରେ ଜିଲ୍ଲାପାଳ ରଥକୁ ସବୁଜ ପତାକା ଦେଖାଇ ଭୋଟର ସଚେତନତା ଶୋଭାଯାତ୍ରାରେ ସାମିଲ ହୋଇଥିଲେ । ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ମାନବ ଶୃଙ୍ଖଳ ତଥା ଦସ୍ତଖତ ଅଭିଯାନର ନେତୃତ୍ୱ ନେଇଥିଲେ। ସୂଚନାଯୋଗ୍ୟ ଯେ ଆସନ୍ତା ମେ ମାସ ୧୩ ତାରିଖ ରେ କଳାହାଣ୍ଡି ଜିଲ୍ଲାରେ ସାଧାରଣ ନିର୍ବାଚନ ହେବ ଏବଂ ଏଥିପାଇଁ ସମସ୍ତ ଭୋଟର୍ ବିଶେଷତଃ ନୂଆ ଯୁବ ଭୋଟର୍ ଯେଭଳି ନିଜର ମୂଲ୍ୟବାନ ଭୋଟ ପ୍ରଦାନ କରିବେ ଏହାକୁ ନେଇ ସଚେତନ ରଥ ଏବଂ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଡ. ଆମ୍ବେଦକରଙ୍କ ଜୟନ୍ତୀ ପାଳନ ଅବସରରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ରେ ଛାତ୍ର ଛାତ୍ରୀ ମାନେ ସ୍ଥାନୀୟ ଭାଷାରେ ନିର୍ମିତ ଭୋଟର୍ ସଚେତନ ବୃତ୍ତଚିତ୍ରକୁ ଦେଖିଥିଲେ। ଜିଲ୍ଲାପାଳ ଉପସ୍ଥିତ ସମସ୍ତ ଯୁବ ମତଦାତା ମାନଙ୍କୁ ଆସନ୍ତା ମେ ମାସ ୧୩ ତରିକ୍ରେ ନିଜ ନିଜ ବୁଥ କୁ ଯାଇ ନିଜର ମୂଲ୍ୟବାନ ଭୋଟ ପ୍ରଦାନ କରି ଗଣତନ୍ତ୍ରକୁ ସଶକ୍ତ ଓ ସୁ ଦୃଢ଼ କରିବାକୁ ଆହ୍ୱାନ କରିଥିଲେ। ଭୋଟର୍ ସଚେତନ କାର୍ଯ୍ୟକ୍ରମ ଉପଲକ୍ଷେ ଅନୁଷ୍ଠିତ କଲେଜ ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରେ ବକ୍ତୃତା ଓ ଚିତ୍ରାଙ୍କନ ପ୍ରତିଯୋଗିତାର ଉତ୍ତୀର୍ଣ୍ଣ ପ୍ରତିଯୋଗୀଙ୍କୁ ଜିଲ୍ଲାପାଳ ସାର୍ଟିଫିକେଟ ଓ ଟ୍ରଫି ପ୍ରଦାନ କରିଥିଲେ। କାର୍ଯକ୍ରମରେ ଜିଲ୍ଲାପରିଷଦ ସି ଡି ଓ ଦୟାମୟ ପାଢ଼ୀ,ଉପ ଜିଲ୍ଲାପାଳ ଭବାନୀପାଟଣା ଡ଼. ବିଶ୍ୱଜିତ ଦାସ, ଅତିରିକ୍ତ ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଦିଲ୍ଲୀପ ମହାରଣାଙ୍କ ସମେତ ବି ଡି ଓ,ଭବାନୀପାଟଣା, ଡି ଆଇ ପି ଆର୍ ଓ, ଇ ଓ, ପୌରପରିଷଦ, ଭବାନୀପାଟଣା, ଏ ପି ଡି(ଆର୍ ଏଚ୍),ଯୁବ ଆଇକନ୍ ତଥା ବିଶିଷ୍ଟ ପର୍ବତାରୋହୀ ଯୋଗବ୍ୟାସ ଭୋଇ ଓ ନିର୍ବାଚନ ସଂଯୁକ୍ତ ଅଧିକାରୀ ଉପସ୍ଥିତ ଥିଲେ। ଡି ଆଇ ପି ଆର୍ ଓ ସଭା ସଞ୍ଚାଳନ କରିଥିଲେ।

ରେଙ୍ଗାଲିରେ ସ୍ୱାଧୀନ ପ୍ରାର୍ଥୀ ଭାବେ ଲଢିବେ ଲଙ୍କେଶ

ସମ୍ବଲପୁର, (ସବ୍ୟୁ): ସମ୍ବଲପୁର ଜିଲ୍ଲା ରେଙ୍ଗାଲି ନିର୍ବାଚନ ମଣ୍ଡଳୀରେ ସ୍ୱାଧିନପ୍ରାର୍ଥୀ ଭାବେ ଭୀମ ଆର୍ମିର ରାଜ୍ୟ ସଭାପତି ଲଙ୍କେଶ ରାବଣ ନିର୍ବାଚନ ଲଢିବେ । ଏନେଇ ବିଧିବଦ୍ଧ ଭାବେ ତାଙ୍କ ନାମ ଘୋଷଣା କରାଯାଇଛି । ବୁଧବାର ସାମ୍ବାଦିକ ଭବନ ଠାରେ ଭୀମ ଆର୍ମି ପକ୍ଷରୁ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ବିଭିନ୍ନ ସମାଜର କର୍ମକର୍ତ୍ତା ଯୋଗ ଦେଇ ଏହି ନିଷ୍ପତି ଗ୍ରହଣ କରିଥିଲେ । ଏହି ନିର୍ବାଚନ ମଣ୍ଡଳୀ ଏକ ଶିଳ୍ପାଞ୍ଚଳ ଭାବେ ପରିଗଣିତ । ଅଞ୍ଚଳର ବିକାଶ ହୋଇନଥିବା ବେଳେ ସ୍ଥାନୀୟ ଯୁବକଯୁବତୀ ମାନେ ନିଯୁକ୍ତି ନପାଇ ବେକାର ହୋଇ ବୁଲୁଛନ୍ତି । ସେହିପରି ଭୂମିହୀନଙ୍କୁ ସ୍ଥାୟୀ ପଟ୍ଟା ପ୍ରଦାନ ଆଦି ସମସ୍ୟା ଦେଖାଯାଇଛି । ତେବେ ପ୍ରତି ପଞ୍ଚାୟତରେ ଅଭିଯୋଗ ଶୁଣାଣୀ, ଭୂମିହୀନଙ୍କୁ ୪ଡେସିମିଲ ଜାଗା ପ୍ରଦାନ, କଳାକାରଖାନାରେ ସ୍ଥାୟୀ ନିଯୁକ୍ତି, ପ୍ରତି ପରିବାରକୁ ୨୦୦ୟୁନିଟ୍ ପର୍ଯ୍ୟନ୍ତ ବିଜୁଳି ବିଲ ଛାଡ, ଜଳସେଚନ ବ୍ୟବସ୍ଥା, ଐତିହାସିକ ସ୍ଥଳୀର ବିକାଶ ଆଦି ନିର୍ବାଚନୀ ଇସ୍ତାହାରରେ ରହିଛି । ଏହି ସାମ୍ବାଦିକ ସମ୍ମିଳନୀରେ ରବିଦାସ ସମାଜର ଗୋପିନାଥ ରୋହିଦାସ, ପଶ୍ଚିମ ଓଡିଶା ଓବିସି ସଂଯୋଜକ ଜ୍ଞାନେନ୍ଦ୍ର ବେହେରା, ଆଦିବାସୀ ବିକାଶ ପରିଷଦ ସଭାପତି ଦିନେଶ ମୁଣ୍ଡା ଓ ଭୀମ ଆର୍ମି ରାଜ୍ୟ ସମ୍ପାଦକ ବିକାଶ ବୌଦ୍ଧ ପ୍ରମୁଖ ଉପସ୍ଥିତ ଥିଲେ ।

ଜିଲ୍ଲାପାଳଙ୍କ ପରିମଳ ବ୍ୟବସ୍ଥା ପରିଦର୍ଶନ

ଝାରସୁଗୁଡା,(ସବ୍ୟୁ): ପ୍ରତିବର୍ଷ ରାମନବମୀ ଶୋଭାଯାତ୍ରା ଦେଖିବା ପାଇଁ ସହରରେ ପ୍ରବଳ ଜନସମାଗମ ହୋଇଥାଏ। ସେଥିପାଇଁ ଜିଲ୍ଲାପାଳ ଆବୋଲି ସୁନୀଲ ନରୱଣେ ବୁଧବାର ଦିନ ୧୧ ଟାରେ ବେହରାମାଲ ,କକସ୍ କଲୋନୀ. ବମ୍ବେଛକ, ସରବାହାଲ ଓ ଟାଉନ ର ବିଭିନ୍ନ ଅଚଂଳ ଅନାଚକ ଭାବରେ ପରିଦର୍ଶନ କରିଥିଲେ । ପରିମଳ ବ୍ୟବସ୍ଥା, ପାନୀୟ ଜଳ ବ୍ୟବସ୍ଥା ନିରିକ୍ଷଣ କରିବା ସହିତ ସାନିଟାରୀ କର୍ମଚାରୀ ମାନଙ୍କ ସହିତ ଆଲୋଚନା କରିଥିଲେ। ଝାରସୁଗୁଡା ପୌର ପରିଷଦ ର ନିର୍ବାହୀ ଅଧିକାରୀ ଦିଲିପ କୁମାର ମହାନ୍ତି ଉପସ୍ଥିତ ଥିଲେ।

ମଧୁ ମାଧବ ତୀର୍ଥକ୍ଷେତ୍ରକୁ ଶ୍ରୀରାମ ସେନା ପକ୍ଷରୁ ବାଇକ ଶୋଭାଯାତ୍ରା



କୋକସରା,(ସବ୍ୟୁ): ପବିତ୍ର ଶ୍ରୀରାମ ନବମୀ ପାଇଁ ସାରା ଦେଶରେ ହିନ୍ଦୁ ଧର୍ମାବଲମ୍ବୀଙ୍କ ମଧ୍ୟରେ ଉତ୍ସାହ ଓ ଭକ୍ତିମୟ ପରିବେଶ ଖେଳିଯାଇଛି। କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ ସଦର ଶ୍ରୀରାମ ସେନା ପକ୍ଷରୁ ମଧୁ ମାଧବ ତୀର୍ଥକ୍ଷେତ୍ରରେ ଥିବା ଶ୍ରୀରାମ ମନ୍ଦିରକୁ ଏକ ସୁସଜ୍ଜିତ ରଥ ଓ ବାଇକ ରେଲି ଅନୁଷ୍ଠିତ ହୋଇଥିଲା। ଏହି ରେଲିରେ ଶତାଧିକ ଯୁବକ ମାନେ ଅଂଶଗ୍ରହଣ କରି ଗେରୁଆ ବସ୍ତ୍ର ପରିଧାନ କରି ଦୀର୍ଘ ୨୨ କିମି ବାଇକ ରେଲିରେ ଜୟ ଶ୍ରୀରାମ, ଜୟ ହନୁମାନ ନାରା ଦେଇ ମଧୁ ମାଧବ ତୀର୍ଥକ୍ଷେତ୍ରରେ ଶ୍ରୀ ରାମ ନବମୀ ମହୋତ୍ସବରେ ପହଞ୍ଚି ପ୍ରଭୁ ଶ୍ରୀରାମଙ୍କୁ ଦର୍ଶନ କରିଥିଲେ। ଏହି ଅବସରରେ ମନ୍ଦିର ପରିସରରେ ନାମ ସଂକୀର୍ତ୍ତନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶ୍ରୀରାମ ସେନା ପକ୍ଷରୁ କ୍ଷୀରସିନ୍ଧୁ ନେଗି, ଅମୂଲ୍ୟ ବିଶି, ମହେଶ ଗୁପ୍ତା, ଚିତ୍ର ସେନ ବେହେରା, ମାନସ ବେହେରା, ମୋହନ ବାଗ, କିଷନ ପଟ୍ଟନାୟକ, ଅଧୁରାଜିତ ନାଏକ, ମହେନ୍ଦ୍ର ପ୍ରଧାନୀ, ବିବେକ ଶର୍ମା, ଜିତାମିତ୍ର ପ୍ରଧାନୀ, ସଞ୍ଜୀବ ନାଏକ, ସୀମାଞ୍ଚଳ ବେହେରା, ତୁଷାର ରାଉତ, ସୁରେନ୍ଦ୍ର ମାଝୀ, ତପନ ମାଝୀ, କ୍ଷୀରସିନ୍ଧୁ ପ୍ରଧାନୀ, ଶିଶିର ପ୍ରଧାନୀ, ସୁରଜ ନାଏକ, ଲିପୁନ ଶବର, ସଚିନ ପ୍ରଧାନୀ, ନକୁଳ ରାଉତ ପ୍ରମୁଖ ନେତୃତ୍ୱ ନେଇଥିଲେ।

ଶ୍ରୀରାମ ନବମୀ ପୂଜାନୋତ୍ସବ

ଘଣ୍ଟାପଡା,(ସବ୍ୟୁ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଘଣ୍ଟାପଡ଼ାରେ ଶ୍ରୀ ରଘୁନାଥ ନାଟ୍ୟ ସଂସଦ ଓ ଶ୍ରୀଜଗନ୍ନାଥ ନାଟ୍ୟ ସଂସଦ ଦ୍ୱାରା ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ ଶ୍ରୀରାମ ପୂଜା ଜନ୍ମୋତ୍ସବ ନିତୀକାନ୍ତିରେ ପାଳିତ ହୋଇଯାଇଛି। ଶ୍ରଦ୍ଧାଳୁ ଉପାସକଗଣ ମନ୍ଦିରରେ ପୂଜିତ ଶ୍ରୀରାମ ମୂର୍ତ୍ତୀକୁ ଆବାହନ କରି ରାମଲୀଳା ମଣ୍ଡପରେ ସ୍ଥାପନ କରି ପୂଜାର୍ଚ୍ଚନା କରିଥିଲେ। ଗୋଟିଏ ଗ୍ରାମରେ ଦୁଇ ସାହି ମଧ୍ୟରେ ୨ଟି ସ୍ଥାନରେ କାହିଁ କେତେ ବର୍ଷରୁ ପାଳନ କରାଯାଉଛି । ୧୪ ଦିନ ପର୍ଯ୍ୟନ୍ତ ନାଟ୍ୟାଭିନୟ ମଧ୍ୟରେ ଶ୍ରୀରାମଙ୍କ ଚରିତ୍ର ଉପରେ ସଂଧାରେ ନାଟକ ପରିବେଷଣ କରାଯାଇଥାଏ। ଚଳିତ ବର୍ଷ ଶ୍ରୀଜଗନ୍ନାଥ ନାଟ୍ୟସଂସଦ ପକ୍ଷରୁ ନାଟକ ପରିବେଷଣ କରିବାର କାର୍ଯ୍ୟକ୍ରମ ଥିବା ବେଳେ ଶ୍ରୀ ରଘୁନାଥ ନାଟ୍ୟ ସଂସଦ ରାମାୟଣ ପୁରାଣ ପଠନ କରି ୯ଦିନରେ ପୂର୍ଣ୍ଣାହିତି କରିବାର କାର୍ଯ୍ୟକ୍ରମ ରହିଥିବା ନେଇ ସଂପାଦକ ଅଶୋକ ଦେହୁରୀ ଓ ଦେବେନ୍ଦ୍ର ରଣା ପ୍ରକାଶ କରିଛନ୍ତି।

ବିଭିନ୍ନ ଶିଶୁ ମନ୍ଦିରରେ ଶ୍ରୀରାମ ନବମୀ

ହରଭଙ୍ଗା,(ସବ୍ୟୁ): ଚୈତ୍ର ଶୁକ୍ଳ ନବମୀ ତିଥି , ବୁଧବାର ଦିନ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ପୁରୁଣା କଟକରେ ଶ୍ରୀରାମ ନବମୀ ଉତ୍ସବ ମହା ସମାରୋହରେ ପାଳିତ ହୋଇଯାଇଛି । କୁନି ଶିଶୁ ଭାଇ ଓ ଭଉଣୀ ମାନେ ରାମାୟଣର ବିଭିନ୍ନ ଚରିତ୍ରରେ ବେଶ ହୋଇ ସ୍କୁଲକୁ ଆସିଥିଲେ । ସଭାପତି ସୁରେନ୍ଦ୍ର ପ୍ରଧାନ ଓ ପ୍ରଧାନ ଆଚାର୍ଯ୍ୟ ମକଦ୍ଦମ ମହାରଣା ଶିଶୁଙ୍କୁ ରାମକଥା ବୁଝାଇଥିଲେ। କୁନୀ ରାମ ବେଶଧାରୀଙ୍କୁ ସଭାପତି ଉପହାର ପ୍ରଦାନ କରି ଉତ୍ସାହିତ କରିଥିଲେ। ରାମ ଖେଚୁଡ଼ି ପ୍ରସାଦ ରୂପେ ସମସ୍ତଙ୍କୁ ଆବଣ୍ଟନ କରାଯାଇ ଉତ୍ସବ ସମାରୋପ କରାଯାଇଥିଲା । ସେହିପରି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ଛତ୍ରଙ୍ଗରେ ଶ୍ରୀ ରାମ ନବମୀ ଉତ୍ସବ ପାଳନ ହୋଇଯାଇଛି । କୁନି ଶିଶୁ ଭାଇ ଓ ଭଉଣୀ ମାନେ ରାମାୟଣ ର ବିଭିନ୍ନ ଚରିତ୍ର ରେ ବେଶ ହୋଇ ବିଦ୍ୟାଳୟ କୁ ଆସିଥିଲେ । ଛତ୍ରଙ୍ଗ ଗ୍ରାମ ସ୍ଥିତ ଗଙ୍ଗାଧର ରାଉତ ମୁଖ୍ୟ ଅତିଥି ଭାବେ ଯୋଗଦେଇ କୁନି କୁନି ଶିଶୁ ଭାଇ ଓ ଭଉଣୀ ମାନଙ୍କୁ ରାମକଥା କହିଥିଲେ । ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ସୁନିଲ ଗୁରୁ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ଏବଂ ବିଦ୍ୟାଳୟର ବନ୍ଦନା ପ୍ରମୁଖ । ବିଷ୍ଣୁପ୍ରିୟା ହୋତା ମଞ୍ଚ ପରିଚାଳନା କରିଥିବା ବେଳେ ବିଦ୍ୟାଳୟ ଶିଶୁ ବାଟିକା ପ୍ରମୁଖ ରେଶ୍ମା ଡାକୁଆ ଧନ୍ୟବାଦ ଅର୍ପଣ କରିଥିଲେ ।

ବରଗଡ ଜିଲ୍ଲା ୧୯ ବର୍ଷରୁ କମ ବୟସ କ୍ରିକେଟ

କ୍ରିଷ୍ଟା ବିକାଶ କ୍ରିକେଟ କ୍ଲବ୍ ଚାମ୍ପିଅନ



ବରଗଡ, (ସବ୍ୟୁ) : ବରଗଡ ଜିଲ୍ଲା କ୍ରିକେଟ ଏସୋସିଏସନ୍ ପକ୍ଷରୁ ସ୍ଥାନୀୟ କ୍ରୀଷ୍ଟା ବିକାଶ କ୍ରିକେଟ ପଡ଼ିଆରେ ଚାଲିଥିବା ପ୍ରଥମ ଜିଲ୍ଲା ୧୯ ବର୍ଷରୁ କମ ବୟସ କ୍ରିକେଟ ପ୍ରତିଯୋଗିତା ଉଦଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚରେ ବରଗଡ କ୍ରୀଷ୍ଟା ବିକାଶ କ୍ରିକେଟ କ୍ଲବ୍ ଓ ବରଗଡ ଟାଇମ୍ସ କ୍ରିକେଟ କ୍ଲବ୍ । ଟାଇମ୍ସ କ୍ରିକେଟ କ୍ଲବ୍ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତି ନେଇଥିଲା। ଦଳ ମୋହିତ ଅଗ୍ରୱାଲ ଙ୍କ ୨୬ ରନ ,ହିମାଂଶୁ ସେଟଙ୍କ ୨୩ ରନ , କୌଶିକ ବର୍ମାଙ୍କ ୧୪ ରନ ସହ ୧୯.୨ ଓଭର ରେ ମାତ୍ର ୧୦୧ ରନ କରି ଅଲ୍ ଆଉଟ୍ ହୋଇଯାଇଥିଲେ। କ୍ରୀଷ୍ଟା ବିକାଶ ପକ୍ଷରୁ ଏସ ଚୈତନ୍ୟ ୧୭/୧ ୱିକେଟ, ସୌମ୍ୟ ପ୍ରଧାନ ୧୨/୧ ୱିକେଟ, ଅଜୟ ଉପ୍ରେତି ୨୫/୧ ୱିକେଟ ,ଅର୍ଜ୍ଜୁନ କୁଁଅର ୭/୧ ୱିକେଟ , ଅମରେନ୍ଦ୍ର ସିଂ ୧୫/୧ ୱିକେଟ ନେଇଥିଲେ। ଏହାର ଜବାବ ରେ କ୍ରୀଷ୍ଟା ବିକାଶ ଦଳ ବ୍ୟାଟିଂ ଆରଂଭ କରି ଅମରେନ୍ଦ୍ର ସିଂ ଙ୍କ ୪୭ ରନ , ସିଞ୍ଚନ ଦାଶଙ୍କ ୧୯ ରନ ,ବିନୟ ଶର୍ମା ଙ୍କ ୧୨ ରନ , ଅଜୟ ଉପ୍ରେତିଙ୍କ ୧୨ ରନ ଫଳରେ ୧୫.୧ ଓଭର ରେ ୧୦୪/୩ ରନ କରି ମ୍ୟାଚ୍ କୁ ୭ ୱିକେଟ ରେ ଜିତି ପ୍ରଥମ ଜିଲ୍ଲା ୧୯ ବର୍ଷ ରୁ କମ ବୟସ କ୍ରିକେଟ ପ୍ରତିଯୋଗିତା ର ଚମ୍ପିୟାନ ହୋଇଥିଲା । ଫାଇନାଲ ମ୍ୟାଚ ର ଆମ୍ପାୟାର ଥିଲେ ପ୍ରଦୀପ ନନ୍ଦ ଓ ପ୍ରଦୀପ ଦାଶ । ସ୍କୋରର ଥିଲେ ମନୋଜ ପାତ୍ର।

ପରେ ଯୁଗ୍ମ ସମ୍ପାଦକ ସଚ୍ଚିଦାନନ୍ଦ ପଣ୍ଡାଙ୍କ ସଂଯୋଜନାରେ ଅନୁଷ୍ଠିତ ଉଦଯାପନୀ ଉତ୍ସବରେ କ୍ରୀଷ୍ଟା ବିକାଶ ସ୍କୁଲ ସମୂହ ର ଚେୟାରମେନ ଡି. ମୁରଲୀ କ୍ରୀଷ୍ଟା, ଜିଲ୍ଲା କ୍ରିକେଟ ଏସୋସିଏସନର ପ୍ରାକ୍ତନ ସଭାପତି ଅରୁଣ କୁମାର ମହାନ୍ତି, ପ୍ରାକ୍ତନ ସମ୍ପାଦକ ସୁବ୍ରତ କୁମାର ଚାଟାର୍ଜୀ, ସମ୍ପାଦକ ରବି ପଣ୍ଡା, ବରିଷ୍ଠ ସଦସ୍ୟ ନବୀନ ଲାଠ, ସୌମ୍ୟ ରଞ୍ଜନ ରାଏ ପ୍ରମୁଖ ଅତିଥି ଭାବରେ ଯୋଗଦେଇ ଖେଳାଳୀ ମାନଙ୍କୁ ପୁରସ୍କୃତ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ କ୍ରୀଷ୍ଟା ବିକାଶ ସ୍କୁଲ ସମୂହ ର କ୍ରିକେଟ କୋଚ ଅଶୋକ ସିଂ, କ୍ରୀଡା ଅଧିକାରୀ ପିତାମ୍ବର ପ୍ରଧାନ, ଆସିଷ୍ଟାଣ୍ଟ କୋଚ ରୂପକ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଅତିଥି ମାନେ ଉଭୟ ବିଜେତା କ୍ରୀଷ୍ଟା ବିକାଶ କ୍ରିକେଟ କ୍ଲବ୍ ଦଳ ଓ ଉପ ବିଜେତା ଟାଇମ୍ସ କ୍ରିକେଟ କ୍ଲବ୍ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ଏହା ସହ ପ୍ରତିଯୋଗିତା ର ଶ୍ରେଷ୍ଠ ଖେଳାଳୀ ଓ ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ ଭାବରେ କ୍ରୀଷ୍ଟା ବିକାଶ ଦଳ ର ଅଜୟ ଉପ୍ରେତି, ଶ୍ରେଷ୍ଠ ବୋଲର ଭାବରେ ଟାଇମ୍ସ କ୍ରିକେଟ କ୍ଲବ୍ ଦଳ ର ରେହାନ ଖାଁ , ପ୍ରତିଯୋଗିତା ର ଶ୍ରେଷ୍ଠ ପ୍ରତିଭାବାନ ଖେଳାଳୀ ଭାବରେ ଟାଇମ୍ସ କ୍ରିକେଟ କ୍ଲବ୍ ଦଳର ଅଭିଷେକ ତାଣ୍ଡି ଓ ଫାଇନାଲ ଖେଳର ଶ୍ରେଷ୍ଠ ଖେଳାଳୀ ଭାବରେ କ୍ରୀଷ୍ଟା ବିକାଶ ଦଳର ଅମରେନ୍ଦ୍ର କୁମାର ସିଂଙ୍କୁ ସ୍ମାରକୀ ଦେଇ ପୁରସ୍କୃତ କରାଯାଇଥିଲା।

DRAFT PUBLICATION
IN THE COURT OF THE SENIOR CIVIL JUDGE KANTAMAL
FDCS 12/2017
ARISING OUT OF CS 86/2012
Satyabati Sahu & others .... Plaintiff
Vrs
Adikanda Sahu & others .... Defendants/opposite parties
U/o 5 Rule 201-A CPC

To

3(a) Sobhagini Sahu, aged about 60 years
W/o- Sashibhusan Sahu, D/o- Late Iswar Chandra Sahu
At- Rourkela Basanti Colony
Po/Ps- Rourkela
Dist-Sundargarh (Odisha)
Occupation- Homework

3(f) Huleswari Sahu aged about 57 years
W/o- Santosh Sahu, D/o-Late Iswar Chandra Sahu
At-Tihnikipali, Po- Gand Turung
Ps-Vaden, Dist-Bargarh (Odisha)
Occupation- Homework

(7) Sarojini Sahu, aged about 63 years
D/o- Tapeswar Sahu (absconded)
At/Po-Uden, P.S-Kantamal, Now Ghantapada
Dist- Boudh Odisha
Occupation- Homework

8(c) ii - Jali Sahu, aged about 33 years
D/o- Kishore Chandra Sahu
At/Po- Binika Beheramal, P.S- Binika
Dist-Subarnapur (Odisha)
Occupation- Homework

8(c) iii- Doli Sahu, aged about 35 years
D/o- Kishore Chandra Sahu,
At/Po- Sagada, P.S-Manamunda
Dist-Boudh (Odisha)
Occupation- Homework

8(d) Swarna Kanti Behera, aged about 57 years
W/o- Dinabandhu Behera, D/o- Bhagirathi Sahu
At-Talpalipada, Balangir, Po/Ps/Dist- Balangir (Odisha)
Occupation- Homework

8(e) Bijaya Sahu, aged about 56 years
S/o- Late Bhagirathi Sahu
At- Bhanjibeda Po-Uden
P.S-Kantamal now Ghantapada, Dist-Boudh (Odisha)
Occupation- Cultivation

8(i) Shesadev Sahu, aged 52 about
S/o- late Bhagirathi Sahu
At/Bhanjibeda, Po-Uden, P.S-Kantamal
now Ghantapada, Dist-Boudh (Odisha)
Occupation- Cultivation

8(j) Nilakanti Pradhan, aged about 49 years
W/o- Panchu Pradhan, D/o- Late Bhagirathi Sahu
At/Po- Luising, P.s- Gochhapada, Dist-Kandhamal (Odisha)
Occupation- Homework........defendants/opposite parries

Take notice that the aforesaid plaintiffs/petitioners have filed FDCS 12/2017 arising out of Cs 86/2012 in the court Civil Judge (SD) Kantamal against you and despitis service of simmon issued could not be served upon you, issued in RP with AD and in process by this Hon'ble Court and the aforesaid case has been fixed for appearance and filing show cause on 20th day of April-2024 at 07. 30 A.M.

You are hereby directed to appear in the aforesaid suit either personally or through your pleader.

If no appearance is made on your behalf either by yourself or through your pleader or by someone by law authorized to act on your behalf in this case it will be heard and decided in accordance with law in your absence.

Given under my hand and seal in this court this the 20th day of March 2024.

Sd/- Senior Civil Judge Kantamal

(ଶ୍ରୀମଭଗବଦ୍ ଗୀତା ୫/୦୯)

–କର୍ମସନ୍ୟାସଯୋଗଃ–

(ଶ୍ରୀଭଗବାନୁବାଚ)

ପ୍ରଳପନ୍ ବିସୃଜନ୍ ଗୃହ୍ଣନ୍ନୁନ୍ମିଷନ୍ନିମିଷନ୍ନପି ।
ଇନ୍ଦ୍ରିୟାଣୀନ୍ଦ୍ରିୟାର୍ଥେଷୁ ବର୍ତ୍ତନ୍ତ ଇତି ଧାରୟନ୍ ॥୯॥

କର୍ମ ଯୋଗରେ ଯୁକ୍ତ ବ୍ୟକ୍ତି (କ୍ରମଶଃ) ତତ୍ତ୍ୱବତ୍ ହୋଇ ଦର୍ଶନ, ଶ୍ରବଣ, ସ୍ପର୍ଶନ, ପ୍ରାଣ, ଭୋଜନ, ଗମନ, ନିଦ୍ରା, ଶ୍ୱାସ, ଆଳାପ, ତ୍ୟାଗଗ୍ରହଣ, ଉନ୍ମେଷ ଓ ନିମେଷ– ଏହିସବୁ କାର୍ଯ୍ୟ କରି ମଧ୍ୟ ' ଇନ୍ଦ୍ରିୟମାନେ ନିଜ ନିଜ ବିଷୟରେ ବର୍ତ୍ତମାନ ରହି କାର୍ଯ୍ୟ କରୁଛନ୍ତି, ମୁଁ କିଛି କରୁନାହିଁ, ଏପରି ମନେ କରନ୍ତି ॥୯॥

ବିକାଶର ପ୍ରତିଶ୍ରୁତି

ସମ୍ପାଦକୀୟ

୨୦୨୪ ସାଧାରଣ ନିର୍ବାଚନ ଓ ଓଡିଶା ସମେତ କେତେକ ରାଜ୍ୟର ବିଧାନସଭା ନିର୍ବାଚନ ପାଇଁ ପ୍ରାର୍ଥୀ ଚୟନ ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ଏବେ ରାଜନୈତିକ ଦଳଗୁଡିକ ପକ୍ଷରୁ ପରବର୍ତ୍ତୀ ପର୍ଯ୍ୟାୟ ଅର୍ଥାତ୍ ଇସ୍ତାହାର ଉପସ୍ଥାପନା କରିବାର ସମୟ । ଜାତୀୟ ଦଳ ବିଜେପି ଓ କଂଗ୍ରେସ ସମେତ ଅନ୍ୟାନ୍ୟ କେତେକ ଜାତୀୟ ଓ ଆଞ୍ଚଳିକ ଦଳ ନିଜ ନିଜର ଇସ୍ତାହାର ଘୋଷଣା କରିସାରିଛନ୍ତି । ସାଧାରଣତଃ ନିର୍ବାଚନ ଇସ୍ତାହାର ମାଧ୍ୟମରେ ରାଜନୈତିକ ଦଳଗୁଡିକ ଅନେକ କିଛି ପ୍ରତିଶ୍ରୁତି ଦେଇଥାନ୍ତି...ନିଜ ନିଜର ଦୂରଦୃଷ୍ଟିର ଉପସ୍ଥାପନା କରିଥାନ୍ତି । କେତେକ ଦଳ ମତଦାତାଙ୍କୁ ଆକୃଷ୍ଟ କରିବା ପାଇଁ ନିଜ ନିଜ ଇସ୍ତାହାରର ଭିନ୍ନ ଭିନ୍ନ ନାମକରଣ କରିଛନ୍ତି । ବିଜେପି ପକ୍ଷରୁ ଏହାର ସଂକଳ୍ପ ପତ୍ର 'ମୋଦିଙ୍କ ଗ୍ୟାରେଣ୍ଟି' ଘୋଷଣା କରାଯାଇଛି । ଭାରତୀୟ ଜନତା ପାର୍ଟି ଏହାର ନିର୍ବାଚନ ଇସ୍ତାହାର ମାଧ୍ୟମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ କ୍ରମାଗତ ତୃତୀୟ ଥର ପାଇଁ ଏକ ଲୋକପ୍ରିୟ ଆଦେଶ ଲୋଡିଛନ୍ତି । ଦଳର ଅଭିଯାନ ମୁଖ୍ୟତଃ ପୂର୍ବ ୧୦ ବର୍ଷର ଟ୍ରାକ ରେକର୍ଡ ଉପରେ ଆଧାରିତ । ତୃତୀୟ କାର୍ଯ୍ୟକାଳ ପାଇଁ ମତଦାତାଙ୍କ ପାଖରେ ଏହା ଏହାର ଶାସନର ସଫଳତା ସହ କେତେଦୂର ନିର୍ବାଚନ ପ୍ରତିଶ୍ରୁତି ପାଳନ କରିଛନ୍ତି, ତାହା ଉପସ୍ଥାପିତ କରିଛନ୍ତି । ଧାରା ୩୭୦ ରଦ୍ଦ, ଅଯୋଧ୍ୟାରେ ରାମମନ୍ଦିର ନିର୍ମାଣ ପରି କେତେକ ଗୁରୁତ୍ୱପୂର୍ଣ୍ଣ କଥା ବିଜେପି ଏହାର କାର୍ଯ୍ୟକାଳ ସମୟରେ କରିପାରିଛି । ୟୁନିଫର୍ମ ସିଭିଲ୍ କୋଡ୍ ଲାଗୁ କରିବାକୁ ତୃତୀୟ ଅବଧିରେ ପ୍ରତିଶ୍ରୁତି ଦିଆଯାଇଛି । ଏହି ଇସ୍ତାହାରରେ ବିଜେପି ଦ୍ୱାରା କାର୍ଯ୍ୟକାରୀ ହୋଇଥିବା ପଦକ୍ଷେପଗୁଡିକର ଏକ ତାଲିକା ରହିଛି, ଯେଉଁଥିରେ ଜାରି ରହିଥିବା ମାଗଣା ଶସ୍ୟ ଯୋଜନା ଅନ୍ତର୍ଭୁକ୍ତ ହୋଇଛି, ଯାହା ଜନସଂଖ୍ୟାର ଦୁଇ ତୃତୀୟାଂଶଙ୍କ ପାଇଁ ଉଦ୍ଦିଷ୍ଟ । ସେହିପରି ପାଇପ୍ ପାନୀୟ ଜଳ ଏବଂ ଅନ୍ୟାନ୍ୟ ଦାରିଦ୍ର୍ୟ ନିରାକରଣ କାର୍ଯ୍ୟକ୍ରମ, ବିଶେଷକରି ଗୃହ ଯୋଗାଇଦେବା ନେଇ ପ୍ରତିଶ୍ରୁତି ଦିଆଯାଇଛି । ଇସ୍ତାହାର ଦାବି କରିଛି ଯେ ଗତ ଦୁଇ ଥରର ଶାସନ କାଳରେ ୨୫ କୋଟି ଲୋକଙ୍କୁ ଦାରିଦ୍ର୍ୟରୁ ମୁକ୍ତି କରାଯାଇ ପାରିଛି । ମୋଟାମୋଟି ଭାବରେ, ଭାରତୀୟ ଜନତା ପାର୍ଟିର ସଂକଳ୍ପ ପତ୍ର ବା ମୋଦି କି ଗ୍ୟାରେଣ୍ଟି ବା ମେନିଫେଷ୍ଟୋରେ ଗରିବ,ଯୁବକ,କୃଷକ ଓ ମହିଳାଙ୍କ ସଶକ୍ତିକରଣ ଉପରେ ଧ୍ୟାନ ଦିଆଯାଇଛି । ଏହି ଗୋଷ୍ଠୀର ଅର୍ଥନୈତିକ ଏବଂ ସାମାଜିକ ସଶକ୍ତିକରଣ ପାଇଁ ବିଦ୍ୟମାନ ନୀତିଗୁଡିକର ପରିସର ବୃଦ୍ଧି ନେଇ ପ୍ରତିଶ୍ରୁତି ଦିଆଯାଇଛି । କଂଗ୍ରେସର ମେନିଫେଷ୍ଟୋ ନ୍ୟାୟ କିମ୍ବା NYAY ଯୁବକ, ମହିଳା, କୃଷକ, ଶ୍ରମିକ ଏବଂ ସାମାଜିକ ନ୍ୟାୟକୁ ଅନ୍ତର୍ଭୁକ୍ତ କରୁଥିବା ୨୫ ଗ୍ୟାରେଣ୍ଟିକୁ ସୂଚିତ କରିଛି କଂଗ୍ରେସ ନିଯୁକ୍ତି ସୃଷ୍ଟି, ଆପ୍ରେଣ୍ଟିସିପ୍ ଅଧିକାର ଏବଂ ସମସ୍ତ ଗରିବ ପରିବାରକୁ ବାର୍ଷିକ ୧ ଲକ୍ଷ ତାଙ୍କର ପ୍ରତିଶ୍ରୁତି ଦେଇଛି । ଜାତି ଜନଗଣନା ନେଇ ପ୍ରତିଶ୍ରୁତି ଦେଇଛି । ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି ଏବଂ ଓବିସିଙ୍କ ସଂରକ୍ଷଣ ଉପରେ ୫୦ ପ୍ରତିଶତ କ୍ୟାପ୍ ବୃଦ୍ଧି କରିବାକୁ କଂଗ୍ରେସ ଏକ ସାମ୍ବିଧାନିକ ସଂଶୋଧନ କରିବା କଥା କହିଛି । ଏହିପରି ଅନ୍ୟାନ୍ୟ ଜାତୀୟ ଓ ଆଞ୍ଚଳିକ ଦଳ ମଧ୍ୟ ସେମାନଙ୍କର ଇସ୍ତାହାର ଉପସ୍ଥାପିତ କରୁଛନ୍ତି ବା କରିଛନ୍ତି । କିନ୍ତୁ, ବାସ୍ତବରେ ଏସବୁ କେତେଦୂର ସାଧାରଣ ଜନତାଙ୍କ ସମସ୍ୟାକୁ ଛୁଇଁ ପାରିଛି, ତାହା ଗୋଟିଏ ବଡ ପ୍ରଶ୍ନ । ସାମଗ୍ରିକ ଭାବରେ ଚିନ୍ତାକଲେ, ଦେଖାଯାଏ ଏବେବି ବହୁ ଲୋକଙ୍କ ପାଖରେ ଅନେକ ମୌଳିକ ସୁବିଧା ନାହିଁ । ଖାଲି ସୁବିଧା ବା ସାହାଯ୍ୟ କରିଦେଲେ ଯେ' ଜନତାଙ୍କ ସମସ୍ୟାର ସମାଧାନ ହେଇଯିବ, ତାହା ଚିନ୍ତା କରିବା ଭୁଲ । ଆମକୁ ସାହାଯ୍ୟ ବା ସୁବିଧା ଅପେକ୍ଷା 'ସଶକ୍ତିକରଣ' ଉପରେ ଯଥେଷ୍ଟ ଗୁରୁତ୍ୱ ଦେବାକୁ ପଡିବ । କାରଣ ଏହି ସୁବିଧା ବା ସାହାଯ୍ୟର ନିଶ୍ଚୟ ଗୋଟିଏ ସୀମା ରହିବ ବା ଭବିଷ୍ୟତରେ କେବେ ନା କେବେ, ଏହି ସୁବିଧା ବା ସାହାଯ୍ୟ ବନ୍ଦ ହେବ । ତେଣୁ ସମସ୍ତେ କିପରି ନିଜର ସ୍ୱାଭିମାନର ସହ ନିଜର ଗୁଜରାଣ ମେଣ୍ଟାଇବା ପାଇଁ ସକ୍ଷମ ହେବେ ବା ରୋଜଗାର ସକ୍ଷମ ହେବେ, ସେ ଦିଗରେ ରାଜନୈତିକ ଦଳଗୁଡିକ ଯଥେଷ୍ଟ ଧ୍ୟାନ ଦେବା ଦରକାର । ସବୁ ରାଜନୈତିକ ଦଳ ଆଜି ନୁହେଁ, ଅତୀତର ନିର୍ବାଚନଗୁଡିକରେ ମଧ୍ୟ ବିଭିନ୍ନ ଗୋଷ୍ଠୀର ସଶକ୍ତିକରଣ ଉପରେ ଜୋର ଦେଇଥାନ୍ତି...କ୍ଷମତାକୁ ଆସିଲେ ବା କ୍ଷମତାରେ ଥିଲେ, କିଛି ନାଁ କିଛି କାର୍ଯ୍ୟକ୍ରମ ହାତକୁ ନିଅନ୍ତି । କିନ୍ତୁ ତାହା ଯଥେଷ୍ଟ ନୁହେଁ, ଏହା ସତ୍ୟ । ତାହାର ଫଳସ୍ୱରୂପ ବେକାରୀ ସମସ୍ୟାକୁ ଆମେ ନିୟନ୍ତ୍ରଣକୁ ଆଣିପାରୁନାହୁଁ । ଏବେବି ଆମର ମାନବ ସମ୍ବଳ ପାଇଁ ସୁଯୋଗ ନାହିଁ ବା ଯେତିକି ସୁଯୋଗ ରହିଛି ସେଥିପାଇଁ ଆମେ ତାଙ୍କୁ କୁଶଳୀ କରିପାରୁନାହୁଁ । ଏହା ହେଉଛି ସମୟର ସବୁଠାରୁ ବଡ ଆହ୍ୱାନ । ଚୀନ, ଜାପାନ, ଦକ୍ଷିଣ କୋରିଆ ପରି କେତେକ ଦେଶରେ ଜନସଂଖ୍ୟା କମିବା ନେଇ ସମ୍ଭାବନା ଦେଖାଦେବା ପରେ, ସେମାନେ ଚିନ୍ତାଗ୍ରସ୍ତ ଯେ' ଆଗାମୀ ଦିନରେ ମାନବ ସମ୍ବଳର ଅଭାବ ତାଙ୍କର ଅର୍ଥନୀତିକୁ ପ୍ରଭାବିତ କରିବ । କିନ୍ତୁ ଦୁଃଖର ବିଷୟ, ଭାରତ ପରି ଦେଶରେ, ଆମେ ମାନବ ସମ୍ବଳକୁ ଉପଯୋଗ କରିପାରୁନାହୁଁ । ଏହାର କାରଣ ଆମକୁ ଶିକ୍ଷା, ସେବା ପରି ଅନେକ କ୍ଷେତ୍ରରେ ବିକାଶକୁ ଆହୁରି ତ୍ୱରାନ୍ୱିତ କରିବାକୁ ପଡିବ ଏବଂ ଦରକାର ମୁତାବକ ଯୁବକମାନଙ୍କୁ କୁଶଳୀ କରିବାକୁ ପଡିବ ଯାହା ବେରୋଜଗାରୀ ସମସ୍ୟା ଦୂର କରିବା ସହ ଦେଶର ଅର୍ଥନୀତି ଓ ସାମାଜିକ ଅବସ୍ଥାରେ ଉନ୍ନତି ଆଣିବାରେ ସହାୟକ ହେବ । ଆଜି ଯେଉଁ ବେକାରୀ ସମସ୍ୟା କଥା କୁହାଯାଇଛି, ବାସ୍ତବିକ ବର୍ତ୍ତମାନ ପରିସ୍ଥିତିରେ ଆମ ଦେଶର ସବୁଠାରୁ ବଡ ସମସ୍ୟା । ତେବେ ଏହାର ସମାଧାନ ତତ୍କ୍ଷଣାତ କରାଯିବା ସମ୍ଭବ ନୁହେଁ । ମାନବ ସମ୍ବଳର ଉପଯୋଗ ପାଇଁ ସୁଯୋଗ ସୃଷ୍ଟି କରିବା ଉପରେ ଯଥେଷ୍ଟ ଧ୍ୟାନ ଦିଆଯିବା ଆବଶ୍ୟକ ଏବଂ ସେହି ଅନୁସାରେ, ଶିକ୍ଷା, ତାଲିମରେ ବିକାଶ ଆଣିବା ଆବଶ୍ୟକ । ଯେକୌଣସି ରାଜନୈତିକ ଦଳ ବା ରାଜନୈତିକ ମଞ୍ଚ କ୍ଷମତାକୁ ଆସୁନା କାହିଁକି, ମାନବ ସମ୍ବଳର ବିକାଶ ଓ ବିନିଯୋଗ ଉପରେ ହିଁ ସରକାରଙ୍କ ମୁଖ୍ୟ ଫୋକସ ରହିବା ଦରକାର ଏବଂ ସେହିଅନୁସାରେ ବିଭିନ୍ନ କ୍ଷେତ୍ରର ବିକାଶକୁ ତ୍ୱରାନ୍ୱିତ କରାଯିବା ଦରକାର ।

ସମ୍ବାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ବାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ)
samayaeditorial2021@gmail.com

ଯା ଦେବୀ ସର୍ବଭୂତେଷୁ

ଡକ୍ଟର ମନୋରଞ୍ଜନ ବିଷୋୟୀ

'ଯା ଦେବୀ ସର୍ବଭୂତେଷୁ ଶକ୍ତିରୂପେଣ ସଂସ୍ଥିତା, ନମସ୍ତସ୍ୟୈ, ନମସ୍ତସ୍ୟୈ, ନମସ୍ତସ୍ୟୈ ନମୋନମଃ ।'

ସମସ୍ତ ଜାଗତିକ ସତ୍ତାର ମୂଳାଧାର ଶକ୍ତି । ଶକ୍ତି ଶକ୍ତି ଅର୍ଥାତ୍ 'ଶକ୍' ଧାତୁରେ 'କ୍ତିନ୍' ପ୍ରତ୍ୟୟ ଯୋଗେ ଏହା ନିଷ୍ପନ୍ନ ହୋଇଛି । 'ଶକ୍' ଧାତୁ ସମର୍ଥ ସୂଚକ ଓ 'ତି' ପରାକ୍ରମ ଅର୍ଥ ସୂଚକ । ଅତଏବ ଜଗତର ସକଳ କାର୍ଯ୍ୟ ସାଧନରେ ସମର୍ଥ ତଥା ଉପକ୍ରମ ହେଉଛି ଶକ୍ତି । ଏହି ନିଖିଳ ମୂଳରେ ଯେ ଏକ ଅନିର୍ବଚନୀୟ, ଅଚିନ୍ତ୍ୟ, ଅନନ୍ତ, ଅଜ୍ଞେୟ ମହାଶକ୍ତି ବିରାଜିତ ଏହାକୁ ସବୁଯୁଗରେ, ସବୁକାଳରେ ସମସ୍ତେ ମୁକ୍ତ କଣ୍ଠରେ ସ୍ୱୀକାର କରିଆସିଛନ୍ତି । ଏପରିକି ଏହି ଶକ୍ତିକୁ ବିଜ୍ଞାନ ମଧ୍ୟ ଅସ୍ୱୀକାର କରିପାରି ନାହିଁ । ଯେପରି ବୈଦ୍ୟୁତିକ ଶକ୍ତିକୁ ଦେଖି ନପାରିଲେ ମଧ୍ୟ ଆଲୋକର ପ୍ରକାଶ, ବାୟୁର ସଞ୍ଚରଣ ପ୍ରଭୃତି କ୍ରିୟା ଦ୍ୱାରା ଶକ୍ତିର ଅସ୍ତିତ୍ୱକୁ ସ୍ୱୀକାର କରିଅଛୁ । ଠିକ୍ ସେହିପରି ବିଶ୍ୱର ଯାବତୀୟ କାର୍ଯ୍ୟ ଅନ୍ତରାଳରେ ମଧ୍ୟ ଏକ ମହାଶକ୍ତି ବିରାଜିତ । କାରଣ ବିଶ୍ୱ ଶକ୍ତିମୟ । ଏହାର ପ୍ରତ୍ୟେକଟି ଅଣୁ, ପରମାଣୁ, ଜଡ଼ ଓ ଚେତନରେ ମଧ୍ୟ ଶକ୍ତି ନିହିତ । ସଂସାରରେ ପ୍ରତ୍ୟେକ ବସ୍ତୁ ଶକ୍ତିର ପରିଣାମ ସ୍ୱରୂପ ।

ଏହି ଶକ୍ତିବଳରେ ଅଗ୍ନି ବିଶ୍ୱଦହନ କରିପାରୁଥିବା ସ୍ଥଳେ, ପବନ ବିଶ୍ୱବିଲୋଡ଼ନ କରିପାରେ । କାରଣ ଶକ୍ତି ସର୍ବବ୍ୟାପୀ । ଏହି ବିଶାଳ ବ୍ରହ୍ମାଣ୍ଡ ହିଁ ତାଙ୍କର ମୂର୍ତ୍ତି । ତାଙ୍କରି ଠାରୁ ହିଁ ସଂସାର ବିସ୍ତାରିତ । ଯେଉଁଦିନ ମନୁଷ୍ୟ ପ୍ରଥମେ ବିଚିତ୍ର-ବର୍ଣ୍ଣ-ବୈଭବରେ ବିମଣ୍ଡିତ ଏହି ପ୍ରକୃତିର ପରିବର୍ତ୍ତିତ ରୂପ ଅବଲୋକନ କରି ପ୍ରକୃତି ମଧ୍ୟରେ ଶକ୍ତିତତ୍ତ୍ୱକୁ ଅନୁଭବ କରିଛି ସେହିଦିନ ଠାରୁ ହିଁ ଶକ୍ତିପୂଜାର ପରମ୍ପରା ସୃଷ୍ଟି ହୋଇଛି । ଏହି ଶକ୍ତି ହିଁ ପ୍ରକୃତିର କ୍ରିୟା ଶକ୍ତି ।

ବସ୍ତୁତଃ କହିବାକୁ ଗଲେ କ୍ଷିତି, ଅପ୍, ତେଜ, ମରୁତ ଓ ବ୍ୟୋମ– ଏହି ପଞ୍ଚଭୂତ ହିଁ ହେଉଛି ଆଦିଶକ୍ତିଙ୍କର ଲୀଳାକ୍ଷେତ୍ର । ଏଠାରେ ହୁଏ ଜୀବନର ଉତ୍ପତ୍ତି ଓ ବିଲୟ । ଆତ୍ମା ଯେପରି ପରମାତ୍ମାଙ୍କ ଅବ୍ୟକ୍ତ ମୂଳ ପ୍ରକୃତିର ଅଂଶ ଅଟେ, ଠିକ୍ ସେହିପରି ମୂଳ ଅବ୍ୟକ୍ତ ପ୍ରକୃତି ପରମପିତା ପରମାତ୍ମାଙ୍କ ଆଦିଶକ୍ତି ଅଟନ୍ତି । ଏପରିକି ସମସ୍ତ ବଳ, ସମସ୍ତ ବସ୍ତୁ ଯାହା ନାନା ରୂପ ଓ ନାମରେ ପରିଦୃଷ୍ଟ ହେଉଛି ତାହା ଶକ୍ତିଙ୍କ ରୂପନାମ ବ୍ୟତିରେକ ଅନ୍ୟ କିଛି ନୁହେଁ । ଫଳସ୍ୱରୂପ ଏହି ଶକ୍ତି ନାନାରୂପଧାରିଣୀ, ପ୍ରଳୟକାରିଣୀ, ନିତ୍ୟମୁକ୍ତା ତଥା ଆଦିଶକ୍ତି ରୂପେ ପ୍ରକାଶିତ ।

ଏ ପରିପ୍ରେକ୍ଷୀରେ କହିରଖେ ମହାନ ଭାରତୀୟ ସଂସ୍କୃତିରେ ପ୍ରାକ୍-ବୈଦିକ କାଳରୁ ହିଁ ଶକ୍ତି ଉପାସନାର ଅବିଚ୍ଛିନ୍ନ ଧାରାରୁ ଶାକ୍ତଧର୍ମର ଉନ୍ମେଷ ଓ ବିକାଶ ଘଟିଅଛି । ଶକ୍ତି ଦେବୀଙ୍କ ଉପାସକ ଶାକ୍ତଭାବେ ପ୍ରସିଦ୍ଧି ଲାଭ କରିବା ସହ ସେମାନଙ୍କ ଦ୍ୱାରା ଅନୁସୃତ ଦେବୀ ଉପାସନା ଶାକ୍ତଧର୍ମ ନାମରେ ଅଭିହିତ ହୋଇଅଛି ।

ପ୍ରାରମ୍ଭିକ ପର୍ଯ୍ୟାୟରେ ପ୍ରତୀକାତ୍ମକ ଶକ୍ତି ଉପାସନା ପ୍ରଚଳନ ଥିଲେ ହେଁ, ପରବର୍ତ୍ତୀ ପର୍ଯ୍ୟାୟରେ ଏହା ସାକାର ଉପାସନାର ଭବ୍ୟ ରୂପ ଗ୍ରହଣ କରିଅଛି । ପ୍ରାକ୍-ବୈଦିକ କାଳୀନ ସିନ୍ଧୁ ସଭ୍ୟତାର ଧ୍ୱଂସାବଶେଷରୁ ପ୍ରତୀକାତ୍ମକ ଓ ଦେବୀମୂର୍ତ୍ତି ଉଭୟର ସନ୍ଧାନ ମିଳିଥିବାରୁ ହୃଦ୍‌ବୋଧ ହୁଏ ଯେ, ବେଦ ରଚନାର ବହୁ ପୂର୍ବରୁ ଶକ୍ତି ଉପାସନାର ଏକ ବିକଶିତ ଧାରା ପବିତ୍ର ଭାରତଭୂମିରେ ପ୍ରବାହିତ ହୋଇଥିଲା । ଯାହା ପରବର୍ତ୍ତୀ ପର୍ଯ୍ୟାୟରେ ବୈଦିକ ଆର୍ଯ୍ୟ ସଂସ୍କୃତିକୁ ପ୍ରବେଶ କରିଥିବା ଅନୁମାନ କରାଯାଏ । ଏପରିକି ବେଦରେ ଶକ୍ତି ମହାତ୍ମ୍ୟ ପ୍ରଖ୍ୟାପନ ସକାଶେ 'ଦେବୀସୂକ୍ତ', 'କାଳରାତ୍ରି ସୂକ୍ତ' ଓ 'ଶ୍ରୀସୂକ୍ତ' ପ୍ରଭୃତି ଉପଲବ୍ଧ । 'ଦେବୀସୂକ୍ତ'କୁ ଶକ୍ତି ଉପାସନାର ମୂଳଭିତ୍ତି ଭାବରେ ଗ୍ରହଣ କରାଯାଇଛି । ସେହିପରି ଅଥର୍ବ ବେଦରେ ପୃଥିବୀ ଦେବୀ ସୃଷ୍ଟିକାରିଣୀ ଶକ୍ତିରୂପରେ ଅଭିହିତ । ଏହି ସୃଷ୍ଟିକାରିଣୀ ଶକ୍ତି ହିଁ ପରବର୍ତ୍ତୀ ସମୟରେ ମହାଶକ୍ତି ରୂପେ ପରିଚିତ । ଯଜୁର୍ବେଦୀୟ ବାଜସନେୟୀ ସଂହିତାର ପ୍ରଥମରେ ରହିଥିବା ଅମ୍ବିକାଙ୍କ ବର୍ଣ୍ଣନା ମଧ୍ୟ ଶକ୍ତିତତ୍ତ୍ୱ ସଂପର୍କିତ ସୂଚନା ପ୍ରଦାନ କରେ । ଏପରିକି ତୈତ୍ତିରୀୟୋପନିଷଦରେ ଆଦ୍ୟାଶକ୍ତିଙ୍କୁ ଦୁର୍ଗା ଶବ୍ଦରେ ଆବାହନ କରାଯାଇଛି । କେନୋପନିଷଦରେ ଉମା, ହୈମବତୀ ପ୍ରଭୃତି ଦେବୀମାନଙ୍କ ନାମୋଲ୍ଲେଖ ଥିବାବେଳେ ମାଣ୍ଡୁକ୍ୟୋପନିଷଦରେ ଅଗ୍ନିଙ୍କ ସପ୍ତଜିହ୍ୱା ରୂପେ ଶକ୍ତିଙ୍କର ସାତୋଟି ରୂପ ପରିକଳ୍ପନା କରାଯାଇଛି । ଉପନିଷଦୀୟ ଚେତନାରେ ଆଦିଶକ୍ତି ସତ୍ତ୍ୱଗୁଣରେ ବୈଷ୍ଣବୀ ରୂପରେ ପାଳନ କରନ୍ତି । ରଜଗୁଣରେ ବ୍ରାହ୍ମୀ ରୂପରେ ଜଗତ ସୃଷ୍ଟି କରନ୍ତି ଏବଂ ତମ ଗୁଣରେ ମାହେଶ୍ୱରୀ ରୂପରେ ଜଗତକୁ ସଂହାର କରନ୍ତି । ପ୍ରକୃତି ଭେଦରେ ମହାଶକ୍ତିଙ୍କର ଭିନ୍ନ ଭିନ୍ନ ନାମ ହେଉଛି ବିଷ୍ଣୁମାୟା, ଯୋଗମାୟା ଓ ମହାମାୟା ।

ଏପରିକି ପୁରାଣ ଯୁଗରେ ଭାରତୀୟ ଧାର୍ମିକ ଓ ସାମାଜିକ ଜୀବନରେ ଶକ୍ତି ଉପାସନା ପ୍ରାଧାନ୍ୟ ଲାଭ କରିଥିଲା । ତ୍ରିଗୁଣାତ୍ମିକା ମହାଶକ୍ତି ରାଜସୀ ଗୁଣରେ ସତ୍‌ସ୍ୱରୂପା ମହାଲକ୍ଷ୍ମୀ, ସାତ୍ତ୍ୱିକ ଗୁଣରେ ଚିତ୍‌ସ୍ୱରୂପା ମହାସରସ୍ୱତୀ ଓ ତାମସୀ ଗୁଣରେ ଆନନ୍ଦ ସ୍ୱରୂପା ମହାକାଳୀ ନାମରେ ପ୍ରସିଦ୍ଧି ଲାଭ କଲେ । ମାର୍କଣ୍ଡେୟ ପୁରାଣଠାରୁ ଆରମ୍ଭ କରି ଦେବୀ ଭାଗବତ, କାଳିକା ପୁରାଣ, ସ୍କନ୍ଦ ପୁରାଣ, ବ୍ରହ୍ମପୁରାଣ, ମହାଭାରତ, ହରିବଂଶ ଆଦି ପୁରାଣରେ ଶକ୍ତି ମାହାତ୍ମ୍ୟ ବିସ୍ତୃତ ଭାବେ ବର୍ଣ୍ଣିତ । ଏପରିକି ପୁରାଣ ବର୍ଣ୍ଣନା ଅନୁଯାୟୀ ଦକ୍ଷ ପ୍ରଜାପତିଙ୍କ ଯଜ୍ଞ ଧ୍ୱଂସ ପରେ ସତୀଙ୍କ ମୃତ ଶରୀରର ଦେହାବଶେଷ ପତିତ ହୋଇଥିବା ସ୍ଥାନଗୁଡ଼ିକ ପ୍ରସିଦ୍ଧ ଶକ୍ତିପୀଠର ମାନ୍ୟତା ଲାଭ କଲା । ଏହି ପବିତ୍ର ପୀଠ ସମୂହରେ ଦେବୀ ମୂର୍ତ୍ତିମାନ ପ୍ରତିଷ୍ଠିତ ହୋଇ ଭାରତୀୟ ସମାଜରେ ଶକ୍ତି ଉପାସନାର ଏକ ଗୌରବମୟ ପରମ୍ପରା ସୃଷ୍ଟି କରିଥିଲା ଏବଂ ଏହି ପୁରାଣ ପରମ୍ପରାର ଶେଷାର୍ଦ୍ଧରେ ତାନ୍ତ୍ରିକ ବିଚାରବୋଧରେ ଶକ୍ତି ଆରାଧନା ପରମ୍ପରା ସୃଷ୍ଟିଲାଭ କଲା । ତନ୍ତ୍ରୋକ୍ତ ଶକ୍ତି ଉପାସନାରେ କାଳୀ, ତାରା, ଷୋଡ଼ଶୀ, ଭୁବନେଶ୍ୱରୀ, ଭୈରବୀ, ଛିନ୍ନମସ୍ତା, ଧୂମାବତୀ, ବଗଳା, ମାତଙ୍ଗୀ ଓ କମଳାତ୍ମିକା ପ୍ରଭୃତି ଦଶମହାବିଦ୍ୟାଙ୍କର ମହତ୍ତ୍ୱ ବୃଦ୍ଧି ପାଇଥିଲା ।

ଏଠାରେ କହିରଖେ ପ୍ରଥମେ ଭାରତର ଉଡ୍‌ଡୀୟାନ ପୀଠରେ ବ୍ରାହ୍ମଣ୍ୟ-ତନ୍ତ୍ରଧର୍ମ ପୀଠର ଆରମ୍ଭ ଓ ବୃଦ୍ଧି ଘଟିଥିଲା । ଉତ୍କଳ ବା ଉଡ୍‌ଡୀୟାନ ପୀଠରୁ ତାନ୍ତ୍ରିକତାର ଉଦ୍ଭବ ହୋଇ ପରବର୍ତ୍ତୀ ସମୟରେ କାମାକ୍ଷା, ଶ୍ରୀହଟ୍ଟ ଓ ପୂର୍ଣ୍ଣଗିରି ପ୍ରଭୃତି ପୀଠକୁ ବ୍ୟାପିଥିବା ବିଷୟ ନିଃସନ୍ଦେହରେ କୁହାଯାଇପାରେ । ଉତ୍କଳରେ ଏହି ପାରମ୍ପରିକ ବୌଦ୍ଧଧର୍ମର ପରିବର୍ତ୍ତନ ଧାରାରେ ତାନ୍ତ୍ରିକ ବଜ୍ରଯାନ ଓ ସହଜ ଯାନର ଯେଉଁ ଆଧାତ୍ମିକ ଉଦ୍‌ବେଳନ ଦେଖାଦେଇଥିଲା ଶାକ୍ତଧର୍ମରେ ତାର ପ୍ରତିଫଳନ ହୋଇଥିଲା । କାରଣ ଖ୍ରୀଷ୍ଟୀୟ ୬ଷ୍ଠ / ୭ମ ଶତାବ୍ଦୀରେ ବ୍ରାହ୍ମଣ୍ୟ ତନ୍ତ୍ରଧର୍ମ ବୌଦ୍ଧ ବଜ୍ରଯାନ ସହିତ ପ୍ରତିଯୋଗିତା କରି ସମାଜରେ ଲୋକପ୍ରିୟତା ଅର୍ଜନ କରିବା ସହ ଏତିକିବେଳେ ଶାକ୍ତ ଯୋଗିନୀ ପୀଠଗୁଡ଼ିକ ଓଡ଼ିଶାରେ ପ୍ରତିଷ୍ଠିତ ହୋଇଥିଲା । ଯାହାର ସୂଚନା ଆଦିକବି ସାରଳା ଦାସଙ୍କ 'ଶ୍ରୀଚଣ୍ଡୀ ପୁରାଣ'ରୁ ସୁସ୍ପଷ୍ଟ । ଏଥିରେ ଅନାଦି ଶକ୍ତି ମହାମାୟା ଦୁର୍ଗା ହେଉଛନ୍ତି ମୁଖ୍ୟ ଦେବୀ ।

ଦେବତାମାନଙ୍କ କୋପାନଳରୁ ସମ୍ଭୁତା ଦେବୀଙ୍କର ଏକଶିର, ବେନିଚରଣ ଓ ସହସ୍ର ଭୁଜ । ସେ ଅନାଦି ଶକ୍ତି, ଜଗତତାରିଣୀ, ମହାବୈଷ୍ଣବୀ ରୂପ ଧାରଣ କରିଥିଲେ । ଉତ୍କଳର ପୀଠ ସ୍ଥାନମାନଙ୍କରେ ଦେବୀଙ୍କର ଭୁଜ ଦୁଇ ସଂଖ୍ୟାରୁ ଅଷ୍ଟାଦଶ ସଂଖ୍ୟା ପର୍ଯ୍ୟନ୍ତ ଦେଖିବାକୁ ମିଳେ । ଏହା ସହ ଦୁର୍ଗାଙ୍କୁ ସ୍ମରଣ କଲେ ଦୁର୍ଗତି, ବିପଦ, ବିଘ୍ନ ଦୂର ହୁଏ, ଯମଦଣ୍ଡର ଭୟ ରହେ ନାହିଁ, ରୋଗ ନାଶ ହୁଏ, ମନୁଷ୍ୟ ଦୀର୍ଘାୟୁ ହୁଏ, ସନ୍ତାନପ୍ରାପ୍ତ ହୁଏ ଓ ଲୋଭ, ମୋହ, ଅପବାଦରୁ ମୁକ୍ତି ମିଳିଥାଏ । ଦୁର୍ଗାଙ୍କ 'ଦୁ' ଅକ୍ଷର ଦାରିଦ୍ର୍ୟ, ଦୁଃଖ, ଦୁର୍ଭିକ୍ଷ, ଦୁର୍ବାସନାଦି ଦୈତ୍ୟକୁ ନାଶ କରିବା ପ୍ରତୀକ ଏବଂ 'ରେଫ୍' ରୋଗଘ୍ନ, ପାପଘ୍ନ, ଅନ୍ୟାୟ, ଅତ୍ୟାଚାର, ଅନୈତିକତା ଓ ଆଳସ୍ୟାଦି ଆସୁରିକ ପ୍ରକୃତିଗୁଡ଼ିକର ନାଶବାଚକ । ଏପରିକି କବି ଅନାଦି ଶକ୍ତି ରୂପିଣୀ ଦୁର୍ଗାଙ୍କୁ – ବ୍ରହ୍ମାୟଣୀ, ଇନ୍ଦ୍ରାୟଣୀ, ରୁଦ୍ରାୟଣୀ, ନାରାୟଣୀ, ଯମାୟଣୀ, ମାହେଶ୍ୱରୀ, ମହାମାୟା, ବାସେଳୀ, ଉଗ୍ରତାରା, ଭୈରବୀ, ତ୍ରିପୁରା, ଅନନ୍ତା, ବିଜୟା, ଅମ୍ବିକା, ମାଧବୀ, କଙ୍କାଳୀ, ବେତାଳୀ, କାଳିକା, ଚଣ୍ଡୀ, ଚାମୁଣ୍ଡା, କାମାକ୍ଷୀ, ବରାହୀ, ଦକ୍ଷିଣାୟଣୀ, ଉତ୍ତରାୟଣୀ, ପଶ୍ଚିମାୟଣୀ, ଛାୟା, ମାୟା, ଅପର୍ଣ୍ଣା ରୂପେ ନାମିତ କରିଛନ୍ତି । ଯାହା ଅନାଦି ଶକ୍ତି ଦୁର୍ଗାଙ୍କର ପ୍ରାଧାନ୍ୟକୁ ସୂଚିତ କରୁଅଛି । ଦେବତାମାନଙ୍କ ସଂଗଠିତ ଶକ୍ତିରେ ସେ ଅବତରଣ କରିଥିଲେ । ତେଣୁ ଶକ୍ତି ଉପାସନାରେ ଅଦ୍ୱୈତ ତତ୍ତ୍ୱର ଧାରଣା ଜନ୍ମିଥାଏ । ଏପରିକି ସପ୍ତମାତୃକା, ଚଉଷଠୀ ଯୋଗିନୀ, ଶୋଣେହାରୂପି ଦେବୀ, ଚାରିପଦ୍ମ ଚଣ୍ଡୀ, ନବକୋଟି କାନ୍ତାନୀ, ଛପନକୋଟି ପିଶାଚୁଣୀ– ସମସ୍ତେ ଦୁର୍ଗାଙ୍କ ଠାରୁ ଜାତ ।

ଏ ପରିପ୍ରେକ୍ଷୀରେ କହିରଖେ ଭାରତରେ ଶକ୍ତିତତ୍ତ୍ୱର ଉନ୍ମେଷ ଓ ବିକାଶ ଧାରାରେ ଓଡ଼ିଶା ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଗ୍ରହଣ କରିଆସିଛି । ଓଡ଼ିଶାର ସାମାଜିକ, ସାହିତ୍ୟିକ ଓ ସାଂସ୍କୃତିକ ପରମ୍ପରାରେ ଏହାର ବହୁ ପ୍ରମାଣ ମିଳେ । ଐତିହାସିକ ଯୁଗରେ ଭୌମକର ଶାଳନକାଳରୁ ମାତୃପୂଜାର ପ୍ରାଧାନ୍ୟ ଓଡ଼ିଶାର ଜନଜୀବନରେ ଅନୁଭୂତ ହୋଇ ଆସିଛି । ଭୌମକମାନଙ୍କ ରାଜଧାନୀ ଗୁହଦେବ ପାଟକ ଆଧୁନିକ ଯାଜପୁର ବା ବିରଜା ସହିତ ପରିଚିହ୍ନିତ ହୋଇଛି । ଶାକ୍ତଧର୍ମର ପ୍ରସିଦ୍ଧ ପୀଠସ୍ଥଳୀ ବିରଜା କ୍ଷେତ୍ରରୁ ମିଳିଥିବା ମାତୃକା ମୂର୍ତ୍ତି ଶକ୍ତି ଉପାସନା ସହ ସଂଶ୍ଳିଷ୍ଟ । ଏତଦ୍‌ବ୍ୟତୀତ ଶକ୍ତିଙ୍କର ନାଭିସ୍ଥଳ ଏଠାରେ ପତିତ ହୋଇଥିବାରୁ ଏହା ଏକ ତନ୍ତ୍ରପୀଠ ରୂପେ ମଧ୍ୟ ପ୍ରସିଦ୍ଧି ଲାଭ କରିଛି । ଏପରିକି ଶ୍ରୀମନ୍ଦିରରେ ବିମଳାଙ୍କ ଉପାସନା ବିଧିରୁ ଶକ୍ତିପୂଜାର ପ୍ରାଧାନ୍ୟ ବେଶ୍ ସୁସ୍ପଷ୍ଟ । ଏହାସହ ଭୁବନେଶ୍ୱର ନିକଟସ୍ଥ ହୀରାପୁରଠାରେ ଥିବା ଚଉଷଠି ଯୋଗିନୀ ପୀଠ ଓଡ଼ିଶାର ତନ୍ତ୍ର ଉପାସନାର ଜ୍ୱଳନ୍ତ ନିଦର୍ଶନ ଅଟେ । ଏସବୁ ଓଡ଼ିଶାରେ ଶାକ୍ତଧର୍ମର ପ୍ରାଚୀନତାର ପ୍ରମାଣ ଦେଇ ଆସିଛନ୍ତି । ଏତଦ୍‌ଭିନ୍ନ ମା' ମଙ୍ଗଳା, ସାରଳା, ହିଙ୍ଗୁଳା, ଭଗବତୀ, ତାରିଣୀ, ତାରାତାରିଣୀ, ଚର୍ଚ୍ଚିକା, ସମଲେଶ୍ୱରୀ, କଟକଚଣ୍ଡୀ ଭଳି ଶତାଧିକ ଶକ୍ତିପୀଠ ଶକ୍ତି ଉପାସନାର ମହନୀୟତାକୁ ପ୍ରତିପାଦିତ କରି ଆସୁଛନ୍ତି ।

ଦାମୋଦରପୁର, ଗଞ୍ଜାମ
ମୋ–୮୮୯୫୧୪୧୭୭୭

ଫ୍ୟାଟରୁ ଫିଟ୍...

ପ୍ରଫେସର ଡାକ୍ତର
ଜ୍ୟୋତିରଞ୍ଜନ ଚମ୍ପତିରାୟ

କେତେ ସୁନ୍ଦର ପିଲାଟେ, କେତେ ଡଉଲ ଡାଉଲ ହୋଇଛି । ଅଧିକାଂଶ ସମୟରେ ଗୋଲଗାଲ ହୋଇଥିବା ଛୋଟ ପିଲାକୁ ସମସ୍ତେ ଏହା କହି ଆଦର କରନ୍ତି । କିନ୍ତୁ ଏହି ଡଉଲ ଡାଉଲ ପିଲା ଯେତେବେଳେ ବଡ଼ ହୋଇଯାଏ ସେତେବେଳେ ତାର ନାଁ ବଦଳିଯାଏ, ସମସ୍ତେ ମୋଟୁ କହିବା ଆରମ୍ଭ କରନ୍ତି । ମାଆମାନେ ଅଧିକାଂଶ ସମୟରେ ସ୍ନେହରେ ଅନ୍ଧ ହୋଇ ନିଜ ପୁଅ ଝିଅଙ୍କୁ ମୋଟା ମାନି ପାରନ୍ତି ନାହିଁ । ଏଇଠି ସମସ୍ୟା ଆହୁରି ବଢ଼ିଯାଏ । ବର୍ତ୍ତମାନ ଫାଷ୍ଟଫୁଡ ପିଲାଙ୍କ ଜୀବନର ଅଂଶ ପାଲଟି ଗଲାଣି । ତେଣୁ ପିଲାଙ୍କ ମେଦ ବୃଦ୍ଧି ମଧ୍ୟ ସାମାଜିକ ସମସ୍ୟା ପାଲଟି ଗଲାଣି ।

କମ୍ ବୟସରୁ ଅତ୍ୟଧିକ ମେଦବୃଦ୍ଧି ଓ ଶାରୀରିକ ବିକାଶ ପରବର୍ତ୍ତୀ ସମୟର ନାନା ପ୍ରକାର ସ୍ୱାସ୍ଥ୍ୟ ସମସ୍ୟାକୁ ଜନ୍ମ ଦେଉଛି ବୋଲି ବିଶ୍ୱବ୍ୟାପୀ ସ୍ୱାସ୍ଥ୍ୟ ବିଶେଷଜ୍ଞମାନଙ୍କ ମତ । ପିଲାଙ୍କର ମେଦବହୁଳତା ସାଧାରଣତଃ ଦୁଇ ପ୍ରକାରର । ପ୍ରଥମତଃ ଜନ୍ମଜାତ ବା ଆନୁବଂଶିକ, ଦ୍ୱିତୀୟତଃ ଜୀବନଶୈଳୀ ଆଧାରିତ । ଜନ୍ମଜାତ ମେଦବହୁଳତା କାରଣ ଆନୁବଂଶିକ ଜେନେଟିକ ବା ହର୍ମୋନଗତ ତ୍ରୁଟି ହୋଇପାରେ । ଏଥିପାଇଁ ବିଧିବଦ୍ଧ ଡାକ୍ତରୀ ଚିକିତ୍ସା ଆବଶ୍ୟକ ହୁଏ । କିନ୍ତୁ କିଶୋରାବସ୍ଥାରେ ମେଦ ବୃଦ୍ଧିର ମୁଖ୍ୟକାରଣ ତ୍ରୁଟିପୂର୍ଣ୍ଣ ଜୀବନଶୈଳୀ । ଜଙ୍କଫୁଡ, ଫାଷ୍ଟଫୁଡ ଖାଇବା ସହ ଶାରୀରିକ ସକ୍ରିୟତା ନରହିବା ଏହାର ମୁଖ୍ୟ କାରଣ । ଜୀବନଶୈଳୀ ଓ ଖାଦ୍ୟ ଶୈଳୀରେ ପରିବର୍ତ୍ତନ ଦ୍ୱାରା ଏହି ମୋଟାପଣ ଦୂରେଇ ହେବ ।

ନିଜ ପିଲା ଅଧିକାଂଶ ବାପା-ମାଆ, ଜେଜେବାପା-ଜେଜେମାଆଙ୍କ ଆଖିକୁ ମୋଟା ଦେଖାଯାଏନି, କିନ୍ତୁ ଏହି ଦେଖାନଯିବା ହିଁ ପିଲା ପାଇଁ ବିପଦକୁ ଡାକିଆଣେ । ତେଣୁ ଯେତେବେଳେ ଆପଣଙ୍କ ପିଲା ଆପଣଙ୍କ ଆଖିକୁ ବେଶ ଡଉଲଡାଉଲ ଦେଖାଯିବ ଜାଣିବେ ପିଲା ମୋଟା ହେଉଛି । ଏହାଛଡ଼ା ଖାଇବା ପିଇବା ଭଲ ଥିବା ସତ୍ତ୍ୱେ ଥକିଯାଉଥିଲେ ପିଲାଟି ମୋଟା ହେଲାଣି ବୋଲି ବିଶ୍ୱାସ କରନ୍ତୁ । ବୟସ ଓ ଉଚ୍ଚତା ତୁଳନାରେ ଓଜନ ଅଧିକ ହେଲେ ରକ୍ତଚାପ ଓ ମଧୁମେହର ଆଶଙ୍କା ବଢ଼ିଯାଏ । ଝିଅମାନେ ମୋଟା ହେଲେ ଋତୁସ୍ରାବରେ ଅନିୟମିତତା, ଚେହେରାରେ ସମସ୍ୟା ଦେଖାଯାଏ। ଯେଉଁ ମହିଳାମାନଙ୍କର ଗର୍ଭାବସ୍ଥାରେ ମଧୁମେହ ସମସ୍ୟା ଥାଏ, ସେମାନଙ୍କ ସନ୍ତାନମାନେ ମୋଟା ହେବାର ଆଶଙ୍କା ଅଧିକ ମୋଟା, ସେମାନଙ୍କ ମଧ୍ୟରୁ ୭୦-୮୦ ପ୍ରତିଶତ ବଡ଼ ହେବା ପରେ ବି ମେଦ ବହୁଳ ହୋଇରୁହନ୍ତି ।

ପିଲାଙ୍କ ଓଜନ ପର୍ସୋଇଲରେ ମପାଯାଏ । ଅନ୍ୟ ଦେଶର ସେହି ବୟସ ଓ ଉଚ୍ଚତାର ପିଲାମାନଙ୍କ ଓଜନ ସହ ଆପଣଙ୍କ ପିଲାର ଓଜନ ଅନୁପାତ ନିଆଯାଏ ଏଥିରେ । ଏହି ଚାର୍ଟ ଡାକ୍ତରଙ୍କ ପାଖରେ ଥାଏ । ଏଥିରୁ ଜଣାପଡ଼େ ଆପଣଙ୍କ ପିଲା ମୋଟା ନା ନୁହେଁ । ଆପଣ ଇଣ୍ଟରନେଟରେ ମଧ୍ୟ ପର୍ସୋଇଲ ଚାର୍ଟରୁ ଓଜନ ଓ ଉଚ୍ଚତାର ଅନୁପାତ ଜାଣିପାରିବେ । ଏଥିରେ ସନ୍ଦେହ ଆସିଲେ ବିଏମଆଇ ଅନୁଯାୟୀ ମଧ୍ୟ ମେଦ ସମ୍ପର୍କରେ ସଚେତନ ହୋଇପାରିବେ । ଇଣ୍ଟରନେଟରେ ଚାଇଲଡ ବିଏମଆଇ କାଲକୁଲେଟର ଦ୍ୱାରା ଆପଣ ପିଲାର ଲିଙ୍ଗ ଓ ବୟସ ହିସାବରେ ଓଜନ କେତେ ଉଚିତ ଜାଣିପାରିବେ ।

ପିଲାଙ୍କଠାରେ ମେଦ ବହୁଳତା ସମସ୍ୟା ଆରମ୍ଭ ହୋଇଯାଏ । ପୁଣି କିଛି ଝିଅଙ୍କ ଉପରେ ପତଳା ରହିବାର ଇଚ୍ଛା ଜାଗ୍ରତ ହୋଇଯାଏ । ଖୁବ ପତଳା ହେବା ସତ୍ତ୍ୱେ ସେମାନଙ୍କୁ ଲାଗେ ମୁଁ ମୋଟା ହୋଇଯାଉଛି, ତେଣୁ ଖାଇବା ଅତ୍ୟଧିକ କମେଇ ନିଅନ୍ତି ସେମାନେ । ଯଦି ପିଲାର ବିଏମଆଇ ୧୮ରୁ କମ୍ ତା'ହେଲେ ଜାଣି ନିଅନ୍ତୁ ଶରୀର ପାଇଁ ଆବଶ୍ୟକ ପୋଷକତତ୍ତ୍ୱ ମିଳୁନାହିଁ । ଏହାଦ୍ୱାରା ହୋଇପାରେ ଏଭଳି ଝିଅ ମାନଙ୍କୁ କାଉନସେଲିଂ ଦରକାର ହୁଏ । ଧଳା ଖାଦ୍ୟ ଯଥା – ଚିନି, ଚାଉଳ, ମଇଦା, ଲହୁଣୀ, ଛେନା ଇତ୍ୟାଦି ଉପରେ ନିୟନ୍ତ୍ରଣ ରଖନ୍ତୁ । ମିଠା ସହିତ ଲହୁଣୀ ଅଧିକ ବଢ଼ାନ୍ତୁ ନାହିଁ । ତେଲ ଛଣା ଏବଂ ଫାଷ୍ଟଫୁଡ୍ କମ୍ କରନ୍ତୁ । ମୃଦୁ ପାନୀୟ ଠାରୁ ଦୂରରେ ରୁହନ୍ତୁ । ପିଜା, ବର୍ଗର, ନୁଡୁଲ୍ସ, ଫ୍ରେଞ୍ଚଫାଇଜ, ଚିପ୍ସ ଆଦି ସହ ସମ୍ପର୍କ ଶେଷ କରିଦିଅନ୍ତୁ । ପିଲାଙ୍କୁ କେବେ କେମିତି ଏସବୁ ଗିଫ୍ଟ ଭାବରେ ଦେଇପାରନ୍ତି । ସେମାନଙ୍କୁ ସବୁଜ ପନିପରିବା, ଫଳ ଏବଂ ଦୁଗ୍ଧ ଉପରେ ନିର୍ଭର କରିବା ଶିଖାନ୍ତୁ । ପ୍ରତିଦିନ କିଛି ପିତା ଖାଦ୍ୟ ସାମିଲ କରନ୍ତୁ । ପିତା ଖାଦ୍ୟ ଇନସୁଲିନ ପ୍ରତିଶୋଧନ କ୍ଷମତା ବଢ଼ାଏ ।

ଦୈନିକ-୫୦୦ରୁ ୭୦୦ ମିଲି ପିଇବାକୁ ଦିଅନ୍ତୁ । ପିଲାଙ୍କ ଖାଦ୍ୟରେ ୪୦ ପ୍ରତିଶତ କାର୍ବୋହାଇଡ୍ରେଟ, ୪୦ ପ୍ରତିଶତ ପ୍ରୋଟିନ, ୨୦ ପ୍ରତିଶତ ଫ୍ୟାଟ ରହିବା ଆବଶ୍ୟକ । ଦୈନିକ ଖାଦ୍ୟରେ ଅତିକମ୍‌ରେ ଦୁଇଟି ଫଳ ଓ ପରିବା ସାମିଲ କରନ୍ତୁ । ସେମାନଙ୍କୁ ପସନ୍ଦ ଆସିବା ପରି ବିଭିନ୍ନ ରଙ୍ଗର ପରିବା ବ୍ୟବହାର କରନ୍ତୁ । ଦହି ଓ ଫଳ ଉଭୟ ସ୍ୱାସ୍ଥ୍ୟ ପାଇଁ ଭଲ । ପିଲାଙ୍କୁ ସ୍ୱାଦିଷ୍ଟ ଲାଗିବା ପାଇଁ ବିଭିନ୍ନ ପରିବା ପୂର ଦେଇ ରୁଟି ଓ ପରଟା କରନ୍ତୁ । ଗଜାମୁଗ, ବୁଟ ଇତ୍ୟାଦି ଦୈନିକ ଖାଇବାକୁ ଦିଅନ୍ତୁ । ପିଲାଙ୍କୁ ଫାଷ୍ଟଫୁଡ ଏବଂ ମିଠା ଆଦିରୁ ଏକଦମ୍ ଦୂରେଇ ରଖିବା ମଧ୍ୟ ଠିକ୍ ନୁହେଁ କାରଣ ସେମାନେ ନିଜକୁ ରୋକିପାରିବେ ନାହିଁ ।

ସୁବିଧା ମିଳିଲେ ଅତ୍ୟଧିକ ଖାଇବେ । ତେଣୁ ସପ୍ତାହରେ ଗୋଟିଏ ଦୁଇଟି ଭୋଜନ ସେମାନଙ୍କ ପସନ୍ଦର ଦିଅନ୍ତୁ । ଏଥିପାଇଁ ଛୁଟି ଦିନକୁ ହିଁ ବାଛନ୍ତୁ । ଯେମିତି ସେମାନେ ନିଜ ପସନ୍ଦର ଖାଦ୍ୟକୁ ଉପଭୋଗ କରି ଖାଇପାରିବେ ଏହିଦିନ । ଟିଭି, ମୋବାଇଲ, ଲ୍ୟାପଟପ ଆଦିରେ ଦିନକୁ ଦୁଇଘଣ୍ଟାରୁ ଅଧିକ ସମୟ ବସିବାକୁ ଦିଅନ୍ତୁ ନାହିଁ । କେବଳ ସୋଫାରେ ବସି କାର୍ଟୁନ ଦେଖିବା ପାଇଁ କମିକ୍ସ ପଢ଼ିବାକୁ ଦିଅନ୍ତୁନି । ଘର ବାହାରକୁ ପଠାନ୍ତୁ । ଖେଳିବାକୁ ଦିଅନ୍ତୁ । ଛୋଟ ଛୋଟ କାମ ପାଇଁ ପଠାନ୍ତୁ । ଘରେ ଗଛ ଲଗାଇ ଏହାର ଯତ୍ନ ନେବାକୁ କୁହନ୍ତୁ । ବ୍ୟାଡ଼ମିଣ୍ଟନ, ଫୁଟବଲ ଆଦି ଖେଳିବାକୁ ପ୍ରୋତ୍ସାହନ ଦିଅନ୍ତୁ । ସକ୍ରିୟ ରହିଲେ ଏବଂ ଖେଳିଲେ ଶରୀରର ବର୍ଜ୍ୟ ସହଜରେ ନିଷ୍କାସିତ ହୋଇପାରେ । ଯଦି ପିଲାର ଓଜନ ବଢ଼ିଯାଇଛି ତାହେଲେ ଏହାକୁ ଧୀରେ ଧୀରେ କମାଇବାକୁ ଲକ୍ଷ୍ୟ ରଖନ୍ତୁ । ମାସରେ ଦୁଇକିଲୋରୁ ଅଧିକ ଓଜନ କମ୍ କରିବାର ଯୋଜନା ରଖନ୍ତୁନି । ଓଜନ ଖୁବ୍ ଶୀଘ୍ର ବଢ଼େ କିନ୍ତୁ କମିବାକୁ ଅନେକ ସମୟ ନିଏ । ତେଣୁ ଧୈର୍ଯ୍ୟ ରଖନ୍ତୁ । ସମସ୍ତଙ୍କୁ ଡଉଲ ଡାଉଲ ଛୁଆ ପସନ୍ଦ ଆସନ୍ତି । ମାଆମାନେ ମଧ୍ୟ ପିଲାକୁ ମୋଟା କରିବା ପାଇଁ ଅଧିକ ଖାଇବାକୁ ଦିଅନ୍ତି । କିନ୍ତୁ ସବୁ ମାଆ ଭାବନ୍ତି ସେମାନଙ୍କ ପିଲା ଦୁର୍ବଳ ହୋଇଯାଉଛି ।

ଯଦି ପିଲା ଅଧିକ ଖାଇବାକୁ ରାଜି ନ ହୁଏ, ତାହେଲେ ମାଆମାନେ ତା ପସନ୍ଦର ଯେ କୌଣସି ଖାଦ୍ୟ ପେଟପୁରା ଖୁଆଇ ଦିଅନ୍ତି । ଏହି ମନପସନ୍ଦର ଖାଦ୍ୟ ମଧ୍ୟରେ ଥାଏ କେକ, ଚାଉମିନ, ଚିପ୍ସ ଇତ୍ୟାଦି । ଫଳରେ ପିଲାର ପୁଷ୍ଟିକର ଖାଦ୍ୟ ଖାଇବାର ଅଭ୍ୟାସ ରହେ ନାହିଁ । ଲୋକଙ୍କ ଧାରଣା ସୁସ୍ଥ ରହିବା ପାଇଁ ଅଧିକ ଖାଇବା ଦରକାର । କିନ୍ତୁ ପ୍ରକୃତରେ ସୁସ୍ଥ ରହିବା ପାଇଁ ଠିକ୍ ଖାଦ୍ୟ ଖାଇବା ଆବଶ୍ୟକ । ଆଜିକାଲି ଅଧିକାଂଶ ଛୋଟ ପିଲା ସକାଳୁ କେବଳ ଖିର ହର୍ଲିକ୍ସ ଇତ୍ୟାଦି ପିଇ ସ୍କୁଲ ଚାଲିଯାଉଛନ୍ତି । କିନ୍ତୁ ଦିନର ସବୁଠାରୁ ଜରୁରୀ ଖାଦ୍ୟ ହେଉଛି ପ୍ରାତଃ ଭୋଜନ । ପିଲାମାନେ ଡେରି ରାତି ପର୍ଯ୍ୟନ୍ତ ପଢ଼ିଲେ ବିଳମ୍ବରେ ଖାଇବାର ଅଭ୍ୟାସ କରିନିଅନ୍ତି । କିନ୍ତୁ ମନେରଖନ୍ତୁ ରାତିର ଖାଇବା ୮ଟା, ସାଢ଼େ୮ଟା ମଧ୍ୟରେ ହେବା ଉଚିତ ।

ପ୍ରଫେସର ଓ ବିଭାଗୀୟ ମୁଖ୍ୟ,
ଶିଶୁରୋଗ ବିଭାଗ, ଫକୀରମୋହନ
ମେଡ଼ିକାଲ କଲେଜ,
ବାଲେଶ୍ୱର, ମୋ–୯୪୩୭୧୨୪୦୭୪

ଖୁସି

ମନୁଷ୍ୟ ଯେତେବେଳେ ଅନ୍ତର ଭିତରୁ ଆନନ୍ଦ ଅନୁଭବ କରେ, ସେତେବେଳେ ହିଁ ଖୁସି ପ୍ରକାଶିତ ହୁଏ । ଯେତେବେଳେ ଆମେ ନିଜଠାରୁ ଏବଂ ପ୍ରକୃତିଠାରୁ ଦୂରେଇ ଯାଉ, ସେତେବେଳେ ଆମେ ଦୁଃଖୀ ଅନୁଭବ କରୁ । ଆପଣ ଖୁସି ଜାଣନ୍ତି ନାହିଁ, ଏହା ମନୁଷ୍ୟର ସବୁଠାରୁ ପ୍ରାକୃତିକ ଅବସ୍ଥା । କିନ୍ତୁ ବିଡ଼ମ୍ବନାର ବିଷୟ ଯେ ନିଜେ ଖୁସିର ସ୍ରୋତ ହୋଇଥିଲେ ମଧ୍ୟ ଆମେ ଏହାକୁ ସବୁଠାରେ ଖୋଜିଥାଉ । ଆମକୁ କେତେଗୁଡିଏ ଜିନିଷ ପ୍ରତି ଧ୍ୟାନ ଦେବା ଦରକାର । ଯେଉଁଗୁଡିକ ବିଶେଷ ଭାବରେ ଖୁସିକୁ ପ୍ରଭାବିତ କରିଥାଏ – ପ୍ରଥମ ସ୍ୱାସ୍ଥ୍ୟ, ଦ୍ୱିତୀୟ ପରିବେଶ, ତୃତୀୟ ଅର୍ଥ ଏବଂ ଚତୁର୍ଥଟି ହେଉଛି ମହତ୍ତ୍ୱାକାଂକ୍ଷୀ । ଧରନ୍ତୁ ଆମ ପାଖରେ ପ୍ରଥମ ତିନୋଟି ଯାକ ଅଛି, କିନ୍ତୁ ଆମେ ଅତ୍ୟଧିକ ଉଚ୍ଚାକାଂକ୍ଷୀ । ଏହା ଆମର ପରିସ୍ଥିତିକୁ ଉତ୍ତେଜିତ କରିଦେବ । ଇଚ୍ଛାର ଅର୍ଥ ହେଉଛି, ଇଚ୍ଛା ପୂରଣ ମାଧ୍ୟମରେ ଭବିଷ୍ୟତରେ ଖୁସି ପ୍ରଦର୍ଶନ କରିବା । ନିଜ କାର୍ଯ୍ୟକଳାପକୁ ତ୍ୟାଗ ନକରି ଖୁସି ରହିବା ଏକ ଚ୍ୟାଲେଞ୍ଜ । ଏହା ଏକ କୌଶଳ ଯାହା ଆମେ ଶିଖିଛେ । ଛୋଟ ପିଲାଙ୍କ ଠାରୁ ଏହା ଉପରେ ଭଲ ଶିକ୍ଷକ ଆଉ କେହି ନାହାଁନ୍ତି । ସେମାନଙ୍କର ଆକାଂକ୍ଷା ଅଛି, କିନ୍ତୁ ସେମାନେ ସେହି ମୁହୂର୍ତ୍ତରେ ଖୁସି । ସେମାନଙ୍କର ଇଚ୍ଛା ଥାଏ, କିନ୍ତୁ ଯାହା ଆବଶ୍ୟକ ମନେ କରନ୍ତି ତାହା କରନ୍ତି । ସେମାନେ ନିଜକୁ ସୀମିତ ରଖନ୍ତି ନାହିଁ । ସେମାନଙ୍କ ମନ ସହଜରେ ଗୋଟିଏ ଜିନିଷରୁ ଅନ୍ୟ ଜିନିଷ ଆଡକୁ ଯାଇଥାଏ । ଆମ ମନକୁ ଇଚ୍ଛାରେ ନିର୍ଦ୍ଦେଶିତ କରିବାର ଦକ୍ଷତା... ବିକଶିତ କରିବାକୁ ପଡିବ । କୌଣସି ଗୋଟିଏ ଜିନିଷରେ ଅଟକି ରହିବାକୁ ହେବ ନାହିଁ । ଖୁସି ହେଉଛି ଏକ ଦୃଷ୍ଟିକୋଣ । ଯାହା ବିକଶିତ ହେବା ଦରକାର । ମହର୍ଷି ପତଞ୍ଜଳି ସନ୍ତୋଷ ବା ଖୁସିକୁ ବ୍ୟକ୍ତିଗତ ନୈତିକତା ଭାବରେ ପ୍ରତିପାଦନ କରିଛନ୍ତି । ଆପଣ ନିଜ ମନକୁ ଖୁସି ଆଡକୁ ଆଣିବାକୁ ପଡିବ । ଏହା କେବଳ ଏକ ଶାରୀରିକ କିମ୍ବା ମାନସିକ ଘଟଣା ନୁହେଁ । ଜୀବନର ଉତ୍ଥାନ-ପତନରେ ମଧ୍ୟ ଏହା ଆସିଥାଏ । ସବୁ ପରିସ୍ଥିତିରେ ବ୍ୟକ୍ତିକୁ ଖୁସିରେ ରହିବାକୁ ପଡିବ । ଦୁନିଆର କୌଣସି ଜିନିଷ ଆପଣଙ୍କ ଖୁସିକୁ ବାଧା ଦେଇ ପାରିବ ନାହିଁ । ଏହା ଦୃଢ଼ ସଂକଳ୍ପରେ ବିକଶିତ କରନ୍ତୁ । ଏହା ହେଉଛି ଜ୍ଞାନର ଉଦ୍ଦେଶ୍ୟ । ଏହା ହେଉଛି ବେଦାନ୍ତର ବିଷୟବସ୍ତୁ । ଅନେକ ସନ୍ୟାସୀଙ୍କ ନାମ 'ଆନନ୍ଦ'ରେ ଶେଷ ହୋଇଥାଏ । ସେମାନଙ୍କ ନାମ ହିଁ ସେମାନଙ୍କୁ ମନେ ପକାଇ ଦିଏ ଯେ ସେମାନେ ଖୁସି ଅଛନ୍ତି । ସେମାନେ ନିଜ ପାଇଁ କିଛି ଚାହାଁନ୍ତି ନାହିଁ । ସେମାନଙ୍କ ଚାରିପାଖରେ ଖୁସି ବିସ୍ତାର କରିବାକୁ ଚେଷ୍ଟା କରନ୍ତି । କୌଣସି ମଣିଷ ନିଜ ଘର କିମ୍ବା ପରିବାରଠାରୁ ବିଚ୍ଛିନ୍ନ ହୋଇନଥାଏ । ଯଦି ପରିବାରରେ ଜଣେ ବ୍ୟକ୍ତି ଅସନ୍ତୁଷ୍ଟ ହୁଅନ୍ତି, ତେବେ ଏହା ଅନ୍ୟ ସମସ୍ତ ସଦସ୍ୟଙ୍କୁ ପ୍ରଭାବିତ କରିଥାଏ । ଆମେ ସମସ୍ତେ ପରସ୍ପର ଉପରେ ନିର୍ଭରଶୀଳ ଏବଂ ପରସ୍ପର ସହ ଜଡ଼ିତ । ଯଦିଓ ଖୁସି ଏକ ବ୍ୟକ୍ତିଗତ ଦୃଷ୍ଟିକୋଣ, ଏହା ଆମ ପରିବେଶ ସହିତ ମଧ୍ୟ ଜଡିତ । ଯେତେବେଳେ ଆର ସାହିରେ ଦଙ୍ଗା ହୁଏ, ସେତେବେଳେ କେହି ଖୁସି ଅଛନ୍ତି ବୋଲି କରିପାରିବେ ନାହିଁ । ତେଣୁ ଆମକୁ ନିଜ ସହିତ ଅନ୍ୟମାନଙ୍କର ଖୁସିର ଯତ୍ନ ନେବାକୁ ପଡ଼ିବ ।

ଲଳିତ ମୋହନ ମିଶ୍ର,
ନୟାଗଡ଼, ମୋ–୯୪୩୭୯୮୫୮୬୬

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

ଚାରି...

ମୟୂରଭଞ୍ଜ, ନୂଆପଡ଼ା, ଗଜପତି, ନୟାଗଡ଼ ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି । ଏହିସବୁ ଜିଲ୍ଲାର ସ୍ଥାନେ ଦୁଇ ସ୍ଥାନେ ଦିନ ତାପମାତ୍ରା ୪୫ ଡିଗ୍ରୀ ଛୁଇଁପାରେ । ଏହାସହ ବାରିପଦାର ତାପମାତ୍ରା ୪୫ ଡିଗ୍ରୀ ହେବାର ଆକଳନ କରାଯାଇଥିବା ବେଳେ ଅନୁଗୁଳ, ବୌଦ୍ଧ, ବଲାଙ୍ଗୀର, ମାଲକାନଗିରିରେ ତାପମାତ୍ରା ୪୪ ଡିଗ୍ରୀ ରେକର୍ଡ କରାଯାଇପାରେ । ନୂଆପଡ଼ା, ଝାରସୁଗୁଡ଼ା, ଭଦ୍ରକ, ଖୋର୍ଦ୍ଧା ଓ ବାଲେଶ୍ୱର ୪୩ ଡିଗ୍ରୀ ପାରଦ ପହଞ୍ଚିପାରେ । ୧୯ ତାରିଖରେ ଅନୁଗୁଳ, ବଲାଙ୍ଗୀର, ବୌଦ୍ଧ, ବାରିପଦା ଓ ମାଲକାନଗିରିରେ ତାପମାତ୍ରା ୪୩ ଡିଗ୍ରି ରେକର୍ଡ ହେବାର ଆକଳନ କରାଯାଉଛି । ସମ୍ବଲପୁର, ନୂଆପଡ଼ା ଓ ଟିଟିଲାଗଡ଼ରେ ତାପମାତ୍ରା ୪୪ ଡିଗ୍ରି ପହଞ୍ଚିପାରେ । ୨୦ ଓ ୨୦ ତାରିଖ ଦିନ ମଧ ତାତିରୁ ନିସ୍ତାର ମିଳିବ ନାହିଁ । ଏହି ଦୁଇ ଦିନ ସମ୍ବଲପୁରରେ ପାରା ୪୪ ଡିଗ୍ରି ରହିପାରେ । ୨୦ରେ ସମ୍ବଲପୁର, ସୋନପୁର ଓ ଟିଟିଲାଗଡ଼ରେ ତାପମାତ୍ରା ୪୪ ଡିଗ୍ରି ରହିପାରେ । କିନ୍ତୁ ଅନ୍ୟ ସହରରେ ତାପମାତ୍ରା ୧ରୁ ୨ ଡିଗ୍ରି ହ୍ରାସ ପାଇବାର ଆଶଙ୍କା କରାଯାଉଛି ।

ସେପଟେ କୃଷି ଓ ପାଣିପାଗ ବିଜ୍ଞାନୀ ସୁରେନ୍ଦ୍ର ନାଥ ପଶୁପାଳକ କହିଛନ୍ତି, ବର୍ତ୍ତମାନ ଚାଲିଥିବା ଗ୍ରୀଷ୍ମ ପ୍ରବାହ ଜାରି ରହିବ । ବାୟୁ ପ୍ରବାହ ଅପରିବର୍ତ୍ତିତ ରହି ପଶ୍ଚିମା ବା ଉତ୍ତରରୁ ଶୁଷ୍କ ପବନ ବୋହିବ । କାଳବୈଶାଖୀର ସମ୍ଭାବନା ନାହିଁ । ହୁଏତ ସ୍ଥାନେ ସ୍ଥାନେ କେବେ କେମିତି ବର୍ଷା ହୋଇପାରେ । କିନ୍ତୁ ତାହା ତାପମାତ୍ରାକୁ ପ୍ରସମିତ କରିବ ନାହିଁ । ଆସନ୍ତାକାଲି(ଗୁରୁବାର) ଠାରୁ ପଶ୍ଚିମ ଓଡ଼ିଶାରେ ତାପମାତ୍ରା ଅଧିକ ବଢ଼ିବ । ଝାରସୁଗୁଡ଼ା ଠାରୁ କଳାହାଣ୍ଡି ପର୍ଯ୍ୟନ୍ତ ଏବଂ ସଂଲଗ୍ନ ଜିଲ୍ଲାରେ ତାପମାତ୍ରା ସବୁଠୁ ଅଧିକ ରହିପାରେ । ଭୁବନେଶ୍ୱର ସମେତ ଉପକୂଳରେ ବିଶେଷକରି ୧୯ ତାରିଖରେ ଉପରବେଳା ପରିଚଳନ ଜନିତ ମେଘ ହେତୁ ତାପମାତ୍ରା ସର୍ବାଧିକ ଛୁଇଁ ଶୀଘ୍ର କମିଯିବ । ତେବେ ରାଜ୍ୟରେ ସପ୍ତାହେ ପର୍ଯ୍ୟନ୍ତ ଅନେକ ସ୍ଥାନରେ ତାପମାତ୍ରା ୪୧.୫ ଡିଗ୍ରୀରୁ ୪୪ ଡିଗ୍ରୀ ମଧରେ ରହିବ ।

ଆଜିଠୁ...

ଦାନ ବନ୍ଦ ରହିବ ବା କ୍ଲାସ ସସପେଣ୍ଡ, କିନ୍ତୁ ବିଦ୍ୟାଳୟ ଖୋଲା ରହିବ । ରାଜ୍ୟରେ ତାପମାତ୍ରା ବୃଦ୍ଧି ଯୋଗୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗରୁ ଏକ ପ୍ରେସ ରିଲିଜ କୁହାଯାଇଛି ଯେ ଆସନ୍ତାକାଲି ଠାରୁ ଶନିବାର ପର୍ଯ୍ୟନ୍ତ ବିଦ୍ୟାଳୟ ବନ୍ଦ ରହିବ । ହେଲେ ପ୍ରାୟ ସମସ୍ତ ଜିଲ୍ଲାର ଜିଲ୍ଲା ଶିକ୍ଷା ଅଧିକାରୀମାନେ ନିଜ ନିଜ ଜିଲ୍ଲା ହ୍ୱାଟ୍ସଆପ ଗ୍ରୁପରେ ଶିକ୍ଷକମାନଙ୍କୁ ବିଦ୍ୟାଳୟକୁ ପୂର୍ବ ପରି ଆସି ଆଡମିଶନ, ଟିସି, ଅଫିସ କାର୍ଯ୍ୟ ଇତ୍ୟାଦି କରିବା ପାଇଁ ମେସେଜ ଦେଇଛନ୍ତି । ଯାହାକି ସମସ୍ତ ମନରେ ଏକ ଭ୍ରମ ସୃଷ୍ଟି କରୁଛି । ଛୁଟି କେବଳ ପିଲାମାନଙ୍କ ପାଇଁ , କିନ୍ତୁ ସ୍କୁଲ ଖୋଲା ଓ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ବିଦ୍ୟାଳୟ ଆସିବେ । ଗଣଶିକ୍ଷା ବିଭାଗ ଏପରି ଚିଠି କରୁଛନ୍ତି ଯେ, ଜନସାଧାରଣଙ୍କ ଧାରଣା ବିଦ୍ୟାଳୟ ବନ୍ଦ ମାନେ ଶିକ୍ଷକ ଓ ଶିକ୍ଷୟିତ୍ରୀ ବିଦ୍ୟାଳୟ ଯିବେ ନାହିଁ । ଯାହାକି ସମ୍ପୂର୍ଣ ଅସତ୍ୟ ବୋଲି ମାଧ୍ୟମିକ ଏନପିଏସ ଶିକ୍ଷକ ସଂଘ କାର୍ଯ୍ୟକାରୀ ସଭାପତି ପ୍ରଦୀପ୍ତ କୁମାର ପ୍ରଧାନ କହିଛନ୍ତି ।

କଣ୍ଟାବାଞ୍ଜୀରୁ...

ବର୍ଷା ସିଂ ବରିହା, କୁଚିଣ୍ଡାରୁ ରାଜେନ୍ଦ୍ର ଛତ୍ରିଆ, ଦେବଗଡ଼ରୁ ଅରୁନ୍ଧତି କୁମାରୀ ଦେବୀ, ନିମାପଡ଼ାରୁ ଦିଲୀପ କୁମାର ନାୟକ ଓ ଅନୁଗୁଳରୁ ପୂର୍ବତନ ଉପବାଚସ୍ପତି ରଜନୀକାନ୍ତ ସିଂଙ୍କ ପତ୍ନୀ ସଙ୍ଗୀତା ସିଂଙ୍କୁ ଦଳ ପ୍ରାର୍ଥୀ କରିଛି । ଉଲ୍ଲେଖଯୋଗ୍ୟ, ଅରୁନ୍ଧତି ଦେବୀ ଓ ଦିଲ୍ଲୀପ ନାୟକ ନିକଟରେ ବିଜେପି ଛାଡ଼ି ବିଜେଡିରେ ଯୋଗ ଦେଇଥିଲେ । ସେହିପରି ରାଜେନ୍ଦ୍ର ଛତ୍ରିଆ ମଧ ଦଳ ଡେଇଁ ନିକଟରେ ବିଜେଡିରେ ସାମିଲ ହୋଇଥିଲେ । ଏହି ପ୍ରାର୍ଥୀମାନଙ୍କ ନାମ ଘୋଷଣା ସହ ବିଜେଡି ଏପର୍ଯ୍ୟନ୍ତ ୧୨୬ ଆସନରେ ମୋଟ ୨୮ ଜଣ ମହିଳାଙ୍କୁ ପ୍ରାର୍ଥୀ କରି ସାରିଲାଣି ।

ବିଜେଡିର ପଞ୍ଚମ ପର୍ଯ୍ୟାୟ ବିଧାୟକ ପ୍ରାର୍ଥୀ ତାଲିକା ଘୋଷଣା ପରେ ବହୁ ଆସନରେ ବିଜେଡି ପ୍ରାର୍ଥୀ ବଦଳାଇଥିବା ଜଣାଯାଇଛି । ନିମାପଡ଼ା ଆସନ ପାଇଁ ପୂର୍ବତନ ମନ୍ତ୍ରୀ ସମୀର ଦାସ ଟିକେଟ ଆଶାୟୀ ଥିବା ବେଳେ ତାଙ୍କ ପରିବର୍ତ୍ତେ ଦଳ ଦିଲୀପ ନାୟକଙ୍କୁ ପ୍ରାର୍ଥୀ କରିଛି । କୁଚିଣ୍ଡାରେ କିଶୋର ନାୟକଙ୍କୁ ବି ଟିକେଟ ଦେଲାନି ବିଜେଡି । କିଶୋରଙ୍କ ଜାଗାରେ ରାଜେନ୍ଦ୍ର ଛତ୍ରିଆଙ୍କୁ ଟିକେଟ ଦେଇଛି ବିଜେଡି । ଚିତ୍ରକୋଣ୍ଡା ବିଧାୟକ ପୂର୍ଣ୍ଣଚନ୍ଦ୍ର ବାକାଙ୍କ ଟିକେଟ କଟିଥିବା ସ୍ପଷ୍ଟ ହୋଇଛି । ବାକାଙ୍କ ଜାଗାରେ ଲକ୍ଷ୍ମୀପ୍ରିୟା ନାୟକ ହୋଇଛନ୍ତି ବିଜେଡି ପ୍ରାର୍ଥୀ ।

ଉଲ୍ଲେଖଥାଉ କି ୨୦୧୯ ବିଧାନସଭା ନିର୍ବାଚନରେ ନବୀନ ହିଞ୍ଜିଳି ସହ ବିଜେପୁରରୁ ପ୍ରାର୍ଥୀ ହୋଇଥିଲେ । କିନ୍ତୁ ପରେ ବିଜେପୁର ଛାଡ଼ିବାରୁ ସେଠାରେ ରୀତା ସାହୁ ଦଳୀୟ ପ୍ରାର୍ଥୀ ହୋଇ ନବୀନଙ୍କ ମନ୍ତ୍ରୀ ମଣ୍ଡଳରେ ସାମିଲ ହୋଇଥିଲେ । କଣ୍ଟାବାଞ୍ଜିରୁ ମୁଖ୍ୟମନ୍ତ୍ରୀ ଲଢ଼ିପାରନ୍ତି ବୋଲି କିଛିଦିନ ତଳେ ଚର୍ଚ୍ଚା ହେଉଥିଲା । କଣ୍ଟାବାଞ୍ଜିରୁ ନବୀନ ପ୍ରାର୍ଥୀ ହୋଇ ଏହି ଚର୍ଚ୍ଚାର ପୂର୍ଣ୍ଣଚ୍ଛେଦ ପକାଇଛନ୍ତି ।

ଏନ୍‌କାଉଣ୍ଟର...

ଦେଶରେ ତୃତୀୟ ମୁଖ୍ୟ ବଡ଼ ଏନକାଉଣ୍ଟର । ଏହି ଘଟଣା ପରେ ପ୍ରତାପପୁର ମାଓ ସଂଗଠନ ଭାଙ୍ଗି ଯାଇଥିବା ବେଳେ ଆଗାମୀ ଦିନରେଏହି ଅଂଚଳରୁ ମାଓବାଦୀଙ୍କ ନିପାତ ପାଇଁ ଏଭଳି ଅପରେସନ ଜାରି ରହିବ । ଏନକାଉଣ୍ଟର ପରେ ତିନି ଗୁରୁତର ଯବାନ ରାୟପୁରରେ ଚିକିତ୍ସିତ ହେଉଛନ୍ତି । ତାଙ୍କର ସ୍ୱାସ୍ଥ୍ୟବସ୍ଥା ସ୍ଥିର ଅଛି । ଏହି ଅପରେସନକୁ ନେତୃତ୍ୱ ନେଇଥିଲେ ଛତିଶଗଡର ଟପ୍ ଏନକାଉଣ୍ଟର ସ୍ପେଶାଲିଷ୍ଟ ପୁଲିସ ଇନସପେକ୍ଟର ଲକ୍ଷ୍ମଣ କେବଟ । ଗତକାଲି ସକାଳୁ ବିଏସଏଫର ଦୁଇ ପ୍ଲାଟୁନ ଓ ଚାରୋଟି ଡିଆରଜି ଟିମ ଏହି ଅପରେସନକୁ ଲଞ୍ଚ କରିଥିଲେ ଦିନ ୧୨ଟା ସମୟରେ ମାଓବାଦୀ ଓ ପୁଲିସ ମଧରେ ମୁହାଁମୁହିଁ ହୋଇଥିଲା ଗୁଳିବିନିମୟ ଚାରିଘଣ୍ଟା ଧରି ଚାଲିଥିଲା । ପରେ ମାଓବାଦୀ ଛତ୍ରଭଙ୍ଗ ଦେଇଥିଲେ ।

ଘୋଷଯାତ୍ରା...

ରବୀନ୍ଦ୍ରନାଥ ଦାସ, କର୍ମଚାରୀ ବେଣୁଧର ମହାରଣା ପ୍ରମୁଖ କଟକରେ ପହଞ୍ଚିଥିଲେ । ରୀତିନୀତି ଅନୁସାରେ ପୂଜାର୍ଚ୍ଚନା କରାଯାଇ ତିନୋଟି ଧଉରା କାଠ ଚିରଟ ହୋଇଥିଲା । ଗତବର୍ଷରୁ ପ୍ରାୟ ୨୦୦ ରଥକାଠ ବଳକା ରହିଛି । ଚଳିତବର୍ଷ ୪୫୦ ଖଣ୍ଡ କାଠ ଅଣାଯାଇଛି । ଚତୁର୍ଦ୍ଧାମୂର୍ତ୍ତୀଙ୍କ ରଥ ନିର୍ମାଣ ପାଇଁ ମୋଟ ୮୧୨ ଖଣ୍ଡ କାଠର ଆବଶ୍ୟକତା ଥାଏ । ରଥ ନିର୍ମାଣରେ ଫାଶି, ଶିମିଳ, ଅଶନ, ଧଉରା, ରାଇ, ମଇ ଭଳି କାଠ ଆଦି ବ୍ୟବହାର ହୋଇଥାଏ ।

ରାମଲଲାଙ୍କ...

ବିଶେଷ ଉପାସନା କରାଯାଇଥିଲା ଏବଂ ଆଳତି କରାଯାଇଥିଲା । ରାମଲଲାଙ୍କ ଏହି ବିଶେଷ ପୂଜାର୍ଚ୍ଚନା ଦେଖିବା ପଶଇଁ ଅଯୋଧାରେ ଭକ୍ତଙ୍କ ଭିଡ଼ ଜମିଛି । ଅପ୍ଟି-ମେକାନିକାଲ୍ ସିଷ୍ଟମରେ ସୂର୍ଯ୍ୟାଲୋକକୁ ଗର୍ଭଗୃହ ଯାଏଁ ପଠାଇବାକୁ, ତୃତୀୟ ମହଲା ଉପରେ ଏକ ବଡ଼ ରିଫ୍ଲେକ୍ଟର ବକ୍ସ ଲଗାଯାଇଥିଲା । ସେଠାରୁ ସୂର୍ଯ୍ୟ କିରଣ ପିତ୍ତଳ ପାଇପ ଭିତରେ ୨ଟି ଦର୍ପଣ ଓ ୩ଟି ଲେନ୍ସ ଦେଇ ଗର୍ଭଗୃହ ଯାଏଁ ଆସିଥିଲା ।

ଗ୍ରହଣ ହେଲାନି ଇସ୍ତଫାପତ୍ର, ଦଳକୁ ଫେରିଲେ ସମିତି ଉପାଧ୍ୟକ୍ଷ, ସମର୍ଥକ

ଭୁବନେଶ୍ୱର (ସବ୍ୟୁ) : ଦଳୀୟ ଟିକେଟ୍ ନମିଳିବା ପରେ ଅମଙ୍ଗ ହୋଇ ଇସ୍ତଫା ଦେଇଥିବା ବୀରମହାରାଜପୁର ପଞ୍ଚାୟତ ସମିତିର ଅଧ୍ୟକ୍ଷା ଶାନ୍ତି ଲୁହା, ବୀରମରାଜପୁର ପଞ୍ଚାୟତ ସମିତିର ଉପାଧ୍ୟକ୍ଷ ତଥା ବିଜୁ ଯୁବ ଜନତା ଦଳର ସଭାପତି ନାରାୟଣ ଲୁହା, ବରିଷ୍ଠ ବିଜେଡ଼ି ନେତା ରୁଷି ନାଥ ମହାକୁଡ଼, ଜିଲ୍ଲା ବିଜେଡ଼ି ସାଧାରଣ ସମ୍ପାଦକ ଧୀରେନ୍ଦ୍ର ନାରାୟଣ ପଣ୍ଡାଙ୍କ ସମେତ ତାଙ୍କର ଅନ୍ୟ ସମର୍ଥକଙ୍କୁ ବିଜେଡି ବୁଝାଇଛି । ସୋନପୁର ଓ ବୀରମହାରାଜପୁର ବରିଷ୍ଠ ନେତାଙ୍କ ସହ ପ୍ରାୟ ୫୪ ଜଣ ସମର୍ଥକ ଗତ ୮ ତାରିଖରେ ଦେଇଥିବା ଇସ୍ତଫା ପତ୍ରକୁ ବିଜେଡି ଗ୍ରହଣ କରିନାହିଁ । ସମସ୍ତ ନେତା ଓ ସମର୍ଥକମାନେ ଦଳରେ ରହିବେ ଓ ଦଳ ପାଇଁ କାର୍ଯ୍ୟ କରିବେ ବୋଲି ବିଜେଡ଼ି ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ଦଳର ସାଧାରଣ ସମ୍ପାଦକ ମାନସ ମଙ୍ଗରାଜ ଏକ ଚିଠି କରିଛନ୍ତି ।

ରାମନବମୀ ପାଇଁ ଆଗରପଡ଼ା ଗୈରିକମୟ

ଆଗରପଡ଼ା,(ସବ୍ୟୁ):ଆଗରପଡା ଶ୍ରୀରାମନବମୀ ସମିତି ପକ୍ଷରୁ ରାମନବମୀ ଉପଲକ୍ଷେ ବିଶାଳ ଶୋଭାଯାତ୍ରା ପରିକ୍ରମା କରିଥିଲା । ଏହି ଶୋଭାଯାତ୍ରାରେ ୧୦ ଗୋଟି ମେଢ଼ ସାମିଲ ହୋଇଥିଲା। ଓ ବିଭିନ୍ନପ୍ରକାର ଡିଜେ ସାଉଣ୍ଡ ସାଙ୍ଗକୁ ଭକ୍ତମାନଙ୍କ ଜୟ ଶ୍ରୀରାମ ଧ୍ୱନିରେ ସମଗ୍ର ଅଂଚଳ ପ୍ରକମ୍ପିତ ହୋଇଥିଲା। ଗେରୁଆ ପତାକା ସାଙ୍ଗକୁ ଭକ୍ତମାନଙ୍କ ଗେରୁଆ ପୋଷାକ ପରିଧାନ ଏହି ଅଂଚଳ ଗୈରିକମୟ ହୋଇଥିଲା । ବିଭିନ୍ନ ସ୍ଥାନରୁ ଶୋଭାଯାତ୍ରାମାନ ଆସି ଡାଏଟ ସ୍ଥିତ ହନୁମାନ ମନ୍ଦିରରେ ଏକତ୍ରିତ ହୋଇଥିଲେ। ପୁଣି ସେଠାରୁ ଏକ ବର୍ଣ୍ଣାଢ୍ୟ ଶୋଭାଯାତ୍ରାରେ ମେଢ ଗୁଡିକ ବଜାର ପରିକ୍ରମା କରିଥିଲା। ଆଗରପଡ଼ା ମହାବୀର ୟୁଥ୍ କ୍ଲବ୍,ପୁରୁଷଣ୍ଡ ରାମନବମୀ ମେଢ଼ କମିଟି, ନୁଆପୋଖରି ବଜରଙ୍ଗଦଳ ସମେତ ମହାନ୍ତିପଡ଼ା, କୁଆଁସମଡ଼ିଆ, ତାରିଣୀ ଛକ, ମୁଣ୍ଡଳୀ ଆଦି ଗ୍ରାମରୁ ମେଢ଼ ଏଥିରେ ସାମିଲ ହୋଇଥିଲେ। କମିଟି ସଭାପତି ତୃପ୍ତିରଞ୍ଜନ ଦାଶ, ସମ୍ପାଦକ ବାବୁରାମ ବେହେରା, ।ସ୍ଵର ଦାସ, ସର୍ବଜିତ୍ ପଣ୍ଡା, ଜ୍ଞାନଚାନ୍ଦ୍ ଗୁପ୍ତା, ଦିବ୍ୟ ଆକାଶ ପୁହାଣ, ଅତିସ୍ ପଣ୍ଡା,ସଂଗ୍ରାମ ସାହୁ,ଶ୍ରାଧେୟ ପଣ୍ଡା ପ୍ରମୁଖ ଶୋଭାଯାତ୍ରାକୁ ପରିଚାଳନା କରିଥିଲେ। ଶାନ୍ତି ଶୃଙ୍ଖଳା ରଖିବା ପାଇଁ ଥାନା ଆଇଆଇସି ଅମିତ ଭୂୟାଁଙ୍କ ନେତୃତ୍ୱରେ ବ୍ୟାପକ ପୁଲିସ ମୃତୟନ କରାଯାଇଥିଲା। ବିଜେଡି ବିଧାୟକ ପ୍ରାର୍ଥୀ ସଞ୍ଜୀବ ମଲ୍ଲିକ,ଜିଲ୍ଲା ପରିଷଦ ସଭାପତି ପ୍ରଫୁଲ୍ଲ ଜେନା,ବ୍ଲକ ଅଧ୍ୟକ୍ଷ ମନୋରଞ୍ଜନ ଘଡ଼େଇ,ବିଜେଡି ଜିଲ୍ଲା ଉପସଭାପତି ପ୍ରଶାନ୍ତ ଦାଶ,ବ୍ଲକ ଯୁବ ସଭାପତି ସତ୍ୟସାଧନ ବେଜ,ବିଜେପି ନେତା ଡ଼ଃ ସୁଧାଂଶୁ ନାୟକଙ୍କ ସମେତ ଅନେକ କଂଗ୍ରେସନେତା ମଧ ଏହି ଶୋଭାଯାତ୍ରାରେ ସାମିଲ ହୋଇଥିଲେ।

ବରହମପୁରରେ ବିଜୁ ପଟ୍ଟନାୟକଙ୍କ ଶ୍ରାଦ୍ଧ ଦିବସ ପାଳିତ

ନୀଳଗିରି,(ସବ୍ୟୁ) : ଭାରତ ମାତାର ସୁଯୋଗ୍ୟ ସନ୍ତାନ, କଳିଙ୍ଗବୀର ,ଓଡ଼ିଶା ମାଟିର ବରପୁତ୍ର, ପ୍ରବାଦ ପୁରୁଷ ଭୂତପୂର୍ବ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ୨୭ ତମ ଶ୍ରାଦ୍ଧ ଦିବସ ନୀଳଗିରି ବିଭିନ୍ନ ଅଞ୍ଚଳରେ ମହାସମାରୋହରେ ପାଳିତ ହୋଇଯାଇଛି । ନୀଳଗିରି ବିଧାୟକ ସୁକାନ୍ତ କୁମାର ନାୟକ ଏବଂ ବିଜୁ ପ୍ରେମୀମାନେ ସକାଳ ସମୟରେ ନୀଳଗିରି ବାଇପାସ୍ ଛକ ନିକଟରେ ଥିବା ବିଜୁ ବାବୁଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ପରେ ବିଜୁ ପଟ୍ଟନାୟକ ଅମର ରହେ ସ୍ଲୋଗାନରେ ଚର୍ତୁଦିଗ ପ୍ରକମ୍ପିତ ହୋଇ ଉଠିଥିଲା । ପରେ ବରହମପୁର ପୂଜ୍ୟପୂଜା ସଂସଦ ଆନୁକୂଲ୍ୟରେ ଜଡ଼ିଦା ପଞ୍ଚାୟତ ପୋଡ଼ାଶୂଳ ବଜାର ନିକଟରେ ଏକ ସ୍ମୃତି ସଭାର ଆୟୋଜନ କରାଯାଇଥିଲା । ଏହି ସଭାରେ ବିଧାୟକ ସୁକାନ୍ତ ନାୟକ ସଭାପତିତ୍ୱ କରିଥିବା ବେଳେ ଦୈନିକ ସମ୍ବାଦପତ୍ର ସମାଜର ଉତ୍ତର ଓଡ଼ିଶା ମୁଖ୍ୟ କୂଳମଣି ବାରିକ, ମୁଖ୍ୟ ଅତିଥିଭାବେ ଓ ନୀଳଗିରି ମହିଳା ମହାବିଦ୍ୟାଳୟର ଓଡ଼ିଆ ବିଭାଗ ଅଧ୍ୟାପକ ପ୍ରଦୀପ୍ତ କୁମାର ମିଶ୍ର ମୁଖ୍ୟ ବକ୍ତାଭାବେ ଯୋଗଦେଇ ଜନନାୟକ ବିଜୁବାବୁଙ୍କ ବହୁମୁଖୀ ପ୍ରତିଭା ଉପରେ ଆଲୋକପାତ କରିଥିଲେ । ଅନ୍ୟ ଅତିଥିମାନଙ୍କ ମଧ୍ୟରେ ସୁନୀତି ସିଂ, ତାପସ ପରିଡ଼ା, ବିଜୟ କୁମାର ଲେଙ୍କା, ରମେଶ ମହାନ୍ତି, ଗଙ୍ଗାଧର ମିଶ୍ର, ରବିନ୍ଦ୍ର ପରିଡ଼ା, ଭାଗବତ ଖିଲାର, ଶରତ ରାଜ, ଗୟାଧର ସେଠୀ, ଉପେନ୍ଦ୍ର ଦାସ, କୂଳମଣୀ ନାୟକ, ଲୋକନାଥ ଦଳେଇ, ଉପେନ୍ଦ୍ର ନାୟକଙ୍କ ସମେତ ନୀଳଗିରି ନିର୍ବାଚନ ମଣ୍ଡଳୀର ସମସ୍ତ ପଞ୍ଚାୟତର ଅଧିକାଂଶ ସରପଞ୍ଚ, ସମିତି ସଭ୍ୟ, ୱାଡ ସଭ୍ୟ,ବିଜୁ ପ୍ରେମୀମାନେ ଯୋଗଦେଇଥିଲେ । ପ୍ରବଳ ଗରମ ସତ୍ତ୍ୱେ ଏହି ଶ୍ରାଦ୍ଧ ସଭାରେ ପ୍ରାୟ ଦେଢ ହଜାରରୁ ଅଧିକ ଲୋକଙ୍କ ସମାଗମ ହୋଇଥିଲା ।

କେନ୍ଦ୍ର ସାହିତ୍ୟ ଏକାଡେମୀ ସୃଷ୍ଟି କଲା ବିଶ୍ୱ ରେକର୍ଡ

ବାଲେଶ୍ୱର,(ସବ୍ୟୁ) : ନୂଆଦିଲ୍ଲୀ ଠାରେ କେନ୍ଦ୍ର ସାହିତ୍ୟ ଏକାଡେମୀ ଆୟୋଜନ କରିଥିବା ଫେଷ୍ଟିଭାଲ ଅଫ ଲେଟର୍ସ ସାରା ବିଶ୍ୱରେ ଇତିହାସ ରଚନା କଲା ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ । ପୂର୍ବରୁ ଏଭଳି ବିଶାଳ ଆୟୋଜନ ସାହିତ୍ୟ ଏକାଡେମୀ ସଫଳତାର ସହିତ କରିନଥିବା ବେଳେ ୨୦୨୪ରେ ଏହା କେବଳ ବିଶ୍ୱରେକର୍ଡ ସୃଷ୍ଟି କରି ନାହିଁ । ଅଧିକନ୍ତୁ ଆମେରିକା ଓ ଦୁବାଇର ୨ଟି ଅନୁଷ୍ଠାନ ଆଇନ୍ଷ୍ଟାଇନ୍ ୱାର୍ଲ୍ଡ ରେକର୍ଡର୍ସ ଏବଂ ୱାର୍ଲ୍ଡ ବୁକ୍ ଅଫ ରେକର୍ଡର୍ସ ଭାରତର ସାହିତ୍ୟ ଏକାଡେମୀକୁ ସର୍ବବୃହତ ସାହିତ୍ୟ କାର୍ଯ୍ୟକ୍ରମ ଆୟୋଜନ ନିମନ୍ତେ ମାନପତ୍ର ପ୍ରଦାନ କରି ପୁରସ୍କୃତ କରିଛନ୍ତି । ଏହି ପରିପ୍ରେକ୍ଷୀରେ ଆନନ୍ଦ ପ୍ରକାଶ କରି ଏକାଡେମୀର ସଚିବ ଡକ୍ଟର କେ ଶ୍ରୀନିବାସ ରାଓ ଏହାର ଶ୍ରେୟ ଅଂଶ ଗ୍ରହଣ କରିଥିବା ଭାରତର ସମସ୍ତ ଲେଖକ, କବି ଓ ସ୍କଲୋରଙ୍କୁ ଦେଇଛନ୍ତି । ସେ କହିଛନ୍ତି ଯେ ଭାରତର ଲେଖକୀୟ ସୌହାର୍ଦ୍ଦ୍ୟ ଓ ଭାଇଚାରାର ସହଯୋଗ ଫଳରେ ଏକାଡେମୀ ଆୟୋଜିତ ଏହି ଉତ୍ସବ ବିଶ୍ୱର ସର୍ବବୃହତ ସାହିତ୍ୟ ଉତ୍ସବର ମର୍ଯ୍ୟାଦା ପାଇଲା । ଏକକାଳୀନ ଗୋଟିଏ ସ୍ଥାନରେ ବିଭିନ୍ନ ଭାଷାଭାଷୀ ଲେଖକଙ୍କ ସମାଗମ,ବହୁଭାଷୀ କବି ସମ୍ମିଳନୀ, ଆଲୋଚନା ଚକ୍ର, ସେମିନାର ଆଦି ଶୃଙ୍ଖଳିତ ଭାବେ ଆୟୋଜନ କରିଥିବାରୁ ଏକାଡେମୀର ଇତିହାସରେ ଏହା ସୁବର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବ । ଏହି ଅବସରରେ ସଚିବ ଡକ୍ଟର ଶ୍ରୀନିବାସ ରାଓ ଅଂଶଗ୍ରହଣ କରିଥିବା ପ୍ରତ୍ୟେକ ଲେଖକ ଓ କବିଙ୍କୁ ପତ୍ରମାଧ୍ୟମରେ ଧନ୍ୟବାଦ ଓ କୃତଜ୍ଞତା ଜଣାଇଛନ୍ତି ।

ଶ୍ରୀରାମ ନବମୀ ପାଳନ ନେଇ ନୟାଗଡ଼ ଉତ୍ସବମୁଖର

ନୟାଗଡ଼, (ସବ୍ୟୁ): ମର୍ଯ୍ୟଦା ପୁରୁଷୋତ୍ତମ ଭଗବାନ ଶ୍ରୀରାମଙ୍କ ଜନ୍ମ ଉତ୍ସବ ପାଳନକୁ ନେଇ ନୟାଗଡ଼ ଜିଲ୍ଲା ପୁରପଲ୍ଲୀରେ ଉତ୍ସବର ବାତାବରଣ ଲାଗି ରହିଛି। ଶ୍ରଦ୍ଧା ଓ ଆନନ୍ଦ ମଧ୍ୟରେ ଶ୍ରଦ୍ଧାଳୁମାନେ ଶ୍ରୀରାମନବମୀ ପର୍ବ ପାଳନ କରି ଆତ୍ମସନ୍ତୋଷ ଲାଭ କରିଛନ୍ତି। ଧାର୍ମିକ ଭାବନାରେ ଭଗବାନ ଶ୍ରୀରାମଚନ୍ଦ୍ରଙ୍କ ଜନ୍ମତିଥିରେ ହଜାର ହଜାର ଶ୍ରଦ୍ଧାଳୁ ପୂଜାପାଠ, ନାମ ସଂକର୍ତ୍ତିନ, ଯଜ୍ଞ ଓ ହୋମ ଆଦି ଅନୁଷ୍ଠାନର ଆୟୋଜନ କରିଛନ୍ତି। ଏହି ପବିତ୍ର ତିଥି ଅବସରରେ ରାଜ୍ୟର ଅନ୍ୟତମ ପ୍ରସିଦ୍ଧ ପୀଠ ଓଡ଼ଗାଁର ଶ୍ରୀରଘୁନାଥ ଜୀଉଙ୍କ ମନ୍ଦିରରେ ନବଦିନାତ୍ମକ ଶ୍ରୀରାମ ନବମୀ ମହୋତ୍ସବ ର ଶୁଭାରମ୍ଭ ହୋଇଛି।କରୁଣାର ସାଗର, ଦୁଃଖିଜନ ରକ୍ଷାକାରୀ, ଶ୍ରୀଦଶରଥ ନନ୍ଦନ ଭଗବାନ ଶ୍ରୀରାମ ଲାଲାଙ୍କ ଜନ୍ମ ଉତ୍ସବ ପାଳନକୁ ନେଇଶ୍ରଦ୍ଧାଳୁଙ୍କ ମଧ୍ୟରେ ବେଶ ଉତ୍ସାହ ଦେଖାଯାଇଛି। ଜିଲ୍ଲାର ସମସ୍ତ ରଘୁନାଥ ଜୀଉ ମନ୍ଦିରରେ ଶ୍ରୀରାମ ନବମୀ ରସ୍ୱତନ୍ତ୍ର ପୂଜା ନୀତି ପାଳିତ ହୋଇଛି। ଶ୍ରଦ୍ଧାଳୁମାନେ ଏହି ପବିତ୍ର ତିଥିରେ ଶ୍ରୀରଘୁନାଥଙ୍କ ଦର୍ଶନ, ପୂଜାଆରାଧନା ଓ ଶ୍ରୀରାମଙ୍କ ନାମ ବନ୍ଦନା କରିଛନ୍ତି। ସେଥିଲାଗି ମନ୍ଦିରମାନଙ୍କରେ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗିରହିଥିଲା। ରାଜ୍ୟର ପ୍ରସିଦ୍ଧ ଶ୍ରୀରଘୁନାଥ ପୀଠ ନୟାଗଡ଼ ଜିଲ୍ଲା ଓଡ଼ଗାଁ ରେ ବିଜେ ପ୍ରଭୁଶ୍ରୀରଘୁନାଥ ଜୀଉଙ୍କର ଜନ୍ମୋତ୍ସବ ପାଳିତ ହୋଇଛି। ବୁଧବାର ମଧ୍ୟାହ୍ନ ୧୨ଟା ସମୟରେ ଶ୍ରୀଜୀଉଙ୍କ ଜନ୍ମନୀତି ସଂପନ୍ନ ହୋଇଥିଲା। ସେଥିରେ ପୂଜା ହୋମ, ବେଦ ପଠନ ଆଦି ଦେବନୀତି ପରେ ଧୂପ ଓ ଶ୍ରୀଜୀଉଙ୍କ ଜନ୍ମନାରାୟଣ ବେଶ ଅନୁଷ୍ଠିତ ହୋଇଛି।ଏହି ପବିତ୍ର ମୁହୂର୍ତ୍ତରେ ରାଜ୍ୟର ବିଭିନ୍ନ ଅଚଂଳରୁ ଓଡ଼ଗାଁରେ ପହଚଂିଥିବା ହଜାର ହଜାର ସଂଖ୍ୟାରେଶ୍ରଦ୍ଧାଳୁ ଶ୍ରୀଜୀଉଙ୍କ ଦୁର୍ଲଭ ଜନ୍ମ ନାରାୟଣ ବେଶ ଦର୍ଶନ କରିଛନ୍ତି। ସନ୍ଧ୍ୟାରେ ଶ୍ରୀରାମଲୀଳା ଲୋକନୃତ୍ୟ ପରିବେଷଣ ହୋଇଛି। ଓଡ଼ଗାଁରେ ନବ ଦିନ ଯାତ୍ରା ମହୋତ୍ସବ ପାଳନ ଅବସରରେ ପ୍ରତ୍ୟେହ ସନ୍ଧ୍ୟାରେ ଶ୍ରୀଜୀଉଙ୍କ ଭିନ୍ନ ଭିନ୍ନ ବେଶ ମଧ୍ୟରେ ଅହଲ୍ୟା ଉଦ୍ଧାର, ଗଙ୍ଗାପାର, ସୀତା ବିବାହ ଏବଂ ଲଙ୍କା ବିଜୟ ପରେ ରାମାଭିଷେକ ମନୋହର ବେଶ ଦର୍ଶନ ଲାଗି ଶ୍ରଦ୍ଧାଳୁଙ୍କ ସମାଗମ ଓଡ଼ଗାଁକୁ ଉତ୍ସବ ମୁଖର କରି ରଖିଥିଲା ।

୧୦୭ ବର୍ଷରେ ବରି ବାସନ୍ତୀ ଦୁର୍ଗା ପୂଜା

ସିମୁଳିଆ,(ସବ୍ୟୁ) :ସିମୁଳିଆ ବ୍ଲକସ୍ଥିତ ବରିପଞ୍ଚାୟତର ଦୀର୍ଘ ବର୍ଷ ଧରି ଅନୁଷ୍ଠିତ ହୋଇ ଆସୁଥିବା ବାସନ୍ତୀ ଦୁର୍ଗା ପୂଜା ଇତିମଧ୍ୟରେ ୧୦୭ବର୍ଷରେ ପଦାର୍ପଣ କରିବା ସହ ଚଳିତ ବର୍ଷରେ ଅଷ୍ଟମୀ ତିଥିରେ ବିହିତ ପୂଜା ଅନୁଷ୍ଠିତ ହେବା ସହ ମହାନବମୀ ପୂଜା ପାଳିତ ହୋଇଯାଇଛି । ବରିସ୍ଥିତ ବାସନ୍ତୀ ମଣ୍ଡପ ପଡିଆଠାରେ ଅନୁଷ୍ଠିତ ମାଙ୍କ ପୂଜାର୍ଚ୍ଚନା ଗତ ୧୪ତାରିଖ ରବିବାରଠାରୁଆରମ୍ଭ ହୋଇଛି । ଏଥର ମାଙ୍କର ପୂଜାର୍ଚ୍ଚନା ନିମନ୍ତେ ପଣ୍ଡିତ ଦୟାନିଧି ପତ୍ରୀଙ୍କ ନେତୃତ୍ୱରେ ୫ଜଣ ପୂଜକଙ୍କ ଦ୍ୱାରା ମାଙ୍କର ଯଥା ରିତିନିତୀ ଅନୁଯାୟୀ ପୂଜାର୍ଚ୍ଚନା କରାଯାଇଥିଲା । ଏହି ପୁରାତନ ଅନୁଷ୍ଠାନ ତଥା ମାଙ୍କର ପୂଜା ନିମନ୍ତେ ସ୍ଥାନୀୟ ବ୍ୟକ୍ତି ଭିକାରି ମହାନ୍ତି,କ୍ଷୀରୋଦ ମହାନ୍ତି,ମାୟାଧର ନାୟକ ଓ ପ୍ରଫୁଲ୍ଲ ଚନ୍ଦ୍ର ଲେଙ୍କା ସହ ଗ୍ରାମବାସୀମାନେ ଆରମ୍ଭ କରିଥିଲେ । ଚଳିତ ବର୍ଷ ପୂଜାକୁ ସାଫଲ୍ୟ ମଣ୍ଡିତ କରିବାରେ ସଭାପତି କମଳ ବରଣ ଲେଙ୍କା ,ସଂପାଦକ-ସୁରେନ୍ଦ୍ରପ୍ରସାଦ ରାଉତ ଓ କୃଷ୍ଣ ଚନ୍ଦ୍ର ପ୍ରଧାନଙ୍କ ସମେତ ବହୁ ସଭ୍ୟମାନେ ପୂଜା ମଣ୍ଡପ ପରିଚାଳନା କରୁଛନ୍ତି । ସଂନ୍ଧ୍ୟାରେ ମଣ୍ଡପ ପଡିଆରେ ମାଙ୍କର ମୃଣ୍ମୟୀ ମୂର୍ତ୍ତି ତଥା ରଙ୍ଗ ବେରଙ୍ଗର ଆଲୋକ ସଜ୍ଜା ସୁନ୍ଦର ତୋରଣ ବେଶ ମନଲୋଭା ହୋଇଛି । ଭାଇଚାରାର ଜ୍ୱଳନ୍ତ ଉଦାହରଣ ହିନ୍ଦୁ ଓ ମୁସଲମାନଙ୍କ ମଧ୍ୟରେ ବାଛ ବିଚାର ନ ଥାଇ ୧୦୭ବର୍ଷ ତଳେ ମହାନ୍ତି ସାହିରୁ ଆରମ୍ଭ ହୋଇଥିବା ଦୁର୍ଗା ପୂଜା କ୍ରମଶଃ ସାର୍ବଜନୀନ ପୂଜାରୂପେ ଗ୍ରାମବାସୀଙ୍କ ଦ୍ୱାରା ଆଦୃତ ହୋଇଛି । ଠାକୁର ଭାଇମାନେ ସେମାନଙ୍କ ବଳଦ ପିଛା ଟଙ୍କା ଚାନ୍ଦା ଆକାରରେ ଦେଇ ପୂଜା କରୁଥିଲେ । ମା ପ୍ରଥମେ ଗଛ ମୂଳେ ପୂଜା ପାଉଥିବାବେଳେ କାଳକ୍ରମେ ମନ୍ଦିରରେ ପୂଜା ପାଉଛନ୍ତି । ମାଙ୍କର ଅଷ୍ଟମୀ ପୂଜା, ସନ୍ଧି ପୂଜା ଧୂମଧାମରେ ପାଳିତ ହେଉଥିବାବେଳେ ୬ଷ୍ଠୀ ଦୁର୍ଗା ପୂଜା ଦେଖିବା ନିମନ୍ତେ ବରି, କନ୍ଦ୍ରେଇବିନ୍ଧା, ଜାମୁଝାଡି, ବାଟୀ, କ୍ଷୀରକୋଣା, ଚାଲୁଣୀ ଗାଁ, ମଇତାପୁର, ମାର୍କୋଣା, ମୁରୁଣା ସମେତ ୨୨ଗୋଟି ପଞ୍ଚାୟତରୁ ହଜାର ହଜାର ଭକ୍ତ ଆସି ମାଙ୍କ ଦର୍ଶନ କରୁଛନ୍ତି ।

କବିବର ରାଧାନାଥ ରାୟଙ୍କ ତିରୋଧାନ ଦିବସ ପାଳିତ

ବାଲେଶ୍ୱର,(ସବ୍ୟୁ) : ବାଲେଶ୍ୱର ଜିଲ୍ଲାର ସୋର ନିକଟବର୍ତ୍ତୀ କେଦାରପୁର ଗ୍ରାମରେ ୧୮୪୮ ମସିହା ସେପ୍ଟେମ୍ବର ୨୮ ତାରିଖରେ ଜନ୍ମିତ ଏବଂ ୧୭ ଏପ୍ରିଲ୍ ୧୯୦୮ ମସିହାରେ ସ୍ୱର୍ଗାରୋହଣ କରିଥିବା ଉତ୍କଳ ମାତାଙ୍କର ସୁଯୋଗ୍ୟ ସନ୍ତାନ ମହାନ୍ କାବ୍ୟସ୍ରଷ୍ଟା କବିବର ରାଧାନାଥ ରାୟଙ୍କ ପୁଣ୍ୟ ଶ୍ରାଦ୍ଧତିଥିରେ ଉତ୍କଳ ସମ୍ମିଳନୀ ବାଲେଶ୍ୱର ଜିଲ୍ଲାଶାଖା ପକ୍ଷରୁ ବୁଧବାର ସକାଳ ୭ଘଟିକା ସମୟରେ ଗଡଗଡିଆ ଘାଟସ୍ଥିତ ସଂସ୍କୃତି ବିଭାଗ ଦ୍ୱାରା ସ୍ଥାପିତ ତାଙ୍କର ପୂର୍ଣ୍ଣାଅବୟବ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଛି।ଉତ୍କଳ ସମ୍ମିଳନୀର ବାଲେଶ୍ୱର ଜିଲ୍ଲା ଶାଖା ସଂପାଦକ କବି କାଳୀପଦ ପଣ୍ଡା କବିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣକରି କବିବରଙ୍କ କାଳଜୟୀ ସୃଷ୍ଟି କେଦାରଗୌରୀ, ଚିଲିକା, ଦରବାର, ଉଷା, ନନ୍ଦିକେଶ୍ୱରୀ, ପାର୍ବତୀ ଏବଂ ମହାଯାତ୍ରା ଭଳି ଅନବଦ୍ୟ ସୃଷ୍ଟିର ଅବତାରଣା କରି ଆଧୁନିକ ଓଡ଼ିଆ କାବ୍ୟସାହିତ୍ୟ କବିବରଙ୍କ ସୃଷ୍ଟିପାଇଁ ବିପୁଳ ଧନଶାଳୀ ହୋଇପାରିଛି ବୋଲି ମତବ୍ୟକ୍ତ କରିଥିଲେ। ପରାଧିନ ଦେଶରେ ବହୁ ପାଠ୍ୟପୁସ୍ତକର ପ୍ରଣୟନ ଠାରୁ ଆରମ୍ଭକରି ଭାଷା ଭିତ୍ତିକ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ନିର୍ମାଣ ଦିଗରେ ଉତ୍କଳ ସମ୍ମିଳନୀର ପ୍ରତିଷ୍ଠାଠାରୁ ସେ ଏହାର ଦୃଢ଼ ନେତୃତ୍ୱ ଦେଇଆସିଥିବାରୁ ଓଡ଼ିଶାବାସୀ ଏହି ମହାନ୍ ସନ୍ତାନଙ୍କ ନିକଟରେ ଚିରଋଣୀ ବୋଲି ଶ୍ରଦ୍ଧାଞ୍ଜଳି ଅର୍ପଣ ଅବସରରେ ମତ ପ୍ରକାଶ ପାଇଥିଲା। ଉତ୍କଳ ସମ୍ମିଳନୀର ଜିଲ୍ଲା ଶାଖାର କୋଷାଧ୍ୟକ୍ଷ ରତ୍ନାକର ଦାସ, ନୃସିଂହ ଚରଣ ନାୟକ, ପ୍ରଫେସର ଶତ୍ରୁଘ୍ନ ମଲ୍ଲିକ, ବ୍ରହ୍ମାନନ୍ଦ ସ୍ୱାଇଁ, ବିଜନ କୁମାର ଦେ ପ୍ରମୁଖ ଏହି ମାଲ୍ୟାର୍ପଣ କାର୍ଯ୍ୟକ୍ରମରେ ଯୋଗଦେଇ ସ୍ତୁତିଚାରଣ କରିଥିଲେ ।

ସିମୁଳିଆ ବିଜେଡି ପକ୍ଷରୁ ବିଜୁ ଶ୍ରାଦ୍ଧ ଦିବସ

ସିମୁଳିଆ, (ସବ୍ୟୁ) :ସିମୁଳିଆ ବିଜୁଜନତା ଦଳ ତରଫରୁ ବିଧାୟକଙ୍କ ବାସଭବନ ପରିସରରେ ଥିବା ସ୍ୱର୍ଗତଃ ପୂର୍ବତନ ବିଧାୟକ ପର୍ଶୁରାମ ପାଣିଗ୍ରାହୀଙ୍କ ସ୍ମୃତିପୀଠରେ ବିଜୁ ଶ୍ରାଦ୍ଧ ଦିବସ ପାଳିତ ହୋଇଯାଇଛି। ସିମୁଳିଆ ବ୍ଲକ ବିଜେଡି ସଭାପତି ଗୈରାଙ୍ଗ ଚନ୍ଦ୍ର ପାଢୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବିଜୁଶ୍ରାଦ୍ଧ ଦିବସରେ ମୁଖ୍ୟଅତିଥିଭାବେ ସିମୁଳିଆ-ଖଇରାର ଯୁବ ବିଧାୟକ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଯୋଗଦେଇ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରି ସଭାକାର୍ଯ୍ୟ ଆରମ୍ଭ କରିବା ସହ ଦଳୀୟ ଏକତାକୁ ବଜାୟ ରଖିବା ସହିତ ଆଗାମୀ ଦିନରେ ବିଜୁ ବାବୁଙ୍କ ଆଦର୍ଶରେ ଅନୁପ୍ରାଣୀତ ହୋଇ କାର୍ଯ୍ୟ କରିବାକୁ ପରାମର୍ଶଦେଇଥିଲେ । ଏହି କାର୍ଯ୍ୟକ୍ରମକୁ ସିମୁଳିଆ-ଖଇରା ବିଜେଡି ଯୁବନେତା ଗଦାଧର ଜେନା ମଞ୍ଚ ପରିଚାଳନା କରିଥିଲେ । ଅନ୍ୟତମ ଅତିଥିଭାବେ ଶିକ୍ଷାବିତ ପୂର୍ଣ୍ଣଚନ୍ଦ୍ର ମହାଳିକ,କୀର୍ତ୍ତନ ବିହାରୀ ଦାଶ,ହରେକୃଷ୍ଣ ପଣ୍ଡା,ଖଇରା ବ୍ଲକ ସଭାପତି ବ୍ରଜକିଶୋର ମହାନ୍ତି,ସିମୁଳିଆ ବ୍ଲକ ବିଜୁ ଜନତା ଦଳର ମହିଳା ସଭାପତି ପ୍ରମିଳା ବଳ,ଜିଲ୍ଲାପରିଷଦ ସଭ୍ୟା ରଶ୍ମିତା ମହାପାତ୍ର ଓ ବରିଷ୍ଠ ସାମ୍ବାଦିକ ଭରତ ଚନ୍ଦ୍ର ଦାଶ ପ୍ରମୁଖ ଯୋଗଦେଇ ବିଜୁ ବାବୁଙ୍କ ପରି ଜଣେ ପ୍ରବାଦ ପୁରୁଷ ଙ୍କୁ ମରଣୋତ୍ତର ଭାରତ ରତ୍ନଦେବା ପାଇଁଦୃଢ ଦାବି ଉପସ୍ଥାପନା କରିଥିଲେ । ଏଥିସହିତ ସିମୁଳିଆର ବରିଷ୍ଠ ବିଜେଡିନେତା ରଘୁନାଥ ରାଉତ,ପୂର୍ବତନ ବ୍ଲକ ଅଧ୍ୟକ୍ଷା ସରୋଜିନୀ ମହାପାତ୍ର ସମେତ ବହୁ ବିଜୁ ପ୍ରେମୀ ଆଗାମୀ ଦିନରେ ବିଜୁ ଜନତା ଦଳକୁ ବିଜୟୀ କରିବାକୁ ବିଜୁବାବୁଙ୍କ ତିରୋଧାନ ଦିବସରେ କର୍ମୀମାନେ ଶପଥ ପାଠ କରିଥିଲେ। ସିମୁଳିଆ ନିର୍ବାଚନ ମଣ୍ଡଳୀର ଦଳୀୟ ନେତାଙ୍କ ସମେତ ୬୯ଗୋଟି ପଞ୍ଚାୟତର ବରିଷ୍ଠ କର୍ମକର୍ତ୍ତାମାନେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ।

DRAFT PUBLICATION
IN THE COURT OF THE SENIOR CIVIL JUDGE KANTAMAL
FDCS 12/2017
ARISING OUT OF CS 86/2012
Satyabati Sahu & others .... Plaintiff
Vrs
Adikanda Sahu & others .... Defendants/opposite parties
U/o 5 Rule 201-A CPC

To

3(a) Sobhagini Sahu, aged about 60 years
W/o- Sashibhusan Sahu, D/o- Late Iswar Chandra Sahu
At- Rourkela Basanti Colony
Po/Ps- Rourkela
Dist-Sundargarh (Odisha)
Occupation- Homework

3(f) Huleswari Sahu aged about 57 years
W/o- Santosh Sahu, D/o-Late Iswar Chandra Sahu
At-Tihnikipali, Po- Gand Turung
Ps-Vaden, Dist-Bargarh (Odisha)
Occupation- Homework

(7) Sarojini Sahu, aged about 63 years
D/o- Tapeswar Sahu (absconded)
At/Po-Uden, P.S-Kantamal, Now Ghantapada
Dist- Boudh Odisha
Occupation- Homework

8(c) ii - Jali Sahu, aged about 33 years
D/o- Kishore Chandra Sahu
At/Po- Binika Beheramal, P.S- Binika
Dist-Subarnapur (Odisha)
Occupation- Homework

8(c) iii- Doli Sahu, aged about 35 years
D/o- Kishore Chandra Sahu,
At/Po- Sagada, P.S-Manamunda
Dist-Boudh (Odisha)
Occupation- Homework

8(d) Swarna Kanti Behera, aged about 57 years
W/o- Dinabandhu Behera, D/o- Bhagirathi Sahu
At-Talpalipada, Balangir, Po/Ps/Dist- Balangir (Odisha)
Occupation- Homework

8(e) Bijaya Sahu, aged about 56 years
S/o- Late Bhagirathi Sahu
At- Bhanjibeda Po-Uden
P.S-Kantamal now Ghantapada, Dist-Boudh (Odisha)
Occupation- Cultivation

8(i) Shesadev Sahu, aged 52 about
S/o- late Bhagirathi Sahu
At/Bhanjibeda, Po-Uden, P.S-Kantamal
now Ghantapada, Dist-Boudh (Odisha)
Occupation- Cultivation

8(j) Nilakanti Pradhan, aged about 49 years
W/o- Panchu Pradhan, D/o- Late Bhagirathi Sahu
At/Po- Luising, P.s- Gochhapada, Dist-Kandhamal (Odisha)
Occupation- Homework........defendants/opposite parries

Take notice that the aforesaid plaintiffs/petitioners have filed FDCS 12/2017 arising out of Cs 86/2012 in the court Civil Judge (SD) Kantamal against you and despitis service of simmon issued could not be served upon you, issued in RP with AD and in process by this Hon'ble Court and the aforesaid case has been fixed for appearance and filing show cause on 20th day of April-2024 at 07. 30 A.M.
You are hereby directed to appear in the aforesaid suit either personally or through your pleader.
If no appearance is made on your behalf either by yourself or through your pleader or by someone by law authorized to act on your behalf in this case it will be heard and decided in accordance with law in your absence.
Given under my hand and seal in this court this the 20th day of March 2024.

Sd/- Senior Civil Judge Kantamal

ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍ ନମ୍ବର

ଅନୁଗୁଳ-ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୭୩୮, କଳାହାଣ୍ଡି-ଶାନ୍ତନୁ ବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ର କୁମାର ଦାସ-୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତ ମୋହନ ମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସ ରାଓ-୯୪୩୯୫୬୭୭୨୨, ମାଲକାନଗିରି-କେଶବ ନାଏକ-୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟ ରଞ୍ଜନ ପଟ୍ଟନାୟକ-୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିୱାରୀ-୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ- ୯୪୩୭୬୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ-୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୭୬୫୫୦୧ ।

ପବିତ୍ର ଶ୍ରୀରାମ ନବମୀ ଅବସରରେ ଭୁବନେଶ୍ୱର ରାମମନ୍ଦିରରେ ଶ୍ରଦ୍ଧାଳୁ

ବିଶ୍ୱହିନ୍ଦୁ ପରିଷଦ ପକ୍ଷରୁ ଶୋଭା ଯାତ୍ରା

କଟକରେ ଖୋଲିଲା

ମଧୁକୁଞ୍ଜ ଗୋଲ୍ଡ ଓ ଡାଇମଣ୍ଡର ନୂଆ ଷ୍ଟୋର

କଟକ,(ସବ୍ୟୁ): ରୌପ୍ୟ ନଗରୀ କଟକ ସହରରେ ମଧୁକୁଞ୍ଜ ପକ୍ଷରୁ ସୁନା ଆଉ ହିରାର ବୃହତ ଭଣ୍ଡାର ଖୋଲିଛି । କଟକ କ୍ୟାଣ୍ଟନମେଣ୍ଟ ରୋଡ ସ୍ଥିତ ଏନସିସି କ୍ୟାନଟିନ୍ ପରିସରରେ ମଧୁକୁଞ୍ଜର ସୁନା ଓ ହୀରାର ସ୍ୱତନ୍ତ୍ର ପ୍ରଥମ ଷ୍ଟୋର ଉଦଘାଟିତ ହୋଇଯାଇଛି । ଏହି ଉଦଘାଟନୀ ଉତ୍ସବରେ ଏନସିସି ଗ୍ରୁପର କମାଣ୍ଡର କର୍ଣ୍ଣେଲ ସତ୍ୟବ୍ରତ ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦଘାଟନ କରିଛନ୍ତି । ସମସ୍ତ ମହିଳାବର୍ଗର ଲୋକମାନଙ୍କ ପାଇଁ ବିଭିନ୍ନ ପ୍ରକାରର ଆକର୍ଷଣୀୟ ସୁନା, ରୂପା ଓ ହୀରାର ଅଳଙ୍କାର ଏଠାରେ ମହଜୁଦ ରହିଛି । ସେମାନେ ଏଠାକୁ ଆସି ନିଜ ମନ ପସନ୍ଦର ଅଳଙ୍କାର କିଣି ପାରିବେ । ଏଥିସହିତ ଉଦଘାଟନୀ ଉତ୍ସବରେ ସମସ୍ତ ଗ୍ରାହକଙ୍କ ପାଇଁ ଶତକଡା ୧୦ରୁ ଆରମ୍ଭ କରି ଶତକଡା ୨୫ଭାଗ ପର୍ଯ୍ୟନ୍ତ ଛାଡ଼ ରହିଥିବା ବେଳେ ଏନସିସି ଏବଂ ଆର୍ମି ବିଭାଗର ଅଧିକାରୀଙ୍କ ପାଇଁ ସ୍ୱତନ୍ତ୍ର ଅଫର ରହିଛି ବୋଲି ଷ୍ଟୋରର ପ୍ରୋପ୍ରାଇଟର ପ୍ରବୀଣ ଅଗ୍ରୱାଲା କହିଛନ୍ତି ।

ନିର୍ବାଚନ ପ୍ରଚାର ଆରମ୍ଭ କଲେ ବିଜେପି ବିଧାୟକ ପ୍ରାର୍ଥୀ ଅଖିଳ ନାଏକ

ପାଟଣା,(ସବ୍ୟୁ) :କେନ୍ଦୁଝର ଜିଲ୍ଲା ପାଟଣା ନିର୍ବାଚନ ମଣ୍ଡଳୀର ବିଜେପି ବିଧାୟକ ପ୍ରାର୍ଥୀ ଅଖିଳ ଚନ୍ଦ୍ର ନାଏକ ପାଟଣା ନିର୍ବାଚନ ମଣ୍ଡଳୀର ପାଟଣା ମୁଖ୍ୟାଳୟରେ ଥିବା ପାଟଣା ଆନନ୍ଦେଶ୍ୱର ମନ୍ଦିରରେ ପୂଜାର୍ଚ୍ଚନା କରି ପ୍ରଚାର ଆରମ୍ଭ କରିଛନ୍ତି। ଶ୍ରୀ ନାଏକମନ୍ଦିର ପରିସରରେ ଥିବା ଆନନ୍ଦେଶ୍ୱର ମହାଦେବ,ରାଧାକୃଷ୍ଣ ମନ୍ଦିର, ପଞ୍ଚମୁଖୀ ହନୁମାନ ମନ୍ଦିର ଓ ଶ୍ରୀରାମ ମନ୍ଦିରରେ ସେ ପୂଜା ପାଠ କରି ଆଶୀର୍ବାଦ ଭିକ୍ଷା କରିଥିଲେ। ପାଟଣା ନିର୍ବାଚନ ମଣ୍ଡଳୀର ସମ୍ପୂର୍ଣ୍ଣ ବିକାଶ କରିବା ହେଉଛି ମୋର ଦାୟିତ୍ୱବୋଲି କହିବା ସହ ଭାରତୀୟ ଜନତା ପାର୍ଟି କେବଳ ଏକ ରାଜନୈତିକ ଦଳ ନୁହେଁ ଏହା ଏକ ସାମାଜିକ ଆନ୍ଦୋଳନ ବୋଲି ପ୍ରକାଶ କରିବା ସହ ଏହି ଦଳକୁ ବହୁସଂଖ୍ୟାରେ ଭୋଟ ଦେଇ ଜୟଯୁକ୍ତ କରିବା ପାଇଁ ଆହ୍ୱାନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଭାରତୀୟ ଜନତା ପାର୍ଟି ର ଜିଲ୍ଲା ମହିଳା ମୋର୍ଚ୍ଚା ସଭାନେତ୍ରୀ ସୋମବରୀ ମୁଣ୍ଡା ଲକ୍ଷ୍ମୀଧର ପତି, ସୁବ୍ରତ କୁମାର ଦୀବେଦି କେଶବ ଚନ୍ଦ୍ର ଦାଶ, ବର୍ଣ୍ଣ ବାଳା ମହାନ୍ତ,ଦୁର୍ଗା ଚରଣ ନାୟକ ,ଦିନେଶ କୁମାର ଦାଶ,ଜାତୀନ୍ଦ୍ର କୁମାର ଦାଶ, ପ୍ରକାଶ କୁମାର ସେଠୀ, ରବିନ୍ଦ୍ର ରାମ, ଖଗେଶ୍ୱର ମହାନ୍ତ,ସଞ୍ଜୀବ ମହାନ୍ତ ମୋହନ ମହାନ୍ତ,ଶଶୀଭୂଷଣ ମହାନ୍ତ,ଅଭୟ ବେହେରା ଙ୍କ ସମେତ ବହୁ ବରିଷ୍ଠ ନେତା ଓ କର୍ମୀ ଉପସ୍ଥିତ ଥିଲେ।

ମିଶୋ ଏବଂ ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ ସ୍ୱକଳ୍ପ ଉଦ୍ୟୋଗୀ ତାଲିମ କାର୍ଯ୍ୟକ୍ରମ ଦ୍ୱାରା ଉଦ୍ୟୋଗୀଙ୍କୁ ସଶକ୍ତ କରିବ

ଭୁବନେଶ୍ୱର,(ସବ୍ୟୁ): ଭାରତର ଏକମାତ୍ର ପ୍ରକୃତ ଇ-ବାଣିଜ୍ୟ ବଜାର ମିଶୋ ଓଡ଼ିଶା ଦକ୍ଷତା ବିକାଶ ପ୍ରାଧିକରଣ, ଓଡ଼ିଶା ସରକାର ଓ ବିଶ୍ୱ ଦକ୍ଷତା କେନ୍ଦ୍ର ଭୁବନେଶ୍ୱର ସହିତ ଏକ ବୁଝାମଣା ସ୍ୱାକ୍ଷର କରିଛି। ଏହି ସହଭାଗିତା ସ୍ୱକଳ୍ପ କାର୍ଯ୍ୟକ୍ରମ ୧୦,୦୦୦ ବ୍ୟକ୍ତିଙ୍କୁ ଉପକୃତ କରିବ ବୋଲି ଜଣାଯାଇଛି, ଯେଉଁଥିରେ ୧୦୦୦ଟି ମେଂଟରଶିପ ଓ ଏଂଟରପ୍ରାଇଜ ସେଟଅପ ସମର୍ଥନ ପାଇଁ ମନୋନୀତ ହୋଇଛି। ଏହି କାର୍ଯ୍ୟକ୍ରମ ଯୁବ ଉଦ୍ୟୋଗୀଙ୍କୁ ପ୍ରୋତ୍ସାହିତ କରିବ ।

ଏହି ସହଭାଗିତାର ଅଂଶ ଭାବରେ ମିଶୋ ସ୍ୱକଳ୍ପ ଅଧିନରେ ତାଲିମପ୍ରାପ୍ତ ଉଦ୍ୟୋଗୀଙ୍କୁ ଏହାର ପ୍ଲାଟଫର୍ମରେ ସୁଗମ ଅନବୋର୍ଡିଂକୁ ସହଜ କରିବା। ଅନବୋର୍ଡ ପ୍ରକ୍ରିୟାକୁ ନେଭିଗେଟ କରିବା ଓ ସେମାନଙ୍କ ଅନଲାଇନ ବ୍ୟବସାୟକୁ ସୁଗମ କରିବା ଲାଗି ଏହା ଉତ୍ସ ଯୋଗାଇବ। ମିଶୋ ପ୍ଲାଟଫର୍ମରେ ଉନ୍ନତି ଆଣିବା ଲାଗି ଉଦ୍ୟୋଗୀମାନଙ୍କୁ ଆବଶ୍ୟକୀୟ ତାଲିମ କୌଶଳ ସହିତ ଦକ୍ଷ କରିବା ଲାଗି ଏହା ପ୍ରୟାସ କରିବ । ଏହା ବ୍ୟତୀତ ମାର୍କେଟିଂ ସେବା, ଗ୍ରାହକ ସେବା, ଅର୍ଡ଼ର ଗ୍ରହଣ ଓ ପ୍ରେରଣ ଉପରେ ତାଲିମ ପ୍ରଦାନ କରାଯିବ।

ଶ୍ରୀ ପିନାକୀ ପଟନାୟକ, ଅତିରିକ୍ତ ସଚିବ, ଏସଡିଟିଇ ଓ ସିଓଓ, ଡବଲ୍ୟୁଏସସି, ଓଡ଼ିଶା ସରକାର କହିଛନ୍ତି ଯେ-ଆମେ ନିଶ୍ଚିତ ଯେ ମିଶୋ ସହ ଏହି ସହଭାଗିତା ମାଧ୍ୟମରେ ଓଡ଼ିଶାରେ ଉଦ୍ୟୋଗୀମାନଙ୍କ ଲାଗି ଏକ ନୂଆ ସୁଯୋଗ ସୃଷ୍ଟି ହେବ । ଆମେ ଏହା ବିଶ୍ୱାସ କରୁଯେ ସ୍ଥାନୀୟ ବ୍ୟବସାୟକୁ ବ୍ୟାପକ ବଜାର ସହିତ ସଂଯୋଗ କରି ଆମେ ଉଦ୍ୟୋଗୀମାନଙ୍କୁ ସଶକ୍ତ କରିବୁ। ଏହା ଆମର ରାଜ୍ୟ ଅର୍ଥନୀତିକୁ ସୁଦୃଢ କରିବ ।

ସହଯୋଗ ବିଷୟରେ ସଂଜୀବ ବର୍ଣ୍ଣୱାଲ, ପ୍ରତିଷ୍ଠାତା ତଥା ସିଟିଓ ମିଶୋ, ସନ୍ଦିପ ଲାଂଜେୱାର, ନିର୍ଦ୍ଦେଶକ କହିଛନ୍ତି ଯେ ଆମେ ଏହି ସହଭାଗିତାକୁ ନେଇ ବହୁତ ଖୁସି। ଉଦ୍ୟୋଗୀମାନଙ୍କ ପାଇଁ ଆମେ ନୂଆ ସୁଯୋଗ ସୃଷ୍ଟି କରିପାରିବୁ। ଓଡ଼ିଶାରେ ବିଭିନ୍ନ ଉଦ୍ୟୋଗୀଙ୍କ ଅଭିବୃଦ୍ଧି ପାଇଁ ସୀମାହୀନ ସୁଯୋଗର ଦ୍ୱାର ଖୋଲିବୁ। ଏକ ଦୃଢ ଉଦ୍ୟୋଗୀ ଇକୋସିଷ୍ଟମ ଗଠନ ଉପରେ ଧ୍ୟାନ ଦେଇ ସ୍ୱକଳ୍ପ କାର୍ଯ୍ୟକ୍ରମ ଓଡ଼ିଶାର ଯୁବକମାନଙ୍କ ଲାଗି ଅପାର ସୁଯୋଗ ସୃଷ୍ଟି କରିବ।

ଡାଲମିଆ ଭାରତ ଫାଉଣ୍ଡେସନ ପକ୍ଷରୁ ମାଗଣା ଚକ୍ଷୁ ପରୀକ୍ଷା ଶିବିର

ଭୁବନେଶ୍ୱର,(ସବ୍ୟୁ): ଡାଲମିଆ ଭାରତ ଲିମିଟେଡ (ଡିବିଏଲ)ର ସାମାଜିକ ଦାୟିତ୍ୱ ନିର୍ବାହ (ସିଏସଆର) ଶାଖା ଡାଲମିଆ ଭାରତ ଫାଉଣ୍ଡେସନ (ଡିବିଏଫ) ବଞ୍ଚିତ ବର୍ଗଙ୍କ ଦୃଷ୍ଟିଶକ୍ତିର ଯତ୍ନ ନେଉଥିବା ଏକ ସଂଗଠନ କେୟାର ନେତ୍ରମ ସହଯୋଗିତାରେ ଡାଲମିଆ ସିମେଣ୍ଟର କଟକ କାରଖାନା- କପିଳାସ ସିମେଣ୍ଟ ୱାର୍କସ (କେସିଡବ୍ଲୁ)ର ଅକୁପେସନାଲ ହେଲଥ ସେଣ୍ଟରଠାରେ ଏକ ମାଗଣା ଚକ୍ଷୁ ପରୀକ୍ଷା ଶିବିର ଆୟୋଜନ କରିଥିଲା । ଏହି ଶିବିରରେ ସହଜ ଓ ସୁଲଭ ଦୃଷ୍ଟିଯତ୍ନ ସେବା ଯୋଗାଇ ଦିଆଯାଇଥିଲା, ଯେଉଁଥିରେ ପାରିପାର୍ଶ୍ୱିକ ଗ୍ରାମସମୂହ ସୁନିଆପଡା, ବିଶ୍ୱାଳି, କାନପୁର, କୁଶପଡା, ଗରୁଡଗାଁ, କନମିରା, ଅମିୟଝରୀ, ବଇରି, ମାଣିଆ, ସପନପୁର, ବାରୁଣିଆ ସମେତ କେସିଡବ୍ଲୁ ଶ୍ରମିକ, କର୍ମଚାରୀ ଏବଂ ସେମାନଙ୍କ ପରିବାର ସଦସ୍ୟଙ୍କ ମଧ୍ୟରୁ ୯୪ଜଣ ଉପକୃତ ହୋଇଥିଲେ । ଚକ୍ଷୁ ପରୀକ୍ଷା ସମୟରେ ଦୃଷ୍ଟି ଦୋଷ ଥିବା ବକ୍ତିମାନଙ୍କୁ ରିହାତି ମୂଲ୍ୟରେ ଚଷମା ଯୋଗାଇ ଦିଆଯାଇଥିଲା। ମୋତିଆବିନ୍ଦୁ ଏବଂ ରେଟିନାରେ ଅସ୍ୱାଭାବିକତା ଥିବା ରୋଗୀଙ୍କୁ ଅଧିକ ଯାଞ୍ଚ ନିମନ୍ତେ ପରାମର୍ଶ ଦିଆଯିବା ସହିତ ଭୁବନେଶ୍ୱରରେ ଚିକିତ୍ସା ନିମନ୍ତେ ପଠାଯାଇଥିଲା ।

ଏହି ପ୍ରୟାସ ସମ୍ପର୍କରେ ପ୍ରକାଶ କରି ଡେପୁଟି ଏକଜିକ୍ୟୁଟିଭ ଡାଇରେକ୍ଟର, ଡିସିବିଏଲ ଏବଂ ୟୁନିଟ ହେଡ-କେସିଏମଡବ୍ଲୁ ଶ୍ରୀ ଭାବେଶ ୱାଲା କହିଥିଲେ, 'ଡାଲମିଆ ଭାରତରେ ଆମେ ଯେଉଁ ସ୍ଥାନୀୟ ସମୁଦାୟର ଅଂଶବିଶେଷ ହୋଇଛୁ ସେଠାରେ ଜନସାଧାରଣଙ୍କ ମଧ୍ୟରେ ଏକ ସକାରାତ୍ମକ ପରିବର୍ତ୍ତନ ଆଣିବା ନିମନ୍ତେ ପ୍ରତିବଦ୍ଧ ରହିଛୁ, ଯଦ୍ୱାରା ଦୀର୍ଘସ୍ଥାୟୀ ବିକାଶକୁ ସୁନିଶ୍ଚିତ କରାଯାଉଛି ।

କେସିଡବ୍ଲୁ, କଟକସ୍ଥିତ ଅକୁପେସନାଲ ହେଲଥ ସେଣ୍ଟରରେ ଜନସମୁଦାୟଙ୍କ ସ୍ୱାସ୍ଥ୍ୟସେବା ଆବଶ୍ୟକତା ପୂରଣ କରିବାକୁ ଏକ ଉତ୍ସର୍ଗୀକୃତ ଡାକ୍ତରୀଦଳ ଏବଂ ଅତ୍ୟାବଶ୍ୟକ ସୁବିଧା ସୁଯୋଗ ରହିଛି ।

ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୨୭ତମ ଶ୍ରାଦ୍ଧ ଦିବସରରେ ବିନ୍ଦୁ ସାଗରରେ ତିଳତର୍ପଣ

ଚୌଦ୍ୱାର କଟକ ବିଜେଡି ପକ୍ଷରୁ ବିଜୁ ବାବୁଙ୍କ ୨୭ତମ ଶ୍ରାଦ୍ଧ ଦିବସ

କଟକ,(ସ୍ୱପ୍ର): ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୨୭ତମ ଶ୍ରାଦ୍ଧଦିବସ ପାଳିତ ହୋଇଯାଇଛି । ଚୌଦ୍ୱାର କଟକ ବିଜେଡି ତରଫରୁ ପୂର୍ବତନ ବିଧାୟକ ଡଃ ପ୍ରଭାତ ରଞ୍ଜନ ବିଶ୍ୱାଳଙ୍କ ନେତୃତ୍ୱରେ ସକାଳ ୬ଟା ୩୦ଘଟିକା ସମୟରେ ଚୌଦ୍ୱାର ସ୍ଥିତ ବିରୁପା ନଦୀରେ ତିଳତର୍ପଣ ସହ ବିରୁପା ଛକ ଓ ଯୋବ୍ରା ଆନିକଟ ଠାରେ ସ୍ଥାପିତ ପ୍ରବାଦ ପୁରୁଷ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା । ପୂର୍ବାହ୍ନରେ କୁଷ୍ଠାଶ୍ରମର ଅନ୍ତେବାସୀମାନଙ୍କୁ ଫଳ ବଣ୍ଟନ କରାଯିବା ସହ ମଧ୍ୟାହ୍ନ ୧୨ ଘଟିକା ସମୟରେ ଚୌଦ୍ୱାର ସ୍ଥିତ ହିନ୍ଦ ସେବକ ସଂଘ ଆଶ୍ରମର ଅନ୍ତେବାସୀମାନଙ୍କୁ ମଧ୍ୟାହ୍ନ ଭୋଜନର ଆୟୋଜନ ହୋଇଥିଲା । ଅପରାହ୍ନ ୪ ଘଟିକା ସମୟରେ ବିଜୁ ବାବୁଙ୍କ ୨୭ତମ ଶ୍ରାଦ୍ଧଦିବସ ଉପଲକ୍ଷେ ଏକ ସ୍ମୃତି ସଭା ଅନୁଷ୍ଠିତ ହୋଇଥିଲା । ଏକ ସମୃଦ୍ଧ, ସଶକ୍ତ, ସ୍ୱାଭିମାନୀ ନୂତନ ଓଡିଶା ଗଢିବା ପାଇଁ ଆଜିର ଏହିପୁଣ୍ୟ ତିଥିରେ ବିଧାୟକ ସୌଭିକ୍ ବିଶ୍ୱାଳ ଶପଥ ପାଠ କରିବା ସହିତ ଉପସ୍ଥିତ କର୍ମୀମାନେ ମଧ୍ୟ ଶପଥ ଗ୍ରହଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ଶତାଧିକ କର୍ମୀ ଓ ନେତା ଯୋଗଦେଇଥିଲେ ।

ଟିକଟ ପାଇଲେନି ୧୧ ଲୋକସଭା ସାଂସଦ

ଭୁବନେଶ୍ୱର,୧୭।୪-(ତଥ୍ୟ) ଓଡିଶାର ୨୧ଜଣ ଲୋକସଭା ସାଂସଦଙ୍କ ମଧ୍ୟରୁ ଏଥର ଅଧାରୁ ଅଧିକ ନିର୍ବାଚନ ଲଢିବାକୁ ଯାଉନାହାନ୍ତି । ଅନୁନ ୧୧ଟି ଆସନରେ ନୂଆ ପ୍ରାର୍ଥୀ ପ୍ରତିଦ୍ୱନ୍ଦିତା କରିବାକୁ ଯାଉଥିବାବେଳେ ୧୦ଟି ଆସନରୁ ବର୍ତ୍ତମାନର ସାଂସଦମାନେ ଲଢୁଛନ୍ତି ।

ବିଜେଡି ଟିକଟର ଲଢି ସାଂସଦ ହୋଇଥିବା ଆସ୍କାର ପ୍ରମିଳା ବିଶୋୟୀ, ବ୍ରହ୍ମପୁରର ଚନ୍ଦ୍ରଶେଖର ସାହୁ, ଢେଙ୍କାନାଳର ମହେଶ ସାହୁ, କେନ୍ଦ୍ରାପଡାର ଅନୁଭବ ମହାନ୍ତି, କେନ୍ଦୁଝରର ଚନ୍ଦ୍ରାଣି ମୁର୍ମୁ, ନବରଙ୍ଗପୁରର ରମେଶ ଚନ୍ଦ୍ର ମାଝି, ପୁରୀର ପିନାକୀ ମିଶ୍ର ଓ କଟର ଭର୍ତ୍ତୃହରି ମହତାବଙ୍କୁ ଏଥର ବିଜେଡି ଟିକଟ ଦେଇନାହିଁ । ତେବେ ଭର୍ତ୍ତୃହରି ତାଙ୍କ ଆସନରୁ ବିଜେପି ଟିକଟରେ ନିର୍ବାଚନ ଲଢୁଛନ୍ତି । ପ୍ରମିଳା, ଚନ୍ଦ୍ରଶେଖର, ମହେଶ, ଅନୁଭବ, ଚନ୍ଦ୍ରାଣି, ପିନାକୀ ଆଦିଙ୍କ ନିର୍ବାଚନୀ ରାଜନୀତିର ଭବିଷ୍ୟତ କ'ଣ ହେବ ତାହା ଏବେ ଚର୍ଚ୍ଚାର ବଳୟରେ । ତେବେ ଇତି ମଧ୍ୟରେ କେନ୍ଦ୍ରାପଡାର ସାଂସଦ ଥିବା ଅନୁଭବ ମହାନ୍ତି ବିଜେଡି ଛାଡି ବିଜେପିରେ ମିଶିଛନ୍ତି ।

ରାଜ୍ୟର ଏକମାତ୍ର କଂଗ୍ରେସ ସାଂସଦ ସପ୍ତଗିରି ଉଲ୍ଲାକାଙ୍କୁ ତାଙ୍କ ଦଳ ପୁଣି କୋରାପୁଟ ଆସନରୁ ପ୍ରାର୍ଥୀ କରିଛି । ଅନ୍ୟପକ୍ଷରେ ବିଜେପିର ବରଗଡ ସାଂସଦ ସୁରେଶ ପୂଜାରୀଙ୍କୁ ଦଳ ସଂସଦୀୟ କ୍ଷେତ୍ରରୁ ଟିକଟ ନଦେଇ ତାଙ୍କୁ ବ୍ରଜରାଜନଗର ବିଧାନସଭା କ୍ଷେତ୍ରରୁ ପ୍ରାର୍ଥୀ କରିଛି । କଳାହାଣ୍ଡିର ସାଂସଦ ତଥା ବିଜେପିର ପୂର୍ବତନ ରାଜ୍ୟଶାଖା ସଭାପତି ବସନ୍ତ କୁମାର ପଣ୍ଡାଙ୍କୁ ବି ଦଳୀୟ ଟିକଟ ମିଳିନାହିଁ । ତେବେ ତାଙ୍କ ପୁତ୍ରଙ୍କୁ ବିଜେପି ବିଧାନସଭା ପାଇଁ ପ୍ରାର୍ଥୀ କରିଛି ।

ବିଜେପିର ସମ୍ବଲପୁର ଲୋକସଭା ସଦସ୍ୟ ନିତେଶ ଗଙ୍ଗଦେବଙ୍କୁ ବିଜେପି ଏଥର ବଦଳାଇ ତାଙ୍କ ସ୍ଥାନରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଟିକଟ ଦେଇଛି । ନିତେଶ ଗଙ୍ଗଦେବ କିମ୍ବା ତାଙ୍କ ପରିବାରର କାହାକୁ ବିଜେପିରୁ ବିଧାନସଭା ପାଇଁ ପ୍ରାର୍ଥୀ କରାଯାଇ ନଥିବାବେଳେ ନିତେଶଙ୍କ ପତ୍ନୀ ଓ ପୁଅ ବିଜେଡିରେ ଯୋଗଦେବା ସହ ପତ୍ନୀଙ୍କୁ ବିଜେଡି ଦେବଗଡ ଆସନରୁ ବିଧାନସଭା ପାଇଁ ପ୍ରାର୍ଥୀ କରିଛି । କେନ୍ଦ୍ରରେ ମନ୍ତ୍ରୀ ଥିବା ମୟୁରଭଞ୍ଜ ସଂରକ୍ଷିତ ଆସନର ସାଂସଦ ବିଶେଶ୍ୱର ଟୁଡୁଙ୍କୁ ବିଜେପି ବଦଳାଇ ତାଙ୍କ ସ୍ଥାନରେ ରାଇରଙ୍ଗପୁରର ବିଧାୟକ ନବ ଚରଣ ମାଝିଙ୍କୁ ପ୍ରାର୍ଥୀ କରିଛି । ବିଶେଶ୍ୱରଙ୍କୁ ବିଶ୍ୱାସକୁ ନେଇ ତାଙ୍କୁ ମୟୁରଭଞ୍ଜ ଜିଲ୍ଲାର କୌଣସି ବିଧାନସଭା ଆସନରୁ ପ୍ରାର୍ଥୀ କରାଯିବ ବୋଲି ଆଶା କରାଯାଉଥିବାବେଳେ ଇତି ମଧ୍ୟରେ ବିଜେପି ମୟୁରଭଞ୍ଜ ଜିଲ୍ଲାର ସମସ୍ତ ଆସନ ପାଇଁ ତାହାର ତାଲିକା ଘୋଷଣା କରିଥିବାବେଳେ ବିଶେଶ୍ୱର କିନ୍ତୁ ବାଦ ପଡିଛନ୍ତି ।

ତେବେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ବିଜେପିର ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡଙ୍ଗୀ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ, ଭୁବନେଶ୍ୱର ସାଂସଦ ଅପରାଜିତା ଷଡଙ୍ଗୀ, ବଲାଙ୍ଗିର ସାଂସଦ ସଙ୍ଗୀତା କୁମାରୀ ସିଂହଦେଓ ପୁର୍ନବାର ନିଜ ନିଜ କ୍ଷେତ୍ରରୁ ନିର୍ବାଚନ ଲଢୁଥିବାବେଳେ ବିଜେଡିର ମଞ୍ଜୁଲତା ମଣ୍ଡଳ, ରାଜଶ୍ରୀ ମଲ୍ଲିକ, ଶର୍ମିଷ୍ଠା କୁମାରୀ ସେଠୀ, ଅଚ୍ୟୁତାନନ୍ଦ ସାମନ୍ତ ମଧ୍ୟ ନିଜ ନିଜ ସଂସଦୀୟ କ୍ଷେତ୍ରରୁ ପୁର୍ନବାର ସେମାନଙ୍କ ରାଜନୈତିକ ଭାଗ ପରୀକ୍ଷା କରୁଛନ୍ତି ।

କଲରାଫୁଲିଆ କଂଗ୍ରେସ କାର୍ଯ୍ୟାଳୟରେ ମିଶ୍ରଣ ପର୍ବ

ମୋରଡା, (ସବ୍ୟୁ) :- ଆଗକୁ ସାଧାରଣ ନିର୍ବାଚନ । ମୟୁରଭଞ୍ଜ ଜିଲ୍ଲା ର ଏକ ମାତ୍ର ସାଧାରଣ ବର୍ଗ ନିର୍ବାଚନ ମଣ୍ଡଳୀ ମୋରଡା ନିର୍ବାଚନ ମଣ୍ଡଳୀ ପାଇଁ ବିଧାୟକ ପ୍ରାର୍ଥୀ ହେବା ପରେ ଆରମ୍ଭ ହୋଇଛି ମିଶ୍ରଣ ପର୍ବ । ମୋରଡା ନିର୍ବାଚନ ମଣ୍ଡଳୀ କଲରାଫୁଲିଆ କଂଗ୍ରେସ କାର୍ଯ୍ୟାଳୟ ରେ ବୁଧବାର ଦିନ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହାଇଯାଇଛି । ପ୍ରଭାସ କର ମହାପାତ୍ରଙ୍କ ନେତୃତ୍ୱରେ ରାସଗବିନ୍ଦପୁର ବ୍ଲକ ଏବଂ ମୋରଡା ବ୍ଲକରୁ ଅଠର ଜଣ ଜନପ୍ରତିନିଧି ସମେତ ବିଜେଡି ଦଳର ପୁରୁଖା କର୍ମୀ କଂଗ୍ରେସ ଦଳର ଟୋପି, ଉତ୍ତରୀୟ ନେଇ ବିଧିବଦ୍ଧ ଭାବେ କଂଗ୍ରେସ ତଥା ଶ୍ରୀ ମହାପାତ୍ରଙ୍କ ନିତି ଆଦର୍ଶରେ ଅନୁପ୍ରେରିତ ହୋଇ କଂଗ୍ରେସରେ ଯୋଗ ଦେଇଛନ୍ତି । ଯୋଗ ଦେଇଥିବା ସଦସ୍ୟ ମାନେ ହେଲେ ସାନମାଣିଦା ପଂଚାୟତର ପୂର୍ବ ତନ ସମିତି ସଭ୍ୟ ଧନଞ୍ଜୟ ବେହେରା, ନାଏବ ସରପଞ୍ଚ ଈଶ୍ୱର ମହାନ୍ତ, ବାଡ଼ମପୁର ନାଏବ ସରପଞ୍ଚ ଦାକ୍ଷିଣୀ ମୁର୍ମୁ, ସୁଗଦା ସରେନ, ରତିକାନ୍ତ ଭକ୍ତା, ଶରତ ବେହେରା, ସମୀର ମହାନ୍ତି, ପୀତବାସ ମାର୍ଣ୍ଡି, ବିମଳ କିସକୁ, ସିଂରାୟ ହାଁସଦା, ଯୋଗଦେଇଥିବା ଲେ ମୋରଡା ହଳଦୀପାଳ ପଞ୍ଚାୟତ ରୁ ବାଡା ମୁର୍ମୁ, ସଂଜୀବ କୁମାର ବେହେରା ଲକ୍ଷ୍ମୀ ମୁର୍ମୁ, ବାସନ୍ତୀ ମୁର୍ମୁ, ରିତା ବେହେରା ସଂଗୀତା ବେହେରା, ସ୍ୱର୍ଣ୍ଣଲତା ବେହେରା ପ୍ରମୁଖ ଯୋଗ ଦେଇଥିଲେ । ଉକ୍ତ କାର୍ଯ୍ୟକ୍ରମରେ ବରିଷ୍ଠ କଂଗ୍ରେସ ନେତା ଧ୍ରୁବେନ୍ଦ୍ର ନାଥ ସି, ଯୁବ ସଭାପତି ତାପସ ରଞ୍ଜନ ରାଉତ, ଛାତନା ପଂଚାୟତ ସମିତି ସଭ୍ୟ ଦୁର୍ଗା ପ୍ରସାଦ ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ ଢ ତେବେ ମୋରଡା ନିବାଚନ ମଣ୍ଡଳୀରେ ଶିଳ୍ପ ପ୍ରତିଷ୍ଠା ସହିତ ଦାଦନ ସମସ୍ୟା ର ସମାଧାନ ହାତୀ ସମସ୍ୟାର ସ୍ଥାୟୀ ସମାଧାନ ଆଦି ମୁଦ୍ଦା କୁ ନେଇ ନିର୍ବାଚନ ଲଢ଼ିବେ ବୋଲି ଶ୍ରୀ ମହାପାତ୍ର ସୂଚନା ଦେଇଛନ୍ତି ।

ଏମ୍ସ ଭୁବନେଶ୍ୱରରେ ଉନ୍ନତ କୃତ୍ରିମ ମୂତ୍ର ସ୍ଫିନ୍ଟର (ଏୟୁଏସ) ପ୍ରତିରୋପଣ ସେବା ଆରମ୍ଭ

ଭୁବନେଶ୍ୱର,(ସବ୍ୟୁ): ଗୁଣବତ୍ତାସମ୍ପନ୍ନ ସ୍ୱାସ୍ଥ୍ୟ ସେବା ପ୍ରଦାନ କ୍ଷେତ୍ରର ଖ୍ୟାତି ଅର୍ଜନ କରିଥିବା ଜାତୀୟ ସ୍ୱାସ୍ଥ୍ୟ ପ୍ରତିଷ୍ଠାନ ଏମ୍ସ ଭୁବନେଶ୍ୱର ଏହାର ସଫଳତାରେ ଯୋଡ଼ିଛି ଆଉ ଏକ ଫର୍ଦ୍ଦଛ ରାଜ୍ୟରେ ପ୍ରଥମକରି ଜଣେ ବ୍ୟକ୍ତିଙ୍କ ଶରୀରରେ କୃତ୍ରିମ ମୂତ୍ର ସ୍ଫିନ୍ଟର୍ସ (ଏୟୁଏସ) ପ୍ରତିରୋପଣ କରାଯାଇଛି । ଏମ୍ସ ଭୁବନେଶ୍ୱର ୟୁରୋଲୋଜି ବିଭାଗ ଦ୍ୱାରା କରାଯାଇଥିବା ଏହି ଅତ୍ୟାଧୁନିକ ପ୍ରତିରୋପଣ ଓଡ଼ିଶାରେ ପ୍ରଥମ ହେବାର ଗୌରବ ଲାଭ କରିଛି । ଏକ ସୁଦକ୍ଷ ଡ଼ାକ୍ତରୀ ଦଳ ଏହି ବିଶେଷ ପ୍ରତିରୋପଣ ପ୍ରକ୍ରିୟା ସମ୍ପାଦନ କରିଥିଲେ । ଏହି ଅଭିନବ ସେବା ଗୁରୁତର ମୂତ୍ର ରୋଗରେ ପୀଡିତ ରୋଗୀଙ୍କ ପାଇଁ ନୂତନ ଆଶା ଏବଂ ଉନ୍ନତ ମାନର ଜୀବନ ପ୍ରଦାନ କରିବାରେ ସହାୟକ ହେବଛ ପୂର୍ବରୁ ଏହି ପ୍ରତିରୋପଣ କେବଳ ଦେଶର ହାତଗଣତି କିଛି ବଡ଼ ସହରରେ ଉପଲବ୍ଧ ଥିଲା । ବର୍ତ୍ତମାନ ଏହା ଏମ୍ସ ଭୁବନେଶ୍ୱରରେ ଉପଲବ୍ଧ ହୋଇପାରିଛି ।

କୃତ୍ରିମ ୟୁରିନାରୀ ସ୍ଫିଙ୍କ୍ଟର ପ୍ରତିରୋପଣ ପ୍ରଣାଳୀ ମୂତ୍ର ରୋଗୀଙ୍କ ପାଇଁ ସର୍ବୋଚ୍ଚ (ସ୍ୱର୍ଣ୍ଣ ମାନକ) ଚିକିତ୍ସା ଭାବରେ ସ୍ୱୀକୃତିପ୍ରାପ୍ତ ଯାହା ପାରମ୍ପାରିକ ଚିକିତ୍ସା ପଦ୍ଧତିର ବିରୁଦ୍ଧାଚରଣ କରେନାହିଁ । ପ୍ରୋଷ୍ଟେଟ ସର୍ଜରୀ, ମେରୁଦଣ୍ଡରେ ଆଘାତ କିମ୍ବା ମୂତ୍ର ନିୟନ୍ତ୍ରଣକୁ ପ୍ରଭାବିତ କରୁଥିବା ଅନ୍ୟାନ୍ୟ ବିଭିନ୍ନ କାରଣରୁ ଅଧିକାଂଶ ବ୍ୟକ୍ତି ପରିସ୍ରା ଉପରେ ନିୟନ୍ତ୍ରଣ ହରାଇଥାନ୍ତି । ଯାହାକି ସେମାନଙ୍କ ଦୈନନ୍ଦିନ ଜୀବନ ପ୍ରକ୍ରିୟାକୁ ବେଶ ପ୍ରଭାବିତ କରିଥାଏ । କୃତ୍ରିମ ୟୁରିନାରୀ ସ୍ଫିଙ୍କ୍ଟର ହେଉଛି ଏପରି ଏକ ଅତ୍ୟାଧୁନିକ ଉପକରଣ ଯାହାକି ମୂତ୍ରବାହିନୀରେ ନିୟନ୍ତ୍ରକ ଭାବେ କାର୍ଯ୍ୟ କରିଥାଏଛ ଯାହାକି ଅନିୟନ୍ତ୍ରିତ ପରିସ୍ରାରୁ ମୁକ୍ତି ଦେବା ସହିତ ସାଧାରଣ ଜୀବନଯାପନ ପ୍ରକ୍ରିୟାକୁ ସ୍ୱାଭାବିକ କରିଥାଏ । ଅସ୍ୱାଭାବିକ ମୂତ୍ର ଅସନ୍ତୋଷ ଅନୁଭବ କରୁଥିବା ରୋଗୀଙ୍କ ପାଇଁ ଏହି ସେବା ବିଶେଷ ଭାବରେ ପ୍ରସ୍ତୁତ ହୋଇଛି ଯାହାକି ଅତ୍ୟନ୍ତ ପ୍ରଭାବଶାଳୀ ଓ ଫଳପ୍ରଦ ।

ଏମ୍ସ ଭୁବନେଶ୍ୱର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ . ଆଶୁତୋଷ ବିଶ୍ୱାସ ଏହି ଅତ୍ୟାଧୁନିକ ଆର୍ଟିଫିସିଆଲ୍ ୟୁରିନାରୀ ସ୍ଫିନ୍ଟର ପ୍ରତିରୋପଣ ସେବା ଆରମ୍ଭରେ ଖୁସି ବ୍ୟକ୍ତ କରିବା ସହିତ ବିଶେଷଜ୍ଞ ଡାକ୍ତରୀ ଦଳ ଏବଂ ୟୁରୋଲୋଜୀ ବିଭାଗକୁ ଅଭିନନ୍ଦନ ଜ୍ଞାପନ କରିଛନ୍ତି । ରାଜ୍ୟ ତଥା ପୂର୍ବ ଭାରତର ଲୋକମାନେ ଏହି ସେବା ପାଇପାରିବେ, ଯେଉଁଥିପାଇଁ ସେମାନଙ୍କୁ ପୂର୍ବରୁ ଅନ୍ୟ ରାଜ୍ୟକୁ ଯିବାକୁ ପଡୁଥିଲାବୋଲି ଡ. ବିଶ୍ୱାସ ପ୍ରକାଶ କରିଛନ୍ତି ।

ଏମ୍ସ ଭୁବନେଶ୍ୱରରେ ଏହି ପ୍ରତିରୋପଣ କାର୍ଯ୍ୟକ୍ରମ ଦକ୍ଷ, ଅତ୍ୟାଧୁନିକ ଜ୍ଞାନକୌଶଳରେ ଧୂରିଣ ୟୁରୋଲୋଜିଷ୍ଟ ଏବଂ କୁଶଳୀ ସର୍ଜନଙ୍କ ଏକ ଦଳ ଦ୍ୱାରା ପରିଚାଳିତ ହେବଛ ଏମ୍ସ ଭୁବନେଶ୍ୱରରେ ଆଣ୍ଡ୍ରୋଲୋଜି ଚିକିତ୍ସା ଯୋଗାଉଥିବା ୟୁରୋଲୋଜି ବିଭାଗର ସହକାରୀ ପ୍ରଫେସର ଡ. ସମ୍ବିତ ତ୍ରିପାଠୀଙ୍କ ମତରେ ଏହି ପ୍ରତିରୋପଣ ସେବା ଆରମ୍ଭ କରିବା ବ୍ୟାପକ ତଥା ଉନ୍ନତ ଚିକିତ୍ସା ଚିକିତ୍ସା ପ୍ରଦାନ ପାଇଁ ଆମର ପ୍ରତିବଦ୍ଧତାର ଏକ ପ୍ରମୁଖ ପରିଚୟ ଅଟେ । ୟୁରୋଲୋଜି ବିଭାଗ ମୁଖ୍ୟ ଡ. ପ୍ରଶାନ୍ତ ନାୟକ କହିଛନ୍ତି ଯେ ଆମେ ଆମର ରୋଗୀଙ୍କୁ ସର୍ବୋତ୍ତମ ସମ୍ଭାବ୍ୟ ଫଳାଫଳ ପ୍ରଦାନ କରିବା ଏବଂ ସେମାନଙ୍କ ନିତିଦିନିଆ ଜୀବନଶୈଳୀରେ ବ୍ୟାପକ ପରିବର୍ତ୍ତନ ଆଣିବା ପାଇଁ ଉତ୍ସର୍ଗୀକୃତଛ ଏହି ସେବା ଆରମ୍ଭ କରିବାରେ ଏମ୍ସ ଭୁବନେଶ୍ୱର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ଆଶୁତୋଷ ବିଶ୍ୱାସଙ୍କ ପ୍ରେରଣା ନିମନ୍ତେ ଆମେ କୃତଜ୍ଞ ।

ସୁଦାନ ହିଂସାକୁ ପୁରିଲା ବର୍ଷେ

ନୂଆଦିଲ୍ଲୀ: ସୁଦାନରେ ଚାଲିଥିବା ଗୃହ ଯୁଦ୍ଧକୁ ବର୍ଷେ ପୁରିଛି । ଗୋଟିଏ ଦେଶରେ ବର୍ଷ ତମାମ ଯୁଦ୍ଧ ଚାଲିଲେ ଦେଶର ଅବସ୍ଥା କଣ ହେଉଥିବ ସେ କଥା ଭୁକ୍ତଭୋଗୀ ହିଁ ଜାଣିବ । ଯୁଦ୍ଧ ପ୍ରଭାବରେ ଦେଶରେ ବେରୋଜଗାର, ଅନାହାର ତଥା ମାହାମାରୀ ଭଳି ବିଭିନ୍ନ ସଂକଟ ଦେଖିବାକୁ ମିଳୁଛି । ଦେଶର ଉଭୟ ରାଜନୈତିକ ଓ ଅର୍ଥନୈତିକ ଅବସ୍ଥା ଦୋହଲି ଯାଇଛି ।

ସୁଦାନରେ ସୁଦାନୀ ସଶସ୍ତ୍ର ବଳ ପ୍ରମୁଖ ଅବଦେଲ-ଫତେହ-ଅଲ-ବୁରହାନ ଏବଂ ପୂର୍ବତନ ଡେପୁଟି ମହମ୍ମଦ-ହମଦାନ-ଡାଗଲୋଙ୍କର ରାପିଡ୍ ଫୋର୍ସସ୍ କମାଣ୍ଡର ମଧ୍ୟରେ ଆସନକୁ ନେଇ ଯୁଦ୍ଧ ଆରମ୍ଭ ହୋଇଥିଲା । ଏବେ ଯାହାର କୁପରିଣାମ ପୁରା ଦେଶ ଭୋଗୁଛି । ଦେଶର ଜନ ସଂଖ୍ୟା ମାତ୍ର ୪୬ ଲକ୍ଷ । ତାହା ମଧ୍ୟରୁ ପ୍ରାୟ ୨୫ ଲକ୍ଷ ଲୋକଙ୍କୁ ଜରୁରୀ କାଳିନ ସହାୟତାର ଆବଶ୍ୟକତା ରହିଛି । ରିପୋର୍ଟ ଅନୁଯାୟୀ ବର୍ଷେ ଧରି ଚାଲିଥିବା ସଂଘର୍ଷରେ ପ୍ରାୟ ୧୪,୭୦୦ ଜୀବନ ହାନି ହୋଇଥିବା ବେଳେ ୧୦.୭ ଲକ୍ଷ ଲୋକଙ୍କୁ ବେଘର ହେବାକୁ ପଡିଛି । କଲେରା ହଇଜା ଭଳି ରୋଗ ଦେଶକୁ ଗ୍ରାସ କରି ରଖିଛି ସେପଟେ ହିଂସା କାରଣରୁ ଦେଶର ୮୦ ପ୍ରତିଶତ ଡାକ୍ତରଖାନା ବନ୍ଦ ହୋଇଯାଇଥିଲା ।

ଅନ୍ତର୍ଜାତିକ ସଂଗଠନର ରିପୋର୍ଟ ଅନୁସାରେ ଯୁଦ୍ଧ କାରଣରୁ ୧୮ ମିଲିୟନରୁ ଅଧିକ ଲୋକ ଅନାହାରର ଶିକାର ହୋଇଛନ୍ତି । ୫ ବର୍ଷରୁ କମ୍ ଶିଶୁ ମାନଙ୍କ ମଧ୍ୟରୁ ପ୍ରତି ୭ ଜଣରେ ଗୋଟିଏ ଶିଶୁ ଘୋର କୁପୋଷଣର ଶିକାର ହେଉଛି ।

ଯୁଦ୍ଧ କାରଣରୁ ସ୍ୱାସ୍ଥ୍ୟ, ଶିକ୍ଷା, ଗୃହ ଓ ଖାଦ୍ୟ ଭଳି ଜରୁରୀ ଆବଶ୍ୟକତାରୁ ମଧ୍ୟ ଲୋକେ ବଞ୍ଚିତ ହେଉଛନ୍ତି । କ୍ଷମତା ପାଇଁ ଚାଲିଥିବା ଏହି ଭୟଙ୍କର ଯୁଦ୍ଧ ଶିଶୁ ମାନଙ୍କ ଭବିଷ୍ୟତକୁ ଅନ୍ଧାରକୁ ଠେଲି ଦେଉଛି । ବର୍ତ୍ତମାନ ପୃଥିବୀର ବିଭିନ୍ନ ଜାଗାରେ ଯୁଦ୍ଧର ବିଭିଷୀକା ଦେଖିବାକୁ ମିଳୁଛି ରୁଷିଆ-ୟୁକ୍ରେନ, ଇସ୍ରାଏଲ-ହମାସ ଓ ଇରାନ- ଇସ୍ରାଏଲ । ଯୁଦ୍ଧ ଦୁଇ ଶକ୍ତି ମଧ୍ୟରେ ହେଉଛି କିନ୍ତୁ ଫଳ ଭୋଗୁଛନ୍ତି ସାଧାରଣ ନିରୀହ ଆଶ୍ରା ଓ ଆଶା ବିହୀନ ଜନତା ।

୮ କେନ୍ଦ୍ରମନ୍ତ୍ରୀଙ୍କ ରାଜନୈତିକ ଭବିଷ୍ୟତ ନିର୍ଦ୍ଧାରଣ କରିବ ପ୍ରଥମ ପର୍ଯ୍ୟାୟ ମତଦାନ

ନୂଆଦିଲ୍ଲୀ : ଦେଶର ୨୧ଟି ରାଜ୍ୟ ଓ କିଛି କେନ୍ଦ୍ରଶାସିତ ଅଞ୍ଚଳରେ ପ୍ରଥମ ପର୍ଯ୍ୟାୟରେ ୧୦୨ ଲୋକସଭା ଆସନ ପାଇଁ ମତଦାନ ହେବାକୁ ଯାଇଛି । ପ୍ରଥମ ପର୍ଯ୍ୟାୟରେ ୮ କେନ୍ଦ୍ରମନ୍ତ୍ରୀଙ୍କ ସହିତ ଦୁଇଜଣ ପୂର୍ବତନ ମୁଖ୍ୟମନ୍ତ୍ରୀ ଓ ଜଣେ ପୂର୍ବ ରାଜ୍ୟପାଳଙ୍କ ଭାଗ୍ୟ ପରୀକ୍ଷା ହେବାକୁ ଯାଉଛି । କେନ୍ଦ୍ର ସଡକ ପରିବହନ ମନ୍ତ୍ରୀ ନୀତିନ୍ ଗଡକରୀ ନାଗପୁର ଲୋକସଭା ଆସନରୁ ହାଟ୍ରିକ ବିଜୟ ହାସଲ କରିଛନ୍ତି । ଗଡକରୀ ୨୦୧୪ ଲୋକସଭା ନିର୍ବାଚନରେ ୭ ଥର ସାଂସଦ ହୋଇଥିବା ବିଳାସ ମୁତେମବାରଙ୍କୁ ୨.୮୪ ଲକ୍ଷ ଭୋଟରେ ପରାଜିତ କରିଥିଲେ । ସେହିଭଳି ୨୦୧୯ ମସିହାରେ ମହାରାଷ୍ଟ୍ର କଂଗ୍ରେସର ବର୍ତ୍ତମାନ ପ୍ରମୁଖ ନାନା ପୋଟେଲଙ୍କୁ ୨.୧୬ ଲକ୍ଷ ଭୋଟରେ ପରାଜିତ କରିଥିଲେ ।

କେନ୍ଦ୍ରମନ୍ତ୍ରୀ କିରଣ ରିଜିଜୁ ଅରୁଣାଚଳ ପ୍ରଦେଶର ପଶ୍ଚିମ ଆସନରୁ ନିର୍ବାଚନ ଲଢୁଛନ୍ତି । ୫୨ ବର୍ଷୀୟ ଏହି ବିଜେପି ନେତା ଏହି ଆସନରୁ ୨୦୦୪ରୁ ପ୍ରତିନିଧିତ୍ୱ କରୁଛନ୍ତି । ୨୦୨୪ ନିର୍ବାଚନରେ ତାଙ୍କ ବିରୋଧରେ ପ୍ରାର୍ଥୀ ହୋଇଛନ୍ତି ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଅରୁଣାଚଳ ପ୍ରଦେଶ କଂଗ୍ରେସ ଅଧ୍ୟକ୍ଷ ନବାମ୍ ତୁକୀ । କେନ୍ଦ୍ରମନ୍ତ୍ରୀ ସର୍ବାନନ୍ଦ ସୋନବାଲ ଆସାମର ଡିବ୍ରୁଗଡ ଲୋକସଭା ଆସନରୁ ପ୍ରାର୍ଥୀ ହୋଇଛନ୍ତି । କେନ୍ଦ୍ର ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ ମନ୍ତ୍ରୀ ରାମେଶ୍ୱର ତେଲୀଙ୍କ ଟିକେଟ କଟିବା ପରେ ରାଜ୍ୟସଭା ସାଂସଦ ଥିବା ସର୍ବାନନ୍ଦଙ୍କୁ ଡିବ୍ରୁଗଡ ଆସନରୁ ପ୍ରାର୍ଥୀ କରିଛି ବିଜେପି ।

ଉତ୍ତର ପ୍ରଦେଶ ମୁଜାଫରନଗର ଲୋକସଭା ଆସନରେ ଏଥର ତ୍ରୀକୋଣୀୟ ପ୍ରତିଦ୍ୱନ୍ଦିତା ଦେଖିବାକୁ ମିଳିଛି । ଏଠାରେ ବିଜେପି ଟିକେଟରୁ ପ୍ରାର୍ଥୀ ହୋଇଛନ୍ତି କେନ୍ଦ୍ରମନ୍ତ୍ରୀ ସଂଜୀବ ବାଲିୟାନ । ତାଙ୍କ ସହ ପ୍ରତିଦ୍ୱନ୍ଦିତା କରୁଛନ୍ତି ସମାଜବାଦୀ ପାର୍ଟିର ହରେନ୍ଦ୍ର ମଲ୍ଲିକ ଓ ବହୁଜନ ସମାଜବାଦୀ ପାର୍ଟିର ଦାରା ସିଂହ ପ୍ରଜାପତି । ସେହିଭଳି କେନ୍ଦ୍ରମନ୍ତ୍ରୀମଣ୍ଡଳରେ ସାମିଲ ଥିବା ତଥା ଦୁଇଥରର ସାଂସଦ ଜିତେନ୍ଦ୍ର ସିଂ ଉଦ୍ଦମପୁର ଆସନରୁ ପ୍ରାର୍ଥୀ ହୋଇ ତୃତୀୟ ଥର ପାଇଁ ନିଜର ଭାଗ୍ୟ ପରୀକ୍ଷା କରୁଛନ୍ତି ।

କେନ୍ଦ୍ରମନ୍ତ୍ରୀ ତଥା ରାଜ୍ୟସଭା ସାଂସଦ ଭୂପେନ୍ଦ୍ର ଯାଦବ ରାଜସ୍ଥାନର ଅଲବର ଆସନରୁ ପ୍ରାର୍ଥୀ ହୋଇଛନ୍ତି । ତାଙ୍କର ପ୍ରତିଦ୍ୱନ୍ଦୀ ଅଛନ୍ତି କଂଗ୍ରେସର ଏବେର ବିଧାୟକ ଲଳିତ ଯାଦବ । ଏହି ଆସନରୁ ସାଂସଦ ଥିବା ବାଲକ ନାଥଙ୍କ ଟିକେଟ ବିଜେପି କାଟି ଦେଇଛନ୍ତି । ସେହିଭଳି ରାଜସ୍ଥାନର ବିକାନେର ଆସନରୁ କେନ୍ଦ୍ରମନ୍ତ୍ରୀ ଅର୍ଜୁନ ରାମ ମେଘବାଲଙ୍କ ସହ ପ୍ରତିଦ୍ୱନ୍ଦୀତା କରୁଛନ୍ତି କଂଗ୍ରେସର ପୂର୍ବତନ ମନ୍ତ୍ରୀ ଗୋବିନ୍ଦ ରାମ ମେଘାବାଲ ।

ତାମିଲନାଡୁର ନିଲଗିରି ଲୋକସଭା ଆସନରୁ ନିର୍ବାଚନ ଲଢୁଛନ୍ତି କେନ୍ଦ୍ରମନ୍ତ୍ରୀ କେ.ଏଲ ମୁରଗାନ । ତାଙ୍କ ବିରୋଧରେ ପ୍ରାର୍ଥୀ ହୋଇଛନ୍ତି ଡିଏମକେର ପୂର୍ବ ସାଂସଦ ତଥା ପୂର୍ବତନ ଦୂରସଂଚାର ମନ୍ତ୍ରୀ ଏ.ରାଜା । ମଧ୍ୟପ୍ରଦେଶରୁ ରାଜ୍ୟସଭା ସାଂସଦ ଭାବେ ନିର୍ବାଚିତ ହୋଇଥିବା ମୁରଗନ ପ୍ରଥମଥର ପାଇଁ ପ୍ରତ୍ୟେକ୍ଷ ନିର୍ବାଚନ ଲଢୁଛନ୍ତି ।

ଶିବଗଙ୍ଗା ଲୋକସଭା ଆସନରୁ ପ୍ରତିଦ୍ୱନ୍ଦୀତା କରୁଛନ୍ତି କାର୍ତ୍ତୀ ଚିଦାମ୍ବରମ୍ । ତାଙ୍କର ପ୍ରତିଦ୍ୱନ୍ଦୀ ଅଛନ୍ତି ବିଜେପିର ଦେବନାଥନ୍ ଯାଦବ ଓ ଏଆଇଏଡିଏମକେର କେ.ଜେବିୟର ଦାସ । କାର୍ତ୍ତୀଙ୍କ ପିତା ପି ଚିଦାମ୍ବରମ ଶିବଗଙ୍ଗା ଆସନରୁ ୭ ଥର ସାଂସଦ ହୋଇଥିଲେ । ବିଜେପିର ତାମିଲନାଡୁ ପ୍ରଦେଶ ଅଧ୍ୟକ୍ଷ କେ.ଆନ୍ନାମଲ୍ଲାଇ କୋଇମ୍ବାଟୁର ଲୋକସଭା ଆସନରୁ ନିର୍ବାଚନ ଲଢୁଛନ୍ତି । ତାଙ୍କର ପ୍ରତିଦ୍ୱନ୍ଦୀ ରହିଛନ୍ତି ଡିଏମକେ ପ୍ରାର୍ଥୀ ଗଣପତି ପି.ରାଜକୁମାର ଓ ଏଆଇଏଡିଏମକେ ନେତା ସିଂଗାଇ ରାମଚନ୍ଦ୍ରନ୍ ।

ତେଲେଙ୍ଗାନାର ପୂର୍ବତନ ରାଜ୍ୟପାଳ ତଥା ପୁଡୁଚେରୀର ପୂର୍ବ ଉପ ରାଜ୍ୟପାଳ ତାମିଲସାଇ ସୁନ୍ଦରରାଜନ ପୁଣିଥରେ ସକ୍ରିୟ ରାଜନୀତିରେ ପ୍ରବେଶ କରିଛନ୍ତି । ସେ ଚେନ୍ନାଇ ଦକ୍ଷିଣ ଲୋକସଭା ଆସନରୁ ବିଜେପି ଟିକେଟରେ ନିର୍ବାଚନ ଲଢୁଛନ୍ତି। ତାଙ୍କ ବିରୋଧରେ ପ୍ରାର୍ଥୀ ହୋଇଛନ୍ତି କଂଗ୍ରେସର ବରିଷ୍ଠ ନେତା କୁମାରୀ ଅନନ୍ତଙ୍କ କନ୍ୟା । ତାମିଲସାଇ ୨୦୧୯ ମସିହାରେ ତୁତୁକୋଡି ଲୋକସଭା ଆସନରୁ ନିର୍ବାଚନ ଲଢିଥିଲେ । ସେ ତାଙ୍କର ନିକଟତମ ପ୍ରତିଦ୍ୱନ୍ଦୀ କାନିମୋଇଙ୍କ ଠାରୁ ପରାଜିତ ହୋଇଥିଲେ ।

କଂଗ୍ରେସ ନେତା ତଥା ମଧ୍ୟପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ କମଲନାଥଙ୍କ ପୁଅ ନକୁଲ ନାଥ ଛିନ୍ଦୱାଡା ଲୋକସଭା ଆସନରୁ ପ୍ରାର୍ଥୀ ହୋଇଛନ୍ତି । ଏହି ଆସନ କମଲନାଥଙ୍କ ଗଡ ଭାବେ ପରିଚିତ । ୧୯୮୦ ପରେ କମଲନାଥ ୯ ଥର ଏହି ଆସନରୁ ବିଜୟୀ ହୋଇଥିଲେ । ୨୦୧୯ ଲୋକସଭା ନିର୍ବାଚନରେ ବିଜେପି ମଧ୍ୟପ୍ରଦେଶର ୨୯ ଲୋକସଭା ଆସନ ମଧ୍ୟରୁ ୨୮ଟିରେ ବିଜୟୀ ହୋଇଥିଲେ ବି ଛିନ୍ଦୱାଡା ଆସନ କଂଗ୍ରେସ ହାତକୁ ଯାଇଥିଲା ।

ତ୍ରିପୁରାର ଦୁଇଟି ଲୋକସଭା ଆସନ ମଧ୍ୟରୁ ପ୍ରଥମ ପର୍ଯ୍ୟାୟରେ ପଶ୍ଚିମ ତ୍ରିପୁରା ଲୋକସଭା ଆସନରେ ଭୋଟ ହେବ । ଏହି ଆସନରେ ତ୍ରିପୁରାର ପୂର୍ବତନ ମୁଖ୍ୟମନ୍ତ୍ରୀ ବିପ୍ଳବ କୁମାର ଦେବ ପ୍ରାର୍ଥୀ ହୋଇଥିବା ବେଳେ ତାଙ୍କ ବିରୋଧରେ ନିର୍ବାଚନ ଲଢୁଛନ୍ତି କଂଗ୍ରେସ ପ୍ରଦେଶ ଅଧ୍ୟକ୍ଷ ଆଶିଷ୍ କୁମାର ଶାହା । ସେହିଭଳି ମଣିପୁର ଆଇନ ଏବଂ ଶିକ୍ଷାମନ୍ତ୍ରୀ ତଥା ବିଜେପି ପ୍ରାର୍ଥୀ ବସନ୍ତ କୁମାର ସିଂ ଇନର ମଣିପୁର ଇନର ଲୋକସଭା ଆସନରୁ ପ୍ରାର୍ଥୀ ହୋଇଛନ୍ତି । ତାଙ୍କ ବିରୋଧରେ ନିର୍ବାଚନ ଲଢୁଛନ୍ତି ଜେଏନୟୁର ପୂର୍ବତ ପ୍ରଫେସର ତଥା କଂଗ୍ରେସ ନେତା ବିମଲ ଅକୋଇଜାମ । ରାଜସ୍ଥାନର ଚୁରୁ ଲୋକସଭା ଆସନରୁ ନିର୍ବାଚନ ଲଢୁଛନ୍ତି ଦୁଇଦୁଇ ଥର ପାରାଅଲିମ୍ପିକର ସ୍ୱର୍ଣ୍ଣପଦକ ବିଜେତା ତଥା ବିଜେପି ନେତା ଦେବେନ୍ଦ୍ର ଝାଝାରିଆ । ତାଙ୍କ ବିରୋଧରେ ରାହୁଲ କଶୱାଙ୍କୁ କଂଗ୍ରେସ ପ୍ରାର୍ଥୀ କରିଛି ।

କାଶ୍ମୀର ପଣ୍ଡିତଙ୍କ ପାଇଁ ଖୋଲିବ ୪ ମତଦାନ କେନ୍ଦ୍ର

ନୂଆଦିଲ୍ଲୀ : ବର୍ଷବର୍ଷ ଧରି ନିଜ ଜନ୍ମମାଟିରୁ ଦୂରେଇ ରହି ବିସ୍ଥାପନ ଜୀବନ କାଟୁଥିବା କାଶ୍ମୀର ପଣ୍ଡିତମାନଙ୍କ ମତଦାନ ପାଇଁ ଦିଲ୍ଲୀରେ ୪ଟି ସ୍ୱତନ୍ତ୍ର ପୋଲିଂ ଷ୍ଟେସନ କରାଯିବ । ଏହା ମାଧ୍ୟମରେ ସେ ନିଜ ଅଞ୍ଚଳର ଲୋକସଭା ପ୍ରାର୍ଥୀଙ୍କ ପାଇଁ ଭୋଟଦାନ କରିପାରିବେ । ଏନେଇ ନିର୍ବାଚନ ଆୟୋଗ ଏକ ଅଧିସୂଚନା ଜାରି କରିଛନ୍ତି । ଦିଲ୍ଲୀରେ କାଶ୍ମୀର ପଣ୍ଡିତଙ୍କ ସଂଖ୍ୟା ପାଖାପାଖି ୬୦ ହଜାର । ମୁଖ୍ୟ ନିର୍ବାଚନ ଆୟୋଗଙ୍କ କାର୍ଯ୍ୟାଳୟ ତରଫରୁ ବିସ୍ଥାପିତ କାଶ୍ମୀର ପଣ୍ଡିତଙ୍କ ମତଦାନ କରାଇବା ନେଇ ଜିଲ୍ଲା ନିର୍ବାଚନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି ।

ନିର୍ବାଚନ ସହିତ ଜଡିତ ଅଧିକାରୀଙ୍କ ସୂଚନା ମୁତାବକ ବିସ୍ଥାପିତ କାଶ୍ମୀର ପଣ୍ଡିତଙ୍କ ମତଦାନ ପାଇଁ ଜମ୍ମୁରେ ୨୧ଟି, ଉଦ୍ଦମପୁରରେ ଗୋଟିଏ ଓ ଦିଲ୍ଲୀରେ ୪ଟି ସ୍ୱତନ୍ତ୍ରମତଦାନ କେନ୍ଦ୍ର ଖୋଲାଯାଇଛି । ଅଧିକାରୀ କହିଛନ୍ତି କି, ମତଦାତାମାନେ ଦୁଇପ୍ରକାର ମତଦାନ କରିପାରିବେ । ପ୍ରଥମଟି ଏମ୍ ଫର୍ମ ଭରି ବିଶେଷ ମତଦାନ କେନ୍ଦ୍ରରେ ଓ ଦ୍ୱିତୀୟଟି ଡାକ ମତପତ୍ର ମାଧ୍ୟମରେ ମତଦାନ କରିପାରିବେ । ଯେଉଁଥି ପାଇଁ ମତଦାତାଙ୍କୁ ଫର୍ମ ୧୨-ସି ଭରିବାକୁ ପଡିବ ।

ଲଗାଣ ବର୍ଷାରେ ବେହାଲ ଦୁବାଇ

ଆବୁଧାବୀ: ମରୁଭୂମିରେ ବର୍ଷାର ତାଣ୍ଡବ । ରାଜରାସ୍ତାରେ ଲହଡ଼ି ଭାଙ୍ଗୁଛି ବନ୍ୟାପାଣି । ୟୁନାଇଟେଡ୍ ଆରବ ଏମିରେଟ୍ସ ବା ୟୁଏଇରରେ ପ୍ରବଳ ବର୍ଷା ଯୋଗୁଁ ଦେଖାଦେଇଛି ବନ୍ୟା ପରିସ୍ଥିତି । ରାସ୍ତା ଓ ସପିଂ ମଲରେ ଆଣ୍ଠୁଏ ଉପରେ ପାଣି ଜମା ହୋଇରହିଛି । ଦୁବାଇ ସମେତ ବାହାରେନରେ ମଧ୍ୟ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି ।

ଗୋଟିଏ ଦିନରେ ଏଠାରେ ୧୨୦ ମିଲିମିଟର ବର୍ଷା ହୋଇଛି । ବର୍ଷା ପାଇଁ ଦୁବାଇ ଅନ୍ତର୍ଜାତୀୟ ବିମାନବନ୍ଦରରେ ପାଣି ଜମା ହୋଇଥିବା ଦେଖିବାକୁ ମିଳିଛି । ଫଳରେ ବିମାନ ଚଳାଚଳରେ ବାଧା ସୃଷ୍ଟି ହୋଇଥିଲା । ଅବସ୍ଥା ଏପରି ହୋଇଥିଲା ଯେ ବିମାନବନ୍ଦରକୁ ଆସିବାକୁ ଥିବା ଅନେକ ବିମାନର ଗତିପଥ ବଦଳାଇ ଦିଆଯାଇଛି । ଏୟାରପୋର୍ଟର ରନୱେ ଏବଂ ବିମାନବନ୍ଦର ପାର୍କିଂ ସମ୍ପୂର୍ଣ୍ଣ ଜଳମଗ୍ନ ହୋଇଯାଇଛି ।

ତେବେ ଯେଉଁଠି ଗୋଟିଏ ବର୍ଷରେ ୧୨୦ ମିଲିମିଟର ବର୍ଷା ହୋଇଥାଏ ସେଠି ଗୋଟିଏ ଦିନରେ ଏହି ପରିମାଣରେ ବର୍ଷା ହୋଇଛି । ଯାହା ସହରର ଅବସ୍ଥା ଶୋଚନୀୟ କରିଦେଇଛି । ୟୁଏଇରେ ସ୍କୁଲ ଗୁଡ଼ିକ ବନ୍ଦ ରହିଛି । ଯାତାୟତ ବାଧାପ୍ରାପ୍ତ ଯୋଗୁଁ ସରକାରୀ କର୍ମଚାରୀମାନେ ଏବେ ଘରୁ କାମ କରୁଛନ୍ତି ।

ତେବେ ରାସ୍ତାରେ ବନ୍ୟା ଜଳ ନିଷ୍କାସନ ପାଇଁ ଜୋରଦାର ପ୍ରୟାସ ଜାରି ରହିଛି । ପମ୍ପ ଓ ଟ୍ୟାଙ୍କର ଟ୍ରକ୍ ଯୋଗୁଁ ଜଳ ନିଷ୍କାସନ ପାଇଁ ଚେଷ୍ଟା କରାଯାଉଛି । ଦୁବାଇରେ ପ୍ରକୃତିର ଏଭଳି ରୂପ ପ୍ରଥମ ଥର ପାଇଁ ଦେଖିବାକୁ ମିଳିଛି ।

ରାଷ୍ଟ୍ରୀୟ ପାଣିପାଗ ବିଜ୍ଞାନ କେନ୍ଦ୍ର ଦେଶର ବିଭିନ୍ନ ଅଞ୍ଚଳରେ ରେଡ ଆଲର୍ଟ ଜାରି କରି ଖୁବ୍ ସତର୍କ ରହିବାକୁ ଲୋକଙ୍କୁ ପରାମର୍ଶ ଦେଇଛି । ଅନ୍ୟପଟେ ପଡ଼ୋଶୀ ଦେଶ ଓମାନରେ ପ୍ରବଳ ବର୍ଷା ଯୋଗୁଁ ଏଯାବ୍ ୧୮ ଜଣଙ୍କର ମୃତ୍ୟୁ ହୋଇଥିବାର ଖବର ମିଳିଛି ।

ଟିଏମ୍‌ସିର ପ୍ରତିଶ୍ରୁତି

ରଦ୍ଦ ହେବ ସିଏଏ ଆଇନ୍, ଲାଗୁ ହେବନି ୟୁସିସି

କୋଲକାତା: ଦେଶରେ ଲାଗୁ ହେବନି ୟୁନିଫର୍ମ ସିଭିଲ୍ କୋଡ ତଥା ୟୁସିସି । ସେହିପରି ସିଏଏ ଆଇନ୍ ମଧ୍ୟ ରଦ୍ଦ ହେବ । ଆଜି ନିଜ ନିର୍ବାଚନୀ ଘୋଷଣାପତ୍ର ଜାରି କରି ଏଭଳି କିଛି ପ୍ରତିଶ୍ରୁତି ଦେଇଛି ତୃଣମୂଳ କଂଗ୍ରେସ । ଲୋକସଭା ନିର୍ବାଚନର ପ୍ରଥମ ପର୍ଯ୍ୟାୟ ଭୋଟ ଆରମ୍ଭ ହେବାକୁ ଆଉ ଦିନ ଥିବା ବେଳେ ଆଜି ତୃଣମୂଳ କଂଗ୍ରେସ ନିଜର ନିର୍ବାଚନୀ ଘୋଷଣା ପତ୍ର ଜାରି କରିଛି । ଏଥିରେ ଟିଏମ୍ସି ସୁପ୍ରିମୋ ବାନାର୍ଜୀ ଦେଶବାସୀଙ୍କୁ ୧୦ ପ୍ରତିଶ୍ରୁତି ଦେଇଛନ୍ତି । ଯଦି କେନ୍ଦ୍ରରେ ତାଙ୍କ ସରକାର ଗଠନ ହୁଏ ତେବେ ସିଏଏ ଆଇନ୍ ରଦ୍ଦ କରାଯିବ । କେବଳ ସେତିକି ନୁହେଁ ଏନ୍‌ଆର୍ସି ଓ ୟୁସିସିକୁ ମଧ୍ୟ ଲାଗୁ କରାଯିବ ନାହିଁ ।

ଟିଏମ୍ସିର ନିର୍ବାଚନୀ ମେନିଫେଷ୍ଟୋ ଜାରି କରି ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ଥିବା ଡେରେକ ଓ'ବ୍ରାଇନ୍ କହିଛନ୍ତି ଯେ ଯଦି ମମତା ଦିଦିଙ୍କ ସହଯୋଗରେ କେନ୍ଦ୍ରରେ ଇଣ୍ଡିଆ ବ୍ଲକ୍ ସରକାର ଗଠନ ହୁଏ ତେବେ ଦୈନିକ ମଜୁରୀ ୪୦୦ ଟଙ୍କାକୁ ବୃଦ୍ଧି କରାଯିବ । ସମସ୍ତଙ୍କ ପାଇଁ ସ୍ଥାୟୀ ଘର ନିର୍ମାଣ ହେବ । ଏଥିସହ ବିପିଲ କାର୍ଡଧାରୀଙ୍କୁ ବର୍ଷକରେ ୧୦ଟି ଗ୍ୟାସ୍ ସିଲିଣ୍ଡର ମାଗଣାରେ ମିଳିବ ।

ଏଥିସହ ପ୍ରତ୍ୟେକ ରାସନ କାର୍ଡଧାରୀଙ୍କୁ ୫ କିଲୋଗ୍ରାମ ମାଗଣା ରାସନ ପ୍ରଦାନ କରାଯିବ । ୬୦ ବର୍ଷରୁ ଅଧିକ ବୟସ୍କ ନାଗରିକମାନଙ୍କୁ ପ୍ରତି ମାସରେ ୧୦୦୦ ଟଙ୍କା ପେନସନ୍ ଦିଆଯିବ । ଜାତୀୟ ସ୍ତରରେ ଲକ୍ଷ୍ମୀ ଭଣ୍ଡାର ଯୋଜନା କାର୍ଯ୍ୟକାରୀ ହେବ ଯେଉଁଥିରେ ମହିଳାମାନଙ୍କୁ ମାସିକ ଏକ ନିର୍ଦ୍ଦିଷ୍ଟ ପରିମାଣ ଦିଆଯିବ । ସମସ୍ତ ନାଗରିକଙ୍କୁ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସ୍ୱାସ୍ଥ୍ୟ ବୀମା ପ୍ରଦାନ କରାଯିବ ଟିଏମ୍ସି ନିଜ ନିର୍ବାଚନୀ ଘୋଷଣା ପତ୍ରରେ କହିଛି । ୨୫ ବର୍ଷ ବୟସ ପର୍ଯ୍ୟନ୍ତ ସମସ୍ତ ସ୍ନାତକ ଏବଂ ଡିପ୍ଲୋମା ଧାରକ ଯୁବକଙ୍କୁ ମାସିକ ଷ୍ଟାଇପେଣ୍ଡ ସହିତ ୧ବର୍ଷ ଆପ୍ରେଣ୍ଟିସିପ୍ (ଯେକୌଣସି କ୍ଷେତ୍ରରେ ତାଲିମ) ପ୍ରଦାନ କରାଯିବ । ଉଚ୍ଚଶିକ୍ଷା ପ୍ରାପ୍ତ କରିଥିବା ଛାତ୍ରଛାତ୍ରୀମାନଙ୍କୁ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଛାତ୍ର କ୍ରେଡିଟ୍ କାର୍ଡ ପ୍ରଦାନ କରାଯିବ । ଏସସି, ଏସଟି ଏବଂ ଓବିସି ଛାତ୍ରମାନଙ୍କ ପାଇଁ ଛାତ୍ରବୃତ୍ତି ପରିମାଣ ତିନିଗୁଣ ହେବ । ଯେପରି ସାଧାରଣ ଜନତା ଅସୁବିଧାର ସମ୍ମୁଖୀନ ହେବେ ନାହିଁ ସେଥିପାଇଁ ପେଟ୍ରୋଲ, ଡିଜେଲ ଏବଂ ଏଲପିଜି ସିଲିଣ୍ଡରର ମୂଲ୍ୟରେ ଏକ ନିର୍ଦ୍ଧାରିତ ଦର ଧାର୍ଯ୍ୟ କରାଯିବ । ମୂଲ୍ୟ ପରିବର୍ତ୍ତନକୁ ରୋକିବା ପାଇଁ ଏକ 'ମୂଲ୍ୟ ସ୍ଥିରତା ପାଣ୍ଠି' ପ୍ରତିଷ୍ଠା କରାଯିବ ।

ସ୍ୱାମୀନାଥନ ଆୟୋଗର ସୁପାରିଶ ଅନୁଯାୟୀ ଭାରତର କୃଷକମାନଙ୍କୁ ଏମଏସପିର ଆଇନଗତ ଗ୍ୟାରେଣ୍ଟି ଦିଆଯିବ, ଯାହା ସମସ୍ତ ଫସଲ ପାଇଁ ଉତ୍ପାଦନ ମୂଲ୍ୟଠାରୁ ସର୍ବନିମ୍ନ ୫୦ ପ୍ରତିଶତ ଅଧିକ ହେବ । ଦଳର ଏହି ଘୋଷଣାପତ୍ରକୁ ତୃଣମୂଳ ସାଂସଦ ଡେରେକ ଓ'ବ୍ରାଇନ୍, ପଶ୍ଚିମବଙ୍ଗର ମନ୍ତ୍ରୀ ଚନ୍ଦ୍ରମା ଭଟ୍ଟାଚାର୍ଯ୍ୟ ଏବଂ ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ପରାମର୍ଶଦାତା ଅମିତ ମିତ୍ର ପ୍ରକାଶ କରିଛନ୍ତି । ତେବେ ଏହି କାର୍ଯ୍ୟକ୍ରମରେ ଟିଏମ୍ସି ମୁଖ୍ୟ ମମତା ବାନାର୍ଜୀ ଉପସ୍ଥିତ ନଥିଲେ ।

ଅବକି ବାର୍ ୪୦୦ ପାର୍' ସଫଳ ହେବ କି ?

ନୂଆଦିଲ୍ଲୀ: ତୃତୀୟ ଥର ପାଇଁ ସତ୍ତାରେ ରହିପାରେ ବିଜେପି, କିନ୍ତୁ ଦଳର 'ଅବକି ବାର୍ ୪୦୦ ପାର୍' ନାରା ବିଫଳ ହୋଇପାରେ ବୋଲି ଜନମତ ସର୍ଭେ ପ୍ରକାଶ କରିଛି । ସର୍ଭେ ରିପୋର୍ଟ ଅନୁସାରେ, ବିଜେପି ନେତୃତ୍ୱାଧୀନ ନ୍ୟାସନାଲ ଡେମୋକ୍ରାଟିକ୍ ଆଲାଏନ୍ସ ୫୪୩ ଆସନରୁ ୩୭୫ ଜିତିବ ବୋଲି ଆଶା କରାଯାଉଛି ଏବଂ କଂଗ୍ରେସ ନେତୃତ୍ୱାଧୀନ ଇଣ୍ଡିଆ ୧୨୨ ପାଇପାରେ, ଅବଶିଷ୍ଟ ୫୬ ଆସନ ଅନ୍ୟାନ୍ୟ ଦଳ (ଯେଉଁମାନେ ମେଣ୍ଟରେ ନାହାନ୍ତି)କୁ ଯାଇପାରେ ।

୮ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ କ୍ଲିନ୍ ସ୍ୱିପ୍ କରିବ ଏନ୍‌ଡିଏ

ଜାତୀୟ ରାଜଧାନୀ ଦିଲ୍ଲୀ, ନରେନ୍ଦ୍ର ମୋଦଙ୍କଙ୍କ ହୋମ୍ ଷ୍ଟେଟ୍ ଗୁଜରାଟ ଏବଂ ଉତ୍ତର-ପୂର୍ବରେ ଅରୁଣାଚଳ ପ୍ରଦେଶ ସମେତ ଆଠଟି ରାଜ୍ୟ ତଥା କେନ୍ଦ୍ରଶାସିତ ଅଞ୍ଚଳରେ ଏନ୍‌ଡିଏ କ୍ଲିନ୍ ସ୍ୱିପ୍ କରିବ ବୋଲି ଜନମତ ସର୍ଭେ ଆକଳନ କରିଛି । ବିଜେପି ଏବଂ ସହଯୋଗୀ ଦଳ ଉତ୍ତରପ୍ରଦେଶ, ବିହାର ଏବଂ ମଧ୍ୟପ୍ରଦେଶରେ ବିଜୟ ହାସଲ କରିବା ନେଇ ଜନମତ ସର୍ଭେ ଆକଳନ କରିଛି । ଏଠାରେ ନିର୍ବାଚନ ହେବାକୁ ଥିବା ୧୪୯ଟି ସିଟ୍ ମଧ୍ୟରୁ ଏନ୍‌ଡିଏ ୧୩୭ ଆସନ ସହ ବୃହତ ବିଜୟ ହାସଲ କରିପାରେ ।

ପଶ୍ଚିମବଙ୍ଗ-ମହାରାଷ୍ଟ୍ର

ମହାରାଷ୍ଟ୍ରରେ ବିଜେପି ନେତୃତ୍ୱାଧୀନ ମହୟୁତି ସହଯୋଗୀ ଦଳ ଏବଂ ମହା ବିକାଶ ଆଗାଡି ମିଳିତ ମଞ୍ଚ ଏବଂ ବଙ୍ଗଳାର ତୃଣମୂଳ ସହ ବିଜେପିର କଡା ଟକ୍କର ହେବ । ହାଇ ପ୍ରୋଫାଇଲ୍ ଲଢେଇ ମଧ୍ୟରେ ମହାରାଷ୍ଟ୍ରରେ ବିଜେପି ବିଜୟ ହାସଲ କରିପାରେ ବୋଲି ଜନମତ ସର୍ଭେ ଆକଳନ କରିଛି । କିନ୍ତୁ ପଶ୍ଚିମବଙ୍ଗରେ ତୃଣମୂଳ କଂଗ୍ରେସକୁ ଟପି ପାରିବନି ବିଜେପି । ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ପାର୍ଟି ବଙ୍ଗଳାରେ ୪୨ଟି ଆସନରୁ ସର୍ବାଧିକ ୨୨ ସହ ବିଜୟ ହାସଲ କରିବା ନେଇ ଆଶା କରାଯାଉଛି । ବିଜେପି ଏଠାରୁ ୧୯ଟି ଆସନ ଜିତିବ ବୋଲି ଜନମତ ସର୍ଭେ ଆକଳନ କରିଛି ।

ସୂର୍ଯ୍ୟଙ୍କ ତୁଳନାରେ ୩୩ଗୁଣ ବଡ ବ୍ଲାକହୋଲ ଠାବ

ନୂଆଦିଲ୍ଲୀ: ଆକାଶଗଙ୍ଗାରେ ଏକ ନୂତନ ସ୍ଲିପିଂ ଜ୍ୟାଣ୍ଟ ବ୍ଲାକ ହୋଲ ଠାବ କରାଯାଇଛି । ସୂର୍ଯ୍ୟଙ୍କ ତୁଳନାରେ ଏହା ୩୩ଗୁଣ ବଡ ହେବ ବୋଲି ଅନୁମାନ କରାଯାଉଛି । ଏହାର ନାମ ଗାଇଆ ବିଏଚ୩ ଦିଆଯାଇଛି । ବୈଜ୍ଞାନିକମାନେ ପୃଥିବୀଠାରୁ ୨୦୦୦ ପ୍ରକାଶ ବର୍ଷ ଦୂରରେ ଥିବା ଏକ୍ୱିଲା ତାରାମଣ୍ଡଳରେ ଏହାକୁ ଠାବ କରିଛନ୍ତି । ପୂର୍ବରୁ ପୃଥିବୀର ସବୁଠାରୁ ନିକଟରେ ଗାଇଆ ବିଏଚ୧କୁ ବୈଜ୍ଞାନିକମାନେ ଚିହ୍ନଟ କରିଥିଲେ । ଏହା ସୂର୍ଯ୍ୟଙ୍କ ତୁଳନାରେ ୧୦ଗୁଣ ବଡ ହେବ ଏବଂ ୧୫୦୦ ପ୍ରକାଶ ବର୍ଷ ଦୂରରେ ଅବସ୍ଥାପିତ । ବେଳେ ବେଳେ ବ୍ଲାକ ହୋଲ ନିକଟରେ କୌଣସି ନକ୍ଷତ୍ର ନଥିବାରୁ ଏହା ଦେଖାଯାଇ ନାହିଁ ।

ଆକାଶଗଙ୍ଗାରେ ଅନେକ ତାରକୀୟ ଦ୍ରବ୍ୟମାନ ବ୍ଲାକ ହୋଲ ଥିବା ବୈଜ୍ଞାନିମାନେ ଅନୁମାନ କରୁଛନ୍ତି । ପ୍ରତ୍ୟେକ ବଡ ଆକାଶ ଗଙ୍ଗାର କେନ୍ଦ୍ରରେ ଏକ ସୁପରମାସିଭ ବ୍ଲାକ ହୋଲ ରହିଥାଏ । ଏହାକୁ ସ୍ୟାଗେଟେରିୟସ ଏ କୁହା ଯାଇଥାଏ । ଏହାର ଦ୍ରବ୍ୟମାନ ୪ ମିଲିୟନ ସୂର୍ଯ୍ୟ ସମକକ୍ଷ ହେବ ବୋଲି ଆକଳନ କରାଯାଇଛି । ଏହା ଅତି କମରେ ଲକ୍ଷ ଲକ୍ଷ ପୃଥିବୀକୁ ନିଜ ମଧ୍ୟରେ ଲୀନ କରିପାରିବ ।

ଆହୁରି ଶକ୍ତିଶାଳୀ ହେବ ଭାରତ, ଖୁବ୍‌ଶୀଘ୍ର ପରୀକ୍ଷା ହେବ ଏମ୍‌କେ-୨ କ୍ଷେପଣାସ୍ତ୍ର

ନୂଆଦିଲ୍ଲୀ: ଭାରତୀୟ ବାୟୁସେନା ଖୁବ୍ ଶୀଘ୍ର ଅସ୍ତ୍ର ଏମକେ-୨ (ଏମକେ-୨) କ୍ଷେପଣାସ୍ତ୍ର ପରୀକ୍ଷା କରିବାକୁ ଯାଉଛି । ଏହି ଏୟାର-ଟୁ-ଏୟାର ମିସାଇଲ୍ ବେୟୋଣ୍ଡ୍ ଭିଜୁଆଲ୍ ରେଞ୍ଜ୍ ବର୍ଗରେ ଆସେ । ଏହାର ଅର୍ଥ ହେଉଛି ଯେଉଁଠାରେ ଯୁଦ୍ଧ ବିମାନ କିମ୍ବା ଆଟାକ୍ ହେଲିକପ୍ଟରର ପାଇଲଟ୍ ଦେଖିପାରେ ନାହିଁ, ତାହାକୁ ଏହି କ୍ଷେପଣାସ୍ତ୍ର ସମ୍ପୂର୍ଣ୍ଣ ସଠିକତା ସହିତ ଆକ୍ରମଣ କରିବ ।



ଅସ୍ତ୍ର ଏମକେ-୨ ବର୍ତ୍ତମାନ ଟ୍ରାଏଲ ପର୍ଯ୍ୟାୟରେ ଅଛି । ବର୍ତ୍ତମାନ ଅସ୍ତ୍ର ଏମକେ-୧ ସେନାରେ ଅନ୍ତର୍ଭୁକ୍ତ ରହିଛି । ଏହି କ୍ଷେପଣାସ୍ତ୍ରର ପ୍ରଦର୍ଶନରେ ବାୟୁସେନା ସନ୍ତୁଷ୍ଟ ଅଛି । ତେଣୁ ଆଗକୁ ୨୦୦ଟି କ୍ଷେପଣାସ୍ତ୍ର ପାଇଁ ଅର୍ଡର ହୋଇପାରେ । ଏହାର ଏକ ଅପ୍ଟିକାଲ୍ ନିକଟତର ଫ୍ୟୁଜ୍ ଅଛି । ଏହାର ଅର୍ଥ ଏହି କ୍ଷେପଣାସ୍ତ୍ର ଲକ୍ଷ୍ୟ ଉପରେ ନଜର ରଖେ । ଡାହାଣ କିମ୍ବା ବାମକୁ ଯେତେ ଦୂର ହିଟ୍ ହେଉନା କାହିଁକି, ଏହା ବିସ୍ଫୋରଣ ହୁଏ । ଏହାର ଓଜନ ୧୫୪ କିଲୋଗ୍ରାମ, ଲମ୍ବ ୧୨.୬ ଫୁଟ, ବ୍ୟାସ ୭ ଇଞ୍ଚ ।

ଅସ୍ତ୍ର ଏମକେ-୨ କ୍ଷେପଣାସ୍ତ୍ରକୁ ଉଚ୍ଚ ବିସ୍ଫୋରକ କିମ୍ବା ପ୍ରି-ପ୍ରେଗମେଣ୍ଟ ଏଚଏମଏକ୍ସ ଅସ୍ତ୍ରଶସ୍ତ୍ର ଲଗାଯାଇପାରବି । ଏହା ନିଜେ ୧୫ କେଜି ଅସ୍ତ୍ରଶସ୍ତ୍ର ନେଇପାରିବ । ଏହାର ପରିସର ୧୩୦ରୁ ୧୬୦ କିଲୋମିଟର ଅଟେ । ଏହା ସର୍ବାଧିକ ୬୬ ହଜାର ଫୁଟର ଉଚ୍ଚତାରେ ପହଞ୍ଚେ । ଏହା ଘଣ୍ଟା ପ୍ରତି ୫୫୫.୬ କିଲୋମିଟର ବେଗରେ ଶତ୍ରୁ ଆଡ଼କୁ ଗତି କରେ ।

ଏହାର ବିଶେଷ କଥା ହେଉଛି ଏହାକୁ ଲକ୍ଷ୍ୟ ଆଡକୁ ଛାଡିବା ପରେ ମଧ୍ୟ ମଧ୍ୟଭାଗରେ ଏହାର ଦିଗ ପରିବର୍ତ୍ତନ କରାଯାଇପାରିବ । କାରଣ ଏହି ଫାଇବର ଅପ୍ଟିକ୍ ଗାଇରୋ ସର୍ବୋତ୍ତମ ନିଷ୍କ୍ରିୟ ନାଭିଗେସନ୍ ସିଷ୍ଟମରେ କାମ କରେ । ଏହି କ୍ଷେପଣାସ୍ତ୍ରର ପ୍ରଥମ ପ୍ରକାର ମିଗ୍-୨୯ୟୁପିଜି/ ମିଗ୍-୨୯ କେ, ସୁଖୋଇ ଏସୟୁ-୩୦ଏମକେଆଇ, ତେଜସ୍ ଏମକେ.୧ / ୧ଏ ରେ ସ୍ଥାପିତ ହୋଇଛି । ଭବିଷ୍ୟତରେ, ଏହି କ୍ଷେପଣାସ୍ତ୍ର ତେଜସ୍ ଏମକେ-୨, ଏଏମସିଏ, ଟିଇଡିବିଏଫ୍ ଯୁଦ୍ଧ ବିମାନରେ ମଧ୍ୟ ସ୍ଥାପନ କରାଯିବ ।

ପୁରୁଣା ଏମଆଇସିଏ କ୍ଷେପଣାସ୍ତ୍ର ବଦଳରେ ଭାରତୀୟ ବାୟୁସେନା ସ୍ୱଦେଶୀ ଅସ୍ତ୍ର ଉପରେ ଆତ୍ମବିଶ୍ୱାସ ପ୍ରକାଶ କରିଛି । ଅସ୍ତ୍ର କ୍ଷେପଣାସ୍ତ୍ର ଡିଆରଡିଓ ଦ୍ୱାରା ଡିଜାଇନ୍ କରାଯାଇଛି। ଭିଜୁଆଲ୍ ରେଞ୍ଜ୍ କ୍ଷେପଣାସ୍ତ୍ରଗୁଡିକ ଯୁଦ୍ଧ ବିମାନକୁ ଷ୍ଟାଣ୍ଡ ଅଫ୍ ରେଞ୍ଜ ପ୍ରଦାନ କରିଥାଏ । ଷ୍ଟାଣ୍ଡ ଅଫ୍ ରେଞ୍ଜର ଅର୍ଥ ହେଉଛି ଯେ ଶତ୍ରୁ ଆଡକୁ କ୍ଷେପଣାସ୍ତ୍ର ନିକ୍ଷେପ କରି ଜଣେ ବ୍ୟକ୍ତି ତାଙ୍କ ଆକ୍ରମଣରୁ ରକ୍ଷା ପାଇବା ପାଇଁ ଉପଯୁକ୍ତ ସମୟ ପାଇଥାଏ । ଏମକେ-୨ ପରେ, ଏମକେ-୩ ତିଆରି ହେବ ଯାହାର ପରିସର ୩୫୦ କିମି ହେବ ।

ଫେଲ ହେଲେ ବି ରେଗୁଲାର ଭାବେ ଦେଇପାରିବେ ପରୀକ୍ଷା

ନୂଆଦିଲ୍ଲୀ : ପରୀକ୍ଷାରେ ପାସ କରି ପାରି ନଥିବା ଛାତ୍ର ମାନଙ୍କ ପାଇଁ ଏବେ ଖୁସି ଖବର । ଫେଲ ହେଲେ ଅଧିକାଂଶ ପିଲା ଅଧାରୁ ପଢା ଛାଡି ଦେଉଥିଲେ । ଏସବୁକୁ ଦୃଷ୍ଟିରେ ରଖି ଶିକ୍ଷା ମନ୍ତ୍ରାଳୟ ଶିକ୍ଷା ବ୍ୟବସ୍ଥାରେ କିଛି ପରିବର୍ତ୍ତନ ଆଣିଛି । ଏଣିକି ଫେଲ ହୋଇଯାଇଥିବା ଛାତ୍ର ମାନଙ୍କୁ ନିୟମିତ ଛାତ୍ର ଭାବେ ଗଣା ଯିବା ସହ ସେମାନଙ୍କ ପାଇଁ ସ୍ୱତନ୍ତ୍ର ଭାବେ କ୍ଲାସ କରିବାର ବ୍ୟବସ୍ଥା କରାଯିବ ।

ଯୋଜନା ଅନୁଯାୟୀ ନିୟମ ଲାଗୁ ହେଲେ ଏହା ଦେଶର ସର୍ବୁଜ୍ୟ ପାଇଁ ଲାଗୁ ହେବ । ଦଶମ କିମ୍ବା ଦ୍ୱାଦଶରେ ଫେଲ ହୋଇଥିବା ଛାତ୍ର ମାନଙ୍କୁ ସାଧାରଣ ନିୟମିତ ଛାତ୍ର ପରି ସମସ୍ତ ପ୍ରକାରର ସୁବିଧା ସୁଯୋଗ ମିଳିବ । ଏକ ରିପୋର୍ଟରୁ ଜଣା ପଡିଥିଲା କି ପ୍ରତି ବର୍ଷ ଦଶମ କିମ୍ବା ଦ୍ୱାଦଶରେ ଫେଲ ହୋଇ ପ୍ରାୟ ୪୬ ଲକ୍ଷ ପିଲା ଅଧାରୁ ପଢା ଛାଡି ଦେଇଥାନ୍ତି । ୨୦୨୨ରେ ପାଖା ପାଖି ୫୫ ପ୍ରତିଶତ ପିଲା ଫେଲ ହେବା ପରେ ପଢା ଛାଡି କୌଣସି ଅନ୍ୟ କୋର୍ସରେ ମଧ୍ୟ ନାମ ଲେଖାଇ ନଥିଲେ । ଏହା ଦ୍ୱାରା ଦେଶରେ ଶିକ୍ଷିତ ଯୁବବର୍ଗର ଅଭାବ ଦେଖା ଦେଉଛି ।

ଯୋଜନାର ସବୁଠାରୁ ଭଲ କଥା ହେଉଛି କି ଯଦି ପ୍ରଥମ ଥର ଫେଲ ହୋଇଥିବା ପିଲାଟି ଦ୍ୱିତୀୟ ବର୍ଷ ପରୀକ୍ଷାରେ କୃତକାର୍ଯ୍ୟ ହେଉଛି ତେବେ ତା ପ୍ରମାଣ ପତ୍ରରେ ଫେଲ ବିଷୟରେ କିଛି ଲେଖା ରହିବ ନାହିଁ । ଅନେକ ପିଲା ଅଧାରୁ ପାଠ ପଢା ଛାଡୁଥିବାରୁ ଅନ୍ତତଃ ଦ୍ୱାଦଶ ଶ୍ରେଣୀ ଯାଏଁ କିପରି ପିଲା ପାଠ ପଢା ନ ଛାଡନ୍ତି ଏ ନେଇ ସ୍ୱତନ୍ତ୍ର ଧ୍ୟାନ ରଖା ଯିବ ।

୧୧ ବଲରୁ ୧୬ ରନ ସାଙ୍ଗକୁ ଦୁଇଟି କ୍ୟାଚ୍ ଓ ୨ଟି ଷ୍ଟମ୍ପିଂ କରିଥିବା ଦିଲ୍ଲୀ କ୍ୟାପିଟାଲ୍ସ ଅଧିନାୟକ ରିଷଭ ପନ୍ତ (ପ୍ଲେୟାର ଅଫ୍ ଦି ମ୍ୟାଚ୍)

ଗୁଜରାଟ ଧରାଶାୟୀ: ଦିଲ୍ଲୀର ତୃତୀୟ ବିଜୟ

ଅହମ୍ମଦାବାଦ, ୧୭।୪ (ଏଜେନ୍ସି) : ଚଳିତ ଆଇପିଏଲ୍‌ର ୩୨ତମ ମ୍ୟାଚ୍‌ରେ ଗୁଜରାଟ ଦୟନୀୟ ପ୍ରଦର୍ଶନ ଦେଖାଇଛି । ନରେନ୍ଦ୍ର ମୋଦି ଷ୍ଟାଡିୟମରେ ଅନୁଷ୍ଠିତ ମ୍ୟାଚରେ ଗୁଜରାଟ ଟାଇଟନ୍ସ ୬ ୱିକେଟରେ ଦିଲ୍ଲୀ କ୍ୟାପିଟାଲ୍ସ ନିକଟରୁ ହାରିଯାଇଛି । ଏହା ଦିଲ୍ଲୀର ତୃତୀୟ ବିଜୟ ହୋଇଥିଲାବେଳେ ଗୁଜରାଟ ଟାଇଟନ୍ସ ୪ର୍ଥ ମ୍ୟାଚ ହାରିଛି । ଗୁଜରାଟ ଟାଇଟନ୍ସ ୧୭.୩ ଓଭରରେ ମାତ୍ର ୮୯ ରନ କରି ଅଲଆଉଟ ହୋଇଥିଲା । ଜବାବରେ ଦିଲ୍ଲୀ କ୍ୟାପିଟାଲ୍ସ ମାତ୍ର ୮.୫ ଓଭରରେ ୯୨/୪ ରନ କରି ଲକ୍ଷ୍ୟସ୍ଥଳରେ ପହଞ୍ଚି ଥିଲା ।

ଟସ ଜିତି ଦିଲ୍ଲୀ କ୍ୟାପିଟାଲ୍ସ ଅଧିନାୟକ ଫିଲ୍ଡିଂ ପାଇଁ ନିଷ୍ପତ୍ତି ନେଇଥିଲେ । ତେଣୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ ପାଇଥିବା ଗୁଜରାଟ ଟାଇଟନ୍ସ ନିଜ ଘରୋଇ ପଡ଼ିଆରେ ଭଲ ଖେଳିବା ପ୍ରୟାସରେ ପାଳି ଆରମ୍ଭ କରିଥିଲା । ରିଦ୍ଧିମାନ ଶାହାଙ୍କ ସହ ଶୁଭମନ ଗିଲ, ଦିଲ୍ଲୀର ଖଲ୍ଲିଲ ଓ ଇଶାନ୍ତ ଶର୍ମାଙ୍କ ଶାଣିତ ବୋଲିଂକୁ ସାମ୍ନା କରିପାରି ନଥିଲେ । ରିଦ୍ଧିମାନ ୧୦ ବଲର ସମ୍ମୁଖୀନ କରି ମାତ୍ରା ୨ ରନ ସ୍କୋରରେ ମୁକେଶ କୁମାରଙ୍କ ଶିକାର ହୋଇଥିଲେ । ଶୁଭମନ ଗିଲ ୮ ରନ କରି ଇଶାନ୍ତ ଶର୍ମାଙ୍କ ବଲରେ ପୃଥ୍ୱୀ ସ'ଙ୍କ ହାତରେ ଧରାପଡ଼ିଥିଲେ । ପରିସ୍ଥିତି ଏପରି ହୋଇଥିଲା ଯେ ୩୦ ରନରେ ୪ ଜଣ ବ୍ୟାଟର ପାଭିଲିଅନ ଫେରିଯିବାରୁ ଗୁଜରାଟ ଆଉ ଅଣ୍ଟା ସଳଖି ପାରି ନଥିଲା । ସାଇ ସୁଦର୍ଶନ ୧୨, ଡେଭିଡ୍ ମିଲର ୨, ଅଭିନବ ମନୋହର ୮, ରାହୁଲ ତେୱାତିଆ ୧୦ ରନ, ସାହାରୁଖ ଖାନ ବିନା ସ୍କୋରରେ ଆଉଟ ହୋଇଥିଲେ । ଶେଷ ଭାଗରେ ରସିଦ ଖାନ ୨୪ ବଲରୁ ୩୧ ରନ କରିବାରୁ ଗୁଜରାଟ ୮୦ ରନ ଟପିପାରିଥିଲା । ମୋହିତ ଶର୍ମା ୨ ଓ ନୁର ଅହମ୍ମଦ ୧ ରନ କରିଥିଲେ । ତେଣୁ ୧୭.୩ ଓଭରରେ ଗୁଜରାଟ ୮୯ ରନ କରି ଅଲଆଉଟ ହୋଇଥିଲା । ଦିଲ୍ଲୀ ପକ୍ଷରୁ ମୁକେଶ କୁମାର ସର୍ବାଧିକ ୩ଟି, ଇଶାନ୍ତ ଶର୍ମା ଓ ତ୍ରିଷ୍ଟାନ ଷ୍ଟବ୍ସ ୨ଟି ଲେଖାଏଁ, ଖଲ୍ଲିଲ ଅହମ୍ମଦ ଓ ଅକ୍ଷର ପଟେଲ ଗୋଟିଏ କରି ୱିକେଟ ସଫଳତା ହାସଲ କରିଥିଲେ ।

୯୦ ରନର ବିଜୟଲକ୍ଷ୍ୟ ଦିଲ୍ଲୀ କ୍ୟାପିଟାଲ୍ସ ପାଇଁ ସହଜ ଥିଲା । କେବଳ ଓପନର ପୃଥ୍ୱୀ ସ' ୭ ରନ କରି ଆଉଟ ହୋଇଥିବାବେଳେ ଜ୍ୟାକ୍ ଫ୍ରାସର ୨୦, ଅଭିଷେକ ପୋରେଲ ୧୫, ସାଇ ହୋପ ୧୯, ଅଧିନାୟକ ରିଷଭ ପନ୍ତ ଅପରାଜିତ ୧୬ ଓ ସୁମିତ କୁମାର ୯ ରନ କରି ଦଳକୁ ଲକ୍ଷ୍ୟସ୍ଥଳରେ ପହଞ୍ଚାଇଥିଲେ ।

ଦିଲ୍ଲୀ ମାତ୍ର ୮.୫ ଓଭରରେ ୯୨/୪ ରନ କରି ବଡ଼ ବ୍ୟବଧାନରେ ବିଜୟ ହାସଲ କରିଛି । ଗୁଜରାଟର ସନ୍ଦୀପ ୱାରିୟର ଦୁଇଟି, ସ୍ପାନସର ଜନସନ ଓ ରସିଦ ଖାନ୍ ଗୋଟିଏ କରି ୱିକେଟ ହାସଲ କରିଥିଲେ । ବିଜୟ ସହ ଦିଲ୍ଲୀ ୬ ମ୍ୟାଚ୍‌ରୁ ୬ ପଏଣ୍ଟ ପାଇ ଟେବୁଲର ଷଷ୍ଠ ସ୍ଥାନ ଏବଂ ଗୁଜରାଟ ୬ ପଏଣ୍ଟ ସହ ୭ମ ସ୍ଥାନରେ ରହିଛି ।

ଆଇପିଏଲ୍ ମହାସମର

ଆଜିର ମ୍ୟାଚ

ପଞ୍ଜାବ – ମୁମ୍ବାଇ
ସମୟ: ରାତି ୭.୩୦
ସ୍ଥାନ: ମୁଲାନପୁର
ପ୍ରସାରଣ: ଷ୍ଟାରନେଟୱର୍କ, ଜିଓ ସିନେମା

ପଏଣ୍ଟ ଟେବୁଲ

ଦଳ	ମ୍ୟାଚ	ବିଜୟ	ପରାଜୟ	ପଏଣ୍ଟ
ରାଜସ୍ଥାନ	୬	୬	୧	୧୨
କୋଲକାତା	୬	୪	୨	୮
ଚେନ୍ନାଇ	୬	୪	୨	୮
ସନ୍‌ରାଇଜର୍ସ	୬	୪	୨	୮
ଲକ୍ଷ୍ନୌ	୬	୩	୩	୬
ଦିଲ୍ଲୀ	୬	୩	୪	୬
ଗୁଜରାଟ	୬	୩	୪	୬
ପଞ୍ଜାବ	୬	୨	୪	୪
ମୁମ୍ବାଇ	୬	୨	୪	୪
ବେଙ୍ଗାଲୁରୁ	୬	୧	୬	୨

ଟି-୨୦ ବିଶ୍ୱକପରେ ଓପନିଂ କରିପାରନ୍ତି ରୋହିତ-କୋହଲି

ନୂଆଦିଲ୍ଲୀ, ୧୭।୪ (ଏଜେନ୍ସି) : ଟି-୨୦ ବିଶ୍ୱକପ ଆଗାମୀ ଜୁନ ମାସରୁ ୱେଷ୍ଟଇଣ୍ଡିଜ ଓ ଆମେରିକାରେ ଆରମ୍ଭ ହେବ । ବିଶ୍ୱକପ ନିମନ୍ତେ ଆଉ କିଛିଦିନ ପରେ ଭାରତୀୟ ଦଳ ଘୋଷଣା ହେବାର ଅଛି । ଚଳିତ ଆଇପିଏଲ୍‌ର ପ୍ରଦର୍ଶନକୁ ବିଚାରକୁ ନିଆଯାଇ ଭାରତୀୟ ଚୟନ ହେବ ବୋଲି ସୂଚନା ମିଳିସାରିଛି । ରିପୋର୍ଟ ମୁତାବକ ଚୟନ କମିଟି ଅଧିନାୟକ ରୋହିତ ଶର୍ମା ଓ ବିରାଟ କୋହଲି ଓପନିଂ କରିବେ ବୋଲି ସୂଚନା ଦେଇଛନ୍ତି । ଯଶସ୍ୱୀ ଜୟସ୍ୱାଲଙ୍କୁ ସୁଯୋଗ ମିଳିବା ସମ୍ଭାବନା କମ ଥିବାରୁ ଶୁଭମନ ଗିଲ ବ୍ୟାକ୍‌ଅପ ଓପନର ଭାବେ ଦଳରେ ରହିବେ । ସୂର୍ଯ୍ୟକୁମାର ଯାଦବ ନିଜ ସ୍ଥାନ ସୁରକ୍ଷିତ ରଖିଛନ୍ତି । ଚତୁର୍ଥ ସ୍ଥାନରେ ପାୱାର ହିଟର ଭାବେ ଶିବମ୍ ଦୁବେ ଓ ରିଆନ ପରାଗଙ୍କ ମଧ୍ୟରୁ ଜଣଙ୍କୁ ଚୟନ କମିଟି ଦଳରେ ସାମିଲ କରିପାରେ । ହାର୍ଦ୍ଦିକ ପାଣ୍ଡ୍ୟା ଭଲ ଫର୍ମରେ ନଥିଲେ ମଧ୍ୟ ଜାଡେଜା ଓ ତାଙ୍କୁ ସ୍ଥାନ ମିଳିବା ଏକ ପ୍ରକାର ନିଶ୍ଚିତ ।

ରିଷଭ ପନ୍ତ, ଲୋକେଶ ରାହୁଲ, ଇଶାନ କିଶାନ ଓ ସଞ୍ଜୁ ସାମସନଙ୍କ ମଧ୍ୟରେ ୱିକେଟ କିପିଂ ପାଇଁ ପ୍ରତିଦ୍ୱନ୍ଦ୍ୱିତା ହେବ । ଦିନେଶ କାର୍ତ୍ତିକଙ୍କ ନାମ ମଧ୍ୟ ଆଲୋଚନା ହେଉଛି । ଫିନିସର ଭାବେ ରିଙ୍କୁ ସିଂହ ଏବଂ ମୁଖ୍ୟ ଦ୍ରୁତ ବୋଲର ଭାବେ ଯଶପ୍ରୀତ ବୁମରା ଦଳରେ ସ୍ଥାନ ପାଇବା ନିଶ୍ଚିତ । ମୟଙ୍କ ସିଂହ, ମହମ୍ମଦ ସିରାଜ, ମୋହସିନ ଖାନଙ୍କ ମଧ୍ୟରୁ ଜଣେ କି ଦୁଇଜଣ ବିଶ୍ୱକପ ଦଳରେ ସ୍ଥାନ ପାଇବେ । ସ୍ପିନରଙ୍କ ମଧ୍ୟରେ କୁଲଦୀପ ଯାଦବ ସ୍ଥାନ ସୁରକ୍ଷିତ ରଖିଛନ୍ତି । ତେବେ ଆଇପିଏଲର ଅନ୍ୟ ମ୍ୟାଚଗୁଡ଼ିକରେ ଖେଳାଳିଙ୍କ ପ୍ରଦର୍ଶନକୁ ଆକଳନ କରିବା ପରେ ଦଳରେ କିଛି ପରିବର୍ତ୍ତନ କରାଯାଇପାରେ ବୋଲି ସୂଚନା ମିଳିଛି ।

ସ୍ଲୋ ଓଭର ରେଟ୍ ପାଇଁ ଶ୍ରେୟାସ ଦଣ୍ଡିତ

ନୂଆଦିଲ୍ଲୀ, ୧୭।୪ (ଏଜେନ୍ସି) : କୋଲକାତା ନାଇଟ ରାଇଡର୍ସ ଅଧିନାୟକ ଶ୍ରେୟାସ ଆୟର ସ୍ଲୋ ଓଭର ରେଟ୍ ପାଇଁ ଦଣ୍ଡିତ ହୋଇଛନ୍ତି । ଆଇପିଏଲ୍‌ର ୩୧ତମ ମ୍ୟାଚ୍‌ରେ ହାରିବା ସହ ଅଧିନାୟକ ଆୟରଙ୍କୁ ବିସିସିଆଇ ଜରିମାନା ଲଗାଇଛି । କୋଲକାତା ନାଇଟ୍ ରାଇଡର୍ସ ଅଧିନାୟକ ଆୟର ଏଥିପାଇଁ ୧୨ ଲକ୍ଷ ଟଙ୍କା ଜରିମାନା ଗଣିବେ ।

ସୂଚନା ମୁତାବକ କୋଲକାତା ନାଇଟ୍ ରାଇଡର୍ସ ଓ ରାଜସ୍ଥାନ ରୟାଲ୍ସ ମଧ୍ୟରେ ଗତ ୧୭ ତାରିଖରେ ମ୍ୟାଚ୍ ଖେଳାଯାଇଥିଲା । ଇଡେନରେ ଅନୁଷ୍ଠିତ ଏହି ମ୍ୟାଚ୍‌ରେ କୋଲକାତା ନିର୍ଦ୍ଧାରିତ ସମୟ ମଧ୍ୟରେ ଓଭର ଶେଷ କରିପାରି ନଥିଲା । ଆୟର ମଧ୍ୟ ଅପରାଧ ସ୍ୱୀକାର କରିଛନ୍ତି । ଯଦି ଶ୍ରେୟାସ ଆଗକୁ ଏଭଳି ଭୁଲ କରନ୍ତି, ତେବେ ତାଙ୍କ ସହିତ ଟିମ୍ ଖେଳାଳିଙ୍କ ଉପରେ ଜରିମାନା ଲାଗିପାରେ । ଆଉଥରେ ସ୍ଲୋ ଓଭର ରେଟ୍‌ରେ ଦୋଷୀ ମିଳିଲେ, ଅଧିନାୟକଙ୍କ ଉପରେ ୨୪ ଲକ୍ଷ ଟଙ୍କା ଜରିମାନା ଲାଗିବ ।

ସେହିପରି ଦଳର ଅନ୍ୟ ସଦସ୍ୟଙ୍କ ଉପରେ ୬.୬ ଲକ୍ଷ ଟଙ୍କାର ଜରିମାନା ଲାଗିବ । ରାଜସ୍ଥାନ ବିପକ୍ଷ ଶେଷ ଓଭରରେ ୩୦ ଗଜ ମଧ୍ୟରେ ୪ ଜଣ ଖେଳାଳି ରଖିଥିଲା କୋଲକାତା । ବରୁଣ ଚକ୍ରବର୍ତ୍ତୀ ଶେଷ ଓଭର ବୋଲିଂ କରିଥିଲେ । ଯେଉଁଥିରେ ଜୋସ ବଟଲର ୯ ରନ କରି ଦଳକୁ ବିଜୟୀ କରିଥିଲେ । ଏହା ପୂର୍ବରୁ ଚଳିତ ସିଜନରେ ସ୍ଲୋ ଓଭର ରେଟ୍ ପାଇଁ ରିଷଭ ପନ୍ତ ଓ ସଞ୍ଜୁ ସାମସନ ଜରିମାନା ଦେଇସାରିଛନ୍ତି ।

ରିଷଭ ଦୁଇଥର ଓ ସଞ୍ଜୁ ଥରେ ଜରିମାନା ଦେଇଛନ୍ତି । ଆଇପିଏଲ୍ ନିୟମ ଅନୁଯାୟୀ ଏହି ଭୁଲ ୩ ଥର ହେଲେ ଦଳର ଅଧିନାୟକଙ୍କ ଉପରେ ୩୦ ଲକ୍ଷ ଟଙ୍କା ଜରିମାନା ସହ ଗୋଟିଏ ମ୍ୟାଚ ପାଇଁ ବ୍ୟାନ୍ ଲଗାଯାଇପାରେ ।

SALE SALE SALE
Flex Printing Machine (10 feet)
As on Where Basis.
Company Name:
"MONOTECH"
Systems PVT.LTD.
For Contact : 8917518606

କଳାହାଣ୍ଡି କପ : ଭଦ୍ରକ ବିଜୟୀ

ଭୁବନେଶ୍ୱର, ୧୭।୪ (ସବୁ) : ଓଡ଼ିଶା କ୍ରିକେଟ ଆସୋସିଏସନ ଘରୋଇ ପ୍ରତିଯୋଗିତା କଳାହାଣ୍ଡି କପ ସିନିଅର ପୁରୁଷ ଆନ୍ତଃ ଜିଲ୍ଲା କ୍ରିକେଟ ପ୍ରିଲିମିନାରୀ ଲିଗ୍ କ୍ୱାଲିଫାଇଙ୍ଗ୍ ମ୍ୟାଚ୍‌ରେ ଭଦ୍ରକ ୧୩୩ ରନ ବ୍ୟବଧାନରେ ନୟାଗଡ଼କୁ ହରାଇଛି । ପ୍ରଥମେ ବ୍ୟାଟିଂ କରି ଭଦ୍ରକ ୩୧.୪ ଓଭରରେ ୨୩୬ ରନ କରି ସମସ୍ତ ୱିକେଟ ହରାଇଥିଲା ।

ସାହିଲ ଖାନ୍ ୭୨ ଓ ଅଂଶୁମାନ ମହାନ୍ତି ୫୦ ରନ କରିଥିଲେ । ଜବାବରେ ନୟାଗଡ଼ ୨୭ ଓଭରରେ ୧୦୩ ରନ କରି ସମସ୍ତ ୱିକେଟ ହରାଇଥିଲା । ଭଦ୍ରକ କିଶାନ ମନୋହର ମହାନ୍ତି ୫ଟି ଓ ନିହାର ଭୂୟାଁ ୩ଟି ୱିକେଟ ସଫଳତା ହାସଲ କରିଥିଲେ । କିଶାନ ମନୋହର ମହାନ୍ତିଙ୍କୁ ଶ୍ରେଷ୍ଠ ପ୍ରଦର୍ଶନ ପାଇଁ ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଥିଲା ।

ଅବସର ପରେ ବି କ୍ରିକେଟରଙ୍କ କମାଲ

ମୁମ୍ବାଇ, ୧୭।୪ (ଏଜେନ୍ସି) : ଆଇପିଏଲର ରୋମାଞ୍ଚ ବଢ଼ିବାରେ ଲାଗିଛି । ଯୁବ ଖେଳାଳିଙ୍କ ପସନ୍ଦ ଟି-୨୦ ଲିଗ୍‌ରେ ଶିବମ ଦୁବେ, ଅଭିଷେକ ଶର୍ମା ଓ ଯଶସ୍ୱୀ ଜୟସ୍ୱାଲଙ୍କ ପରି ଖେଳାଳି ଭଲ ପ୍ରଦର୍ଶନ କରୁଛନ୍ତି । କିନ୍ତୁ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ନେଇସାରିଥିବା କେତେକ ଖେଳାଳିଙ୍କ ପ୍ରଦର୍ଶନ ଏବେବି ପ୍ରଶଂସକଙ୍କୁ କ୍ରିକେଟ ସହ ବାନ୍ଧି ରଖିଛି । ଯେମିତି କି ଏମ୍‌ଏସ୍ ଧୋନୀ, ସୁନୀଲ ନାରିନ, କ୍ୱିଣ୍ଟନ ଡି କକ୍ ଓ ଡେଭିଡ ୱାର୍ଣ୍ଣର ଉଚ୍ଚକୋଟିର ପ୍ରଦର୍ଶନ ଦେଖାଇ କ୍ରିକେଟପ୍ରେମୀଙ୍କ ପ୍ରିୟପାତ୍ର ପାଲଟିଛନ୍ତି ।

ଦକ୍ଷିଣ ଆଫ୍ରିକାର ଫାଫ ଡୁପ୍ଲେସିସ୍ ବେଙ୍ଗାଲୁରୁର ଅଧିନାୟକ ଦାୟିତ୍ୱ ତୁଲାଉଛନ୍ତି । ଫ୍ରାଞ୍ଚାଇଜ କ୍ରିକେଟ ପାଇଁ ସେ ତାଙ୍କ ଅନ୍ତର୍ଜାତୀୟ କ୍ୟାରିୟରକୁ ଶୀଘ୍ର ଶେଷ କରିଥିଲେ । ବେଙ୍ଗାଲୁରୁ ଭଲ ପ୍ରଦର୍ଶନ କରୁ ନଥିଲେ ମଧ୍ୟ ଡୁପ୍ଲେସିସ୍‌ଙ୍କ ବ୍ୟାଟରୁ ରନ ବାହାରୁଛି । ସୁନୀଲ ନାରିନ ଏବେ କୋଲକାତା ଦଳର ସଦସ୍ୟ । ଚଳିତ ସଂସ୍କରଣରେ ଏହି ସ୍ପିନର ଅଲରାଉଣ୍ଡର ବ୍ୟାଟ୍‌ରେ କମାଲ ଜାରି ରଖିଛନ୍ତି । ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ନେଇଥିବା ଏହି ଖେଳାଳି ତାଙ୍କ ମତ ପରିବର୍ତ୍ତନ କରିବା ପାଇଁ ରୋଭମ୍ୟାନ ପାୱେଲ ବାରମ୍ବାର ଅନୁରୋଧ କରୁଛନ୍ତି ।

କ୍ୟାପ୍‌ଟେନ କୁଲ୍ ମହେନ୍ଦ୍ର ସିଂହ ଧୋନୀ ୨୦୧୯ରେ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ନେଇଥିଲେ । ଏବେ ସେ ସ୍ୱତଃ ଚେନ୍ନାଇ ଅଧିନାୟକ ପଦରୁ ଓହରି ଯାଇଥିଲେ ମଧ୍ୟ ବିସ୍ଫୋରକ ବ୍ୟାଟିଂ ଜାରି ରଖିଛନ୍ତି । ଶେଷଭାଗରେ ସେ ଦଳର ଆବଶ୍ୟକ ମୁତାବକ ବ୍ୟାଟିଂ କରୁଛନ୍ତି । କ୍ୱିଣ୍ଟନ ଡିକକ୍ ଓ ୱାର୍ଣ୍ଣର ଯଥାକ୍ରମେ ଲକ୍ଷ୍ନୌ ସୁପର ଜ୍ୟାଣ୍ଟସ୍ ଓ ଦିଲ୍ଲୀ କ୍ୟାପିଟାଲସ୍ ପାଇଁ ଖେଳୁଛନ୍ତି । ଉଭୟ ସେଭଳି ଆଖିଦୃଶିଆ ପ୍ରଦର୍ଶନ ଜାରି କରିପାରି ନାହାନ୍ତି । ସେମାନଙ୍କ ବ୍ୟାଟ୍ ବେଶୀଦିନ ଶାନ୍ତ ରହିବନି, ତାହା ଦର୍ଶକ ଭଲଭାବେ ଜାଣିଛନ୍ତି ।

୧୯ ବର୍ଷରୁ କମ ଆନ୍ତଃ ଜିଲ୍ଲା କ୍ରିକେଟ
ଭୁବନେଶ୍ୱର-ଏ, ଅନୁଗୁଳ, କୋରାପୁଟ ବିଜୟୀ

ଭୁବନେଶ୍ୱର, ୧୭।୪ (ସବୁ) : ୧୯ ବର୍ଷରୁ କମ ପୁରୁଷ ଆନ୍ତଃ ଜିଲ୍ଲା କ୍ରିକେଟ ଟୁର୍ଣ୍ଣାମେଣ୍ଟ ପ୍ରିଲିମିନାରୀ ଲିଗ୍ ପର୍ଯ୍ୟାୟରେ ବୁଧବାର ଭୁବନେଶ୍ୱର-ଏ, ଅନୁଗୁଳ ଓ କୋରାପୁଟ ବିଜୟୀ ହୋଇଛନ୍ତି ।

ସନସାଇନ ଗ୍ରାଉଣ୍ଡରେ ଖେଳାଯାଇଥିବା ମ୍ୟାଚ୍‌ରେ ଭୁବନେଶ୍ୱର-ଏ ୭ ୱିକେଟରେ ଝାରସୁଗୁଡ଼ାକୁ ହରାଇଥିଲା । ଏହି ମ୍ୟାଚ୍‌ରେ ଝାରସୁଗୁଡ଼ା ୩୪.୪ ଓଭରରେ ୧୪୦ ରନ କରି ଅଲଆଉଟ ହୋଇଥିଲା । ପିଏ କୁମାର ସର୍ବାଧିକ ୪୬ ରନ କରିଥିଲେ । ଜବାବରେ ଭୁବନେଶ୍ୱର-ଏ ୨୨.୩ ଓଭରରେ ୩ ୱିକେଟ ହରାଇ ୧୪୧ ରନ କରି ଲକ୍ଷ୍ୟସ୍ଥଳରେ ପହଞ୍ଚିଥିଲା ।



ରେଭେନ୍ସା-୨ ନମ୍ବର ଗ୍ରାଉଣ୍ଡରେ ଅନୁଷ୍ଠିତ ମ୍ୟାଚ୍‌ରେ ଅନୁଗୁଳ ୭ ୱିକେଟରେ ସୋନପୁରକୁ ହରାଇଛି । ପ୍ରଥମେ ବ୍ୟାଟିଂ କରି ସୋନପୁର ୩୫ ଓଭରରେ ୬ ୱିକେଟ ହରାଇ ୧୭୪ ରନ କରିଥିଲା । ଅମ୍ଲାନ ପଟ୍ଟନାୟକ ୬୮ ରନ ଓ ଆଦିତ୍ୟ ଦୁବେ ୨୨ ରନ କରିଥିଲେ । ଜବାବରେ ଅନୁଗୁଳ ୨୮.୩ ଓଭରରେ ୩ ୱିକେଟ ହରାଇ ୧୭୫ ରନ କରିଥିଲା ।

ପି.ମୋଖିତ ୫୨ ରନର ମ୍ୟାଚ୍ ବିଜୟୀ ଇନିଂସ ଖେଳିଥିଲେ । ଅଡ଼ଶପୁର ଗ୍ରାଉଣ୍ଡରେ ଅନୁଷ୍ଠିତ ମ୍ୟାଚ୍‌ରେ କୋରାପୁଟ ୩ ୱିକେଟରେ ଜଗତସିଂହପୁରକୁ ହରାଇଛି । ପ୍ରଥମେ ବ୍ୟାଟିଂ କରି ଜଗତସିଂହପୁର ୯ ୱିକେଟ ହରାଇ ୧୩୪ ରନ କରିଥିଲା । ଜବାବରେ କୋରାପୁଟ ୧୩୫/୭ ରନ କରି ବିଜୟୀ ହୋଇଥିଲା ।

ସୂଚନା
BHIM BHARAT INTERFACE FOR MONEY
SCAN & PAY
ASHIRBAD PRAKASHAN PVT.LTD.
ଦୈନିକ ଖବରକାଗଜ ସମୟରେ କ୍ୟାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପେଠକ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପେଠ କରି ଦେୟ ରସିଦକୁ ବିଜ୍ଞାପନ ସହ ୭୯୭୮୫୩୩୧୭୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୭୪ରେ ଯୋଗାଯୋଗ କରନ୍ତୁ ।

AT KURANGA PHULNAKHARA
Meera's COURTYARD
Huge lush green happening space situated in between Cuttack and Bhubaneswar.
• Pollution free ambience
• Blend of traditionalism & modernity
• Far from the madding crowd
• Truely magnificent setting
• Hassel free parking,
WILL perfectly match to your dream to make your event a memorable one.
For:
• Wedding • Star night • Conference and work shops
• Birthday party • Musical events • Corporate meet
Please Enquire
info@thegrandcourtyard.com
bookings@thegrandcourtyard.com
Mobile No:- 9937650599,7008320819,9938468076

Printed & Published by Parikhita Dash for Ashirbad Prakashan Pvt. Ltd., Plot. 44 & 54, Sec.-A, Zone-D, M.I.Estate, Bhubaneswar-751010. at Meerabasanta Industries Pvt. Ltd., Plot. 2/253, Birachandrapur, P.S-Rampur, Redhakhol, Dist.-Sambalpur, Odisha, TEL-2585740, 2585602, News-2583867, 2586702, Fax-2586665, 2586702, Advt.-Ph-2585704, Advt.Fax-2587704, Circulation-2586541